# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୩/୨୦୧୯ (୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 3/2019 | ★★★★★★

୪୫ଶ ଭାଗ ୩୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ପୂଜା ଜିତିଲେ ରୌପ୍ୟ

ପୂଜା ଗେହଲଟ ବୁଦାପେଷ୍ଟଠାରେ ଚାଲିଥିବା ୨୩ ବର୍ଷରୁ କମ୍ ବିଶ୍ୱ ରେସଲିଂ ଚାମ୍ପିୟନଶିପ୍‌ରେ ଭାରତ ପାଇଁ ରୌପ୍ୟ ପଦକ ହାସଲ କରିଛନ୍ତି।

୧୯

୦୨

## ଉର୍ବଶୀଙ୍କ ଦାମୀ ଉପହାର

ଅଭିନେତ୍ରୀ ଉର୍ବଶୀ ରୌଟେଲା ଭାଇ ଯଶରାଜ୍‌ଙ୍କୁ ହାର୍ଲି ଡେଭିଡଶନ ଫ୍ୟାଟ୍ ବବ୍ ବାଇକ୍ ଉପହାର ଦେଇଛନ୍ତି। ଏନେଇ ଉର୍ବଶୀ ଟୁଇଟର ଆକାଉଣ୍ଟରେ ଭିଡିଓ ଶେୟାର କରିଛନ୍ତି।






ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶନିବାର ଜାରି କରାଯାଇଥିବା ଭାରତର ନୂଆ ମାନଚିତ୍ର। ଏଥିରେ ଜମ୍ମୁ-କଶ୍ମୀର ଏବଂ ଲଦାଖକୁ କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଦର୍ଶାଯାଇଛି। (ରିପୋର୍ଟ ପୃଷ୍ଠା-୯)

# ଧୂଆଁ, ଧୂଳି ବଳୟରେ ଉପକୂଳ

ଭୁବନେଶ୍ୱର,୨।୧୧(ବ୍ୟୁରୋ)

### ପ୍ରଦୂଷଣକୁ ଅଣଦେଖା

- ସହରାଞ୍ଚଳରେ ମାପିବା ଯନ୍ତ୍ର ନାହିଁ
- ଉପକୂଳରେ ଆଣ୍ଟି ସାଇକ୍ଲୋନିକ୍ ପରିବେଶ
- ଆହୁରି ୪୮ ଘଣ୍ଟା ଘେରିରହିବ ପ୍ରଦୂଷଣ
- ରାଜ୍ୟର ୭ ସହର ଅତି ପ୍ରଦୂଷିତ



ସହରାଞ୍ଚଳ ଓ ଶିଳ୍ପାଞ୍ଚଳ ବାୟୁ ପ୍ରଦୂଷଣ ବେଳକୁବେଳ ଘାତକ ହେବାରେ ଲାଗିଛି। ଯାନବାହନ ସଂଖ୍ୟା ବୃଦ୍ଧି ସାଙ୍ଗକୁ ଧୂଳି, ଧୂଆଁରେ ସହରାଞ୍ଚଳ ବାୟୁମଣ୍ଡଳ ଭରିଯାଉଛି। ଦେଶର ରାଜଧାନୀ ଦିଲ୍ଲୀ ପ୍ରଦୂଷଣ ବଳୟରେ ଅଣନିଃଶ୍ୱାସୀ ହେଉଛି। ଖୋଲା ନିଃଶ୍ୱାସପ୍ରଶ୍ୱାସ ନେବା ଏକପ୍ରକାର ଅସମ୍ଭବ ହେଲାଣି। ଏହି ମନୁଷ୍ୟକୃତ ବିପତ୍ତି ଏବେ ଅନ୍ୟ ସହରଗୁଡ଼ିକୁ ବ୍ୟାପିବା ଆରମ୍ଭ କଲାଣି। ରାଜଧାନୀ ଭୁବନେଶ୍ୱର ମଧ୍ୟ ପ୍ରଦୂଷଣ ବଳୟ ଭିତରକୁ ଧୀରେ ଧୀରେ ଚାଲିଯାଉଛି। ଶନିବାର ଭୋରରୁ ସହରର ଚତୁର୍ଦ୍ଦିଗକୁ ଧୂଆଁମୟ ପରିବେଶ ଢାଙ୍କି ରହିଥିଲା। ଏହା କୁହୁଡ଼ିର ଭ୍ରମ ସୃଷ୍ଟି କରୁଥିଲେ ମଧ୍ୟ ବାସ୍ତବରେ ତାହା କୁହୁଡ଼ି ନ ଥିଲା। ଧୂଳି ଧୂଆଁମିଶା ଏକ ଆସ୍ତରଣ ଦିନତମାମ ବାୟୁମଣ୍ଡଳକୁ ଆଚ୍ଛାଦିତ କରି ରଖିଥିଲା। ପାଣିପାଗ ବିଭାଗ ସୂଚନା ମୁତାବକ, ଓଡ଼ିଶା ଉପକୂଳରେ ଆଣ୍ଟି ସାଇକ୍ଲୋନ୍ ପରିବେଶ ରହିଛି। ଅର୍ଥାତ୍ ବାୟୁ ଚଳାଚଳ ଏକପ୍ରକାର ଠପ୍ ହୋଇଯାଇଛି। ଉପକୂଳରେ ଉତ୍ତର ଓ ଉତ୍ତର-ପୂର୍ବ ଦିଗକୁ ବାୟୁ ପ୍ରବାହ ଥିଲେ ମଧ୍ୟ ଘଣ୍ଟା ପ୍ରତି ୫ କିଲୋମିଟରରୁ କମ୍ ରହିଛି। ବାୟୁ ଚଳାଚଳ ନ ଥିବାରୁ ସହରର ଧୂଳି, ଧୂଆଁ ଓ ପ୍ରଦୂଷଣ ସୃଷ୍ଟିକାରୀ କଣିକା ଯାଇ ନ ପାରି ଏକ ଆସ୍ତରଣ ଭଳି ଭୂପୃଷ୍ଠରୁ ୧ କିଲୋମିଟର ବ୍ୟାପୀ ରହିଥିଲା। ଏଭଳି ପରିସ୍ଥିତି ଆହୁରି ଦୁଇ ତିନିଦିନ ରହିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ନିର୍ଦ୍ଦେଶକ ଏଚ୍.ଆର. ବିଶ୍ୱାସ କହିଛନ୍ତି।

୨୦୧୪ ସେପ୍ଟେମ୍ବର ୧୭ ତାରିଖରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଜାତୀୟ ବାୟୁ ସୂଚକାଙ୍କ(ଏକ୍ୟୁଆଇ) ଅନୁଯାୟୀ, ବାୟୁମଣ୍ଡଳରେ ☞ ପୃଷ୍ଠା-୪

## ବାପ, ପୁଅଙ୍କୁ ହତ୍ୟା

ମାଲକାନଗିରି,୨।୧୧(ଡି.ଏନ.ଏ)

ମାଲକାନଗିରି ଜିଲା ମାଥିଲି ଥାନା ଉଦୁଲିବେଡ଼ା ଗ୍ରାମରେ ଶନିବାର ଗୁଣିଗାରେଡ଼ି ସନ୍ଦେହରେ ବାପପୁଅଙ୍କୁ ହତ୍ୟା କରାଯାଇଛି। ମୃତକଦ୍ୱୟ ହେଲେ ସୁଦନ ଖିଲ ଓ ତାଙ୍କ ପୁଅ ନୀଳେନ୍ଦ୍ର। ବାପପୁଅ ଶୁକ୍ରବାର ରାତିରେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ସୁବାସ ଚନ୍ଦ୍ର ମାଳୀ, ଭୁବନେଶ ହନ୍ତାଲି ଓ ହରିଶ ହନ୍ତାଳ ଦୁହିଁଙ୍କୁ ପିଟିପିଟି ମାରିଦେଇ ମୃତଦେହକୁ ଘୋଷାରି ନେଇ ଗାଡ଼ିଆ ଘାଟ ନିକଟରେ ଫୋପାଡ଼ି ଦେଇଥିବା ଶୁଣିବାକୁ ପାଇଥିଲେ। ସୁଦନଙ୍କ ସ୍ତ୍ରୀ ଡାଳିମ୍ବ ଏନେଇ ଗୋବିନ୍ଦପାଲି ଫାଣ୍ଡିରେ ଏତଲା ଦେବା ପରେ ପୋଲିସ କରି ତଦନ୍ତ ଚଳାଇଛି।





Vencobb Fresh Chicken — Taste the difference!

02.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 111 | 121 |
| CTC | 63 | 110 | 120 |
| DKL | 63 | 110 | 120 |
| BDK | 65 | 113 | 123 |
| BLS | 65 | 113 | 123 |
| ANG | 65 | 113 | 123 |
| BHM | 59 | 105 | 115 |

*Conditions Apply

Issued in the Interest of Consumers





# ଦିଲ୍ଲୀରେ ପୋଲିସ-ଓକିଲ ସଂଘର୍ଷ

ନୂଆଦିଲ୍ଲୀ,୨।୧୧

- ଗୁଳିମାଡ଼ରେ ଓକିଲ ଆହତ
- ପୋଲିସ ଗାଡ଼ି ପୋଡ଼ିଦେଲେ
- ସୋମବାର ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ଆଇନଜୀବୀମାନେ ନିଆଁ ଲଗାଇ ଦେଇଥିବା ପୋଲିସ ଗାଡ଼ି ଜଳୁଛି।

ଦିଲ୍ଲୀର ତିସ୍ ହଜାରୀ ଜେଲ୍ କମ୍ପ୍ଲେକ୍ସ ବାହାରେ ଶନିବାର ଅପରାହ୍ନରେ ପୋଲିସ ଏବଂ ଓକିଲଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ପୋଲିସ ଗୁଳିରେ ଜଣେ ଓକିଲ ଗୁରୁତର ଆହତ ହୋଇ ସେଣ୍ଟ ଷ୍ଟିଫେନ୍ସ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପ୍ରତିବାଦରେ ଉତ୍ତ୍ୟକ୍ତ ଓକିଲମାନେ ଏକ ପୋଲିସ ଗାଡ଼ିକୁ ପୋଡ଼ିଦେଇଛନ୍ତି। ଗାଡ଼ି ପାର୍କିଂକୁ ନେଇ କେତେଜଣ ଓକିଲ ଓ ପୋଲିସ ମଧ୍ୟରେ ବଚସା ହୋଇ ତାହା ସଂଘର୍ଷର ରୂପ ନେଇଥିଲା। ଧସ୍ତାଧସ୍ତି ବେଳେ ଜଣେ ଖବରଦାତାଙ୍କ ଉପରେ ମାଡ଼ ହୋଇଥିବା ଜଣାପଡିଛି। ତେବେ ସଂଘର୍ଷର ପ୍ରକୃତ କାରଣ ଜଣାପଡି ନ ଥିବା ଜଣେ ଅଧିକାରୀ କହିଛନ୍ତି। ପୋଲିସ ଅଧିକାରୀଙ୍କ ଗିରଫ ଦାବିରେ ଓକିଲମାନେ ରାସ୍ତାରୋକୋ କରିଥିଲେ।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଅପରାହ୍ଣ ସାଢ଼େ ୩ଟା ବେଳେ କୋର୍ଟ ବାହାରେ ବିଜୟ ନାମକ ଆଇନଜୀବୀ କାର୍ ପାର୍କିଂ କରୁଥିବାବେଳେ ଏହାକୁ ନେଇ ତାଙ୍କ ସହ ପୋଲିସର ଜୋରଦାର ବଚସା ହୋଇଥିଲା। ପୋଲିସ କର୍ମୀମାନେ ବିଜୟଙ୍କୁ ହାଜତକୁ ନେଇଯିବାରୁ ଅନ୍ୟ ଆଇନଜୀବୀମାନେ ତାଙ୍କୁ ମୁକୁଳାଇବା ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ଉତ୍ତ୍ୟକ୍ତ ଓକିଲମାନଙ୍କୁ ଘଉଡାଇବା ପାଇଁ ଦିଲ୍ଲୀ ପୋଲିସର ତୃତୀୟ ବାଟାଲିୟନ୍‌ରେ ପୋଷ୍ଟିଂ ହୋଇଥିବା ଜଣେ କର୍ମଚାରୀ ନିଜ ସର୍ଭିସ୍ ରିଭଲଭରରୁ ଗୁଳି ଚଳାଇଥିବା ଅଭିଯୋଗ ହୋଇଛି। ଏହା ବିରୋଧରେ କୋର୍ଟ ଫାଟକ ସମ୍ମୁଖରେ ଓକିଲମାନେ ଧାରଣାରେ ବସି ରହିବା ସହ ଉକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଉତ୍ତେଜନା ଲାଗିରହିଥିବାରୁ ପୋଲିସ କୋର୍ଟ କମ୍ପ୍ଲେକ୍ସର କେତେକ ଗେଟ୍‌ରେ ତାଲା ପକାଇଦେଇଛି। ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉକ୍ରଟ ରୂପ ଧାରଣ କରିଥିଲାବେଳେ ଗାଡ଼ି ପୋଡ଼ି ଯୋଗୁ କଳା ଧୂଆଁ ତିସ୍ ହଜାରୀ କୋର୍ଟ ଆକାଶକୁ ଆଚ୍ଛାଦିତ କରିଦେଇଥିଲା।

ଆମେ ମଧ୍ୟ ଆଇନର ରକ୍ଷକ, ପୋଲିସର ଦୁର୍ବ୍ୟବହାରକୁ ବରଦାସ୍ତ କରାଯିବନି ବୋଲି ଜଣେ ଆଇନଜୀବୀ କହିଛନ୍ତି।

ପୋଲିସ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଦିଲ୍ଲୀ ମହାନଗରୀର ସମସ୍ତ ଜିଲା କୋର୍ଟର ଓକିଲମାନେ ସୋମବାର କାର୍ଯ୍ୟବନ୍ଦ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଦିଲ୍ଲୀରେ ପାର୍କିଂ ସ୍ଥାନକୁ ନେଇ ସମସ୍ୟା ଦେଖାଦେଇଛି। ଜାତୀୟ ରାଜଧାନୀରେ ଏହା ଏକ ଗୁରୁତର ସମସ୍ୟା ବୋଲି ସୁପ୍ରିମକୋର୍ଟ ନିକଟରେ ଏକ ମାମଲାର ରାୟ ପ୍ରଦାନ ବେଳେ କହିଥିଲେ। ଗତ କିଛିବର୍ଷ ମଧ୍ୟରେ କେତେକ ବହୁତଳ ପାର୍କିଂ କେନ୍ଦ୍ର ନିର୍ମାଣ ହୋଇଥିଲେ ମଧ୍ୟ ତାହା ସମସ୍ୟା ସମାଧାନ କରିବାରେ ବିଫଳ ହୋଇଛି।

### ଆଜିର ସମ୍ପାଦକୀୟ

ହ୍ୱାଟ୍‌ସଆପ୍ ହ୍ୟାକିଂ

### ଆଜିର ମନ୍ତବ୍ୟ

"ଡେମୋକ୍ରାଟ୍‌ମାନଙ୍କ ମହାଭିଯୋଗ ଉଦ୍ୟମ ଆମେରିକା ଗଣତନ୍ତ୍ର ଉପରେ ଆକ୍ରମଣ।

-ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି

# ମହିଳା, ପୁରୁଷ ଦଳକୁ ଅଲିମ୍ପିକ୍ସ ଯୋଗ୍ୟତା




ଏଫ୍ଆଇଏଚ୍ ସଭାପତି ନରିନ୍ଦର ବାତ୍ରାଙ୍କଠାରୁ ଟୋକିଓ ଅଲିମ୍ପିକ୍ସ ଟିକେଟ ଗ୍ରହଣ କରୁଛନ୍ତି ରାଣୀ ରାମପାଲ ଓ ମନପ୍ରୀତ ସିଂ।

### ଅଲିମ୍ପିକ୍ସ କ୍ୱାଲିଫାୟର୍ସ ହକି

ଭୁବନେଶ୍ୱର, ୨।୧୧(କ୍ରୀଡ଼ା ପ୍ରତିନିଧି)

ଭାରତୀୟ ହକି ପାଇଁ ଶନିବାର ଆସିଛି ଶୁଭ ଖବର। ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଉଭୟ ମହିଳା ଓ ପୁରୁଷ ହକି ଦଳ ଯୋଗ୍ୟତା ଅର୍ଜନ କରିଛନ୍ତି। ଭାରତର ଅଲିମ୍ପିକ୍ସ ଟିକେଟରେ କଳିଙ୍ଗ ଷ୍ଟାଡିୟମ ରହିଛି ମୂକସାକ୍ଷୀ। ଏଠାରେ ଅନୁଷ୍ଠିତ ଏଫଆଇଏଚ୍ ଅଲିମ୍ପିକ୍ସ କ୍ୱାଲିଫାୟର୍ସରେ ଭାରତୀୟ ମହିଳା ଦଳ ଆମେରିକା ଏବଂ ପୁରୁଷ ଦଳ ରୁଷିଆକୁ ପଛରେ ପକାଇ ଏହି ସଫଳତା ଅର୍ଜନ କରିଛି। କ୍ୱାଲିଫାୟର୍ସର ମହିଳା ବିଭାଗରେ ଭାରତ-ଆମେରିକା ଓ ପୁରୁଷ ବିଭାଗରେ ଭାରତ-ରୁଷିଆ ମଧ୍ୟରେ ୨ଟି ଲେଖାଏ ମ୍ୟାଚ ହୋଇଥିଲା। ମହିଳା ଦଳ ଶୁକ୍ରବାର ପ୍ରଥମ ମ୍ୟାଚରେ ୫-୧ ଗୋଲରେ ବିଜୟୀ ହୋଇଥିବାବେଳେ ଶନିବାର ଦ୍ୱିତୀୟ ମ୍ୟାଚରେ ୧-୪ ଗୋଲରେ ପରାଜିତ ହୋଇଥିଲା। ତେବେ ମୋଟ ଗୋଲ ବ୍ୟବଧାନରେ ଭାରତ ୬-୫ରେ ଆମେରିକାକୁ ପଛରେ ପକାଇ ଆଗକୁ ବଢ଼ିଛି। ଅନ୍ୟପକ୍ଷରେ ଆମେରିକାର ଟୋକିଓ ଅଲିମ୍ପିକ୍ସ ସ୍ୱପ୍ନ ଏହିଠାରୁ ଶେଷ ହୋଇଯାଇଛି। ସେହିପରି ପୁରୁଷ ବିଭାଗରେ ଭାରତ ଶୁକ୍ରବାର ପ୍ରଥମ ମ୍ୟାଚରେ ରୁଷିଆକୁ ୪-୨ ଗୋଲରେ ହରାଇଥିବାବେଳେ ଶନିବାର ଦ୍ୱିତୀୟ ମ୍ୟାଚରେ ୭-୧ ଗୋଲରେ ବିଜୟୀ ହୋଇଥିଲା। ଫଳରେ ମୋଟ ୧୧-୩ ଗୋଲରେ ଦଳ ଆଗୁଆ ରହି ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଦଳଗୁଡ଼ିକ ମଧ୍ୟରେ ସାମିଲ ହୋଇଯାଇଛି। ମହିଳା ବିଭାଗ ମ୍ୟାଚରେ ଅଧିନାୟିକା ରାଣୀ ରାମପାଲ ପ୍ଲେୟର ଅଫ ଦି ମ୍ୟାଚ ଏବଂ ଗୁରଜିତ କୌର ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ। ଅନ୍ୟପକ୍ଷରେ ପୁରୁଷ ବିଭାଗରେ ଏସ.ଭି. ସୁନୀଲ ଉଭୟ ପ୍ଲେୟର ଅଫ୍ ଦି ମ୍ୟାଚ ଓ ଟୁର୍ନାମେଣ୍ଟ ପୁରସ୍କାର ହାସଲ କରିଥିଲେ। ମ୍ୟାଚ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଷ୍ଟାଡିୟମରେ ଉପସ୍ଥିତ ରହି ଭାରତୀୟ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ନରିନ୍ଦର ବାତ୍ରା, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।






ମୋ ସଫଳତା ପଛରେ କୌଣସି କୌଶଳ ନ ଥାଏ। ଅଭିଜ୍ଞତାରୁ ମୁଁ ଏ ସବୁ ଶିକ୍ଷିଛି। ନିର୍ଦ୍ଦେଶକଙ୍କ କଥା ମାନି ସେ ସବୁକୁ କାର୍ଯ୍ୟରେ ପରିଣତ କରିଥାଏ।

-ଅକ୍ଷୟ କୁମାର,
ବଲିଉଡ୍ ଅଭିନେତା



# ପୁଅଠାରୁ ଦୀକ୍ଷା ନେବେ ମା'



**ଭିଲାଇ:** ମା'ପୁଅର ସବୁ ଦାୟିତ୍ୱ ନେଇଥାଏ। ମା' ପୁଅକୁ ଶିକ୍ଷା ଓ ଦୀକ୍ଷାର ମନ୍ତ୍ର ଦେଇଥାଏ। କିନ୍ତୁ ଭାରତୀୟ ଗୁରୁପରମ୍ପରାରେ ମା' ପୁଅଠାରୁ ଦୀକ୍ଷା ଗ୍ରହଣ କରିବାରେ ନିଜକୁ ଭାଗ୍ୟବତୀ ମଣିଥାଏ। ଗୁରୁ- ବ୍ରହ୍ମା, ବିଷ୍ଣୁ ,ମହେଶ୍ୱର ଏବଂ ସେ ହିଁ ମାତା ଓ ପିତା। ଜନ୍ମଦାତ୍ରୀ ମା' ବି ପୁଅକୁ ଏହି ରୂପରେ ଗ୍ରହଣ କରିବା ଭଳି ଘଟଣା ଦେଖିବାକୁ ମିଳିଛି ଦିଗମ୍ବର ଜୈନ ସମ୍ପ୍ରଦାୟରେ। ଏହି ସମ୍ପ୍ରଦାୟରେ ବାଲି ଜିନଦୀକ୍ଷା ଗୁରୁତ୍ୱ ବହନ କରେ। ଦୁର୍ଗରେ ବିରାଜମାନ ଭାବଲିଙ୍ଗୀ ସନ୍ଥ ଶ୍ରମଣାଚାର୍ଯ୍ୟ ବିମର୍ଶ ସାଗର ମହାରାଜା ତାଙ୍କ ଜନ୍ମଦାତ୍ରୀ ମା'ଭଗବତୀ ଜୈନଙ୍କୁ ଦୀକ୍ଷା ପ୍ରଦାନ କରିବେ। ଭଗବତୀଙ୍କ ବୟସ ୭୧ । ମଧ୍ୟପ୍ରଦେଶର ଟିକମଗଡ ଜିଲା ଅନ୍ତର୍ଗତ ଏକ ପାହାଡି ଗାଁରେ ରହନ୍ତି ଭଗବତୀ। ତାଙ୍କ ଆଚାର୍ଯ୍ୟ ପୁତ୍ର ୨୫ ବର୍ଷ ପୂର୍ବେ ମୁନି ଜୀବନରେ ପ୍ରବେଶ କରିଥିଲେ। ତା'ପରେ ତାଙ୍କର ବୈରାଗ୍ୟ ଭାବ ଆସିଥିଲା ବୋଲି କହିଛନ୍ତି ଭଗବତୀ । ୨୫ ବର୍ଷ ଧରି ଜିନାଗମ ପନ୍ଥର ୧୧ରୁ ୭ ପ୍ରତିମାର ବ୍ରତ ଧାରଣ କରିସାରିଛନ୍ତି ଓ ଦୀକ୍ଷା ନେବା ପରେ ସେ ସାଧ୍ୱୀ ଜୀବନରେ ପ୍ରବେଶ କରିବେ ବୋଲି କହିଛନ୍ତି। ଜୈନ ବିଧି ମୁତାବକ ବିନୌଲି ଯାତ୍ରା ପରେ ତାଙ୍କର ମୁଣ୍ଡନ ପ୍ରକ୍ରିୟା କରାଯିବ। ଏହାପରେ ସେ ଦୀକ୍ଷା ଗ୍ରହଣ କରିବେ। ଜଣେ ମା' ତା' ପୁଅଠାରୁ ଦୀକ୍ଷା ନେଇ ସାଂସାରିକ ଜୀବନ ତ୍ୟାଗ କରିବା ଦେଶର ଦ୍ୱିତୀୟ ଘଟଣା। ୧୦ବର୍ଷ ପୂର୍ବରୁ ମୁନି ବିମର୍ଶ ସାଗରଙ୍କଠାରୁ ତାଙ୍କ ମା' ମଧ୍ୟ ଦୀକ୍ଷା ଗ୍ରହଣ କରିଥିଲେ। ଏହି ଦୀକ୍ଷା ଗ୍ରହଣ କାର୍ଯ୍ୟକ୍ରମ ଦେଖିବା ପାଇଁ ସାରା ଦେଶରୁ ଭକ୍ତମାନେ ବି ଦୁର୍ଗରେ ପହଞ୍ଚିଗଲେଣି।

# ୫୪ ବର୍ଷରେ କିଙ୍ଗ୍ ଖାନ୍

**ମୁମ୍ବାଇ :** କିଙ୍ଗ୍ ଖାନ୍ ଶାହରୁଖ୍ ଶନିବାର ୫୪ ବର୍ଷରେ ପଦାର୍ପଣ କରିଛନ୍ତି। ୧୯୬୫ ନଭେମ୍ବର ୨ରେ ସେ ନୂଆଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ। ଗୌରୀଙ୍କୁ ନେଇ ତାଙ୍କର ପ୍ରେମ କାହାଣୀ ବେଶ୍ ଚର୍ଚ୍ଚାରେ ରହିଥିଲା। ଟିଭି ସିରିଏଲ୍ ସର୍କସରେ ଅଭିନୟ କରିବା ପରେ ଶାହରୁଖ ବଲିଉଡ୍‌ରେ ପାଦଥାପିଥିଲେ। ୧୯୮୪ରେ ଦିଲ୍ଲୀର ପଞ୍ଚଶୀଳ କ୍ଲବ୍‌ରେ ୧୯ ବର୍ଷ ବୟସ୍କ ଶାହରୁଖ୍

## ପ୍ରଥମ ଦେଖାରେ ଗୌରୀଙ୍କୁ ଭଲପାଇ ବସିଥିଲେ

୧୪ ବର୍ଷ ବୟସ୍କା ଗୌରୀଙ୍କୁ ପ୍ରଥମ ଥର ପାଇଁ ଭେଟିଥିଲେ। ୧୯୮୪ ଅକ୍ଟୋବର ୨୫ରେ ଦୁହିଁଙ୍କ ମଧ୍ୟରେ ସାକ୍ଷାତ୍ ସମୟରେ ଉଭୟ ପରସ୍ପରର ଫୋନ୍ ନମ୍ବର ନେଇଥିଲେ। ପରେ ଆରମ୍ଭ ହୋଇଥିଲା ପ୍ରେମ। ପ୍ରଥମ ଦେଖାରେ ହିଁ ଶାହରୁଖ ଗୌରୀଙ୍କୁ ଭଲପାଇ ବସିଥିଲେ। ଦୁଇଜଣଙ୍କ ପ୍ରେମ ସମ୍ପର୍କ ଗୌରୀଙ୍କ ପରିବାର ଲୋକେ ଜାଣିଥିଲେ। ତେବେ ଶାହରୁଖଙ୍କୁ ହିନ୍ଦୁ ଧର୍ମ ଗ୍ରହଣ କରିବାକୁ ଗୌରୀଙ୍କ ପରିବାର ପକ୍ଷରୁ କୁହାଯାଇଥିଲା। ମାତ୍ର ଏହାକୁ ଗୌରୀ ମନା କରିଥିଲେ। ଶାହରୁଖଙ୍କୁ ସେ ନିଜ ଧର୍ମ ପରିବର୍ତ୍ତନ କରିବାକୁ ମନା କରିଥିଲେ। ଏହା ଦ୍ୱାରା ତାଙ୍କର ଭଲ ପାଇବାର ମୂଲ୍ୟ ରହିବ ନାହିଁ ବୋଲି ଗୌରୀ ଚିନ୍ତା କରିଥିଲେ। ୧୯୯୧ ଅଗଷ୍ଟ ୨୬ରେ ଦୁହେଁ କୋର୍ଟରେ ବିବାହ କରିଥିଲେ। ପରେ ୧୯୯୧ ଅକ୍ଟୋବର ୨୫ରେ ହିନ୍ଦୁ ରୀତିରେ ମଧ୍ୟ ବିବାହ କରିଥିଲେ। ସେହିବର୍ଷ ଶାହରୁଖ୍‌ଙ୍କ ପ୍ରଥମ ଫିଲ୍ମ 'ଦିଲ୍ ଆଶାନା' ନିର୍ମିତ ହୋଇଥିଲେ ହେଁ ଏହା ବକ୍ସ ଅଫିସ୍‌ରେ ହିଟ୍ ହୋଇ ନ ଥିଲା। ପରେ ୧୯୯୨ରେ ଶାହାରୁଖ୍‌ଙ୍କ ଫିଲ୍ମ 'ଦିୱାନା' ବଲିଉଡ୍‌ରେ ଚହଳ ପକାଇଥିଲା। ୨୦୧୧ରେ ଶାହରୁଖ୍‌ଙ୍କ ସହିତ ପ୍ରିୟଙ୍କା ଚୋପ୍ରାଙ୍କ ସମ୍ପର୍କ ନେଇ ବଲିଉଡ୍‌ରେ ବେଶ୍ ଚର୍ଚ୍ଚା ହୋଇଥିଲେ ମଧ୍ୟ ଶାହରୁଖ୍‌ଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ଆସି ନ ଥିଲା।





# ଶୀତଦିନେ କର ଉଷୁମ ତେଲ ମାଲିସ୍

**ନୂଆଦିଲ୍ଲୀ:** ଶୀତଦିନେ ଶରୀରରେ ଉଷୁମ ତେଲ ମାଲିସ୍ କଲେ ଅନେକ ଉପକାର ମିଳିଥାଏ । ଏହା ଦ୍ୱାରା ରକ୍ତଚାପ ନିୟନ୍ତ୍ରିତ ହେବା ସହିତ ହାର୍ଟ ଆଟାକ୍‌ରୁ ମୁକ୍ତି ମିଳିଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି। ସପ୍ତାହରେ ୨ ଥର ଏପରି କଲେ ଲୋମକୂପ ପରିଷ୍କାର ହେବା ସହିତ ମାଂସପେଶୀ ସତେଜ ହୋଇଥାଏ। ଏହା ଦ୍ୱାରା ଆଣ୍ଟିଏଜିଂ ସମସ୍ୟା ଦୂର ହୋଇଥାଏ। ଶରୀର ସହିତ ମୁଣ୍ଡରେ ଉଷୁମ ତେଲ ମାଲିସ୍ କଲେ ମାନସିକ ଅବସାଦ ଦୂର ହୋଇଥାଏ। ଆଣ୍ଠୁଗଣ୍ଠି ସମସ୍ୟା କ୍ଷେତ୍ରରେ ଉଷୁମ ତେଲ ମାଲିସ୍ ଦ୍ୱାରା ସୁଫଳ ମିଳିଥାଏ ବୋଲି ଆୟୁର୍ବେଦରେ ପରାମର୍ଶ ଦିଆଯାଇଛି।

# ପଲିଥିନ୍ ବଦଳରେ ପତ୍ରରେ ମାଂସ ବିକ୍ରି

**ଲେପା ରାଡା:** ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ପରିବେଶକୁ ବିଷାକ୍ତ କରିଛି। ପଲିଥିନ୍ ସମସ୍ତଙ୍କ ପାଇଁ ଏକ ସହଜ ଅଭ୍ୟାସରେ ପରିଣତ ହୋଇଛି। ତେଣୁ ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଜନସାଧାରଣଙ୍କୁ ସଚେତନ କରାଯିବା ସହ ଏହାର ବ୍ୟବହାରକୁ ନିଷେଧ କରାଯାଇଛି। ପଲିଥିନ୍ ବ୍ୟାଗ୍ ବଦଳରେ କପଡ଼ା, କାଗଜ ବ୍ୟାଗ୍ ବ୍ୟବହାର ପାଇଁ ଲୋକଙ୍କୁ ଉତ୍ସାହିତ କରାଯାଉଛି। ହେଲେ ଅରୁଣାଚଳ ପ୍ରଦେଶର ଜଣେ ମାଂସ ଦୋକାନୀ ନିଜ ଦୋକାନରେ ପଲିଥିନ୍‌ର ବ୍ୟବହାରକୁ ବନ୍ଦ କରି ଏକ ସୁନ୍ଦର ଉପାୟ ଆପଣାଇଛନ୍ତି। ତାହା ଏବେ ପରିବେଶ ସୁରକ୍ଷା ଦିଗରେ ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସେ ପଲିଥିନ୍ ବଦଳରେ ବିଭିନ୍ନ ଗଛର ପତ୍ରରେ ମାଂସ ପ୍ୟାକ୍ କରି ଗ୍ରାହକଙ୍କୁ ଦେଉଛନ୍ତି। ଅରୁଣାଚଳ ପ୍ରଦେଶର ଲେପା ରାଡା ଜିଲା ଅଧୀନ ତିର୍‌ବିନ୍‌ଠାରେ ଏହି ମାଂସ ଦୋକାନ ରହିଥିବାବେଳେ ଦୋକାନୀଙ୍କୁ ଅଞ୍ଚଳର ସଚେତନ ଜନସାଧାରଣ ଏବଂ ବୁଦ୍ଧିଜୀବୀ ମଧ୍ୟ ପ୍ରଶଂସା କରିଛନ୍ତି। ଅନ୍ୟପକ୍ଷରେ ଦୋକାନୀଙ୍କ ଏଭଳି ଚିନ୍ତାଧାରାକୁ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ କିରେନ୍ ରିଜିଜୁ ମଧ୍ୟ ଟୁଇଟ୍ କରି ଖୁସିବ୍ୟକ୍ତ କରିଛନ୍ତି। ପଲିଥିନ୍ ବାହାରିବା ପୂର୍ବରୁ ଲୋକେ ଜିନିଷ କିଣିବାକୁ ଯିବା ସମୟରେ ସାଥୀରେ ବ୍ୟାଗ୍‌ଟିଏ ନେଇ ଯାଉଥିଲେ ଏବଂ ଦୋକାନରେ କାଗଜ ଠୁଙ୍ଗା ବ୍ୟବହାର ହେଉଥିଲା। ସେହିପରି ମାଛ, ମାଂସ ମଧ୍ୟ ବିଭିନ୍ନ ପତ୍ରରେ ପ୍ୟାକ୍ କରି ଦିଆଯାଉଥିଲା। ହେଲେ ପ୍ଲାଷ୍ଟିକ୍‌ବାହାରିବା ପରେ ଲୋକେ ଏହି ସବୁ ପାରମ୍ପରିକ ଅଭ୍ୟାସକୁ ଭୁଲି ସୁବିଧାଜନକ ଉପାୟକୁ ଅଭ୍ୟାସରେ ପରିଣତ କରିଛନ୍ତି। ତାହା ଏବେ ପରିବେଶକୁ ନଷ୍ଟ କରିବାରେ ଲାଗିଛି। ତେବେ ଏହି ଦୋକାନୀଙ୍କ ଛୋଟିଆ ପ୍ରୟାସ ଅନ୍ୟ ବ୍ୟବସାୟୀ ଏବଂ ଜନସାଧାରଣଙ୍କୁ ନିଶ୍ଚୟ ଉତ୍ସାହିତ କରିବ।

## ଅଭିନବ ପ୍ରୟାସ



# ଭାଇଙ୍କ ପାଇଁ ଉର୍ବଶୀଙ୍କ ଦାମୀ ଉପହାର

**ମୁମ୍ବାଇ:** ବାଇକ୍ ପ୍ରତି ପୁଅମାନଙ୍କ ଦୁର୍ବଳତା କେତେ କିଏ ବା ନ ଜାଣେ ? ତେବେ କାହାକୁ ଏମିତି ସେମିତି ବାଇକ୍ ନୁହେଁ କ୍ରୁଜର୍ ବାଇକ୍ ଯଦି ଉପହାରରେ ମିଳିଯାଏ, ଭାବନ୍ତୁ ତ କିଭଳି ଖୁସି ଅନୁଭବ ହେଉଥିବ। ଏମିତି ଏକ ଉପହାର ଦେଇ ଭାଇଙ୍କୁ ଖୁସି କରିଦେଇଛନ୍ତି ଜଣେ ବି-ଟାଉନ୍ ଅଭିନେତ୍ରୀ। ଉର୍ବଶୀ ରୌଟେଲା ନିଜ ଭାଇଙ୍କୁ ବହୁତ ଭଲ ପାଆନ୍ତି। ଏଥିପାଇଁ ସେ ନିଜ ଭାଇ ଯଶରାଜ୍‌ଙ୍କୁ ହାର୍ଲି ଡେଭିଡଶନ ଫ୍ୟାଟ୍ ବବ୍ ବାଇକ୍ ଉପହାରରେ ଦେଇଛନ୍ତି, ଯାହାକୁ ପାଇ ଯଶରାଜ୍‌ଙ୍କ ଖୁସି କହିଲେ ନ ସରେ। ପ୍ରକୃତରେ ଗତ ସପ୍ତାହ ଭାଇଦୂଜ୍ ଉତ୍ସବ ଅବସରରେ ଉର୍ବଶୀ ଏହି ଦାମୀ ଉପହାର ଯଶରାଜ୍‌ଙ୍କୁ ଦେଇଛନ୍ତି। ଚଳିତ ବର୍ଷ ଉର୍ବଶୀ ଦୀପାବଳି ଓ ଭାଇଦୂଜ୍ ନିଜ ପରିବାର ସହ ପାଳନ କରିଛନ୍ତି। ଏହି ଅବସରରେ ସେ ତାଙ୍କ ଭାଇଙ୍କୁ ମନପସନ୍ଦର ଏହି ବାଇକ୍ ଉପହାର ଦେଇଛନ୍ତି। ଯଶରାଜ୍ ପର୍ତ୍ତୁଗାଲରେ ପାଇଲଟ୍ ଭାବେ କାର୍ଯ୍ୟରତ। ଏନେଇ ଉର୍ବଶୀ ନିଜ ଟୁଇଟର ଆକାଉଣ୍ଟରେ ଏକ ଜିଆଇଏଫ୍ ଭିଡିଓ ମଧ୍ୟ ଶେୟାର କରିଛନ୍ତି। ଅନ୍ୟପକ୍ଷରେ ଉର୍ବଶୀ ୨୦୧୩ରେ ଫିଲ୍ମ 'ସିଂହ ସହବ ଦି ଗ୍ରେଟ୍ 'ରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୫ରେ ସେ 'ମିସ୍ ଡିଭା ୨୦୧୫' ଟାଇଟେଲ ହାତେଇବା ସହ 'ମିସ୍ ୟୁନିଭର୍ସ' ବ୍ୟୁଟି ପାଜେଣ୍ଟରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ। ତେବେ ଯଶରାଜ୍ ତାଙ୍କ ମନପସନ୍ଦ ବାଇକ୍ ଉପହାରରେ ପାଇବା ପରେ ଉର୍ବଶୀ ସୋସିଆଲ ମିଡିଆରେ ଲେଖିଛନ୍ତି, ମୋ ଭାଇଙ୍କ ପାଖରେ ଦୁନିଆର ସବୁଠାରୁ ଭଲ ଉଭଣୀ ଅଛି। ଆମେ ଖୁବ୍ କମ୍ ସମୟ ଏକାଠି ବିତାଇବାକୁ ପାଇଥାଉ। ମୁଁ ଭାଇଦୂଜ୍ ଅବସରରେ ମୋ ଭାଇକୁ ବହୁତ ମିସ୍ କଲି। ଏଥିପାଇଁ ମୁଁ ତାଙ୍କୁ କିଛି ଏପରି ଉପହାର ଦେଲି, ଯାହାକୁ ସେ ଭଲ ପାଇବ। ମୁଁ ଜାଣେ ତାହା ହେଉଛି ହାର୍ଲି ଡେଭିଡଶନ୍। ଏହି ଦାମୀ ବାଇକ୍‌ର ଏକ୍ସ-ଶୋ'ରୁମ୍ ମୂଲ୍ୟ ୧୪.୬୯ ଲକ୍ଷ ଟଙ୍କାରୁ ଆରମ୍ଭ। ଏହା ପୂର୍ବରୁ ଅଭିନେତା ରାଜକୁମାର ରାଓ ମଧ୍ୟ ଏହି ଦାମୀ ହାର୍ଲି ଡେଭିଡଶନ ଫ୍ୟାଟ୍ ବବ୍ କ୍ରୁଜର ବାଇକ୍ କିଣିସାରିଛନ୍ତି। ନିଜ ଦମ୍‌ଦାର ଅଭିନୟ ପାଇଁ ଲୋକପ୍ରିୟ ରାଜକୁମାରଙ୍କୁ ଏହି ବାଇକ୍ ଖୁବ୍ ପସନ୍ଦ।



# ୧୫ ବର୍ଷରେ ଲକ୍ଷେ ୩୦ ହଜାର ମାମଲାର ଫଇସଲା



ଜଷ୍ଟିସ ସୁଧୀର ଅଗ୍ରୱାଲ

**ନୂଆଦିଲ୍ଲୀ:** ଦେଶର ବିଭିନ୍ନ କୋର୍ଟରେ ଶହ ଶହ ମାମଲାର ବିଚାର ନ ହୋଇ ପଡ଼ି ରହିଛି। ଏପରିସ୍ଥଳେ ଆଲ୍ଲାହାବାଦ୍ ହାଇକୋର୍ଟର ବିଚାରପତି ସୁଧୀର ଅଗ୍ରୱାଲ ଏକ ନିଆରା ରେକର୍ଡ କରିଛନ୍ତି। ସେ ୧୫ ବର୍ଷ ମଧ୍ୟରେ ଲକ୍ଷେ ୩୦ ହଜାର ୪ ଶହ ୧୮ଟି ମାମଲାର ଫଇସଲା କରିବାର ଗୌରବ ଅର୍ଜନ କରିଛନ୍ତି। ଭାରତର ଏକମାତ୍ର ବିଚାରପତି ଭାବେ ସୁଧୀରଙ୍କ ନାମରେ ଏହି ରେକର୍ଡ ରହିଛି। ୨୦୧୯ ଅକ୍ଟୋବର ୩୧ ସୁଦ୍ଧା ସେ ଏହି ରେକର୍ଡ କରିଛନ୍ତି। ରାମଜନ୍ମଭୂମି- ବାବ୍ରୀ ମସଜିଦ୍ ମାମଲାର ଫଇସଲା ମଧ୍ୟ ସେ କରିଛନ୍ତି। ସେ ମନ୍ତ୍ରୀ ତଥା ସରକାରୀ ଅଫିସରଙ୍କ ସନ୍ତାନଙ୍କୁ ସରକାରୀ ପ୍ରାଥମିକ ସ୍କୁଲରେ ପାଠ ପଢ଼ାଇବା ଲାଗି ନିର୍ଦ୍ଦେଶ ଜାରିକରି ଚର୍ଚ୍ଚିତ ହୋଇଥିଲେ। ସେହିପରି ସରକାରୀ କର୍ମଚାରୀଙ୍କୁ ସରକାରୀ ହସ୍ପିଟାଲରେ ଚିକିତ୍ସା ଲାଗି ନିର୍ଦ୍ଦେଶ, ଧାରଣା-ବିକ୍ଷୋଭ ପ୍ରଦର୍ଶନ ବେଳେ ନଷ୍ଟ ହେଉଥିବା ସରକାରୀ ସମ୍ପତ୍ତିର ଭରଣା, ଶଙ୍କରାଚାର୍ଯ୍ୟ ପଦବୀର ବିବାଦ, ଶଙ୍କରଗଡ଼ ରାଣୀଙ୍କଠାରୁ ୪୫ ଟି ଗାଁ ମୁକ୍ତ କରାଇବା ଆଦି ମାମଲାର ଫଇସଲା କରି ସେ ବିଶେଷ ଖ୍ୟାତି ହାସଲ କରିଥିଲେ। ସୁଚନାଯୋଗ୍ୟ, ସୁଧୀର ଉତ୍ତରପ୍ରଦେଶ ଫିରୋଜାବାଦ୍‌ର ବାସିନ୍ଦା।

# ୪୯୦୦ ବର୍ଗଫୁଟର ପେଣ୍ଟିଂ

**ବିକାନେର:** ପୁରାତନ ରାଜପ୍ରାସାଦ, ଦୁର୍ଗ, ଐତିହାସିକ ସ୍ମାରକୀ ସର୍ବୋପରି ଓଟ ଦୌଡ଼ ପାଇଁ ପ୍ରସିଦ୍ଧି ଅର୍ଜନ କରିଛି ବିକାନେର। ରାଜସ୍ଥାନ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ଜାଗା ମାଡ଼ିବସିଥିବା ଏହି ସହର ଏବେ ଏକ ଚିତ୍ରକଳାକୁ ନେଇ ଚର୍ଚ୍ଚାରେ। ଏଠାକାର ନିବାସୀ ମେଘା ହର୍ଷ ପୃଥିବୀର ସର୍ବବୃହତ୍ ପେଣ୍ଟିଂ ପ୍ରସ୍ତୁତ କରିଥିବା ଦାବି କରିଛନ୍ତି, ଯଦି ଏହି ଦାବି ସତ ହୋଇଥାଏ ତେବେ ଏହା ନିଶ୍ଚିତ ଭାବେ ଗିନିଜ ବୁକ୍ ଅଫ୍ ରେକର୍ଡରେ ସ୍ଥାନିତ ହେବ। ବେକାନେର ବୟଜ ସ୍କୁଲ ପରିସରରେ ତିଆରି କରାଯାଇଥିବା ଏହି ବୃହତ୍‌କାୟ ଚିତ୍ରକଳାର ଆକାର ୪୯୦୦ ବର୍ଗଫୁଟ (୭୦ ଫୁଟ ଦୈର୍ଘ୍ୟ ଏବଂ ୭୦ ଫୁଟ ପ୍ରସ୍ଥ)। ଏହାକୁ ସମ୍ପୂର୍ଣ୍ଣ କରିବାକୁ ମେଘାଙ୍କୁ ୧୭ ଦିନ ଲାଗିଛି। ଏଥିପୂର୍ବରୁ ଏହି ରେକର୍ଡ ସାଇପ୍ରସର ଆଲେକ୍ସଙ୍କ ନାମରେ ଥିଲା। ସେ ପ୍ରସ୍ତୁତ କରିଥିବା ଚିତ୍ରକଳା ୩୪୮୧ ବର୍ଗଫୁଟ (୫୯ ଫୁଟ ଦୈର୍ଘ୍ୟ ଏବଂ ୫୯ ଫୁଟ ପ୍ରସ୍ଥ) ବିଶିଷ୍ଟ ଥିଲା। ନିଜର କୃତି ସମ୍ପର୍କରେ ମେଘା କୁହନ୍ତି, ପୂର୍ବ ରେକର୍ଡକୁ ଭାଙ୍ଗିବା ଲକ୍ଷ୍ୟ ନେଇ ସେ ଏହି ଚିତ୍ରକଳା ପ୍ରସ୍ତୁତ କରିଛନ୍ତି। ଜଳବାୟୁ ପରିବର୍ତ୍ତନ, ଏହାର ପ୍ରତିକୂଳ ପ୍ରଭାବ, ଜଳ ସଂରକ୍ଷଣ, ମହିଳାଙ୍କ ସୁରକ୍ଷା ଆଦି ବିଷୟକୁ ଏଥିରେ ସ୍ଥାନିତ କରାଯାଇଛି। ଗତ ଅକ୍ଟୋବର ୧୬ରୁ ସେ ଏହି ଚିତ୍ରକଳା ଆଙ୍କିବା ଆରମ୍ଭ କରିଥିଲେ। ଏହାକୁ ସମ୍ପୂର୍ଣ୍ଣ କରିବାକୁ ସେ ଦୈନିକ ୬ଘଣ୍ଟା ସମୟ ଦେଉଥିଲେ। ସୂଚନାଯୋଗ୍ୟ, ଜଣେ ପେସାଦାର ଚିତ୍ରଶିଳ୍ପୀ ଭାବେ ମେଘା ଦେଶରେ ଜଣେ ଚର୍ଚ୍ଚିତ ଚେହେରା। ତାଙ୍କର ହାତପ୍ରସ୍ତୁତ ଚିତ୍ରକଳା ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ ହୋଇ ବେଶ୍ ପ୍ରଶଂସା ସାଉଁଟିଛି। ଏଥିପାଇଁ ତାଙ୍କୁ ଶତାଧିକ ପଦକ ମଧ୍ୟ ମିଳିଛି।



# ସ୍ପ୍ରେରେ ସ୍ନାନ କରିବେ ଗଗନାୟନ ମହାକାଶଚାରୀ

**ନୂଆଦିଲ୍ଲୀ:** ଭାରତର ମାନବଯୁକ୍ତ ମହାକାଶ ମିଶନ'ଗଗନାୟନ'୨୦୨୧ରେ ଇସ୍ରୋ ଓ ଆଇଆଇଟିଦିଲ୍ଲୀର ମୁଖ୍ୟ ଭୂମିକା ରହିବ। ଏହି ମିଶନରେ ମହକାଶ ଯାତ୍ରୀଙ୍କ ସ୍ନାନ ଲାଗି କିଛି ବିଶେଷ ବ୍ୟବସ୍ଥା କରାଯାଇଛି। ସେମାନେ ମହାକାଶରେ ପାଣି ବଦଳରେ ସ୍ପ୍ରେରେ ଗାଧୋଇବେ। ଏହି ସ୍ପ୍ରେକୁ କ୍ଲେନ୍‌ଷ୍ଟା ଇଣ୍ଟରନ୍ୟାଶ୍‌ନାଲ କମ୍ପାନୀ ଆଇଆଇଟି, ଦିଲ୍ଲୀ ଭାଗୀଦାରିରେ ପ୍ରସ୍ତୁତ କରାଯାଇଛି। ମହାକାଶରେ ମହାକାଶଯାତ୍ରୀମାନେ ସ୍ନାନ କରିବା ପାଇଁ ଏପରି ସ୍ପ୍ରେ ଉପଲବ୍ଧ କରାଇବାରେ ଭାରତ ବିଶ୍ୱରେ ପ୍ରଥମ ଦେଶ ହେବ। ଆମେରିକାର ମହାକାଶ ଏଜେନ୍ସି ନାସା ମଧ୍ୟ ଏହାକୁ ବ୍ୟବହାର କରିବା ପାଇଁ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର(ଇସ୍ରୋ) ସହ ଯୋଗାଯୋଗ କରୁଛି। ମହାକାଶଯାନରେ ଜାଗା ଅଭାବରୁ ସେଥିରେ ବେଶି ପାଣି ନେବା ସମ୍ଭବ ନୁହେଁ। ମହାକାଶଚାରୀମାନେ ନ ଗାଧୋଇଲେ ଶରୀରରେ ବିଭିନ୍ନ ଜୀବାଣୁ ମଧ୍ୟ ବୃଦ୍ଧିପାଆନ୍ତି। ଏଣୁ ମହାକାଶରେ ଗାଧୋଇବା ଲାଗି ଭିନ୍ନଭିନ୍ନ ପ୍ରକାରର ପାଣି ବ୍ୟବହାର କରାଯାଏ। ଏମିତିକି ସେମାନେ ପରିସ୍ରା ସଂଗ୍ରହ କରି ତାହାକୁ ରିସାଇକ୍ଲିଂ କରି ପୁନଃ ବ୍ୟବହାର କରିଥାନ୍ତି। ସେଥିପାଇଁ ମହାକାଶଯାନରେ ଗାଧୋଇବା ସମସ୍ୟାକୁ ଲକ୍ଷ୍ୟ କରି ଏହି ବିକଳ୍ପ ବ୍ୟବସ୍ଥା କରାଯାଇଛି। ବିନା ପାଣିରେ ସ୍ପ୍ରେ ଦ୍ୱାରା ସ୍ନାନ କରିବାର ଜ୍ଞାନକୌଶଳ ଉପରେ କାମ କରିଥିବା ଡ.ପୁନିତ ଗୁପ୍ତା କହନ୍ତି କି , ୨୦୧୮ରେ ସେ ଷ୍ଟାର୍ଟଅପ୍ ଆରମ୍ଭ କରି ଆଇଆଇଟି,ଦିଲ୍ଲୀ ସହ ମିଶି ଇସ୍ରୋ ପାଇଁ ଏହି ପ୍ରୋଜେକ୍ଟ ଉପରେ କାମ କରିଥିଲେ। ସେବେଠାରୁ ଆଜି ପର୍ଯ୍ୟନ୍ତ ନେଭି ଓ ଆର୍ମି କମାଣ୍ଡୋମାନେ ଏହାକୁ ବ୍ୟବହାର କରୁଛନ୍ତି। ଏହି ସ୍ପ୍ରେକୁ ରାୟପୁର ସମେତ ୨୦୦ରୁ ଅଧିକ ସରକାରୀ ହସ୍ପିଟାଲରେ ବ୍ୟବହାର କରାଯାଉଛି।



# ଗିନିଜ୍ ରେକର୍ଡରେ ଭାରତ ପାନ୍ଥୁ

**ବେଙ୍ଗାଲୁରୁ:** କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ କମ୍ ସମୟରେ ସାଇକେଲ ଯାତ୍ରା କରି ଲ୍ୟୁଟ୍‌ନାଟ୍ କଲୋନେଲ୍ ଭାରତ ପାନ୍ଥୁ ଗିନିଜ୍ ରେକର୍ଡ କରିଛନ୍ତି। ସେ ଧାର୍ଯ୍ୟ ୩୬ ହଜାର କି.ମି.କୁ ୮ ଦିନ ୯ ଘଣ୍ଟା ୪୮ ମିନିଟ୍‌ରେ ଅତିକ୍ରମ କରିପାରିଛନ୍ତି। ଭାରତ ଅକ୍ଟୋବର ୨୧ରେ ଶ୍ରୀନଗରରୁ ଯାତ୍ରା ଆରମ୍ଭ କରିଥିଲେ। ଅକ୍ଟୋବର ୨୯ରେ ସେ କନ୍ୟାକୁମାରୀରେ ପହଞ୍ଚିଥିଲେ। ସେ ହରିୟାଣା ରୋହତକ୍‌ର ବାସିନ୍ଦା। ସମ୍ପ୍ରତି ଭାରତୀୟ ବାୟୁସେନାର ବେଙ୍ଗାଲୁରୁ ୟୁନିଟ୍‌ରେ ସେ କାର୍ଯ୍ୟ କରୁଛନ୍ତି। ସେ ଏପରି କରି ଦିଲ୍ଲୀର ସାଇକେଲ ଚାଳକଙ୍କ ୧୦ଦିନ ୩ ଘଣ୍ଟା ୨ ମିନିଟ୍ ରେକର୍ଡ ଭଙ୍ଗ କରିଛନ୍ତି। ଯାତ୍ରା ସମୟରେ ଭାରତ ପ୍ରତିଦିନ ୨୧ ଘଣ୍ଟା ସାଇକେଲ ଚଳାଇ ୪୨୦-୪୪୦ କିମି ଦୂରତା ଅତିକ୍ରମ କରିଥିଲେ।

## ୮ ଦିନରେ କଶ୍ମୀରରୁ କନ୍ୟାକୁମାରୀ ଯାତ୍ରା



## ସଂକ୍ଷେପରେ

### ଚାକିରିରୁ ନିଲମ୍ବିତ ହେଲେ ରାୟଗଡ଼ା ଡିଏଫ୍‌ଓ

ଭୁବନେଶ୍ୱର,୨।୧୧(ବ୍ୟୁରୋ): ରାୟଗଡା ବନଖଣ୍ଡର ଡିଏଫ୍‌ଓ ଦେବାର୍ଚ୍ଚନ ବେହେରାଙ୍କୁ ରାଜ୍ୟ ସରକାର ଶନିବାର ଚାକିରିରୁ ନିଲମ୍ବିତ କରିଛନ୍ତି। ତାଙ୍କ ନାମରେ ଦୁର୍ନୀତି ସହ ସଙ୍ଗିନ ଅଭିଯୋଗ ଥିବା ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ସରକାରୀ କୋଠା ନିର୍ମାଣ ଓ ରକ୍ଷଣାବେକ୍ଷଣ, ଷ୍ଟୋର ପାଇଁ ଜିନିଷପତ୍ର କିଣାକିଣିରେ ହେରଫେର କରିଥିବା ତାଙ୍କ ନାମରେ ଅଭିଯୋଗ ରହିଛି। ଏଥିସହିତ କାର୍ଯ୍ୟସ୍ଥଳରେ ମହିଳାଙ୍କୁ ଅସଦାଚରଣ କରିବା ଭଳି ଅଭିଯୋଗ ମଧ ରହିଛି। ଏସବୁର ତଦନ୍ତ ଜାରି ରହିଥିବା କୁହାଯାଇଛି।

### ଅଙ୍କ କଷି ନ ପାରିବାରୁ ଛାତ୍ରୀଙ୍କୁ ଦଣ୍ଡ

ଔପଦା,୨।୧୧(ଡି.ଏନ.ଏ.): ବାଲେଶ୍ୱର ଜିଲା ଔପଦା ବ୍ଲକ ଗଡ଼ସାହି ପଞ୍ଚାୟତର ପଣ୍ଡୁଆ ପ୍ରାଥମିକ ବିଦ୍ୟାଳୟର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀ କଳାପଟାରେ ଅଙ୍କ କଷି ନ ପାରିବାରୁ ସହକାରୀ ଶିକ୍ଷକ ତାଙ୍କୁ ଦଣ୍ଡବିଧାନ କରିଥିଲେ। ପରିଣାମ ସ୍ୱରୂପ ଉକ୍ତ ଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବନ ହେବାକୁ ପଡିଛି। ଛାତ୍ରୀଙ୍କ ପିତା ଶିକ୍ଷକଙ୍କ ବିରୋଧରେ ଔପଦା ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ.୭୫/୧୯) ରୁଜୁ କରିଛି। ସହକାରୀ ଶିକ୍ଷକ ସୁଦାମ ଚରଣ ସେଠୀ ଗତ ୩୦ ତାରିଖରେ ଶ୍ରେଣୀରେ ସବୁ ପିଲାଙ୍କୁ କଳାପଟା ନିକଟକୁ ଡାକି ଅଙ୍କ କଷିବାକୁ କହିଥିଲେ। ଉକ୍ତ ଛାତ୍ରୀଜଣକ ଅଙ୍କ କଷି ନ ପାରିବାରୁ ଶିକ୍ଷକ ବିରକ୍ତ ହୋଇ ପାଠ କାହିଁକି ପଢୁନୁ ବୋଲି କହି ତାଙ୍କ ଆପ୍ରୋନକୁ ଝିଙ୍କି ଦେଇଥିଲେ। ଏଥିରେ ଛାତ୍ରୀଙ୍କର ତଣ୍ଟି ଚାପି ହୋଇଯାଇଥିବା, ସମ୍ପୃକ୍ତ ଶିକ୍ଷକ ଜୀବନରୁ ମାରିଦେବାକୁ ଉଦ୍ୟମ ଓ ଦୁର୍ବ୍ୟବହାର କରିଥିବା ନେଇ ଛାତ୍ରୀଙ୍କ ପିତା ଔପଦା ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି।




# ବିଷାକ୍ତ ମଦ ପିଇ ଜଣେ ମୃତ, ୨୦ଅସୁସ୍ଥ

କଲ୍ୟାଣସିଂହପୁର,୨।୧୧(ଡ଼ି.ଏନ.ଏ)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଧାମଣିପଙ୍ଗା ପଞ୍ଚାୟତ ଡ଼େପାଗୁଡ଼ା ଗ୍ରାମରେ ବିଷାକ୍ତ ମଦ ପିଇ ଶୁକ୍ରବାର ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ହେଲେ ଧନଫୁଲ ହୁଇକା । ବ୍ଲକର ବିଭିନ୍ନ ଗ୍ରାମରେ ଆହୁରି ୨୦ ଜଣ ଅସୁସ୍ଥ ହୋଇଛନ୍ତି । ସେମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ଯାଇ ଗାଁରେ ଚେରମୂଳି ଖାଇ ଚିକିତ୍ସିତ ହେଉଥିବା ବ୍ଲକ ଉପାଧ୍ୟକ୍ଷ ପ୍ରମିଳା ପ୍ରେପକା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଶନିବାର ଏଡିଏମଓ ମମତା ଚୌଧୁରୀ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଘଟଣାର ତଦନ୍ତ କରିଛନ୍ତି । ସବିଶେଷ ତଥ୍ୟ ପାଇବା ପରେ ଜିଲାପାଳଙ୍କୁ ରିପୋର୍ଟ ଦେବେ ବୋଲି କହିଛନ୍ତି। ସେହିପରି ଅବକାରୀ ବିଭାଗ ପକ୍ଷରୁ ଏକ ଟିମ୍ ଉକ୍ତ ଅଞ୍ଚଳକୁ ଯାଇ ଅନୁଧ୍ୟାନ କରିଛି । ଶୁକ୍ରବାର ମଧ୍ୟାହ୍ନରେ ଧନଫୁଲ ପୋଖରୀକୁ ଗାଧୋଇବାକୁ ଯାଇ ଫେରିବାବେଳେ ମଦ ପିଇଥିଲେ। ପରେ ତାଙ୍କର ପେଟବ୍ୟଥା ଆରମ୍ଭ ହୋଇଥିଲା । ଯନ୍ତ୍ରଣା ବଢିବାରୁ ପରିବାର ଲୋକେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ଶନିବାର କୌଣସି ଅସୁସ୍ଥ ବ୍ୟକ୍ତି ସ୍ୱାସ୍ଥ୍ୟକେନ୍ଦ୍ର ଆସି ନ ଥିବା ମେଡ଼ିକାଲ ଇନ୍‌ଚାର୍ଜ ଚିନ୍ମୟୀ କୁମାର ଲିମା ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ, କଲ୍ୟାଣସିଂହପୁର ବ୍ଲକ କୁଲୁମଇ ଓ ଶିରିପୁର ଗ୍ରାମରେ ଦୁଇ ଦିନ ମଧ୍ୟରେ ଝାଡ଼ାବାନ୍ତିରେ ୬ ଜଣ ଗୁରୁତର ହୋଇଥିଲେ । ସେମାନେ ହଲେ ଓ୍ୱାନ୍ଦଲକା ବିଶ୍ୱନାଥ, ଓ୍ୱାନ୍ଦଲକା ବଳରାମ, ସାମା ଏଶିକା, କାଡ୍ରାକା କୀର୍ତ୍ତି, ଅର୍ଜୁନ କାଡ୍ରାକା, ହୀରା ନିଶିକା । ସେମାନେ ବିଷାକ୍ତ ମହୁଲି ମଦ ପିଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାଯାଇଛି । ଏହା କିପରି ହୋଇଛି, ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ଏସ୍‌ପି ଶ୍ରବଣ ବିବେକ୍ ଏମ୍ ଓ ସିଡିଏମଓ ଆର୍ତ୍ତବନ୍ଧୁ ନାୟକଙ୍କୁ ଜିଲାପାଳ ପ୍ରମୋଦ କୁମାର ବେହେରା ନିର୍ଦ୍ଦେଶ ଦେଇଥିଲେ ।

# ପେପରବିହୀନ ରେଳ କାର୍ଯ୍ୟାଳୟକୁ ଗୁରୁତ୍ୱ

## ପ୍ରଥମ ପର୍ଯ୍ୟାୟରେ ୫୮ ୟୁନିଟ୍ ହେଲା ଇ- ଅଫିସ୍

ଭୁବନେଶ୍ୱର, ୨।୧୧(ବ୍ୟୁରୋ)

କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଆଣିବା ସହ ପେପରବିହୀନ ରେଳ କାର୍ଯ୍ୟାଳୟ (ଇ -ଅଫିସ୍) କାର୍ଯ୍ୟକାରୀ ଉପରେ ଭାରତୀୟ ରେଳପଥ ବେଶ୍ ତତ୍ପରତାର ସହ କାର୍ଯ୍ୟ କରୁଛି। ନ୍ୟାଶନାଲ ଇ-ଗଭର୍ନାନ୍ସ ଯୋଜନାରେ ରେଲୱେ ପ୍ରଥମ ପର୍ଯ୍ୟାୟରେ ୫୮ଟି ୟୁନିଟ୍‌କୁ ସମ୍ପୂର୍ଣ୍ଣ ଇ-ଅଫିସ୍‌ରେ ପରିଣତ କରିଛି। ଏହି ଯୋଜନା ଅନ୍ତର୍ଗତ ଏନ୍‌ଆଇସି ଇ-ସୁଟ୍ ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ୩୦ ଅକ୍ଟୋବରରେ ସମ୍ପୂର୍ଣ୍ଣ ହୋଇଛି। ଗତ ମାର୍ଚ୍ଚରେ ରେଲଟେଲ୍ ଓ ଭାରତୀୟ ରେଳପଥ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ରେଲଟେଲ୍ ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ପ୍ରଥମ ପର୍ଯ୍ୟାୟର ଧାର୍ଯ୍ୟ ଲକ୍ଷ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ରାଜିନାମାରେ ଉଲ୍ଲେଖ ରହିଥିଲା। ତେବେ ଯଥେଷ୍ଟ ସମୟର ୪ ମାସ ପୂର୍ବରୁ କାର୍ଯ୍ୟ ଶେଷ ହୋଇଯାଇଛି। ଏହାଦ୍ୱାରା ରେଲୱେ ୫୦ ହଜାରରୁ ଅଧିକ ବ୍ୟବହାରକାରୀ ସୃଷ୍ଟି କରିପାରିଛି। ଏଥିସହ ଏହି ସମସ୍ତ ୟୁନିଟ୍‌ର ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ତାଲିମ୍ ଦିଆଯାଇଛି। ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ଅଟେ, ଏଥିପାଇଁ ଏକ ମନିଟରିଂ ୟୁନିଟ୍ ମଧ୍ୟ ଗଠନ କରାଯାଇଛି। ଯାହା କାର୍ଯ୍ୟଶୈଳୀ ଉପରେ ନଜର ରଖିବା ସହ ପରିଚାଳନାର ପ୍ରମୁଖ ଦାୟିତ୍ୱ ବହନ କରିବ। ଏଥିରେ ପରିଚାଳନାଗତ ଖର୍ଚ୍ଚ କମିବା ସହ ପରୋକ୍ଷରେ ପ୍ରଦୂଷଣ ମଧ୍ୟ କମିବ। ଇ-ଅଫିସ୍ ହେଉଛି ନ୍ୟାଶନାଲ ଇ-ଗଭର୍ନାନ୍ସ ଯୋଜନାର ଏକ ମିଶନ ପ୍ରକଳ୍ପ। କାଗଜବିହୀନ, ଦକ୍ଷ, କ୍ରିୟାଶୀଳ ଓ ସ୍ୱଚ୍ଛ କାର୍ଯ୍ୟଶୈଳୀ କରିବା ଏହି ଯୋଜନାର ଲକ୍ଷ୍ୟ ବୋଲି ରେଳପଥ ପକ୍ଷରୁ କୁହାଯାଇଛି। ଏନ୍‌ଆଇସି ଇ-ଅଫିସ୍ ନ୍ୟାଶନାଲ ଇନଫରମେଟିକ୍ସ ସେଣ୍ଟର ଦ୍ୱାରା ପ୍ରସ୍ତୁତ ଏକ ସଫ୍ଟୱେର। ଏହା ରେଲଟେଲ୍ ଟାୟାର-୩ ପ୍ରମାଣିତ ଡାଟା ସେଣ୍ଟର ସିକନ୍ଦରାବାଦ ଓ ଗୁରୁଗ୍ରାମ ଦ୍ୱାରା ପରିଚାଳିତ ହେଉଛି।

# ବିଶାଖା ଏକ୍ସପ୍ରେସ ଦୁଇଭାଗ ହୋଇ ଗଡ଼ିଲା

## ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତିଲେ ଯାତ୍ରୀ

ବାଲୁଗାଁ,୨।୧୧ (ଡି.ଏନ୍.ଏ.)

ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ ବାଲୁଗାଁ-ଚିଲିକା ଷ୍ଟେଶନ ମଧ୍ୟସ୍ଥ ବଡକୁଳ ଲେଭଲ କ୍ରସିଂଠାରେ ଶନିବାର ପୂର୍ବାହ୍ନରେ ବିଶାଖା ଏକ୍ସପ୍ରେସ ଟ୍ରେନ ଚଳନ୍ତା ଅବସ୍ଥାରେ ଇଞ୍ଜିନଠାରୁ ବଗି ଅଲଗା ହୋଇଯାଇଥିଲା । ତେବେ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଯାତ୍ରୀମାନେ ଏକ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ସୂଚନା ଅନୁସାରେ, ଭୁବନେଶ୍ୱରରୁ ସିକନ୍ଦରାବାଦ ଅଭିମୁଖେ ଯାଉଥିବା ୧୭୦୧୫ ନମ୍ବର ବିଶିଷ୍ଟ ବିଶାଖା ଏକ୍ସପ୍ରେସ ଶନିବାର ପୂର୍ବାହ୍ନ ୧୦.୨୩ ମିନିଟ୍‌ରେ ବାଲୁଗାଁ ରହଣି ପରେ ଛାଡିଥିଲା। ପ୍ରାୟ ୪କି.ମି. ଅତିକ୍ରମ ପରେ ବଡକୁଳ ରେଳବାଇ ଫାଟକ ଅନତି ଦୂରରେ ହଠାତ୍ ଇଞ୍ଜିନ ସହ ସଂଲଗ୍ନ ୮ ଗୋଟି ବଗି ତଥା ଶୀତତାପ ନିୟନ୍ତ୍ରିତ ଏସି ଟୁ ଟାୟାର ଓ ସ୍ଲିପର ଏସ୍-୧୪ଠାରୁ ଅବଶିଷ୍ଟ ବଗି ମଧ୍ୟରେ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଫଳରେ ଚଳନ୍ତା ଟ୍ରେନ୍‌ଟି ଦୁଇଭାଗ ହୋଇ ଗଡି ଚାଲିଥିବାବେଳେ ଯାତ୍ରୀମାନେ ଭୟଭୀତ ହୋଇ ଚିତ୍କାର କରିଥିଲେ। ତେବେ ଡ୍ରାଇଭର ଏ ସମ୍ପର୍କରେ ଜାଣିପାରି ଉପସ୍ଥିତ ବୁଦ୍ଧି ଖଟାଇ ବିଚ୍ଛିନ୍ନ ବଗିଠାରୁ ପ୍ରାୟ ୧୦୦ ମିଟର ଦୂରତାରେ ଇଞ୍ଜିନ ସଂଲଗ୍ନ ବଗିକୁ ଅଟକାଇଥିଲେ। ଟ୍ରେନ୍ ରହିବା କ୍ଷଣି ଭୟରେ କିଛି ଯାତ୍ରୀ ଟ୍ରେନ୍‌ରୁ ଡେଇଁପଡିଥିଲେ। ତେବେ କେହି ଆହତ ହୋଇ ନ ଥିବା ଜଣାଯାଇଛି। ପରେ ଡ୍ରାଇଭର ଓ ଗାର୍ଡ ପହଞ୍ଚି ତଦାରଖ କରିବାରେ ଇଞ୍ଜିନଠାରୁ ଅଷ୍ଟମ ଓ ନବମ ବଗି ମଧ୍ୟରେ ସଂଯୋଗ କରୁଥିବା କପ୍‌ଲିଙ୍ଗ୍ ଖସିଯାଇଥିବା ଜଣାପଡିଥିଲା। ଖବରପାଇ ସଙ୍ଗେ ସଙ୍ଗେ ବାଲୁଗାଁ ଷ୍ଟେଶନରୁ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସଜାଡିବା ପରେ ପ୍ରାୟ ୧ ଘଣ୍ଟା ବିଳମ୍ବରେ ଟ୍ରେନ୍‌ଟି ପୁନର୍ବାର ଗନ୍ତବ୍ୟସ୍ଥଳ ଅଭିମୁଖେ ଛାଡିଥିଲା। ଖୋର୍ଦ୍ଧା ରେଳମଣ୍ଡଳ ଅଧିକାରୀ ଏହି ଘଟଣାର ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।


ଇଞ୍ଜିନ୍‌ଠାରୁ ଅଲଗା ହୋଇଥିବା ବଗି ।






**କିଛି ତଥ୍ୟ** ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୧.୮ ବିଲିୟନ ଡଲାର ବୃଦ୍ଧି ଘଟି ୪୪୨.୫ ବିଲିୟନ ଡଲାର ଛୁଇଁଛି। – ରିଜର୍ଭ ବ୍ୟାଙ୍କ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................


ସାଇ
ପରିବାରବର୍ଗ


ଆର୍ଯ୍ୟନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜେଲ ଫେରନ୍ତା ଯୁବକଙ୍କୁ ହତ୍ୟା

**ଅପହରଣ ମାମଲାରେ ଗିରଫ ହୋଇଥିଲେ**

ପାଲଲହଡ଼ା, ୨।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ପାଲଲହଡ଼ା ଥାନା ବିଦ୍ୟୁତ୍ ଅଫିସ୍ ଛକଠାରେ ଶନିବାର ଏକ ହତ୍ୟାକାଣ୍ଡ ଘଟିଛି। ଉପଖଣ୍ଡର ଉଦିତନଗର ସାହିର ନରେନ୍ଦ୍ର ବେହେରା(୨୫)ଙ୍କୁ କେହି ଦୁର୍ବୃତ୍ତ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ଫେରାର ଥିବାବେଳେ ପୋଲିସ ଏକ ମାମଲା ରୁଜୁ କରି ତନାଘନା ଚଳାଇଛି।

ପୋଲିସ ସୂଚନା ମୁତାବକ, ସକାଳେ ନରେନ୍ଦ୍ର ଇଲେକ୍ଟ୍ରିକ୍ ଅଫିସ ଛକ ନିକଟକୁ ଚା' ପିଇବାକୁ ଆସିଥିଲେ। ରାସ୍ତାରେ ବାଇକ୍ ରଖି ସେ ଦୋକାନ ଭିତରକୁ ପଶୁଥିବାବେଳେ ଜଣେ ଯୁବକ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଛାତିକୁ ଆକ୍ରମଣ କରିଥିଲେ। ନରେନ୍ଦ୍ର ଜୀବନ ବିକଳରେ ଦୌଡିଯାଇ ପାଖରେ ଥିବା ଏକ ଘରେ ପଶିଯିବାରୁ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲେ। ଖବରପାଇ ପାଲଲହଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନରେନ୍ଦ୍ରଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଅସ୍ତ୍ରକୁ ଜବତ କରିବା ସହ ନଂ. ୧୫୬/୧୯ରେ ଏକ ମାମଲା ରୁଜୁ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେହି ନରେନ୍ଦ୍ରଙ୍କୁ ହତ୍ୟା କରିଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ଖୁବଶୀଘ୍ର ହତ୍ୟାକାରୀଙ୍କୁ ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଆଶିଷ କୁମାର ଦାସ କହିଛନ୍ତି। ସୂଚନାଯୋଗ୍ୟ, ନରେନ୍ଦ୍ର ପୂର୍ବରୁ ଜଣେ ନାବାଳିକାଙ୍କୁ ଅପହରଣ ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ। କିଛିଦିନ ପୂର୍ବରୁ ସେ ଜାମିନରେ ଆସିଥିଲେ। ଏହାକୁ କେନ୍ଦ୍ର କରି ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛି।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ନୟାଗଡ଼ବାସୀ


ନୟାଗଡ଼ବାସୀଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଭୁବନେଶ୍ୱର,୨।୧୧(ବ୍ୟୁରୋ)

ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅତିରିକ୍ତ ୧୦୦ ଶଯ୍ୟା ବ୍ୟବସ୍ଥା କରାଯିବ। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ନିକଟରେ ଘୋଷଣା କରିସାରିଛନ୍ତି। ଏଥିସହିତ ନୟାଗଡ ଜିଲା ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନୟନ ପାଇଁ ଏକାଧିକ ଘୋଷଣା କରିଛନ୍ତି। ତେଣୁ ନୟାଗଡ ବିଧାନସଭା ନିର୍ବାଚନମଣ୍ଡଳୀର ଶତାଧିକ ଜନସାଧାରଣ, ବିଜେଡିର ତୃଣମୂଳସ୍ତରୀୟ ନେତା ମୁଖ୍ୟମନ୍ତ୍ରୀଙ୍କୁ ଶନିବାର ନବୀନ ନିବାସରେ ଭେଟି କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ କୃଷିମନ୍ତ୍ରୀ ଅରୁଣ ସାହୁ ମଧ୍ୟ ଉପସ୍ଥିତ ଥିଲେ। ଅରୁଣ କହିଛନ୍ତି ଯେ ବିଜୁବାବୁ ନୟାଗଡକୁ ଜିଲା କରି ଜିଲାବାସୀଙ୍କୁ ନବେ ଦଶକରେ ଗୌରବାନ୍ୱିତ କରିଥିଲେ। ତାଙ୍କ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୟାଗଡର ନିରନ୍ତର ବିକାଶ ପାଇଁ ଚେଷ୍ଟା ଜାରି ରଖିଛନ୍ତି। ବିଶେଷକରି ସ୍ୱାସ୍ଥ୍ୟ ଓ ଶିକ୍ଷାରେ ନୟାଗଡ ଅନ୍ୟ ଜିଲା ଅପେକ୍ଷା ଆଗୁଆ ହୋଇପାରିଛି। ତେଣୁ ସମଗ୍ର ନୟାଗଡବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଯାଇଥିବା ଅରୁଣ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ ବ୍ଲକ ଚେୟାରମ୍ୟାନ ଗୋଲାପ ଦଳବେହେରା, ଓଡଗାଁ ବ୍ଲକ ଅଧ୍ୟକ୍ଷ ଅନନ୍ତ ବେହେରା, ନୟାଗଡ ଏନ୍ଏସି ପୂର୍ବତନ ଅଧ୍ୟକ୍ଷ ଗୁରୁପ୍ରସାଦ ଜେନା, ନୟାଗଡ଼ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଲୋକନାଥ ସାହୁ ଏବଂ ସ୍ଥାନୀୟ ନେତ୍ରୀ ଜୟଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷୟିତ୍ରୀଙ୍କ ସ୍ୱାମୀଙ୍କ ମାଡ଼ରେ ୧୦ ଛାତ୍ରୀଛାତ୍ର ଆହତ

**ଜାଲପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟ**

- ଶିକ୍ଷୟିତ୍ରୀ ନିଲମ୍ବିତ,ଥାନାରେ ମାମଲା ରୁଜୁ

ପାଟଣାଗଡ଼, ୨।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ତମିଆଁ ପଞ୍ଚାୟତ ଅନ୍ତର୍ଗତ ଜାଲପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀଙ୍କ ସ୍ୱାମୀଙ୍କ ମାଡରେ ୧୦କୋମଳମତି ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ସେମାନଙ୍କ ପିଠିରେ ମାଡ଼ ଦାଗ ସ୍ପଷ୍ଟ ଦିଶୁଛି। ସେହି ପିଲାଙ୍କ ମଧ୍ୟରୁ ୨ଜଣଙ୍କୁ ଘସିଏନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିବା ଅଭିଭାବକମାନେ କହିଛନ୍ତି । ଏନେଇ ଲରମ୍ଭା ଥାନାରେ ଏକ ମାମଲା(ନଂ. ୧୦୭/୧୯ )ରୁଜୁ ହୋଇଛି । ଉକ୍ତ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ବିନୋଦ ବିହାରୀ ନାଏକ କହିଛନ୍ତି। ପିଲାଙ୍କୁ ମାଡ ମାରିଥିବା ଶିକ୍ଷୟିତ୍ରୀଙ୍କ ସ୍ୱାମୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏହି ଘଟଣାରେ ଶିକ୍ଷୟିତ୍ରୀ ଲକ୍ଷ୍ମୀ ମେହେରଙ୍କୁ ଜିଲାପାଳ ନିଲମ୍ବିତ କରିଥିବା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁରେଶ ଚନ୍ଦ୍ର ମିଶ୍ର କହିଛନ୍ତି।

# ଡିସେମ୍ବର ୧୪ରୁ ମେରାଇନ୍ ଡ୍ରାଇଭ ଇକୋ ରିଟ୍ରିଟ୍ ଫେଷ୍ଟିଭାଲ

ଭୁବନେଶ୍ୱର,୨।୧୧(ବ୍ୟୁରୋ)

ବିଶ୍ୱପ୍ରସିଦ୍ଧ କୋଣାର୍କ ସହରଠାରୁ ୮ କି.ମି ଦୂରରେ ମେରାଇନ୍ ଡ୍ରାଇଭ ଇକୋ ରିଟ୍ରିଟ ଫେଷ୍ଟିଭାଲ ଅନୁଷ୍ଠିତ ହେବ। ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ ରାସ୍ତା ମଧ୍ୟରେ ଏହି ଫେଷ୍ଟିଭାଲ ଆସନ୍ତା ଡିସେମ୍ବର ୧୪ରୁ ଜାନୁୟାରୀ ୧୪ ମଧ୍ୟରେ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ବସିଥିବା ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏପରିକି ଏହି ଉତ୍ସବକୁ ସଫଳ କରିବା ପାଇଁ ସଂପୃକ୍ତ ବିଭାଗ ତାଙ୍କ ଶ୍ରେଷ୍ଠ ଉଦ୍ୟମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଆୟୋଜନ ପୁରୀ-କୋଣାର୍କ ସହର ବିକାଶ, ଶାମୁକା ପ୍ରକଳ୍ପ ଉନ୍ନୟନ ସହ ପର୍ଯ୍ୟଟନ ଦକ୍ଷତା ବୃଦ୍ଧି କରିବ ବୋଲି ଆଶା କରାଯାଉଛି।


ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ପଦାଧିକାରୀମାନେ।

ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ମାସେ ବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟକମାନଙ୍କ ରହିବା ପାଇଁ ବିଳାସପୂର୍ଣ୍ଣ ଟେଣ୍ଟ, ସାଂସ୍କୃତିକ ବିଚିତ୍ରା, ଥ୍ରୀଡି ମ୍ୟାପିଂ, ଫୁଡ୍ ଫେଷ୍ଟିଭାଲ, ରୋମାଞ୍ଚକର କ୍ରୀଡ଼ା, ଜଳକ୍ରୀଡ଼ା ଭଳି ଆନ୍ତର୍ଜାତିକ ମାନର ବ୍ୟବସ୍ଥା ପର୍ଯ୍ୟଟକଙ୍କ ପାଇଁ କରାଯିବ। କେବଳ ପର୍ଯ୍ୟଟକମାନଙ୍କ ରହିବା ପାଇଁ ୫୦ଟି କୋଠରି ବିଶିଷ୍ଟ ବିଳାସପୂର୍ଣ୍ଣ ଟେଣ୍ଟ କଟେଜ ନିର୍ମାଣ କରାଯିବ। ଏହି କୋଠରିରେ ନିରନ୍ତର ଭାବେ ଜଳ, ବିଦ୍ୟୁତ, ପାର୍କିଂର ବ୍ୟବସ୍ଥା କରାଯିବ। ଏହି ଆୟୋଜନକୁ ଦୃଷ୍ଟିରେ ରଖି ମେରାଇନ୍ ଡ୍ରାଇଭ ସଡକର ଆଲୋକୀକରଣ ସହ ସ୍ଥାନୀୟ ଅଞ୍ଚଳର ସୌନ୍ଦର୍ଯ୍ୟକରଣ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ସମେତ ଏହି ବୈଠକରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା, ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଲୋପାମୁଦ୍ରା ମହାନ୍ତି


ସଂଗ୍ରାମ କେଶରୀ ପୃଷ୍ଟି

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

### ଫନୀ ସହାୟତାରେ ଅନିୟମିତତା ଅଭିଯୋଗ

# ଏସ୍ଆର୍ସିଙ୍କ ନିକଟରେ ଫେରାଦ ହେଲା ଭାଜପା

ଭୁବନେଶ୍ୱର,୨।୧୧(ବ୍ୟୁରୋ)

ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ରାଜ୍ୟର ୧୪ଟି ଜିଲା ବହୁଳ ପ୍ରଭାବିତ ହୋଇଥିଲା। ହେଲେ ଏହି ଜିଲାଗୁଡିକର କ୍ଷତିଗ୍ରସ୍ତ ଲୋକେ ଏଯାବତ୍ ସରକାରୀ କ୍ଷତିପୂରଣ ପାଇ ନ ଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏପରିକି ସହାୟତା ଆଳରେ ଶାସକ ଦଳ ପକ୍ଷରୁ ଜାଲିଆତି ହୋଇଥିବା ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆରସି)ଙ୍କ ନିକଟରେ ଫେରାଦ ହୋଇ ଭାଜପା ଅଭିଯୋଗ ଆଣିଛି।

ଭାଜପା ପ୍ରତିନିଧି ଦଳ ଏସ୍ଆର୍ସି ପ୍ରଦୀପ ଜେନାଙ୍କୁ ଭେଟି ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଛି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି ଯେ, ୧୪ ଜିଲାରେ ପୂର୍ଣ୍ଣ, ଗୁରୁତର ଓ ଆଂଶିକ ୩ ପ୍ରକାରଭେଦ ଭାବେ ତାଲିକା ପ୍ରସ୍ତୁତ ହୋଇଛି। ସରକାରଙ୍କ ପକ୍ଷରୁ ଭଙ୍ଗାଘର ସଂଖ୍ୟା ୩ ଲକ୍ଷ ୮୯ ହଜାର ବୋଲି ଦର୍ଶାଯାଇ ଜାଲିଆତି କରାଯାଇଛି। ଦଳୀୟ ଭିତ୍ତିରେ ହିତାଧିକାରୀ ଚୟନ କରାଯାଉଛି । ତେଣୁ ରିଲିଫ କମିଶନର ଏଥିରେ ହସ୍ତକ୍ଷେପ କରି ଉପଯୁକ୍ତ ତଦନ୍ତ କରାଇବା ସହ ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରନ୍ତୁ। ଅନୁରୂପ ଭାବେ କେଳେଙ୍କାରୀ କରିଥିବା ଅଧିକାରୀ, ରାଜନେତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ କରାଯାଉ ବୋଲି ମୋହନ ଦାବିକରିଛନ୍ତି। ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପସଭାପତି ସମୀର ମହାନ୍ତି, ବିଧାୟକ ଜୟନ୍ତ ଷଡଙ୍ଗୀ, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଓ ଦିଲୀପ ମଲ୍ଲିକ, ମୁଖପାତ୍ର ଗୋଲକ ମହାପାତ୍ର, ଶାରଦା ପ୍ରଧାନ, ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ପ୍ରମୁଖ ସାମିଲ ଥିଲେ।

# ୮ବର୍ଷର ଶିଶୁକନ୍ୟାଙ୍କୁ ଗଳାକାଟି ହତ୍ୟା

**ଅଭିଯୁକ୍ତ ବାପା ଗିରଫ, ପୋଲିସ ତଦନ୍ତ ଜାରି**

ଖଡିଆଳ,୨।୧୧(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡିଆଳ ବ୍ଲକ କୋଟାମାଳ ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ବାପା ନିଜ ୮ବର୍ଷର ଝିଅକୁ ଏକ ଧାରୁଆ ଅସ୍ତ୍ରରେ ଗଳାକାଟି ହତ୍ୟା କରିଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମୃତକ ଶିଶୁ କନ୍ୟା ହେଲେ ଅଭିଯୁକ୍ତ ମହେନ୍ଦ୍ର କେତକୀଙ୍କ ଝିଅ ସରିତା (୮)। ସେ ସ୍ଥାନୀୟ ପ୍ରାଥମିକ ସ୍କୁଲରେ ତୃତୀୟ ଶ୍ରେଣୀରେ ପାଠ ପଢୁଥିଲେ ।

ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ସ୍କୁଲ ଛୁଟି ହେବା ପରେ ସରିତା ଘରକୁ ଆସି ଏକାକି ଥିଲେ। ବାପା ମହେନ୍ଦ୍ର ଅପରାହ୍ଣ ପ୍ରାୟ ୫ଟାରେ ଘରକୁ ଆସିଥିଲେ। ହେଲେ କୌଣସି କାରଣକୁ ନେଇ ସେ ଏକ ପନିକିରେ ଝିଅ ସରିତାଙ୍କ ଗଳା କାଟି ହତ୍ୟା କରିଥିଲେ। ପରେ ଘର କବାଟ ବନ୍ଦ କରି ଫେରାର ହୋଇଯାଇଥିଲେ। ମହେନ୍ଦ୍ରଙ୍କ ସ୍ତ୍ରୀ ଲଳିତା ଜମିରୁ ଘରକୁ ଆସି ସରିତାଙ୍କ ରକ୍ତଜୁଡୁବୁଡୁ ମୃତଦେହ ପଡିଥିବା ଦେଖି ଚିତ୍କାର କରିଥିଲେ। ତାଙ୍କ ଚିତ୍କାର ଶୁଣି ପରିବାର ଲୋକଙ୍କ ସହ ସମ୍ପର୍କୀୟ ଘଟଣାସ୍ଥଳରେ ପହଞ୍ଚି ଖଡିଆଳ ଥାନା ପୋଲିସକୁ ଖବର ଦେଇଥିଲେ। ଖଡିଆଳ ଥାନା ଆଇଆଇସି କୈଳାସ ଚନ୍ଦ୍ର ସେଠୀ, ଏଏସ୍ଆଇ ଜିତୁ ମୋହନ ବେଶ୍ରା, ରେବତୀ ଦୁର୍ଗା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଡମ୍ବରୁଧର ପ୍ରଧାନ ଓ ହାବିଲଦାର ଏସ୍.ଏନ୍ ଦାସଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଗାଁରେ ପହଞ୍ଚି ମୃତଦେହ ଜବତ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ପନିକି ଜବତ କରିଥିଲେ। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା(ନଂ.୩୦୫/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଫେରାର ହତ୍ୟାକାରୀ ବାପା ମହେନ୍ଦ୍ରଙ୍କୁ ପୋଲିସ କୋଟାମାଳ ଗାଁ ନିକଟସ୍ଥ ଜଙ୍ଗଲରୁ ଗିରଫ କରି କୋର୍ଟ ଚାଲାଣ କରିଛି।

ପ୍ରଥମ ପୃଷ୍ଠାରୁ...

## ଧୂଆଁ, ଧୂଳି...

ବିଭିନ୍ନ ଗ୍ୟାସ୍ ଓ ଧୂଳିକଣାର ଅନୁପାତ ୦ରୁ ୫୦ ମଧ୍ୟରେ ରହିଲେ ମଣିଷ ସ୍ୱାସ୍ଥ୍ୟ ପାଇଁ ଉତ୍ତମ। ୫୧ରୁ ୧୦୦ ସନ୍ତୋଷଜନକ, ୧୦୧ରୁ ୨୦୦ ଚଳନୀୟ, ୨୦୧ରୁ ୩୦୦ କ୍ଷତିକାରକ, ୩୦୧ରୁ ୪୦୦ ଅତ୍ୟନ୍ତ କ୍ଷତିକାରକ ଏବଂ ୪୦୧ରୁ ୫୦୦ ରହିଲେ ଭୟଙ୍କର କ୍ଷତିକାରକ। ଅର୍ଥାତ୍ ଏଭଳି ପରିସ୍ଥିତିରେ ମନୁଷ୍ୟ ଅଧିକ ସମୟ ତିଷ୍ଠିପାରିବ ନାହିଁ। ମାତ୍ର ଆଶ୍ଚର୍ଯ୍ୟର କଥା ଯେ, ସହରାଞ୍ଚଳର ପ୍ରଦୂଷଣ ମାପିବା ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ। ଶନିବାର ଭୁବନେଶ୍ୱରରେ ପ୍ରଦୂଷଣ ହାର କେତେ ରହିଥିଲା, ସେନେଇ ତଥ୍ୟ ପାଣିପାଗ ବିଭାଗ କିମ୍ବା ରାଜ୍ୟ ପ୍ରଦୂଷଣ ବୋର୍ଡ ନିକଟରେ ନାହିଁ। କେତେକ ସହରରେ ମାନୁଆଲ ବାୟୁ ପ୍ରଦୂଷଣ ମାପକ ଯନ୍ତ୍ର ଲଗାଯାଇଛି। ତାହା ପୁଣି ମାସେ କିମ୍ବା ଦୁଇମାସରେ ଥରେ ଅପ୍‌ଡେଟ୍ କରାଯାଉଛି। ରାଜ୍ୟ ସରକାର ବାୟୁ ପ୍ରଦୂଷଣକୁ ଅତ୍ୟନ୍ତ ହାଲୁକା ଭାବେ ନେଉଥିବାରୁ ପରିବେଶବିତ୍ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଓଡ଼ିଶାର ଅନେକ ସହର ବାୟୁ ପ୍ରଦୂଷଣର ବିଷ ବଳୟ ଭିତରକୁ ଚାଲିଯିବା ନେଇ ଆଶଙ୍କା ପ୍ରକାଶ ପାଇଲାଣି।

କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ମଧ୍ୟ ଏ ନେଇ ସତର୍କ କଲାଣି। ଓଡ଼ିଶାରେ ବାୟୁ ପ୍ରଦୂଷଣ ଯେ ଚିନ୍ତାର କାରଣ ପାଲଟିଲାଣି, ତାହା ଜଳଜଳ ହୋଇ ଦିଶିଲାଣି। ନିକଟରେ ସିପିସିବି ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ, ଦେଶର ୧୦୬ଟି ଅତ୍ୟନ୍ତ ପ୍ରଦୂଷିତ ସହର ମଧ୍ୟରୁ ଓଡିଶାର ୭ଟି ସହରକୁ ଅନ୍ତର୍ଭୁକ୍ତ କରାଯାଇଛି। ସେହି ସହରଗୁଡିକ ହେଲା ଅନୁଗୋଳ, ବାଲେଶ୍ୱର, ଭୁବନେଶ୍ୱର, କଟକ, ରାଉରକେଲା, ତାଳଚେର ଏବଂ କଳିଙ୍ଗନଗର। ସହରାଞ୍ଚଳଗୁଡ଼ିକର ପ୍ରଦୂଷଣକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଉକ୍ତ ସହରରେ ପ୍ରଦୂଷଣ ମାତ୍ରା ହ୍ରାସ କରିବା ନେଇ କି ପଦକ୍ଷେପ ନିଆଯାଇଛି ସେନେଇ ଏନ୍‌ଜିଟି କୈଫିୟତ ତଲବ କରିଛନ୍ତି। ଏନ୍‌ଜିଟିଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ୭ଟି ସହର ଅନୁଗୋଳ, ବାଲେଶ୍ୱର, ଭୁବନେଶ୍ୱର, କଟକ, ରାଉରକେଲା, ତାଳଚେର ଏବଂ କଳିଙ୍ଗନଗର ପାଇଁ ସମନ୍ୱିତ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରୁଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗ ଜନସଚେତନତା ସୃଷ୍ଟି କରିବା ସହ ସହର ଓ ଖଣି ଅଞ୍ଚଳଗୁଡ଼ିକରେ ସବୁଜ ବଳୟ ସୃଷ୍ଟି ଲାଗି ବ୍ୟାପକ ବୃକ୍ଷ ରୋପଣ କରିବ।

ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଦେଶରେ ବର୍ଷକୁ ପ୍ରାୟ ୧୩ ଲକ୍ଷ ଲୋକଙ୍କର ବାୟୁ ପ୍ରଦୂଷଣ ଯୋଗୁ ମୃତ୍ୟୁ ଘଟୁଛି। ଏହି ବାୟୁ ପ୍ରଦୂଷଣ ମନୁଷ୍ୟର ହାରାହାରି ବଞ୍ଚିବା ସମୟରୁ ମଧ୍ୟ ୨୦ ମାସ କମ୍ କରିଦେଉଛି। ସରକାର ଓ ଜନସାଧାରଣ ସଚେତନ ନ ହେଲେ ପ୍ରଦୂଷଣଜନିତ ସମସ୍ୟା ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପୂର୍ବରୁ ସ୍ଥିରୀକୃତ କୌଣସି ନୂତନ କର୍ମାରମ୍ଭ ସକାଶେ ଯୋଜନା ପ୍ରସ୍ତୁତ କରିବେ। ପାରିବାରିକ ସମସ୍ୟା ସମାଧାନ ହେବା ସକାଶେ ଜଣେ ପ୍ରିୟ ବନ୍ଧୁ ମାର୍ଗଦର୍ଶକ ସାଜିପାରନ୍ତି। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ଚଳାଇ ନେବାକୁ ଚେଷ୍ଟା କରିବେ। ପରିବହନ, ବ୍ୟବସାୟ, ରେଷ୍ଟୁରାଣ୍ଟ କ୍ଷେତ୍ରରେ ବିଶେଷ ସୁଫଳ ପ୍ରାପ୍ତି ହୋଇପାରେ।

**ବୃଷ** ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ ପ୍ରଭୃତି କ୍ଷେତ୍ରରେ ଗ୍ରହସ୍ଥିତି ବାଧକ ସାଜିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ଭଲ ରହିବା ସହ କର୍ମକ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଓ ଅଟକି ରହିଥିବା କାମକୁ ଶେଷ କରି ପାରିବେ। ପରିବାର ଭିତରେ ସମସ୍ୟା ଦେଇ ଗତିକଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**ମିଥୁନ** କୌଣସି ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ। ବ୍ୟବସାୟରେ କ୍ରମଶଃ ସମସ୍ୟା ବଢି ବଢି ବଡ଼ ଆକାର ଧାରଣ କରିବାର ସମ୍ଭାବନା ରହିଛି। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ସାଧାରଣ କଥାକୁ ନେଇ ରାଗିଥିବା ଅବୁଝା ବନ୍ଧୁଙ୍କୁ ବୁଝାଇ ମନାଇବା କଷ୍ଟକର ହୋଇପଡ଼ିବ।

**କର୍କଟ** ଆଜି ଧୀର ମନ୍ଥର ଗତିରେ ପ୍ରତ୍ୟେକ କାମ ସମାହିତ ହେବ ଓ ସାମୟିକ ପାରିବାରିକ ବିଷୟ ନେଇ ଡିପ୍ରେଶନ ସୃଷ୍ଟି ହେବ। ସମସ୍ୟାଗୁଡିକର ସରଳ ସମାଧାନ କରିବାରେ ସଫଳ ହେବେ। ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁ ଗହଣରେ ଆଲୋଚନାକୁ କେନ୍ଦ୍ରକରି ଭାବପ୍ରବଣ ହୋଇପାରନ୍ତି ।

**ସିଂହ** ଆଜିର ଫେରନ୍ତା ରାସ୍ତାରେ କୌଣସି ବ୍ୟକ୍ତିଙ୍କୁ ଦୀର୍ଘ ସମୟ ଅପେକ୍ଷା କରି ବ୍ୟସ୍ତତା ଅନୁଭବ କରିପାରନ୍ତି। ପରିବାର ଓ କର୍ମକ୍ଷେତ୍ରରେ ରହିଥିବା ବ୍ୟତିକ୍ରମ ବିଷୟ ଚିନ୍ତାକରି ମନ ବିଚଳିତ ରହିବ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ମାନସିକ ସ୍ଥିତିକୁ ବିପନ୍ନ କରିପାରେ। ପାରସ୍ପରିକ ମତଭେଦ କିମ୍ବା ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିଯିବ।

**କନ୍ୟା** ପାରିବାରିକ ସହଯୋଗରେ ଚେଷ୍ଟା କରୁଥିବା କାମ ପାଇଁ ଖୋରାକ ମିଳିଯିବ। ସତ୍‌ସଙ୍ଗ, କଳା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ବନ୍ଧୁମାନଙ୍କ ସହ ଆଲୋଚନା କରିବାର ସୁଯୋଗ ପାଇବେ। ଅଫିସରୁ ଆସିବା ବେଳକୁ ନିଜ ମନପସନ୍ଦର ଜିନିଷଟି କିଣିବାରେ ସମର୍ଥ ହୋଇପାରନ୍ତି।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ମନର ଅସନ୍ତୋଷକୁ ପରିପ୍ରକାଶ କରି ବନ୍ଧୁଙ୍କ ସହ ସମ୍ପର୍କ କ୍ଷୁଣ୍ଣ ହେବ। କିନ୍ତୁ ଶନିଙ୍କ ସଂସର୍ଗତା ଲାଭରୁ ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ଚେଷ୍ଟା କଦାପି ବିଫଳ ହେବନି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନୂତନ କର୍ମାରମ୍ଭ କ୍ଷେତ୍ରରେ ସଫଳତା ଅବଶ୍ୟ ମିଳିବ।

**ବିଛା** ମନ ଅନୁଯାୟୀ କାର୍ଯ୍ୟ ହାସଲ ନ ହେବା କାରଣରୁ ମନରେ ବିଭିନ୍ନ ପ୍ରକାର ଚିନ୍ତାଧାରା ଉଦ୍ରେକ ହୋଇ ଅସ୍ଥିରତା ସୃଷ୍ଟି ହେବ। ଅନୁରାଧା ନକ୍ଷତ୍ର ଅର୍ଥନୈତିକ ଉନ୍ନତି, ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ହେତୁକ ଅପରାହ୍ଣ ସମୟଟି ଖୁସିରେ କଟିବ। ବନ୍ଧୁମିଳନ, ନୂତନ ସମ୍ପର୍କ, ପ୍ରୀତିପ୍ରଦ ଆଲୋଚନା କରିବାର ସୁଯୋଗ ପାଇପାରନ୍ତି।

**ଧନୁ** ବିଗତ ଦିନର କୌଣସି ଘଟଣାକୁ କେନ୍ଦ୍ରକରି ଅନ୍ୟମନସ୍କତା ଓ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ, ଆଲୋଚନା ପରିସରରେ, ସଭାରେ, ତର୍କ ଓ ବିବାଦରେ, ଆଇନ ଅଦାଲତରେ ସ୍ଥଗିତ କାମକୁ ପୂରା କରିବେ। ବକେୟା ଅର୍ଥ ଆଦାୟ କରିବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ମକର** ଆଜି ଆପଣ ଯେତେପ୍ରକାରର ଚେଷ୍ଟା କଲେ ମଧ୍ୟ ସବୁ କାମ ବିଳମ୍ବିତ ସମୟରେ ହିଁ ସମ୍ପନ୍ନ ହେବ। ବିବାଦୀୟ ଘଟଣାର ଦିଗ ବଦଳି ଯାଇପାରେ, ଯାହାକି ଆପଣଙ୍କ ସମସ୍ୟାକୁ କମାଇ ଦେବ। କଥା ଦେଇଥିବା ବନ୍ଧୁ ଠିକ୍ ସମୟରେ ଫେରି ନ ପାରନ୍ତି । ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିଯିବାରୁ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମ କରିବେ ସତ କିନ୍ତୁ ପ୍ରତିବଦଳରେ ଓଲଟା ଫଳ ପାଇବେ। ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। ପାଖପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ବାରମ୍ବାର ଚେଷ୍ଟା କରୁଥିବା କାମ, ଆନୁଷ୍ଠାନିକ କାର୍ଯ୍ୟ, କଚେରି ମାମଲା, ଜମିଜମା ବିବାଦରେ ଉପକୃତ ହେବେ।

**ମୀନ** ଆଜିର ଯାତ୍ରା, ବ୍ୟବସାୟ, ପ୍ରତିଯୋଗିତା, ବନ୍ଧୁଙ୍କ ସହ ବାର୍ତ୍ତାଳାପ, ପ୍ରଶାସନିକ ଆଲୋଚନା ସମସ୍ୟା ମୁକ୍ତ ରହିବ। କର୍ମକ୍ଷେତ୍ର ଓ ପରିବାର ମଧ୍ୟରେ ବିଭିନ୍ନ ପ୍ରକାରର ସମସ୍ୟାକୁ ସାମ୍ନା କରି ନ ପାରି ବିବ୍ରତ ବୋଧ କରିପାରନ୍ତି। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡିକ ସଂପନ୍ନ କରିବାରେ ବିଶେଷ ଅସୁବିଧା ହେବନାହିଁ।

ଆଜି କାର୍ତ୍ତିକ ଶୁକ୍ଳ ସପ୍ତମୀ ରବିବାର, ନଭେମ୍ବର ୩ ତାରିଖ, ମୁକ୍ତିମଣ୍ଡପର ଷୋଳଶାସନ ଅମୃତ ମଣୋହି ଭୋଗ, ଛଟ୍ ବ୍ରତ ଉଦ୍‌ଯାପନ, ରାଶି ନକ୍ଷତ୍ର- ଉତ୍ତରାଷାଢ଼ା/ମକର, ମେଷ ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୩୭ମି. ଗତେ ଘ୮।୫୨ମି. ମଧ୍ୟେ, ଘ୧୧।୫୨ମି. ଗତେ ଘ୨।୫୨ମି. ମଧ୍ୟେ ଅମୃତବେଳା। ଦିବା ଘ୮।୪୪ମି. ଗତେ ଘ୧୦।୧୯ମି. ମଧ୍ୟେ, ଘ୧୧।୨୮ମି. ଗତେ ଘ୨।୩୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୩।୪୩ମି. ଗତେ ଘ୫।୦୭ମି. ମଧ୍ୟେ ରାହୁକାଳ।



ପାକିସ୍ତାନରେ କର୍ତାରପୁର କରିଡର ଉଦ୍‌ଘାଟନ ଉତ୍ସବରେ ଯୋଗଦେବା ଲାଗି ପଞ୍ଜାବର ପୂର୍ବତନ ମନ୍ତ୍ରୀ ନବ୍‌ଜୋତ୍ ସିଂ ସିଦ୍ଧୁ ବହିର୍ବ୍ୟାପାର ମନ୍ତ୍ରଣାଳୟଠାରୁ ଅନୁମତି ଲୋଡ଼ିଛନ୍ତି। ନଭେମ୍ବର ୯ରେ କର୍ତାରପୁର ସାହିବ୍ କରିଡରର ଉଦ୍‌ଘାଟନୀ ଉତ୍ସବ ଥିବାବେଳେ ପାକିସ୍ତାନ ପକ୍ଷରୁ ତାଙ୍କୁ ଆମନ୍ତ୍ରଣ କରାଯାଇଛି। ଜଣେ ସଚ୍ଚୋଟ ଶିଖ୍ ଭାବେ ଗୁରୁ ନାନକଙ୍କ ଏହି ଐତିହାସିକ ଉତ୍ସବରେ ଯୋଗଦେବାକୁ ଚାହୁଁଥିବା ସିଦ୍ଧୁ ଉଲ୍ଲେଖ କରିଛନ୍ତି। କ୍ରିକେଟରରୁ ରାଜନେତା ସାଜିଥିବା ସିଦ୍ଧୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କୁ ମଧ ଏନେଇ ପତ୍ର ଲେଖିଛନ୍ତି। ଗତବର୍ଷ ଅଗଷ୍ଟରେ ସିଦ୍ଧୁ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଶପଥଗ୍ରହଣ ଉତ୍ସବରେ ଯୋଗଦେଇଥିଲେ।



## ସଂକ୍ଷେପରେ

### ୯ବର୍ଷ ପରେ ଘରକୁ ଫେରିଲା ପୁଅ

**ଶୁଦ୍ଧିକ୍ରିୟା ସାରିଥିଲେ ପରିବାର**

ହିଞ୍ଜିଳିକାଟୁ,୨।୧୧(ଡି.ଏନ୍.ଏ.): ୯ବର୍ଷ ତଳେ ନିଖୋଜ ହୋଇଯାଇଥିଲେ ପୁଅ। ମୃତ୍ୟୁ ହୋଇଥିବା ଭାବି ଶୁଦ୍ଧିକ୍ରିୟା ସାରିଦେଇଥିଲେ ପରିବାର ଲୋକେ। ତେବେ ଶୁକ୍ରବାର ରାତିରେ ହଠାତ୍ ପୁଅ ଘରେ ପହଞ୍ଚିବାରୁ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ପରିବାର ଲୋକେ। ପୁଅକୁ ପାଖରେ ଦେଖିଥିଲେ ମଧ ବିଶ୍ୱାସ କରିପାରୁ ନ ଥିଲେ ମା'। ପରେ ପରିବାରର ଖୁସି କହିଲେ ନ ସରେ। ଏପରି ଏକ ଘଟଣା ଘଟିଛି ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ପୌରାଞ୍ଚଳରେ। ପ୍ରକାଶ ଯେ, ହିଞ୍ଜିଳିକାଟୁ ପୌରାଞ୍ଚଳ ୱାର୍ଡ ନଂ.୨ର ଭକ୍ତମାର୍ଗରେ ରୁହନ୍ତି ଉର୍ମିଳା ମୁନୀ। ତାଙ୍କର ୩ପୁଅ ଓ ଗୋଟିଏ ଝିଅ। ୨ୟ ସନ୍ତାନ ଅନିଲ ୨୦୧୦ ଅକ୍ଟୋବରରେ



ଘରକୁ ଫେରିଥିବା ଅନିଲ।

ପୁରୀ ଯାଇ ଏକ ହୋଟେଲରେ କାମ କରୁଥିଲେ। ସେଠାରେ କୌଣସି ସମସ୍ୟା ହେବାରୁ ପୁଣି କାମ ଅନ୍ୱେଷଣରେ କଟକ ଯାଇଥିଲେ। ଏହାପରେ ସେ ଆଉ ଘରକୁ ଫେରି ନ ଥିଲେ କିମ୍ବା ପରିବାର ଲୋକଙ୍କ ସହ ଯୋଗାଯୋଗ ରଖି ନ ଥିଲେ। ୨୦୧୪ରେ ୨ଜଣ ବ୍ୟକ୍ତି ଆସି ଅନିଲଙ୍କ ବଡଭାଇଙ୍କୁ ଗାଁ ମୁଣ୍ଡରେ ଭେଟିଥିଲେ। ସେମାନେ କଟକରୁ ଆସିଛନ୍ତି ଓ ସେଠାରେ ଅନୀଲଙ୍କ ମୃତ୍ୟୁ ହୋଇଥିବା କହିଥିଲେ। ଏହାକୁ ବିଶ୍ୱାସ କରି ପରିବାର ଲୋକେ ଶୁଦ୍ଧିକ୍ରିୟା କରିଥିଲେ। ମାତ୍ର ହଠାତ୍ ଅନିଲ ଘରକୁ ଫେରିବା ପରେ ସମସ୍ତେ ଆଶ୍ଚର୍ଯ୍ୟ। ଏନେଇ ଅନିଲଙ୍କୁ ପଚାରିବାରୁ ସେ କେଉଁଠି ଏତେଦିନ ହେଲା ଥିଲେ କିଛି କହିପାରୁନାହାନ୍ତି। ତେବେ ସେ ଦିଲ୍ଲୀରେ କୌଣସି ସ୍ଥାନରେ କାମ କରୁଥିବା ଓ ସେଠାରୁ ଏବେ ଘରକୁ ଫେରିଥିବା ମା' ଉର୍ମିଳା କହିଛନ୍ତି।

### ସେନାକୁ ଆତଙ୍କବାଦୀ ଟାର୍ଗେଟ: ୫୪ ନିହତ



ବାମାକୋ, ୨।୧୧(ପି.ଟି.): ମାଲିର ଉତ୍ତର-ପୂର୍ବାଞ୍ଚଳରେ ଥିବା ଏକ ସେନା ପୋଷ୍ଟ ଉପରେ ଶୁକ୍ରବାର ଆତଙ୍କବାଦୀ ଆକ୍ରମଣ କରାଯିବାରୁ ୫୪ ଜଣ ପ୍ରାଣ ହରାଇଥିବା ଜଣାପଡ଼ିଛି। ୫୩ ସୈନ୍ୟ ପ୍ରାଣ ହରାଇଥିବା ବେଳେ ଜଣେ ସାଧାରଣ ନାଗରିକଙ୍କ ମୃତ୍ୟୁବରଣ କରିଥିବା ସରକାରୀ ସୂତ୍ରରୁ ପ୍ରକାଶ। ସେନା ପୋଷ୍ଟଟି ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଇଥିବାବେଳେ ୧୦ ସୈନ୍ୟ ଅଳ୍ପକେ ବର୍ତ୍ତିଯାଇଥିଲେ। ମେନାକା ପ୍ରଦେଶର ଇଣ୍ଡେଲିମାନେସ୍ଥିତ ସେନା ପୋଷ୍ଟରେ ଏଭଳି ଭୟଙ୍କର ଆକ୍ରମଣ ହୋଇଥିବା ଦେଶର ଯୋଗାଯୋଗ ମନ୍ତ୍ରୀ ୟାୟା ସଙ୍ଗରେ ପ୍ରକାଶ କରିଛନ୍ତି। ଏବେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଏହି ଆକ୍ରମଣ ଲାଗି କୌଣସି ଆତଙ୍କବାଦୀ ସଙ୍ଗଠନ ଏ ପର୍ଯ୍ୟନ୍ତ ନିଜକୁ ଦାୟୀ କରି ନ ଥିବା ଜଣାପଡ଼ିଛି। ଗତ ମାସରେ ସୀମାବର୍ତ୍ତୀ ବୁର୍କିନା ଫାସୋଠାରେ ଦୁଇ ଜେହାଦି ୪୦ ସୈନ୍ୟଙ୍କୁ ହତ୍ୟା କରିବାରେ ସଫଳ ହୋଇଥିଲେ। ଏହି ଆକ୍ରମଣ ପଛରେ ଅଲ୍-କାଏଦା ଆତଙ୍କବାଦୀ ସଙ୍ଗଠନର ହାତ ଥିବା ସନ୍ଦେହ କରାଯାଉଛି।

# ୬ ମାସ ପରେ ଖୋଲିଲା ବାଲୁଖଣ୍ଡ ପ୍ରକୃତି ନିବାସ

**ପୁଣି ପ୍ରକୃତିର ମଜା ନେବେ ପର୍ଯ୍ୟଟକ**

■ ଫୁଲ, ଚନ୍ଦନ ଦେଇ ପର୍ଯ୍ୟଟକଙ୍କୁ ସ୍ୱାଗତ

ପୁରୀ ଅଫିସ, ୨।୧୧

ବାତ୍ୟା ଫନୀ ପରଠାରୁ ବନ୍ଦ ରହିଥିବା ପୁରୀର ବାଲୁଖଣ୍ଡ ପ୍ରକୃତି ନିବାସ ଠିକ୍ ୬ ମାସ ପରେ ଶନିବାର ପର୍ଯ୍ୟଟକଙ୍କ ପାଇଁ ଖୋଲିଛି। ଏହା ଏବେ ପର୍ଯ୍ୟଟକଙ୍କ ରହଣି ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଛି। ଡିଏଫ୍ଓ ହର୍ଷବର୍ଦ୍ଧନ ଉଦ୍‌ଗାତା ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରିଛନ୍ତି। ପର୍ଯ୍ୟଟନ ଋତୁ ଆସୁଥିବାରୁ ପ୍ରକୃତି ନିବାସ ପୂର୍ବପରି ପର୍ଯ୍ୟଟକଙ୍କ ଆକର୍ଷଣ ସାଜିବ। ଜଙ୍ଗଲ ଭିତରେ ପର୍ଯ୍ୟଟକମାନେ ରାତି ବିତାଇବା ସହ ପ୍ରକୃତିର ଭରପୂର ମଜା ନେଇପାରିବେ। ଏଥିଲାଗି ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ଡିଏଫ୍ଓ କହିଛନ୍ତି।

ଗତ ମେ' ୩ ତାରିଖ ଫନୀରେ ବାଲୁଖଣ୍ଡ ଅଭୟାରଣ୍ୟ ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଥିଲା। ଅଭୟାରଣ୍ୟ ମଧ୍ୟରେ ରହିଥିବା ପ୍ରକୃତି ନିବାସ ମଧ ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲା। କଟେଜ୍‌ଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିରୁଜି ଯାଇଥିବାବେଳେ ଏହା ପରିସରରେ ଥିବା ଗଛଗୁଡ଼ିକ ଧରାଶାୟୀ ହୋଇପଡିଥିଲା। ବନ ବିଭାଗ ପକ୍ଷରୁ ଏହାର ମରାମତି ପାଇଁ ଉଦ୍ୟମ ଆରମ୍ଭ କରାଯାଇଥିଲା। ଇତିମଧ୍ୟରେ ଏହାକୁ



ସମ୍ପୂର୍ଣ୍ଣ ସଜାଡ଼ି ଦିଆଯାଇଛି। କଲିକତାର ଡ. ବୈଦ୍ୟନାଥ ବିଶ୍ୱାସ ଓ ତାଙ୍କ ସ୍ତ୍ରୀ ପ୍ରକୃତି ନିବାସର ଚଳିତବର୍ଷର ପ୍ରଥମ ପର୍ଯ୍ୟଟକ ଭାବେ ଏଠାରେ ରହିଛନ୍ତି। ସେମାନଙ୍କ ସହ ଆହୁରି କେତେଜଣ ପର୍ଯ୍ୟଟକ ମଧ ରହିବା ପାଇଁ ବୁକିଂ କରିଛନ୍ତି। ପ୍ରଥମ ଦିନରେ ସମସ୍ତ ପର୍ଯ୍ୟଟକଙ୍କୁ ଫୁଲ ଓ ଚନ୍ଦନ ଦିଆଯାଇ ସ୍ୱାଗତ କରାଯାଇଛି। ଏ ସମ୍ପର୍କରେ ଡିଏଫ୍ଓ ଉଦ୍‌ଗାତା କହିଛନ୍ତି, ପର୍ଯ୍ୟଟନ ଋତୁ ପୂର୍ବରୁ ଏହାର ପୁନରୁଦ୍ଧାର ଲକ୍ଷ୍ୟରେ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାମ କରାଯାଇଥିଲା। ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ଭାବେ ପର୍ଯ୍ୟଟକଙ୍କ ରହଣି ପାଇଁ ପ୍ରସ୍ତୁତ ହୋଇଯାଇଛି। ପ୍ରାୟ ଅଢ଼େଇ ଏକର ଜମିରେ ଏହି ପ୍ରକୃତି ନିବାସ କରାଯାଇଛି। ଏଠାରେ ୧୦ଟି ଶୀତତାପ ନିୟନ୍ତ୍ରିତ କଟେଜ୍ ରହିଛି। ପର୍ଯ୍ୟଟକମାନେ ବୁକିଂ କରି ଏଠାରେ ରାତ୍ରିଯାପନ କରିପାରିବେ। ଗୋଟିଏ କଟେଜ୍‌ରେ ଡବଲ ବେଡ୍ ସହିତ ଆନୁଷଙ୍ଗିକ ସୁବିଧା ମଧ ରହିଛି। ଯେଉଁମାନେ ଏଠାରେ ରହିବେ, ସେମାନଙ୍କୁ ଅଭୟାରଣ୍ୟରେ ବୁଲାଇବା ସହିତ ବୋଟିଂ ସୁବିଧା ଏବଂ ଖାଦ୍ୟପେୟ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ଅଭୟାରଣ୍ୟ ବୁଲାଇବା ଲାଗି ୩ଟି ଇ-ଅଟୋ ସାଙ୍ଗକୁ ପିଲାଙ୍କ ଖେଳିବା ପାଇଁ ସୁବିଧା ଅଛି। ଏପରି କି ରାତିରେ ହରିଣଙ୍କୁ ମଧ ଖୁବ୍ ନିକଟରୁ ପର୍ଯ୍ୟଟକମାନେ ଦେଖିପାରିବେ। ମୋଟାମୋଟି ପ୍ରକୃତି ଭିତରେ ରାତି କଟାଇବାକୁ ପ୍ରକୃତି ନିବାସ ହିଁ ପର୍ଯ୍ୟଟକଙ୍କ ପାଇଁ ପ୍ରକୃଷ୍ଟ ସ୍ଥାନ ବୋଲି ଡିଏଫ୍ଓ କହିଛନ୍ତି। ସୂଚନାଥାଉ କି, ଶ୍ରୀମନ୍ଦିର ଏବଂ ସ୍ୱର୍ଣ୍ଣାଭ ବେଳାଭୂମି ପ୍ରତି ଆକୃଷ୍ଟ ହୋଇ ପୁରୀ ସହରକୁ ପର୍ଯ୍ୟଟକମାନେ ଛୁଟି ଆସୁଛନ୍ତି। ସହର ଉପକଣ୍ଠରେ ବାଲୁଖଣ୍ଡ ଅଭୟାରଣ୍ୟ, ନୂଆନଈ ଆଦି ପ୍ରାକୃତିକ ବିଭବ ରହିଥିଲେ ହେଁ ତାହାର ମଜା ଉଠାଇପାରୁ ନ ଥିଲେ ପର୍ଯ୍ୟଟକ। ତେଣୁ ପର୍ଯ୍ୟଟକଙ୍କୁ ପ୍ରକୃତିର ମଜା ଦେବା ପାଇଁ ରାଜ୍ୟ ସରକାରଙ୍କ ପରିବେଶ ଓ ଜଙ୍ଗଲ ବିଭାଗ ପକ୍ଷରୁ ପ୍ରକୃତି ନିବାସର ପରିକଳ୍ପନା କରାଯାଇଥିଲା। ପୁରୀ-କୋଣାର୍କ ରାସ୍ତାର ସୈକତ ନିବାସ ନିକଟ ନୂଆନଈ କୂଳରେ ୨୦୧୬ରେ ଏହା ତିଆରି କରାଯାଇଥିଲା।




ଭଦ୍ରକର ପ୍ରସିଦ୍ଧ କାଳୀ ପୂଜା

ଦେଖନ୍ତୁ ଭିଡିଓ

YouTube /dharitrilive

## ଡିସେମ୍ବର ୩୧ରୁ ବରଗଡ଼ ଧନୁଯାତ୍ରା

ବରଗଡ଼ ଅଫିସ,୨।୧୧

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଡିସେମ୍ବର ୩୧ତାରିଖରୁ ଆରମ୍ଭ ହେବ। ୨୦୨୦ ଜାନୁୟାରୀ ୧୦ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଧନୁଯାତ୍ରା ଏଥର ୭୧ବର୍ଷରେ ପଦାର୍ପଣ କରୁଥିବାରୁ ଏହାକୁ ଅଧିକ ଆକର୍ଷଣୀୟ କରାଯିବ। ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ଧନୁଯାତ୍ରା ମହୋତ୍ସବ ସମିତିର କାର୍ଯ୍ୟକାରିଣୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ବୈଠକରେ ଅଧ୍ୟକ୍ଷତା କରି କହିଥିଲେ, ଧନୁଯାତ୍ରା ଏଭଳି ଏକ ସ୍ତରକୁ ପହଞ୍ଚିଛି ଯାହାକି ବିଶ୍ୱପ୍ରସିଦ୍ଧ ହେବା ସହିତ ବରଗଡ଼ ଜିଲାକୁ ଭିନ୍ନ ପରିଚୟ ଦେଇପାରିଛି।

■ ପିଇଓ ସ୍ମିତାରାଣୀ ମୃତ୍ୟୁ ଘଟଣା

# ସିବିଆଇ ତଦନ୍ତ ଦାବି କଲେ ବିରୋଧୀ ଦଳ ନେତା




ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ ।

■ ଆସନ୍ତା ବିଧାନସଭା ଅଧିବେଶନ ଅଚଳ କରିବାକୁ ଚେତାବନୀ

■ ବିଜେଡି କହିଲା ଶସ୍ତା ରାଜନୀତି

ଭୁବନେଶ୍ୱର,୨।୧୧(ବ୍ୟୁରୋ)

ହରିଦାସପୁରର ରଙ୍ଗଶାଳା କେବଳ ସ୍ମିତାରାଣୀଙ୍କ ହତ୍ୟାକାଣ୍ଡ ନୁହେଁ ବରଂ ଅନେକ କେଲେଙ୍କାରୀର ହୃତପିଣ୍ଡ, ଅନେକ କଳା କାରନାମାର ମୂକସାକ୍ଷୀ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଶନିବାର ଅଭିଯୋଗ କରିଛନ୍ତି। ରାଜଧାନୀସ୍ଥିତ ଭାଜପା ରାଜ୍ୟ ମୁଖ୍ୟାଳୟରେ ଖବରଦାତା ସମ୍ମିଳନୀ କରି ବିରୋଧୀ ଦଳ ନେତା ଏବଂ ନେତୃବୃନ୍ଦ ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁ ପ୍ରସଙ୍ଗରେ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ପ୍ରଦୀପ୍ତ କହିଛନ୍ତି ଯେ, ପୋଲିସ ଓ ପ୍ରଶାସନ ସ୍ମିତାରାଣୀଙ୍କ ହତ୍ୟାର ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରୁଛନ୍ତି। ତେଣୁ ତାଙ୍କ ସ୍ୱାମୀ ଓ କୁନି ଝିଅକୁ ନ୍ୟାୟ ମିଳିବା ଅସମ୍ଭବ। ଘଟଣାର ନିରପେକ୍ଷ ତଦନ୍ତ ପାଇଁ ମାମଲାଟି ସିବିଆଇକୁ ହସ୍ତାନ୍ତର କରାଯାଉ । ବିନା ତଦନ୍ତରେ ମୃତା ସ୍ମିତାରାଣୀଙ୍କ ଚରିତ୍ରକୁ ଆକ୍ଷେପ କଲେ ତାହା ବଡ଼ ଆଶ୍ଚର୍ଯ୍ୟର କଥା । ମହିଳା କମିଶନ ଘଟଣାସ୍ଥଳକୁ ଯାଇଥିଲେ ବି ମୃତା ସ୍ମିତାରାଣୀଙ୍କ ପରିବାର ଲୋକଙ୍କୁ ଭେଟିଲେ ନାହିଁ । ତେଣୁ ରାଜ୍ୟ ସରକାର ଯଥାଶୀଘ୍ର ସମ୍ଭବ ଯାଜପୁର ଏସ୍‌ପି ଏବଂ ମହିଳା କମିଶନ ଅଧକ୍ଷାଙ୍କୁ ବହିଷ୍କାର କରନ୍ତୁ ବୋଲି ପ୍ରଦୀପ୍ତ କହିଛନ୍ତି। ଯଦି ବିଧାନସଭା ଅଧିବେଶନ ଆରମ୍ଭ ହେବା ପୂର୍ବରୁ ସିବିଆଇ ତଦନ୍ତ ପାଇଁ ସୁପାରିସ କରା ନ ଯାଏ, ତେବେ ଭାଜପା ବିଧାୟକ ଦଳ ପକ୍ଷରୁ ବିଧାନସଭା ଅଚଳ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଭାଜପା ବିଧାୟକ ଦଳ ପ୍ରତିନିଧି ଦଳ ଦିଲ୍ଲୀ ଯାଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଓ ରାଷ୍ଟ୍ରୀୟ ମହିଳା ଆୟୋଗଙ୍କୁ ଭେଟି ଘଟଣା ବିଷୟରେ ଅବଗତ କରିବ ବୋଲି ପ୍ରଦୀପ୍ତ ସୂଚନା ଦେଇଛନ୍ତି। ସେହିଭଳି ସ୍ଥାନୀୟ ତହସିଲ ଅଫିସର ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୨୭,୨୦୧୮ରେ ଏହି ରଙ୍ଗଶାଳାକୁ ଉଚ୍ଛେଦ କରାଯାଇଛି। ଆର୍‌ଆଇ କ୍ଷୀରାବ୍ଧି ପଣ୍ଡାଙ୍କ ସ୍ୱାକ୍ଷରରେ ଏକ ଉଚ୍ଛେଦ ରିପୋର୍ଟ ମାର୍ଚ୍ଚ ୨୭,୨୦୧୮ ତାରିଖରେ ତହସିଲ ଅଫିସକୁ ଦିଆଯାଇଛି। ତେଣୁ ଏହି ରିପୋର୍ଟ ଉପରେ ଜିଲାପାଳ ସ୍ପଷ୍ଟୀକରଣ ରଖନ୍ତୁ। ସରକାର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇ ଅସଲ ଅପରାଧୀଙ୍କୁ ଖସାଇବା ପାଇଁ ଷଡଯନ୍ତ୍ର କରୁଥିବା ପ୍ରଦୀପ୍ତ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ବିଜେଡି ପକ୍ଷରୁ ଗୈରିକ ଦଳର ଏପରି ଅଭିଯୋଗକୁ ଶସ୍ତା ରାଜନୀତି ବୋଲି କୁହାଯାଇଛି। ବିଜେଡି ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର କହିଛନ୍ତି ଯେ, ଭାଜପା ବାରମ୍ବାର ମିଛକୁ ସତକଥା ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରୁଛି। ଭାଜପା ପାଖରେ ଯଦି ଘଟଣା ସମ୍ପର୍କରେ କିଛି ପ୍ରମାଣ ରହିଛି, ତାହା ପୋଲିସ କିମ୍ବା ଅଦାଲତକୁ ଦଳ ପକ୍ଷରୁ ଦିଆଯାଉ। ପୋଲିସ ଜଣଙ୍କୁ ଗିରଫ କରିସାରିବା ପରେ ତଦନ୍ତ ଜାରି ରଖିଛି। ତେଣୁ ଭାଜପା ଏପରି ଭୟଭୀତ ନ ହୋଇ କେବଳ ଖବରଦାତା ସମ୍ମିଳନୀରୁ ବିରତ ରହୁ ବୋଲି ସସ୍ମିତ କହିଛନ୍ତି।



## ଜିଲା ଚିଠି
### କେନ୍ଦୁଝର

## ମୃତ୍ୟୁପଥର ଯାତ୍ରୀ

କେନ୍ଦୁଝର ଜିଲାରେ ମୂଲ୍ୟବାନ ଖଣିଜ ସମ୍ପଦ ଭରି ରହିଛି। ସେଥିପାଇଁ ଏହି ଜିଲାକୁ ଧନଶାଳୀ ଜିଲା ଭାବେ ମାନ୍ୟତା ମିଳିଛି। ଏହା ପରେ ବି ଜିଲାର ବିଭିନ୍ନ ରାସ୍ତାଘାଟ ମୃତ୍ୟୁପଥ ପାଲଟିଛି। ଅର୍ଥର ଅଭାବ ନ ଥିଲେ ହେଁ ଭଙ୍ଗାଦଦରା ଅବସ୍ଥାରେ ଥିବା ଏହି ରାସ୍ତା ଦୁର୍ଘଟଣାର କାରଣ ସାଜିଛି। ପ୍ରତିବର୍ଷ ଦୁର୍ଘଟଣାରେ ପ୍ରାୟ ୨୫୦ ଜଣ ଲୋକଙ୍କ ମୃତ୍ୟୁ ଘଟୁଥିବା ବେଳେ ବହୁ ଲୋକ ଆହତ ହୋଇ ଭିନ୍ନକ୍ଷମ ଜୀବନ କାଟୁଛନ୍ତି। ଯାହାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ ପରେ ଦୁର୍ଘଟଣା ରୋକିବା ସହ ଧନଜୀବନର ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏଥିପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ସହ ହେଲ୍‌ମେଟ ଚେକିଂ ଓ ଦ୍ରୁତଗତିରେ ଗାଡ଼ି ଚଳାଚଳ ଉପରେ କଟକଣା ଜାରି କରାଯାଇଛି। କିନ୍ତୁ ଦୁର୍ଘଟଣାର ମୁଖ୍ୟ କାରଣ ସାଜିଥିବା ଭଙ୍ଗାଦଦରା ରାସ୍ତାର ମରାମତି ବା ପୁନଃ ନିର୍ମାଣ କରାଯାଉନାହିଁ। ଯାହା ଜିଲାର ପ୍ରଗତିରେ ବାଧକ ସାଜିଥିବା ଅଭିଯୋଗ ହୋଇଛି। ଜିଲାର ପ୍ରମୁଖ ରାସ୍ତା ମଧ୍ୟରୁ ପାଣିକୋଇଲି-ରିମୁଳି ୨୦ ନଂ.ଜାତୀୟ ରାଜପଥ, ରିମୁଳି-କୋଇଡା ୫୨୦ନଂ.ଜାତୀୟ ରାଜପଥ, କଲିକତା-ମୁମ୍ବାଇ ୪୯ନଂ. ଜାତୀୟ ରାଜପଥ ଅନ୍ୟତମ। ଏଥିସହ ପଳାଶପଙ୍ଗା-ବାମେବାରୀ, ଭଦ୍ରାସାହି-ନାଲଦା, ବାମେବାରୀ-ଯୋଡା ଆଦି ରାସ୍ତା ଖଣିଖାଦାନକୁ ସଂଯୋଗ କରିଛି। କେନ୍ଦୁଝରରୁ ପାରାଦୀପକୁ ସଂଯୋଗ କରୁଥିବା ନରଣପୁର-ଡୁବୁରି ରାସ୍ତା ଏକ ବ୍ୟସ୍ତବହୁଳ ରାସ୍ତା ବୋଲି ବିବେଚନା କରାଯାଉଛି। ଏହି ସବୁ ରାସ୍ତାରେ ପ୍ରତିଦିନ ଶତାଧିକ ଖଣିଜପଥର ବୋଝେଇ ଟ୍ରକ, ଟ୍ରେଲର ଓ ମାଲବାହୀ ଯାନବାହନ ଚଳାଚଳ କରୁଛି। ତଥାପି ଉପରୋକ୍ତ ରାସ୍ତା ମରାମତି କରାଯାଉ ନାହିଁ। ଆଶ୍ଚର୍ଯ୍ୟର କଥା ୨୦ନଂ. ଜାତୀୟ ରାଜପଥ ମରାମତି କରା ନ ଯାଇ ବିଭିନ୍ନ ସ୍ଥାନରେ ଟୋଲ ଆଦାୟ କରାଯାଉଛି। ସେହିପରି ଦୀର୍ଘବର୍ଷ ହେଲା ଯୋଡା ଓ ବଡବିଲ ଖଣି ଅଞ୍ଚଳକୁ ସଂଯୋଗ କରୁଥିବା ୫୨୦ନଂ.ଜାତୀୟ ରାଜପଥ କାମ ଶେଷ ହୋଇପାରୁନାହିଁ। ଫଳରେ ଟ୍ରାଫିକ ଅବ୍ୟବସ୍ଥା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ବାଇପାସ ନିର୍ମାଣ ହୋଇପାରୁ ନ ଥିବାରୁ ଖଣିଖାଦାନ ବହୁଳ ଭଦ୍ରାସାହି-ବଡବିଲ-ନାଲଦା ରାସ୍ତା ଶୋଚନୀୟ ହୋଇପଡିଛି। ବଡବିଲ-ବଲାଣୀ-କିରିବୁରୁ ରାସ୍ତା ଏବଂ ରଣାଶାଳ ଘାଟି-ଜୁରୁଡି-ବାମେବାରୀ ଏବଂ ବାମେବାରୀ-ପଳାଶପଙ୍ଗା କିଡକୋ ରାସ୍ତା, ଦୁବୁନା-କାଳିମାଟି, ଶୁଆକାଟି-ଫୁଲଝର-ଜଗଦଳା (ଦୁବୁନା) ଆଦି ଖଣି ପ୍ରଭାବିତ ଅଞ୍ଚଳ ରାସ୍ତା ବହୁ ବର୍ଷ ଧରି ଅବହେଳିତ ଅବସ୍ଥାରେ ରହିଛି। ରାସ୍ତା ନିର୍ମାଣ ଓ ମରାମତି ବାବଦରେ ବିଭାଗ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଥିବା କହୁଛି। ହେଲେ କାମର ମାନ ଠିକ୍ ରହୁ ନ ଥିବାରୁ ସ୍ଥିତି ଯଥା ପୂର୍ବଂ ତଥା ପରହେଉଛି। ଏଣେ କେନ୍ଦୁଝର ଜିଲା ଦେଇ ଯାଇଥିବା କଲିକତା-ମୁମ୍ବାଇ ୪୯ ନଂ.ଜାତୀୟ ରାଜପଥ କାମ ଚାଲିଥିବାରୁ ଯାତାୟାତରେ ନାହିଁ ନ ଥିବା ସମସ୍ୟା ଉପୁଜୁଛି। **– ନରେଶ ଚନ୍ଦ୍ର ପଟ୍ଟନାୟକ**

# ବ୍ଲକ ସମ୍ମୁଖରେ ରୋଷେଇ କରି ଖାଇଲେ କ୍ଷତିଗ୍ରସ୍ତ

**ଘରଭଙ୍ଗା ସହାୟତାକୁ ନେଇ ଅଭିନବ ଧାରଣା**

ପୁରୀ ଅଫିସ, ୨।୧୧

ବାତ୍ୟା ଫନୀକୁ ୬ ମାସ ପୂରିଛି। ହେଲେ ଏବେ ବି ଅନେକ କ୍ଷତିଗ୍ରସ୍ତଙ୍କୁ ଘରଭଙ୍ଗା ସହାୟତା ମିଳିପାରିନାହିଁ। ତଦନ୍ତରେ ବ୍ୟାପକ ଅନିୟମିତତା ନେଇ କ୍ଷତିଗ୍ରସ୍ତମାନେ ଅଭିଯୋଗ କରୁଥିବାବେଳେ ପ୍ରଶାସନ କୌଣସି ପଦକ୍ଷେପ ନେଉନି। ଏହାର ପ୍ରତିବାଦରେ ଶନିବାର ପୁରୀ ସଦର ବ୍ଲକ ସମ୍ମୁଖରେ କ୍ଷତିଗ୍ରସ୍ତମାନେ ଅଭିନବ ଉପାୟରେ ଧାରଣା ଦେଇଥିଲେ। ଜମାରସୁଆଁ ପଞ୍ଚାୟତର ବାଇଲିବାଟି ଓ ପାତ୍ରପଡ଼ାର ୧୨ ପରିବାରର ସଦସ୍ୟ ବ୍ଲକ ଅଫିସ୍ ସମ୍ମୁଖରେ ରୋଷେଇ କରି ଖାଇଥିଲେ। ବିଡିଓ ଟେଲିଫୋନରେ ଆସନ୍ତା ସୋମବାର ତାଙ୍କୁ ଦେଖା କରିବାକୁ କହିବାରୁ କ୍ଷତିଗ୍ରସ୍ତମାନେ ଧାରଣାରୁ ଓହରି ଯାଇଥିଲେ। ଫନୀ ପରେ କେତେକ ପରିବାର ଅସଜଡ଼ା ଘରେ ତ ଆଉ କିଏ ପଲିଥିନ ତଳେ ପିଲାଛୁଆଙ୍କୁ ଧରି ଦିନ କାଟୁଛନ୍ତି। ଏହାକୁ ନେଇ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଏ ସମ୍ପର୍କରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ୩/୪ ହଜାର ଅଭିଯୋଗ କରାଯାଉଛି। ତଥାପି କୌଣସି ସମାଧାନ ପନ୍ଥା ବାହାରି ପାରୁନାହିଁ। ଶନିବାର ବ୍ଲକ ସମ୍ମୁଖରେ ଧାରଣା ଦେଇଥିବା ପ୍ରତାପ କୁମାର ମହାନ୍ତି କହିଛନ୍ତି, ଫନୀ ବାତ୍ୟାରେ ଆମ ୩ ବଖରା ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ଘରଭଙ୍ଗା ସହାୟତା ମିଳିନାହିଁ। ଆଂଶିକ କ୍ଷତିଗ୍ରସ୍ତ ବୋଲି ତାଲିକା କରାଯାଇଛି। କ୍ଷୟକ୍ଷତି ଆକଳନରେ ଅନିୟମିତତା ହୋଇଛି। ସହାୟତା ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଗୁହାରି କରିଛୁ, ହେଲେ କୌଣସି ସୁଫଳ ନ ପାଇ ହତାଶ ହେବା ପରେ ସଦର ବିଡିଓଙ୍କୁ ଦେଖା କରିବାକୁ ଆସିଥିଲୁ। ବିଡିଓଙ୍କ ସହିତ ସାକ୍ଷାତ୍ ନ ହେବାରୁ ଧାରଣାରେ ବସିଥିଲୁ।



ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ କ୍ଷତିଗ୍ରସ୍ତମାନେ ଧାରଣାରେ ବସିଛନ୍ତି।

# ପ୍ରତିଭା ଦେଖାଇବେ 'ସୁପର୍ ୨୨'

**ଫିଲ୍ମରେ ଦିବ୍ୟାଙ୍ଗମାନଙ୍କୁ ସୁଯୋଗ ଦେବାକୁ ଅଭିନବ ପ୍ରୟାସ**

ଭୁବନେଶ୍ୱର, ୨।୧୧(ବ୍ୟୁରୋ)

ସେମାନେ ଦିବ୍ୟାଙ୍ଗ। ହେଲେ ନାଚିବା, ଗାଇବା ଓ ଅଭିନୟ କରିବା ପାଇଁ ତାଙ୍କ ନିକଟରେ ଯଥେଷ୍ଟ ଦକ୍ଷତା ରହିଛି। ସକ୍ଷମଙ୍କ ଭଳି ସବୁକିଛି କରିବାର ମନୋବଳ ବି ଅଛି। ବାସ୍ ପ୍ରତିଭା ଦେଖାଇବା ଲାଗି ଆବଶ୍ୟକ ହେଉଛି ଗୋଟିଏ ମଞ୍ଚ, ଯେଉଁଠି ସେମାନେ ନିଜ ଭିତରେ ଲୁକ୍କାୟିତ କଳାକୁ ବାହାରକୁ ଆଣିପାରିବେ ଓ ଦୁନିଆକୁ ଜଣାଇଦେବେ ଦିବ୍ୟାଙ୍ଗ ହେଲେ ବି ଆମେ ସକ୍ଷମ। ପ୍ରତିଭାବାନ୍ ଦିବ୍ୟାଙ୍ଗମାନଙ୍କୁ ଏଭଳି ଏକ ମଞ୍ଚ ଯୋଗାଇଦେବାକୁ ଅଣ୍ଟା ଭିଡ଼ିଛନ୍ତି ଅଭିନେତା ସବ୍ୟସାଚୀ ମିଶ୍ର। ସବ୍ୟସାଚୀ ଏବଂ ତାଙ୍କ ଦଳ ଦ୍ୱାରା ପ୍ରତିଷ୍ଠିତ ସାମାଜିକ ଅନୁଷ୍ଠାନ 'ସ୍ମାଇଲ୍ ପ୍ଲିଜ୍' ପକ୍ଷରୁ ଆୟୋଜିତ ହେବାକୁ ଯାଉଛି ଏକ ନିଆରା କାର୍ଯ୍ୟକ୍ରମ 'ସୁପର୍ ୨୨' ଶୋ। ଦିବ୍ୟାଙ୍ଗ କଳାକାରମାନଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ପ୍ଲାଟଫର୍ମ ଯୋଗାଇବା ଲକ୍ଷ୍ୟରେ




ଆସନ୍ତା ୪ ତାରିଖରେ ନୟାପଲ୍ଲୀସ୍ଥିତ କ୍ରାଉନ୍ ହୋଟେଲରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। 'ସ୍ମାଇଲ୍ ପ୍ଲିଜ୍' ପକ୍ଷରୁ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ସବ୍ୟସାଚୀ କହିଛନ୍ତି, ବିଗତ ଏକ ବର୍ଷ ହେବ 'ସ୍ମାଇଲ୍ ପ୍ଲିଜ୍' ଓଡ଼ିଶାର କୋଣାନୁକୋଣରୁ ପ୍ରତିଭାବାନ ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରିବାର ଅଭିଯାନ ଚଳାଇଛି। ଏହି ଅଭିଯାନକୁ ଆଉ ପାଦେ ଆଗକୁ ନେଇ ୨୨ ଦକ୍ଷ ଏବଂ ବିଭିନ୍ନ କଳାରେ ନିପୁଣ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରି 'ସୁପର୍ ୨୨ ଶୋ' ଆୟୋଜନ କରିବାକୁ ସ୍ଥିର କରାଯାଇଛି। ମନୋରଞ୍ଜନ ତଥା ଚଳଚ୍ଚିତ୍ର ଜଗତରେ ମୁଖ୍ୟ ଚରିତ୍ରରେ ଦିବ୍ୟାଙ୍ଗମାନଙ୍କୁ ଅଭିନୟ କରିବାର ସୁଯୋଗ ଦେବା ନିମନ୍ତେ 'ସୁପର୍ ୨୨' କାର୍ଯ୍ୟକରିବ। ଏହି ଦକ୍ଷତା ସନ୍ଧାନ କାର୍ଯ୍ୟକ୍ରମ ଦ୍ୱାରା ଦିବ୍ୟାଙ୍ଗମାନଙ୍କୁ ସମାଜରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦିଆଯାଇପାରିବ ବୋଲି ସବ୍ୟସାଚୀ କହିଥିଲେ। ଖବରଦାତା ସମ୍ମିଳନୀରେ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଉପସ୍ଥିତ ରହି କହିଥିଲେ, 'ସୁପର୍ ୨୨' ଦଳରେ ଦକ୍ଷତାସମ୍ପନ୍ନ ୮ ଦିବ୍ୟାଙ୍ଗ ମହିଳା ସାମିଲ ହୋଇଛନ୍ତି। ଦୃଢ଼ ଆତ୍ମବିଶ୍ୱାସ ସହ ବିଭିନ୍ନ ସାମାଜିକ ବାଧାବିଘ୍ନକୁ ପ୍ରତିହତ କରି ଆଜି ଏଠାରେ ପହଞ୍ଚିବାରେ ଏମାନେ ସଫଳ ହୋଇଛନ୍ତି। 'ସ୍ମାଇଲ୍ ପ୍ଲିଜ୍' ଟିମ୍‌ର କଠିନ ପରିଶ୍ରମ ଓ ନିରବଚ୍ଛିନ୍ନ ସାମାଜିକ କାର୍ଯ୍ୟକ୍ରମ ଯୋଗୁ ଏହା ସଫଳ ହୋଇପାରିଛି। ଦିବ୍ୟାଙ୍ଗମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଭଳି ଅଭିଯାନ ଆରମ୍ଭ କରାଯାଇଥିବା ସେ କହିଥିଲେ। 'ସୁପର୍ ୨୨' ଦଳରେ ଆଗାମୀ ଦିନରେ ଅଧିକରୁ ଅଧିକ ଦିବ୍ୟାଙ୍ଗମାନଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଥିବା ପ୍ରିଲ୍ୟୁଡ୍ ପ୍ରତିଷ୍ଠାତା ନିର୍ଦ୍ଦେଶକ ଏବଂ ମାଇଁ ସିଟି ଲିଙ୍କସ୍ ସମ୍ପାଦକ ସତ୍ୟବ୍ରତ ସାନୁ ରଥ କହିଥିଲେ।




ଅତିମାନବ ନିଶ୍ଚୟ ପୃଥିବୀରେ ଉଦ୍ଭବ ହେବ। କିନ୍ତୁ ଅତିଅର୍ଜିତ ଏକ ମାନସିକ ବୁଦ୍ଧିସମ୍ପନ୍ନ ମଣିଷ ରୂପରେ ନୁହେଁ। ଏକ ଅତିମାନସ ଶକ୍ତିର ଅବତରଣ ପାଇଁ ସେ ହେବ ଏକ ମାଧ୍ୟମ। ତା'ଫଳରେ ସେ ଏକ ନୂତନ ଜୀବନ ବଞ୍ଚିବ ଓ ଏକ ରୂପାନ୍ତରିତ ଦିବ୍ୟ ଶରୀରର ଅଧିକାରୀ ହେବ।
-ଶ୍ରୀଅରବିନ୍ଦ



# ହ୍ୱାଟ୍‌ସଆପ୍ ହ୍ୟାକିଂ



ଆକାର ପଟେଲ

ଭାରତରେ ହ୍ୱାଟ୍‌ସଆପ୍ ହ୍ୟାକିଂ କେମିତି ଚାଲିଛି, ସେ ବିଷୟରେ ଆମେ ଜାଣିବା ଓ ବୁଝିବା ଆବଶ୍ୟକ। ପ୍ରଥମତଃ ଯେଉଁ କମ୍ପାନୀ ବିରୋଧରେ ହ୍ୟାକିଂର ଅଭିଯୋଗ ଆସିଛି, ତାକୁ ଆମେରିକାରେ ହ୍ୱାଟ୍‌ସଆପ୍‌ର ମାଲିକ ଫେସ୍‌ବୁକ୍ ଦ୍ୱାରା କୋର୍ଟକୁ ଟଣାଯାଇଛି। ଅଭିଯୁକ୍ତ ଫାର୍ମ, ଇସ୍ରାଏଲର ଏନ୍ଏସ୍ଓ ଗ୍ରୁପ୍ ଏପରି ପ୍ଲାଟ୍‌ଫର୍ମ ତିଆରି କରି ବିକ୍ରି କରିଛି, ଯାହା ତା'ର ଗ୍ରାହକମାନଙ୍କୁ ସାରା ବିଶ୍ୱରେ ଅତି କମ୍‌ରେ ୧୪୦୦ ବା ସମ୍ଭବତଃ ତଦୂର୍ଦ୍ଧ୍ୱ ମୋବାଇଲ ଫୋନ୍‌କୁ ମିସ୍‌ଡ କଲ୍ ମାଧ୍ୟମରେ ହ୍ୟାକିଂ ପାଇଁ ସାହାଯ୍ୟ କରୁଛି। ଏହା ଚଳିତବର୍ଷ ଏପ୍ରିଲ ୨୯ରୁ ମେ ୧୦ ତାରିଖ ମଧ୍ୟରେ ଘଟିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏନ୍ଏସ୍ଓ ଗ୍ରୁପ୍‌ର ସମସ୍ତ ଗ୍ରାହକ ହେଉଛନ୍ତି ବିଭିନ୍ନ ଦେଶର ସରକାର। କମ୍ପାନୀ ଦାବି କରୁଛି ଯେ, ଏହା ସରକାରଗୁଡ଼ିକୁ ଲୋକମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାରେ ସାହାଯ୍ୟ କରୁଛି। ଆତଙ୍କବାଦ ଓ ଅପରାଧକୁ ରୋକିବାରେ ଏହା ଟେକ୍ନୋଲୋଜିର ଉପଯୋଗ କରୁଛି ବୋଲି ଦାବି କରିଛି। ଏନ୍ଏସ୍ଓ ଟେକ୍ନୋଲୋଜି ଦୂରସଂଚାର ଓ ଗୋଇନ୍ଦା ବିଶେଷଜ୍ଞଙ୍କ ଦ୍ୱାରା ଡିଜାଇନ କରାହୋଇଛି।

ଦ୍ୱିତୀୟ କଥା ହେଲା ଭାରତରେ ଏହାଦ୍ୱାରା ସେହି ଲୋକମାନଙ୍କୁ ଟାର୍ଗେଟ କରାଯାଇଛି, ଯେଉଁମାନଙ୍କୁ ସରକାର ଦେଶବିରୋଧୀ ବୋଲି ଅଭିହିତ କରୁଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଭୀମ କୋରେଗାଓଁ ମାମଲାରେ ଗିରଫ ହୋଇଥିବା ଲୋକମାନଙ୍କ ଓକିଲ ଏବଂ ସଂଖ୍ୟାଲଘୁ ଓ ଆଦିବାସୀଙ୍କ ପ୍ରସଙ୍ଗ ଉପରେ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ। ଏମାନଙ୍କ ମଧ୍ୟରୁ ଅନେକେ ପୂର୍ବରୁ ସରକାରଙ୍କ ଦ୍ୱାରା ହଇରାଣ ହରକତର ଶିକାର ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ଲୋକଙ୍କୁ ମୁଁ ଜାଣିଛି ଓ ସେମାନଙ୍କ ସହ କାର୍ଯ୍ୟ ବି କରିଛି। ତୃତୀୟତଃ ମୋଦି ସରକାର ଏନ୍ଏସ୍ଓ ପ୍ଲାଟ୍‌ଫର୍ମ କିଣି ନାହାନ୍ତି କିମ୍ବା ନିଜ ନାଗରିକଙ୍କ ମୋବାଇଲ ଫୋନ୍ ହ୍ୟାକ୍ କରି ସେମାନଙ୍କ ବିରୋଧରେ ଗୁପ୍ତଚରଗିରି କରୁନାହାନ୍ତି ବୋଲି କହିନାହାନ୍ତି। ଅପରପକ୍ଷେ କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ କହିଛନ୍ତି ଯେ, ଭାରତ ହ୍ୱାଟ୍‌ସଆପ୍‌କୁ ପଚାରିଛି କେଉଁ ଧରଣର ନିୟମ ଭଙ୍ଗ କରାଯାଇଛି ଏବଂ ଭାରତୀୟମାନଙ୍କ ବ୍ୟକ୍ତିଗତ ଗୋପନୀୟତାର ସୁରକ୍ଷା ଲାଗି ଏହା କ'ଣ କରୁଛି। ମନ୍ତ୍ରୀ ଏପରି ବିବୃତି ନ ଦେଇ ବରଂ ଭାରତ ଏଥିରେ ସମ୍ପୃକ୍ତ ଅଛି କି ନା ତାହା ସ୍ପଷ୍ଟ କରିବା ଉଚିତ ଥିଲା। ତେବେ ସମ୍ଭବତଃ ଯେହେତୁ ମାମଲାଟି ଏବେ ଆମେରିକୀୟ କୋର୍ଟରେ ବିଚାରାଧୀନ ଅଛି, ଯେଉଁଠି ବିଚାରପତିମାନଙ୍କୁ ସହଜରେ ପ୍ରଭାବିତ କରାଯାଇପାରିବ ନାହିଁ, ତେଣୁ ମନ୍ତ୍ରୀ ଭାବିଚିନ୍ତି ବିବୃତି ଦେଇଛନ୍ତି। ଏନ୍ଏସ୍ଓ କହିଛି ଯେ, କେଉଁମାନେ ତା'ର ଗ୍ରାହକ ଓ କେଉଁମାନେ ନୁହନ୍ତି, ତାହା ସେ ଖୋଲି କହିପାରିବ ନାହିଁ।

ଚତୁର୍ଥରେ ଭାରତ ସରକାର ଆଇଟି ତଦନ୍ତରେ ସାହାଯ୍ୟ କରିବା ପାଇଁ ଘରୋଇ କମ୍ପାନୀମାନଙ୍କୁ ବ୍ୟବହାର କରୁଛି। ଗତବର୍ଷ ଯେତେବେଳେ ମୋ ସଂଗଠନ ଉପରେ 'ଚଢ଼ାଉ' କରାଯାଇଥିଲା (ମୁଁ ଉଦ୍ଧୃତି ଚିହ୍ନ ଭିତରେ ଚଢ଼ାଉ ଶବ୍ଦଟି ଲେଖିବାର କାରଣ ଆମ ବିରୋଧରେ କୌଣସି ଅଭିଯୋଗ ନ ଥିଲା), ସେତେବେଳେ ଆମ ସର୍ଭରକୁ ଗୋଟିଏ ଘରୋଇ କମ୍ପାନୀର ଦୁଇଜଣଙ୍କୁ କ୍ଲୋନିଂ ବା କପି କରିବା ପାଇଁ ଦିଆଯାଇଥିଲା। ଏହି 'ଚଢ଼ାଉ' ସମୟରେ ମୋ ମୋବାଇଲ ଫୋନ୍‌କୁ ମୋଠାରୁ ନିଆଯାଇଥିଲା ଏବଂ ମୋତେ ଫୋନ୍‌କୁ ଅନ୍‌ଲକ୍ କରିବାକୁ ବାଧ୍ୟ କରାଯାଇଥିଲା। ଏହା ଆଇନସଙ୍ଗତ କି ବୋଲି ମୁଁ ପଚାରିବାରୁ ମୋତେ କୌଣସି ଉତ୍ତର ଦିଆଯାଇ ନ ଥିଲା। ମୋ ଫୋନ୍‌କୁ ନେଇ କିଛି ଲୋକ ଦେଖିଲେ ଏବଂ ସେମାନେ ଏଥିରେ କ'ଣ କଲେ ମୋତେ ଫେରାଇବା ପୂର୍ବରୁ କହିଲେ ନାହିଁ। ନିକଟରେ ନେଟ୍‌ୱାର୍କ ୧୮ର ପ୍ରତିଷ୍ଠାତା ରାଘବ ବାହଲଙ୍କ କମ୍ପାନୀ ସମେତ ଯେଉଁମାନଙ୍କ ଉପରେ 'ଚଢ଼ାଉ' କରାଯାଇଥିଲା, ସେମାନଙ୍କ କ୍ଷେତ୍ରରେ ବି ସମାନ ପ୍ରକାର ଘଟିଥିଲା। ପଞ୍ଚମରେ ଆମେରିକା ପରି ଭାରତରେ କୌଣସି ବିଚାରବିଭାଗୀୟ ତଦାରଖ ବ୍ୟବସ୍ଥା ନାହିଁ। ଆମେରିକାରେ ଫୋନ୍ ଟ୍ୟାପିଂ ପାଇଁ ଜଣେ ବିଚାରପତିଙ୍କଠାରୁ ଅନୁମତି ନେବା ଦରକାର ପଡ଼େ। ଭାରତରେ ସେପରି ବ୍ୟବସ୍ଥା ନାହିଁ। ଇଣ୍ଡିଆନ୍ ଏକ୍ସପ୍ରେସ୍ ଦ୍ୱାରା ଏକଦା ଆର୍‌ଟିଆଇ ଆକ୍ଟ ଅନୁସାରେ ମଗାଯାଇଥିବା ତଥ୍ୟରୁ ଜଣାପଡ଼ିଥିଲା ଯେ, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ବର୍ଷକୁ ୧୦,୦୦୦, ଅର୍ଥାତ୍ ଦିନକୁ ୩୦୦ ଫୋନ୍ ଟ୍ୟାପିଂକୁ ଅନୁମତି ଦିଅନ୍ତି। ତା' ମାନେ ଅନୁମତି ଦେବା ପୂର୍ବରୁ ସେ ଟିକିନିଖି ଜିନିଷର ଅନୁଧ୍ୟାନ କରନ୍ତି ନାହିଁ। ଆମେରିକା ପରି ଭାରତରେ ବେଆଇନ ଭାବେ କିଛି ଲିକେଜ୍ ହେଲେ ବା ଗୁପ୍ତ କଥା ପଦାରେ ପଡ଼ିଗଲେ ସେଥିପାଇଁ କେହି ଉତ୍ତରଦାୟୀ ହୁଅନ୍ତି ନାହିଁ। ଏଥିପାଇଁ ଦାୟୀ ଅଫିସର ବା ମନ୍ତ୍ରୀଙ୍କୁ ଦଣ୍ଡିତ କରାଯାଏ ନାହିଁ।

ଷଷ୍ଠରେ ଏହିସବୁ ଉପାୟରେ ଯେଉଁ ତଥ୍ୟଗୁଡ଼ିକ ପ୍ରକାଶ ପାଏ ତାହାଦ୍ୱାରା ପ୍ରାୟ କେହି ଦୋଷୀ ସାବ୍ୟସ୍ତ ହୁଅନ୍ତି ନାହିଁ। ଭାରତରେ ଆତଙ୍କବାଦ ଅଭିଯୁକ୍ତଙ୍କ ଦୋଷୀ ସାବ୍ୟସ୍ତ ହାର ପ୍ରାୟ ୧ ପ୍ରତିଶତ। ତେଣୁ ୯୯ ପ୍ରତିଶତ ମାମଲାରେ ସରକାର ବିଫଳ ହୁଅନ୍ତି ବା ଭୁଲ୍‌ରେ ଲୋକଙ୍କୁ ଅଭିଯୁକ୍ତ ସଜାଇଥାନ୍ତି। ଏହି ବିଫଳତା ବା କ୍ଷମତାର ଦୁରୁପଯୋଗ ପାଇଁ କୌଣସି ଉତ୍ତରଦାୟିତ୍ୱ ବି ନାହିଁ। ଭାରତରେ ଏଭଳି ଘଟଣାର ଶେଷ ନାହିଁ। କିଛି ବର୍ଷ ତଳେ ମୁଁ ସମ୍ପାଦନା କରୁଥିବା ଏକ ଖବରକାଗଜ ସଲମାନ ଖାନ୍ ଓ ପ୍ରୀତି ଜିଣ୍ଟାଙ୍କ ଟ୍ୟାପ୍ ହୋଇଥିବା ବାର୍ତ୍ତାଳାପ ପ୍ରକାଶ କରିଥିଲା। ଅଭିନେତ୍ରୀ ଜଣକ ମୋ ବିରୋଧରେ କୋର୍ଟରେ ମାନହାନି ମାମଲା କରିଥିଲେ ଏବଂ କୋର୍ଟ ଜାଣିବାକୁ ପାଇଲେ ଯେ ମୁମ୍ବାଇ ପୋଲିସ ବିନା ଅନୁମତିରେ ସଲମାନଙ୍କ ଫୋନ୍‌କୁ ଟ୍ୟାପ୍ କରିଥିଲା। ଏଥିପାଇଁ ମୁମ୍ବାଇ ପୋଲିସକୁ କୌଣସି ଦଣ୍ଡ ଦିଆଗଲା ନାହିଁ ଏବଂ ମାମଲା କୁଆଡ଼େ ମିଳେଇ ଗଲା। କିନ୍ତୁ ଏଥର ଆମେରିକାର ନାଗରିକମାନେ ବି ହ୍ୟାକିଂର ଶିକାର ହୋଇଥିବାରୁ ଏବଂ ସେମାନଙ୍କ ନ୍ୟାୟ ବ୍ୟବସ୍ଥା ଉଚ୍ଚମାନର ହୋଇଥିବାରୁ ନ୍ୟାୟ ମିଳିବା ଓ ସତ୍ୟ ପ୍ରକାଶ ପାଇବା ଆଶା କରାଯାଏ। ଯେତେବେଳେ ହ୍ୟାକିଂ ପଛରେ କିଏ ଅଛି ବୋଲି ଜଣାପଡ଼ିବ, ସେତେବେଳେ ହୁଏତ ଆମେ କହିବୁ ଯେ 'ଦେଶବିରୋଧୀ'ମାନଙ୍କର କୌଣସି ଗୋପନୀୟତା ଅଧିକାର ନାହିଁ ଏବଂ ବେଆଇନ ହେଲେ ବି ସେମାନଙ୍କ ବିରୋଧରେ ଯେକୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନେଇହେବ।

Email: aakar.patel@gmail.com

## ୨୫ ବର୍ଷ ତଳର ଧରିତ୍ରୀ

୩ ନଭେମ୍ବର ୧୯୯୪

- ଲଗାଣ ବର୍ଷା ଓ ବାତ୍ୟା ଯୋଗୁ ଆନ୍ଧ୍ରପ୍ରଦେଶରେ ୭୫ ଜଣ ପ୍ରାଣ ହରାଇଛନ୍ତି।
- ପାକିସ୍ତାନର ଦିର କିଲାରେ ଜମି ଗଣ୍ଡଗୋଳକୁ କେନ୍ଦ୍ରକରି ଗୋଟିଏ ଗ୍ରାମରେ ନିଆଁ ଲଗାଇ ଦିଆଯିବାରୁ ୨୧ ଶିଶୁ ଜୀବନ୍ତ ଦଗ୍ଧ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | | 0 | 2 | | | | | 8 | A | | | | | |
| | | 7 | | C | | | D | | | | | | | B |
| | | E | 9 | | | | 2 | 1 | | B | 4 | 0 | 7 | 3 |
| B | | | 6 | | | | | 9 | | 3 | | 5 | | |
| | 9 | 3 | E | | | | | | 2 | | | | D | |
| C | 4 | B | | | | | | | D | | A | | | |
| 9 | | | | 1 | 8 | | | 3 | 5 | | 2 | | | E |
| | | | | | | | | 5 | | | | | 4 | |
| | | | | 9 | A | | | | | | E | | B | |
| | | | | | | | | | 6 | | 8 | | | 5 |
| 5 | | | | | | | | | | | 3 | | | |
| | | 1 | | | 2 | | 6 | | E | 7 | C | D | | |
| | | 2 | A | 6 | | C | | | 8 | | D | | | |
| | D | | | | | | B | | | 2 | | | | 9 |
| 8 | 7 | 9 | D | | 5 | 2 | | | | | B | A | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 7 | 3 | B | A | 4 | 2 | 9 | E | 6 | C | 5 | 8 | D | 0 |
| 9 | B | 5 | 1 | C | 8 | 0 | D | 6 | A | 7 | 4 | E | 2 | 3 |
| A | 2 | D | 3 | 5 | E | B | 7 | C | 8 | 0 | 9 | 6 | 4 | 1 |
| 0 | 4 | 6 | D | 9 | 7 | 3 | 8 | 5 | 2 | 1 | E | C | B | A |
| E | 8 | C | 6 | 0 | 2 | 1 | A | 4 | 3 | D | B | 7 | 5 | 9 |
| 7 | D | 4 | 0 | 3 | B | 6 | 5 | 8 | E | 9 | A | 2 | 1 | C |
| 2 | C | A | 9 | 1 | 5 | E | 0 | B | 4 | 8 | 7 | D | 3 | 6 |
| 3 | 6 | E | 2 | 8 | D | 7 | C | A | 0 | 5 | 1 | B | 9 | 4 |
| 8 | 9 | B | A | 7 | 6 | D | 4 | 1 | C | 3 | 2 | 5 | 0 | E |
| 5 | 0 | 1 | E | 4 | C | 9 | 3 | 2 | D | B | 6 | A | 8 | 7 |
| D | 1 | 0 | 4 | 6 | 3 | C | B | 7 | 5 | E | 8 | 9 | A | 2 |
| C | 5 | 2 | 8 | E | 0 | A | 6 | 9 | 1 | 4 | D | 3 | 7 | B |
| B | A | 9 | C | D | 1 | 8 | 2 | 3 | 7 | 6 | 0 | 4 | E | 5 |
| 6 | E | 7 | 5 | 2 | 9 | 4 | 1 | D | B | A | 3 | 0 | C | 8 |
| 4 | 3 | 8 | 7 | B | A | 5 | E | 0 | 9 | 2 | C | 1 | 6 | D |

ଗତକାଲି ପ୍ରକାଶିତ ଉତ୍ତର

# ଭଲ ବିଭକ୍ତ ଖରାପ



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ସମୟ ସନ୍ଧ୍ୟା ସାତଟା। ପ୍ରାୟ ଦେଢ଼ଘଣ୍ଟା ପୂର୍ବରୁ ସୂର୍ଯ୍ୟ ବୁଡ଼ିଗଲେଣି। ରାଜଧାନୀର ଅସ୍ତାଚଳରେ ଉଜ୍ଜ୍ୱଳ ସ୍ୱର୍ଣ୍ଣାଭ ଆଲୋକରେ ଉଦ୍ଭାସିତ ହେଲାଣି ମହାନଗରୀର ପ୍ରଶସ୍ତ ରାଜପଥ। ବ୍ୟସ୍ତବହୁଳ, କୋଳାହଳମୁଖରିତ ସରକାରୀ ଦପ୍ତରଗୁଡ଼ିକରେ ଛାଇଗଲାଣି ନିଶୂନ ନୀରବତା। ମାତ୍ର ଏ ସମସ୍ତ ପ୍ରତି ବିସ୍ମୃତ ମଧ୍ୟବର୍ଗର ଜଣେ ସରକାରୀ କର୍ମଚାରୀ ରାଜଧାନୀର କୌଣସି ଏକ ବଡ଼ କାର୍ଯ୍ୟାଳୟରେ କାର୍ଯ୍ୟ କରି ଚାଲିଥାନ୍ତି। ତାଙ୍କ ଏକନିଷ୍ଠତାରେ ବାଧା ଉପୁଜାଇ ଜଣେ ସହକର୍ମୀ ମନ୍ତବ୍ୟ ଦେଲେ, 'ଏ ଜଗତ ଉପରେ କାହିଁକି ଏତେ ଦାଉ ସାଧୁଚୁ ବନ୍ଧୁ। କାହିଁକି ଏକ ନିଶ୍ଚିତ ପ୍ରଳୟକୁ ରୋକି ଦେଉଛ କିଛି ସମୟ ପାଇଁ? ତୁମ ଭଳି କେଇଜଣ ଏ ଜଗତରେ ଆତଯାତ ହେଉଛନ୍ତି ବୋଲି ପ୍ରଳୟ ଆସିବାରେ ଏତେ ବିଳମ୍ବ ହେଉଛି ସିନା!' ମନେ ମନେ ବିରକ୍ତ ହେଲେ ବି ଉପରକୁ ମୁହଁରେ ହସ ଫୁଟାଇ ପୂର୍ବୋକ୍ତ ଅଧିକାରୀ କହିଲେ, ଦେହ ଅସୁସ୍ଥ ଥିବାରୁ ଗତ ଦୁଇଦିନ ହେଲା ଛୁଟିରେ ଥିଲି ତ। ବକେୟା କାମ ସାରିବା ପାଇଁ ଅଫିସ ଛୁଟି ପରେ ବି ଅଟକି ରହିଛି। ହେଲେ ଏଥିସହିତ ପ୍ରଳୟ ବା ବିଳୟର ସମ୍ପର୍କ କ'ଣ?

ତାଙ୍କ ପ୍ରଶ୍ନର ଉତ୍ତରରେ ନିଜର ସେଇ ସଦାଶ୍ରୟୀ ସହକର୍ମୀଙ୍କୁ ଦ୍ୱିତୀୟ କର୍ମଚାରୀ ଯେମିତି ଯାହା ବୁଝାଇଲେ, ତା' ଭିତରେ ଦୁଇ ସମଧର୍ମୀଙ୍କ ଶ୍ଳେଷାତ୍ମକ ଲଘୁ ପରିହାସ ପ୍ରତିଫଳିତ ହେଉ ନ ଥିଲା। ବରଂ ପ୍ରତିଧ୍ୱନିତ ହେଉଥିଲା ଏକ ନିଷ୍ଠୁର ସତ୍ୟର ଗମ୍ଭୀର ପରିପ୍ରକାଶ। ସାତଘଣ୍ଟାର ଅଫିସ କାମକୁ ଦୁଇଘଣ୍ଟାରେ ସାରି ବାକି ସମୟ ଖୁସି ଗପ, ସିନେମା, ସିରିଏଲ ବା ରାଜନୀତି ଚର୍ଚ୍ଚାରେ ବିତାଇବାକୁ ଯେଉଁଠି ସାମର୍ଥ୍ୟ ଓ ସଫଳତାର ସଙ୍କେତ ଭାବେ ବିଚାର କରାଯାଏ, ସେଠି ସମସ୍ତେ ଚାଲିଯିବା ପରେ ବି ମନଧ୍ୟାନ ଦେଇ ସରକାରୀ କାର୍ଯ୍ୟ ସମ୍ପାଦନ କରୁଥିବା କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠା ବିଲୟ ବିଳମ୍ବିତ ହେବାର କାରଣ ନୁହେଁ ତ ଆଉ କ'ଣ? ଆଚାରସଂହିତାର ସମସ୍ତ ଆଲୋକ ନିର୍ବାପିତ କରି ସକଳ ଜଗତକୁ ଅନାଚାରର ଅନ୍ଧକାରରେ ବୁଡ଼ାଇ ରଖିବାକୁ ସଭିଏ ଯେତେବେଳେ ପରସ୍ପର ମଧ୍ୟରେ ପ୍ରତିଯୋଗିତାରତ, ସେତେବେଳେ ବତିଟିଏ ଜାଳିବାର ଆଗ୍ରହ ରଖୁଥିବା ଲୋକଟିକୁ ବନ୍ଧୁ ଜଣେ ବିଦ୍ରୂପ ନ କରନ୍ତେ ବା କାହିଁକି। ସାମାନ୍ୟ ବତିଟିର ସ୍ୱଳ୍ପ ଆଲୋକ ବିଶାଳ ଭୂଖଣ୍ଡର ବହଳ ଅନ୍ଧକାରକୁ ଦୂରୀଭୂତ ତ କରି ପାରିବ ନାହିଁ, ବରଂ ଦୂରେଇ ଦେଉଥିବ ଆଶାଲୋକର ସମ୍ଭାବନାକୁ।

ଏକା ଏକା ବତିଟିଏ ଜାଳୁଥିବା ଭଳି ଜଳୁଥିବା ବତିଟିକୁ ଲିଭାଇଦେଇ ଏକା ଏକା ଅନ୍ଧାରକୁ ଉପଭୋଗ କରୁଥିବା ଲୋକମାନଙ୍କର କୈଫିୟତ ସେଇ ଏକା ପରି। ଏକ ନୀତିନିଷ୍ଠ ସମ୍ବିଧାନରେ ଯାହା ଦୁର୍ନୀତି ବୋଲି ବିବେଚିତ, ତାହାକୁ ଆପଣେଇ ନେଲେ ସାରା ସମାଜ ନୀତିଭ୍ରଷ୍ଟ ହୋଇଯାଏ ବୋଲି ଏମାନେ ବିଶ୍ୱାସ କରନ୍ତି ନାହିଁ। ପୁଳାଏ ଲାଞ୍ଚ ନେଇ ପକେଟରେ ପୂରାଇଲେ, ଅଫିସରେ ଘଣ୍ଟାଏ କାମ କରି ଅନ୍ୟ କାମରେ ମାତିଲେ, ସରକାରୀ ଅର୍ଥ ବା ପରଧନ ହଡପ କରି ନିଜ ସିନ୍ଦୁକ ଭରିଲେ, ଅସଲି ବଦଳରେ ନକଲି ଉତ୍ପାଦନ କରି ବଜାରକୁ ଛାଡିଲେ ଅବା ନୋଟ ଦେଇ ଭୋଟ କିଣି ମନ୍ତ୍ରୀ ହେଲେ ସାରା ସମାଜଟା ଭୁଶୁଡ଼ି ପଡ଼ିବ କେମିତି। ହୋଇପାରେ, ଏହାଦ୍ୱାରା ବ୍ୟକ୍ତି ଚରିତ୍ରରେ କିଛିଟା କଳଙ୍କ ଲାଗିପାରେ (ତାହା ପୁଣି ଧରାପଡି ପ୍ରମାଣିତ ହେଲା ପରେ), ହେଲେ ସମଗ୍ର ସମାଜ କଳୁଷିତ ହେବ କେମିତି? ଗୋଟିଏ ବତି ଲିଭାଇଦେଲେ ଏତେ ବଡ଼ ଜଗତଟା ଅନ୍ଧାରରେ ବୁଡି ରସାତଳକୁ ଚାଲିଯିବ ବୋଲି କହିବାରେ କି ଯୁକ୍ତି ଅଛି?

ବଡ଼ ଅଜବ ଏ ଯୁକ୍ତି। ଉଦ୍ଦାମ ଯୁବକଟିଏ ଏକା ଏକା ଡଙ୍ଗାରେ ଚଢ଼ି ଯେତେ ଉଦଣ୍ଡ ନୃତ୍ୟ କଲେ ବି ଡଙ୍ଗାଟି ଟଳମଳ ହେଲା ସିନା, ବୁଡିଗଲା ନାହିଁ। ତା' ଦେଖାଦେଖି ଅନ୍ୟ କେଇଜଣ ସମଧର୍ମୀ ଯୁବକ ଡଙ୍ଗାଟି ଉପରକୁ ଚଢ଼ିଗଲେ ଓ ଆରମ୍ଭ କରିଦେଲେ ମର୍କଟ ସୁଲଭ ଡିଆଁକୁଦା। ପରିଣାମ ହେଲା ଅତ୍ୟନ୍ତ ପ୍ରତ୍ୟାଶିତ। ଡଙ୍ଗାଟି ବୁଡିଗଲା। ପ୍ରଥମ ଯୁବକଟି କୌଣସି ମତେ ପହଁରି ପହଁରି କୂଳରେ ଲାଗିଲା ଓ ସଫେଇଦେଲା, ଦେଖ ହୋ। ଏକା ଏକା ମୁଁ ଯେଉଁ ଭଙ୍ଗୀରେ ଯେତେ ନାଚିଲେ ବି ଡଙ୍ଗା କ'ଣ ବୁଡୁଥିଲା। ସଂଖ୍ୟା ବଢ଼ିଗଲା ବୋଲି ସିନା। ସୁତରାଂ ଡଙ୍ଗା ବୁଡିବା ପାଇଁ ମୁଁ କାହିଁକି ଦାୟୀ ହେବି?

ଅସାଧୁ ମାର୍ଗରେ ଯାଇ ନିଜ ନିଜ ଜୀବନକୁ ଶ୍ରୀମଣ୍ଡିତ କରିବା ସହ ସମାଜକୁ ଶ୍ରୀହୀନ କରୁଥିବା ସବୁ ଲୋକଙ୍କ ସଫେଇ ଏଇ ଯୁବକଙ୍କ ପରି। ହଁ ସତକଥା, ମୁଁ ଅନ୍ୟାୟ ଅନୀତି କରୁଛି। ଯାବତୀୟ ଅନାଚାରକୁ ଆପଣେଇ ନେଇ ନିଜ ପାଇଁ ଏକ ସରସ ସୁନ୍ଦର ସଂସାର ଗଢୁଛି। ନ୍ୟାୟ ନୀତି ଭଳି ମିଥ୍ୟା ଆଦର୍ଶବୋଧର ଆଲୋକକୁ ମୁଁ ସହ୍ୟ କରିପାରେନା। ଅନ୍ଧାରରେ ହିଁ ମୋର ଆନନ୍ଦ। ସେଥିପାଇଁ ମୋ ବିବେକବତିକୁ ମୁଁ ଲିଭାଇଦେଇଛି ନିଜ ହାତରେ। ତା' ବୋଲି ଜଗତ ଯାକର ଅନ୍ଧାର ପାଇଁ କ'ଣ ମୁଁ ଦାୟୀ? ସମାଜ ନଷ୍ଟଭ୍ରଷ୍ଟ ହୋଇଯିବା ପାଇଁ ଅନ୍ୟାନ୍ୟ କାରଣ ଥାଇପାରେ। ମୁଁ ନୁହେଁ କି ମୋ ଅନ୍ଧାର ପ୍ରୀତି ନୁହେଁ।

ଏମିତି ସ୍ୱର୍ଦ୍ଧିତ ଉଦ୍‌ଘୋଷଣା କରି ନିଜକୁ ଦୋଷମୁକ୍ତ ବିଚାରୁଥିବା ଲୋକଟିର ପରିଚୟ କ'ଣ? ସାମାଜିକ ପ୍ରାଣୀ ତ! ନିଜର ଦୈନନ୍ଦିନ ଜୀବନଚର୍ଯ୍ୟା ପାଇଁ ସର୍ବନିମ୍ନ ଉପାଦାନ ଯେଉଁ ସମାଜରୁ ସଂଗୃହୀତ, ସେଇ ସମାଜଠୁ ନିଜକୁ ଯେତେ ଦୂରେଇ ରଖିଲେ ବି ସମାଜ କିନ୍ତୁ ମଣିଷର ଅନୁଧାବନ କରୁଥାଏ ଅହରହ। ବତିଟିଏ ଜାଳି ଅନ୍ୟମାନଙ୍କୁ ଆଲୋକିତ କରୁଥିବା ଭଲ ମଣିଷ ଓ ବତିଟି ଲିଭାଇ ଅନ୍ୟମାନଙ୍କୁ ଅନ୍ଧାର ମଧ୍ୟକୁ ଠେଲି ଦେଉଥିବା ଖରାପ ମଣିଷ, ଉଭୟଙ୍କୁ କୋଳେଇ ନେଇ ସମାଜ ଆଗେଇ ଚାଲୁଥାଏ ସମୟର ପ୍ରବହମାନ ସ୍ରୋତରେ। କେବଳ ଫରକ ଏତିକି, ଭଲ ମଣିଷର ଭଲପଣିଆକୁ ନେଇ ସେ ଉଜ୍ଜ୍ୱଳ ଦିଶୁଥିଲା ବେଳେ ଅତ୍ୟନ୍ତ ମଳିନ ଓ ବିବର୍ଣ୍ଣ ଦିଶେ ତା'ର ଚେହେରା ମନ୍ଦ ଲୋକଙ୍କ କଦର୍ଯ୍ୟ ଆଚରଣରେ।

ଅତଏବ, ମଣିଷ ରହିଲେ ସମାଜ ରହିବ। ସମାଜ ଭିତରେ ଭଲ ଥିବ, ଖରାପ ବି ଥିବ। ରାମ ଥିବେ, ରାବଣ ବି ଥିବ। କୃଷ୍ଣ ରହିବେ, କଂସ ମଧ୍ୟ ରହିବ। ସମାନୁପାତିକ ଭାବେ ଉଭୟଙ୍କ ସଂଖ୍ୟା ସମାନ ରହୁଥିଲେ ଆଉ କଥା ନ ଥାନ୍ତା। ସମାଜରେ ନୀତି ଅନୀତି ଓ ଆଚାର ଅନାଚାରର ଭାରସାମ୍ୟ ରକ୍ଷା ସହଜ ହୁଅନ୍ତା। ରାବଣର ଅସୁରପଣ ସହ ଧକ୍କା ଖାଇ ସମାଜ ଆହତ ହେଉଥିଲେ ରାମଙ୍କ ଉଦାର ହାତ ଲମ୍ବି ଆସୁଥାନ୍ତା ସାନ୍ତ୍ୱନା କରିବା ପାଇଁ। ମାତ୍ର ସମୟର ଦୁର୍ଭାଗ୍ୟ, ଏବେ ଏଠି ରାମଙ୍କ ସଂଖ୍ୟା କମି କମି ଯାଉଥିବା ବେଳେ ବଢ଼ି ବଢ଼ି ଚାଲିଛନ୍ତି ରାବଣଗଣ। ଭଲକୁ ପଛକୁ ଠେଲିଦେଇ ଆଗକୁ ମାଡିଚାଲିଛି ଖରାପର ବିଜୟ ଶୋଭାଯାତ୍ରା। ସମାଜର ଏ ପ୍ରକାର ଗତି ଦେଖି କିଛି ଲୋକ ନିଜ ଭଲପଣକୁ ନେଇ ହନ୍ତସନ୍ତ ହେବା ଅପେକ୍ଷା ଟିକେ ଭଲରେ ବଞ୍ଚିବା ପାଇଁ ସେଇ ଶୋଭାଯାତ୍ରାରେ ଯୋଗ ଦେଉଛନ୍ତି ତ ଆଉ କେତେକ ନିର୍ଯାତିତ ହୋଇ ସେମାନଙ୍କ ଉଦ୍ଧାର ପାଇଁ ନୀରବରେ ଅପେକ୍ଷା କରି ରହୁଛନ୍ତି କେଉଁ ଏକ ଦିବ୍ୟଶକ୍ତିର ଆବିର୍ଭାବକୁ।

ଏ ପ୍ରସଙ୍ଗରେ ଜଣେ ବିଶିଷ୍ଟ ବିଦ୍ୱାନଙ୍କ ବକ୍ତବ୍ୟ ବେଶ୍ ପ୍ରଣିଧାନଯୋଗ୍ୟ। କେଇବର୍ଷ ତଳେ ଏ ଲେଖକ ଯାଇଥିଲା ଏକ ସାରସ୍ୱତ ସମାବେଶକୁ ମୁଖ୍ୟବକ୍ତାର ଭୂମିକା ନେଇ। ବସ୍ତୁବାଦୀ ସଭ୍ୟତା ଓ ଉଗ୍ର ଆଧୁନିକତାର ଆସୁରିକ ଆକ୍ରମଣରେ ଭଲପଣିଆର ଅବକ୍ଷୟ ଘଟୁଥିବାରୁ ସେ ଚିନ୍ତାପ୍ରକଟ କରିଥିଲା ତା' ଭାଷଣ ପ୍ରସଙ୍ଗରେ। ସେଇ ଆସରର ମୁଖ୍ୟଅତିଥି ଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ମହୋଦୟ। ତାଙ୍କ ଭାଷଣରେ ସେ ଏ ଲେଖକର ଉଦ୍‌ବେଗ ସହ ଏକମତ ନ ହୋଇ ଏକ ଅଭିନବ ତତ୍ତ୍ୱର ଅବତାରଣା କରିଥିଲେ। କହିଥିଲେ 'ପ୍ରତ୍ୟେକ ଯୁଗରେ ଭଲ ସହିତ ଖରାପ ମିଶି ରହିଛି ଓ ରହିବ। ଖରାପ ତୁଳନାରେ ଭଲ କମ୍ ଲୋକଙ୍କ ଗ୍ରହଣୀୟ ହେବ। ମାତ୍ର ଏଥିପାଇଁ ଭଲପଣିଆ ଉପରୁ ଆସ୍ଥା ହରାଇ ବସିଲେ ଖରାପ ଲୋକଙ୍କ ସଂଖ୍ୟା କମିବ ତ ନାହିଁ, ବରଂ ଭଲ ଲୋକଙ୍କ ଭଲପଣିଆର ଅସମ୍ମାନ ହେବ।'

ବୃତ୍ତିରେ କୁଳପତି ମହୋଦୟ ଜଣେ ବିଶିଷ୍ଟ ଗଣିତଜ୍ଞ ହୋଇଥିବାରୁ ଗାଣିତିକ ସୂତ୍ରର ସାହାଯ୍ୟ ନେଇ ବୁଝାଇ ଦେଇଥିଲେ। ବର୍ତ୍ତମାନ ଉପଭୋକ୍ତାବାଦ ମଧ୍ୟରେ ସାଧାରଣ ଲୋକଙ୍କ ଚେତନାରେ ଆଶୁ ଉପଲବ୍ଧିର ବିଚାର ପ୍ରାଧାନ୍ୟ ବିସ୍ତାର କରିଛି। ଚରମ ସଙ୍କଟ ଦେଇ ଗତି କରୁଛି ମୂଲ୍ୟବୋଧର ମହତ୍ତ୍ୱ। ଭଲ ବିଭକ୍ତ ଖରାପ ପ୍ରକ୍ରିୟାରେ ଲବ କମ୍ ହୋଇ ହର ଅଧିକ ହୋଇପଡିଛି। ମୂଲ୍ୟବୋଧର ମୂଲ୍ୟାଙ୍କ ଏକ ତଳକୁ ଖସିପଡିଛି। ଏମିତି ଏକ ସଙ୍କଟ ସମୟରେ ଯେଉଁ ଅଳ୍ପ କେତେକ ଭଲ ଲୋକ ନିଜ ଭଲପଣିଆ ନେଇ ତଥାପି ତିଷ୍ଠି ରହିଛନ୍ତି, ସେମାନଙ୍କ ବିଶ୍ୱାସକୁ ଅଧିକ ବଳିଷ୍ଠ କରି ଗଢି ତୋଳିବାକୁ ପଡିବ। କେବଳ ନିଜର ବିଶ୍ୱାସ ନୁହେଁ, ଅନ୍ୟର ବିଶ୍ୱାସକୁ ପ୍ରଭାବିତ କରିବା ପାଇଁ ସେମାନଙ୍କୁ ଅଧିକ ଭଲ, ଅଧିକ ଉଦାର ହେବାକୁ ପଡ଼ିବ। ଯେମିତି ଭଲପଣିଆର ଲବ ଅଧିକ ହୋଇ ଖରାପ ଗୁଣଠୁ ନିଜ ପ୍ରାଧାନ୍ୟ ବିସ୍ତାର କରିପାରିବ। ସାମ୍ପ୍ରତିକ ସାମାଜିକ ସ୍ଥିତିରେ ଭଲ ବିଭକ୍ତ ଖରାପର ଏମିତି ଏକ ଭଗ୍ନାଂଶ ହାତଗଣତି ଭଲ ଲୋକଙ୍କ ପାଇଁ ସହଜସାଧ୍ୟ ହୋଇ ନ ପାରେ। ମାତ୍ର ଅସମ୍ଭବ ନୁହେଁ। ବାସ୍, କେବଳ ଏକ ସାର୍ଥକ ଜୀବନ ପାଇଁ ଆକୁଳତା ଓ ଏକ ଶୁଦ୍ଧ ସମାଜ ଗଠନ ପାଇଁ ବ୍ୟାକୁଳତା ହିଁ ଲୋଡ଼ା।

ଉପସଂହାରରେ ଆଉ ଥରେ ସେଇ କର୍ତ୍ତବ୍ୟନିଷ୍ଠ କର୍ମଚାରୀଙ୍କ କଥା, ଯିଏ ଅଫିସ ସରିଲାପରେ ବି କାମ କରି ଚାଲିଛନ୍ତି କେବଳ କମିଯାଇଥିବା ଲବର ଅଙ୍କକୁ ବଢ଼ାଇବା ପାଇଁ। କ୍ରମେ କ୍ରମେ ଲିଭି ଆସୁଥିବା ମୂଲ୍ୟବୋଧର ବତିକୁ ପ୍ରଜ୍ୱଳିତ କରି ଏ ସମାଜକୁ ଆଲୋକିତ କରିବା ପାଇଁ। ବିଦ୍ୱାନ କୁଳପତିଙ୍କ ଗାଣିତିକ ବିଶ୍ଳେଷଣ ଯେ ଅର୍ଥହୀନ ନୁହେଁ, ଏ କଥାର ପ୍ରମାଣ ଦେବା ପାଇଁ।

ପ୍ରଜ୍ଞା ନିଳୟ ବିଦ୍ୟାପତିନଗର, ଚକେଇସିହାଣି, ଭୁବନେଶ୍ୱର, ମୋ-୮୮୯୫୬୨୪୧୦୫

# ଲଦାଖର ତତ୍ତ୍ୱାବଧାରକ

ବ୍ୟକ୍ତିତ୍ୱ



ରାଧାକ୍ରିଷ୍ଣ ମାଥୁର

ଜମ୍ମୁ ଓ କଶ୍ମୀରରେ ଲାଗୁ ହୋଇଆସିଥିବା ସମ୍ବିଧାନର ୩୭୦ ଧାରାକୁ କେନ୍ଦ୍ର ସରକାର ୫ ଅଗଷ୍ଟ ୨୦୧୯ରେ ଉଚ୍ଛେଦ କରିଥିଲେ। ଏଥିସହିତ ଏହାକୁ ଦିଆଯାଇଥିବା ରାଜ୍ୟର ମାନ୍ୟତାକୁ ହଟେଇ ଦିଆଯାଇ ଜମ୍ମୁ ଓ କଶ୍ମୀର ଏବଂ ଲଦାଖ ନାମରେ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ କରାଯିବା ବିଷୟ ଘୋଷଣା ହୋଇଥିଲା। ୩୧ ଅକ୍ଟୋବରରେ ଏହି ଦୁଇଟି ବିଧିବଦ୍ଧ ଭାବେ କେନ୍ଦ୍ର ଶାସିତ ଅଞ୍ଚଳ ଭାବେ ମାନ୍ୟତା ପାଇବା ପରେ ଦୁଇ ଜଣ ଉପରାଜ୍ୟପାଳ ଭାବେ ନିଯୁକ୍ତ ହୋଇଛନ୍ତି। ଡକ୍ଟର ଗିରୀଶ ଚନ୍ଦ୍ର ମୁର୍ମୁ ଜମ୍ମୁ ଓ କଶ୍ମୀର ଉପରାଜ୍ୟପାଳ ହୋଇଥିବା ବେଳେ ରାଧାକ୍ରିଷ୍ଣ ମାଥୁର ଲଦାଖର ଉପରାଜ୍ୟପାଳ ଦାୟିତ୍ୱ ଗ୍ରହଣ କରିଛନ୍ତି। ଲଦାଖବାସୀ ସର୍ବଦା ଅବହେଳାର ଶିକାର ହୋଇଆସୁଥିବା ଅଭିଯୋଗ ହୋଇଥାଏ। ଦୀର୍ଘବର୍ଷ ଧରି ଭାରତ, ପାକିସ୍ତାନ ଓ ଚାଇନା ମଧ୍ୟରେ ଲଦାଖ ଏକ ବିବାଦୀୟ ଅଞ୍ଚଳ ରହିଆସିଛି। ଏବେ ଏହାକୁ କେନ୍ଦ୍ର ଶାସିତ ମାନ୍ୟତା ଦିଆଯିବା ପରେ ଅଞ୍ଚଳବାସୀଙ୍କ ଉନ୍ନତି ସମ୍ଭବ ହୋଇପାରିବ ବୋଲି କୁହାଯାଉଛି। ମାଥୁର ଜଣେ ଅଭିଜ୍ଞ ପ୍ରଶାସକ ହୋଇଥିବାରୁ ଲଦାଖର ଉପରାଜ୍ୟପାଳ ଭାବେ ଗୁରୁଦାୟିତ୍ୱ ତୁଲାଇବେ ବୋଲି ଆଶା କରାଯାଉଛି।

ରାଧାକ୍ରିଷ୍ଣ ୨୫ ନଭେମ୍ବର ୧୯୫୩ରେ ଉତ୍ତରପ୍ରଦେଶରେ ଜନ୍ମଗ୍ରହଣ କରିଥିଲେ। ଆଇଆଇଟି କାନପୁରରୁ ମେକାନିକାଲ ଇଞ୍ଜିନିୟରିଂରେ ବିଟେକ୍ କରିବା ପରେ ସେ ଆଇଆଇଟି ଦିଲ୍ଲୀରୁ ଇଣ୍ଡଷ୍ଟ୍ରିଆଲ ଇଞ୍ଜିନିୟରିଂରେ ଏମ୍‌ଟେକ୍ କରିଥିଲେ। ସ୍ଲୋଭେନିଆରୁ ଏମ୍‌ବିଏ ଡିଗ୍ରୀ ହାସଲ କରିଥିବା ମାଥୁର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ରେ ଯୋଗଦେଇଥିଲେ। ୧୯୭୭ ବ୍ୟାଚ୍‌ର ତ୍ରିପୁରା କ୍ୟାଡରର ଏହି ଆଇଏଏସ୍ ଅଫିସର ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହୋଇଥିଲେ। ସେ ତ୍ରିପୁରାର ପ୍ରମୁଖ ସଚିବ (ଅର୍ଥ), ପ୍ରମୁଖ ସଚିବ (କୃଷି). ପ୍ରମୁଖ ସଚିବ (ଗ୍ରାମ୍ୟ ଉନ୍ନୟନ), ରେସିଡେଣ୍ଟ କମିଶନର ଅଫ୍ ତ୍ରିପୁରା, ରାଜସ୍ୱ ସଚିବ, ତ୍ରିପୁରା ଟ୍ରାଇବାଲ ଏରିଆ ଅଟୋନମସ ଡିଷ୍ଟ୍ରିକ୍ଟ କାଉନ୍‌ସିଲର ସିଇଓ ଏବଂ ମୁଖ୍ୟ ସଚିବ ଭଳି ପଦ ମଣ୍ଡନ କରିଥିଲେ। ସେହିଭଳି କେନ୍ଦ୍ର ସରକାରରେ ପ୍ରତିରକ୍ଷା ଉତ୍ପାଦନ ସଚିବ, ପ୍ରତିରକ୍ଷା ସ୍ୱତନ୍ତ୍ର ସଚିବ, ବୟନ ମନ୍ତ୍ରଣାଳୟ ଉନ୍ନୟନ କମିଶନର ଏବଂ ମେ ୨୦୧୩ରେ ଦୁଇବର୍ଷ ସକାଶେ ପ୍ରତିରକ୍ଷା ସଚିବ ରହିଥିଲେ। ୨୪ ମେ ୨୦୧୫ରେ ସେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ୧୮ ଡିସେମ୍ବର ୨୦୧୫ରେ ତାଙ୍କୁ ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ କମିଟି (ଏସିସି) ଦ୍ୱାରା ଭାରତୀୟ ସୂଚନା କମିଶନରେ ଅବସ୍ଥାପିତ କରାଯାଇଥିଲା। ୫ ଜାନୁୟାରୀ ୨୦୧୬ରେ ମାଥୁରଙ୍କୁ ମୁଖ୍ୟ ସୂଚନା କମିଶନର ଭାବେ ଦାୟିତ୍ୱ ଦିଆଯାଇଥିଲା। ୨୪ ନଭେମ୍ବର ୨୦୧୮ରେ ସେ ଉକ୍ତ ପଦରୁ ଅବସର ନେଇଥିଲେ।

ଚାକିରି ଜୀବନରେ ମାଥୁର ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ ତାହାକୁ ସଫଳତାର ସହ ମୁକାବିଲା କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ତ୍ରିପୁରାର ମୁଖ୍ୟ ସଚିବ ଭାବେ କାର୍ଯ୍ୟ କଲା ବେଳେ ସେଠାକାର ପଛୁଆ ଓ ସୀମାନ୍ତ ଅଞ୍ଚଳର ସମସ୍ୟା ସମାଧାନ ଦିଗରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏବେ ଲଦାଖ ଭଳି ସୀମାନ୍ତ କେନ୍ଦ୍ର ଶାସିତ ଅଞ୍ଚଳରେ ତାଙ୍କୁ ଉପରାଜ୍ୟପାଳ ଭାବେ ସାମ୍ବିଧାନିକ ପଦବୀ ମିଳିବା ନିଶ୍ଚିତ ଭାବେ ମାଥୁରଙ୍କ ସକାଶେ ଆହ୍ୱାନ ସୃଷ୍ଟି କରିବ। ୩୧ ଅକ୍ଟୋବରରେ ଲଦାଖ କେନ୍ଦ୍ର ଶାସିତ ଅଞ୍ଚଳ ଭାବେ ବିଧିବଦ୍ଧ ମାନ୍ୟତା ପାଇବା ପରେ ଚାଇନା ପ୍ରତିକ୍ରିୟା ପ୍ରକାଶ କରିଛି। ଚାଇନାର କିଛି ଇଲାକାକୁ ଭାରତ ଲଦାଖ ଭିତରେ ମିଶାଇ ଦେଇ ତା'ର ସାର୍ବଭୌମତ୍ୱ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଛି ବୋଲି ବେଜିଂ କହିଛି। ଏଭଳି ସ୍ଥଳେ ଭାରତ ଓ ଚାଇନା ମଧ୍ୟରେ ଲଦାଖ ଆହୁରି ବିବାଦୀୟ ହେଉଥିବାରୁ ପରିସ୍ଥିତିକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ଲାଗି ମାଥୁରଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଦେଶରେ ମହିଳାବିରୋଧୀ ଅପରାଧ ନିତି ସାମ୍‌ନାକୁ ଆସୁଛି। କିନ୍ତୁ ଏମିତି କମ୍ ଲୋକ ଅଛନ୍ତି ଯେଉଁମାନେ ପୀଡ଼ିତାଙ୍କ ସହ ପ୍ରତି କ୍ଷେତ୍ରରେ ଠିଆହୋଇ ସେମାନଙ୍କୁ ନ୍ୟାୟ ପ୍ରଦାନ କରୁଛନ୍ତି। ଏମାନଙ୍କ ମଧ୍ୟରୁ ଗୁଡଗାଓଁ ନିବାସୀ ଅଞ୍ଜୁ ରାୱତ ସମ୍ପୂର୍ଣ୍ଣ ଭିନ୍ନ। ୪୨ ବର୍ଷୀୟା ଅଞ୍ଜୁ ପେସାରେ ଆଇନଜୀବୀ। ବଳାତ୍କାର ଓ ଏସିଡ୍ ଆକ୍ରମଣର ଶିକାର ହେଉଥିବା ଗରିବ ମହିଳା ତଥା ଝିଅଙ୍କ ପାଇଁ ବିନା ଦେୟରେ ସେ ମକଦ୍ଦମା ଲଢୁଛନ୍ତି। ଏଯାବତ୍ ଅଞ୍ଜୁ ୭୦ ଜଣଙ୍କୁ ନ୍ୟାୟ ଦେଇସାରିଲେଣି। ଉତ୍ତରାଖଣ୍ଡର ମୂଳ ବାସିନ୍ଦା ଅଞ୍ଜୁ ୨୦୦୫ରୁ ଗୁଡଗାଓଁରେ ଓକିଲାତି କରୁଛନ୍ତି। ସେ ୨୦୧୧ରେ ଏକ ଏନ୍‌ଜିଓ ଗଠନ କରିଥିଲେ। ପ୍ରଥମେ ଜଣେ ୬ ବର୍ଷୀୟା ଝିଅ ଲାଗି ମାମଲା ଲଢିଥିଲେ। ଜଣେ ରିକ୍ସା ଚାଳକଙ୍କର ଏହି ଝିଅଟି ବଳାତ୍କାରର ଶିକାର ହୋଇଥିଲେ ଓ ଏଥିରେ ସମ୍ପୃକ୍ତ ଦୁଇ ଅପରାଧୀ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ଅଞ୍ଜୁ ବଳାତ୍କାର ଓ ଏସିଡ୍ ପୀଡ଼ିତାମାନଙ୍କୁ ଆଇନ ସହାୟତା ଦେବା ସହ ଶିକ୍ଷା ଓ ରୋଜଗାରର ବ୍ୟବସ୍ଥା ମଧ୍ୟ କରିଛନ୍ତି।

### ଚିରନ୍ତନୀ

ପରଶିଛି ପଥେ ପଥେ
ହରଷାଇ ଘାସରେ
ପରାଚୀର ପରଥମ ହାସରେ!
ତାରକା ଖଚିତ ନଭେ
ତାହାରି ପରଶ ଦ୍ରବେ
ପଞ୍ଚମୀ ଜୋଛନାର ପ୍ରାସରେ
ପରଶିଛି ହରଷାଇ ଘାସରେ!
(ଶିଶିର-ହାସ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସଙ୍କଟରେ ସୃଷ୍ଟି

ମହାଶୟ,

ପ୍ରତିଦିନ ଟେଲିଭିଜନ ପରଦାରେ, ଖବରକାଗଜ ପୃଷ୍ଠାରେ ଆଖି ପକାଇଲେ ଝିଅଙ୍କୁ ବଳାତ୍କାର ନେଇ କେତେ ଯେ ଖବର ତା'ର ହିସାବ ନାହିଁ। ଲମ୍ବି ଲମ୍ବି ଚାଲିଛି ଜଣ ବା ଗଣବଳାତ୍କାରର କାହାଣୀ। କେଉଁଠି ଝିଅଟି ତା'ର ସମ୍ପର୍କୀୟ ଭାଇ ତ କେଉଁଠି ବଡବାପା, କକା, ଭିଣୋଇ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇ ଲଜ୍ଜାରେ ଆତ୍ମହତ୍ୟା କରୁଛି ବା ବଳାତ୍କାର ପରେ ତାକୁ ମାରି ଦିଆଯାଉଛି। ଯେଉଁ ଝିଅମାନେ ବଳାତ୍କାରର ଶିକାର ହେଉଛନ୍ତି ସେମାନଙ୍କ ମଧ୍ୟରୁ ସାବାଳିକାଠାରୁ ନାବାଳିକା ସଂଖ୍ୟା ଅଧିକ। ଏପରିକି ଶିଶୁକନ୍ୟା ମଧ୍ୟ ବାଦ୍ ଯାଉନାହାନ୍ତି। ସବୁଠୁ ପରିତାପର ବିଷୟ ନିଜ ବାପା ମଧ୍ୟ ନିଜ ଝିଅକୁ ବଳାତ୍କାର କରିବାକୁ ପଛାଉ ନାହିଁ। ସରକାର ନାରୀମାନଙ୍କର ସୁରକ୍ଷା ପାଇଁ ଯେତେ ବ୍ୟବସ୍ଥା କଲେ ମଧ୍ୟ, ନ୍ୟାୟାଳୟ ଅଭିଯୁକ୍ତଙ୍କ ପ୍ରତି ଯେତେ କଠୋର ଦଣ୍ଡ, ଏପରି କି ମୃତ୍ୟୁଦଣ୍ଡ ଦେଲେ ମଧ୍ୟ ବଳାତ୍କାର କମୁନି ବରଂ ବଢି ବଢି ଚାଲିଛି। ସାରା ଦେଶରେ ଏବେ ଝିଅଙ୍କ ସଂଖ୍ୟା ପୁଅଙ୍କଠାରୁ କମି କମି ଯାଉଛି। ଏହା ଏକ ଉଦ୍‌ବେଗର ବିଷୟ। ଈଶ୍ୱରଙ୍କ ସୃଷ୍ଟିରେ ନାରୀ ହେଉଛି ସୃଷ୍ଟିକର୍ତ୍ତ୍ରୀ। ଯଦି ମଣିଷ ଏଭଳି ଭାବରେ ପଶୁ ପାଲଟିଯିବ, ତା'ହେଲେ କ୍ଷୟ ହୋଇ ଚାଲିବେ ସୃଷ୍ଟିକର୍ତ୍ତ୍ରୀମାନେ। ସୃଷ୍ଟିକର୍ତ୍ତ୍ରୀମାନଙ୍କ ବିନା କେମିତି ନିର୍ମାଣ ହେବ ଏ ସୃଷ୍ଟି।

ଭଗବାନ ଦାସ, 'ହରି ନିବାସ' ନାରାୟଣପୁର, କେନ୍ଦ୍ରାପଡ଼ା

### କସ୍ତୁରବା ବିଦ୍ୟାଳୟରେ ୯ମ/୧୦ମ ଶ୍ରେଣୀ ରହୁ

କିଛିବର୍ଷ ହେଲା ରାଜ୍ୟର ପ୍ରତି ବ୍ଲକରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ସ୍ଥାପନ କରି ଅଧାରୁ ପାଠ ଛାଡୁଥିବା ଗ୍ରାମାଞ୍ଚଳର ଝିଅମାନଙ୍କ ଶିକ୍ଷାର ଉନ୍ନତି ହେଉଛି। କିନ୍ତୁ ଉକ୍ତ ବିଦ୍ୟାଳୟରେ କେବଳ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଥିବାରୁ ୮ମ ପାସ୍ ହେବା ପରେ ସେମାନଙ୍କୁ ଅନ୍ୟ ବିଦ୍ୟାଳୟରେ ୯ମ ଶ୍ରେଣୀ ପଢିବା ପାଇଁ କହି ହଷ୍ଟେଲରୁ ବାହାର କରି ଦିଆଯାଉଛି। ସେମାନେ ଅନ୍ୟ ବିଦ୍ୟାଳୟରେ ହଷ୍ଟେଲର ବ୍ୟବସ୍ଥା ନ ଥାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଓ କେତେଜଣ ପୁଣିପାଠ ଛାଡି ଦେଉଛନ୍ତି। ତେଣୁ ସରକାର ୯ମ ଓ ୧୦ମ ଶ୍ରେଣୀର ବ୍ୟବସ୍ଥା କରି ଗରିବ, ଆଦିବାସୀ ଝିଅଙ୍କୁ ଉପଯୁକ୍ତ ନ୍ୟାୟ ଦେବେ ବୋଲି ଆଶା କରୁ।

ବିନୋଦ ଚନ୍ଦ୍ର ଜେନା, ପାରଳାଖେମୁଣ୍ଡି, ଗଜପତି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଥାନା ହାଜତରୁ ମୁଦାଲା ଫେରାର

- ଏଏସଆଇ, କନ୍‌ଷ୍ଟେବଲ ନିଲମ୍ବିତ
- ହୋମଗାର୍ଡ ବହିଷ୍କୃତ
- ଥାନା ଅଧିକାରୀ ଜିଲା କାର୍ଯ୍ୟାଳୟକୁ ବଦଳି

ନୂଆପଡ଼ା ଅଫିସ,୨।୧୧: ନୂଆପଡ଼ା ଜିଲାର ଆଦର୍ଶ ଥାନା କୁହାଯାଉଥିବା ଖରିଆରରୋଡ ଜୋଙ୍କ ଥାନାରୁ ମୁଦାଲା ଫେରାର ଘଟଣା ପୋଲିସକୁ ଅଡୁଆରେ ପକାଇଛି। ଏହି ଘଟଣାରେ ଜଣେ ଏଏସଆଇ, ଜଣେ କନଷ୍ଟେବଲଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବାବେଳେ ଜଣେ ହୋମଗାର୍ଡଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଥାନା ଅଧିକାରୀଙ୍କୁ ହେଡ୍‌କ୍ୱାର୍ଟର ଅଫିସକୁ ବଦଳି କରି ନୂଆ ଥାନା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବେଲଟୁକୁରୀ ଥାନା ବିରୋମାଳ ଗାଁ ଧାମଲେ ବରିହା ନାମକ ଜଣେ ଅଭିଯୁକ୍ତ ଏକ ମାମଲା (ନଂ.୧୦୨/୧୫)ରେ ଫେରାର ହୋଇଯାଇଥିଲେ। ଦୁଇଦିନ ତଳେ ତାଙ୍କୁ ଖରିଆରରୋଡ ପୋଲିସ କାବୁକରି ଥାନା ହାଜତରେ ରଖିଥିଲା। ଶୁକ୍ରବାର ରାତି ସାଢେ ୪ଟାବେଳେ ହାଜତର ଭେଣ୍ଟିଲେଟର ଭାଙ୍ଗି ସେ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ଥାନା ଅଧିକାରୀ ଯୁଗଳ କୁମାର ମଲ୍ଲିକଙ୍କୁ ଜିଲା ପୋଲିସ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ତାଙ୍କ ଜାଗାରେ ଅସ୍ଥାୟୀ ଭାବେ ଏବଂଆରପିସି ଦାୟିତ୍ୱରେ ଥିବା ଅନିରୁଦ୍ଧ ମଲ୍ଲିକଙ୍କୁ ଅବସ୍ଥାପିତ କରାଯାଇଛି। ଘଟଣାଦିନ କାର୍ଯ୍ୟରତ ଥିବା ଏଏସଆଇ ପ୍ରଭାତ କୁମାର ପଣ୍ଡା ଏବଂ କନଷ୍ଟେବଲ ସୁବ୍ରତ କୁମାର ଦାସଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଡ୍ୟୁଟିରେ ଥିବା ହୋମ୍‌ଗାର୍ଡ ତୋଫାନ କୁମ୍ଭାରଙ୍କୁ ବହିଷ୍କାର କରାଯାଇଛି।

## ନଗଡ଼ା ଅନୁଦାନ ଆତ୍ମସାତ ଅଭିଯୋଗ

# ୬ ଅଧିକାରୀଙ୍କୁ ଲୋକାୟୁକ୍ତ ନୋଟିସ

- ୬ ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ
- ଡିସେମ୍ବର ୯ରେ ପରବର୍ତ୍ତୀ ଶୁଣାଣି

ଯାଜପୁର ଅଫିସ,୨।୧୧

ଯାଜପୁର ଜିଲା ସୁକିନ୍ଦା ବ୍ଲକ ନଗଡାର ସର୍ବାଙ୍ଗୀନ ବିକାଶ ପାଇଁ ଆବଣ୍ଟିତ ଅନୁଦାନରେ ସିହ୍ନଭାଗ ଅର୍ଥ ଆତ୍ମସାତ୍ ହୋଇଛି। ଏହି ସମ୍ବେଦନଶୀଳ ଅଭିଯୋଗ ଉପରେ ଓଡ଼ିଶା ଲୋକାୟୁକ୍ତ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି। ଏଥିରେ ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ)ର ପ୍ରକଳ୍ପ ନିର୍ଦ୍ଦେଶକ (ପିଡି), ସୁକିନ୍ଦା ବିଡିଓ, ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ ଯାଜପୁର, ନେସ୍କୋ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସ୍‌ଏସ୍)ର ନିର୍ବାହୀ ଯନ୍ତ୍ରୀ ଏବଂ ଜିଲା ସମାଜ ମଙ୍ଗଳ ଅଧିକାରୀ (ଡିଏସ୍‌ଡବ୍ଲ୍ୟୁଓ)ଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆସନ୍ତା ୬ ସପ୍ତାହ ମଧ୍ୟରେ ପକ୍ଷ ରଖିବାକୁ ଏହି ଅଧିକାରୀମାନଙ୍କୁ ଲୋକାୟୁକ୍ତ ନୋଟିସ ଜାରି କରିଛନ୍ତି। ଏଥିସହ ଆସନ୍ତା ଡିସେମ୍ବର ୯ରେ ପରବର୍ତ୍ତୀ ଶୁଣାଣି କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି। ଶିଶୁ ମୃତ୍ୟୁ ଘଟଣାକୁ ନେଇ ବହୁ ଚର୍ଚ୍ଚିତ ନଗଡ଼ାର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରାୟ ୨୩କୋଟି ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ ନଗଡ଼ା ଜୁଆଙ୍ଗ ଆଦିବାସୀଙ୍କ ଜୀବନଧାରଣ ମାନରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏହି ମର୍ମରେ ରାଜ୍ୟ ସୂଚନା ଅଧିକାର ଆଇନ(ଆରଟିଆଇ) ଆବାହକ ପ୍ରଦୀପ ପ୍ରଧାନ ଲୋକାୟୁକ୍ତଙ୍କ ପାଖରେ ୧୪।୦୨।୨୦୧୯ରେ ଅଭିଯୋଗ କରିଥିଲେ। ଏହାପରେ ଓଡ଼ିଶା ଲୋକାୟୁକ୍ତ (ଏଲୱାଇ)-୪୫୫/୨୦୧୯ରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲା ଉପରେ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଯାଜପୁର ଜିଲା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ତେବେ ଲୋକାୟୁକ୍ତଙ୍କ ପାଖରେ ହୋଇଥିବା ଅଭିଯୋଗ ଅନୁସାରେ ୨୦୧୬ ଜୁଲାଇରେ ପୁଷ୍ଟହୀନତା ଯୋଗୁ ୧୯ଜଣ ଶିଶୁଙ୍କ ମୃତ୍ୟୁ ହୋଇଥିଲା। ଏହା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ରାଜନୈତିକ ଦଳ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାପରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନଗଡ଼ାର ଶିଶୁ ମୃତ୍ୟୁ ଘଟଣାର ତଦନ୍ତ କରିବାକୁ ନିୟୋଜିତ କରାଯାଇଥିଲା। ନଗଡ଼ାକୁ ରାସ୍ତା ନିର୍ମାଣ ହେବା ସହିତ ସ୍ୱାସ୍ଥ୍ୟ, ପାନୀୟ ଜଳ ଇତ୍ୟାଦି କ୍ଷେତ୍ରରେ କୋଟି କୋଟି ଟଙ୍କା ବିନିଯୋଗ ହୋଇଥିଲା। ନଗଡା ବିକାଶର ପରିଚାଳନା କରିବାକୁ କେନ୍ଦ୍ରୀୟ ରାଜସ୍ୱ ଆୟୁକ୍ତଙ୍କୁ ଅଧକ୍ଷ ଭାବେ ନିଯୁକ୍ତ କରାଯାଇଥିଲା। ତେବେ ନଗଡ଼ା ଏବଂ ଗୁଡିଆଶାଳ ଗ୍ରାମର ବିଭିନ୍ନ ବିକାଶ କ୍ଷେତ୍ରରେ ଖର୍ଚ୍ଚ ହୋଇଥିବା ସରକାରୀ ଅର୍ଥର ସବିଶେଷ ତଥ୍ୟ ମହିଳା ଓ ଶିଶୁ ବିକାଶ ବିଭାଗକୁ ଆରଟିଆଇ ଜରିଆରେ ମଗାଯାଇଥିଲା। କିନ୍ତୁ ଯାଜପୁର ଡିଆରଡିଏ ପକ୍ଷରୁ ଏହାର ହିସାବ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରଦାନ ନ କରିବାରୁ ଓଡ଼ିଶା ସୂଚନା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। କମିଶନଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଡିଆରଡିଏ ପକ୍ଷରୁ ୩।୫।୨୦୧୯ରେ ନଗଡା ବିକାଶର ସବିଶେଷ ତଥ୍ୟ ଆରଟିଆଇ ଆବାହକ ପ୍ରଦୀପଙ୍କୁ ପ୍ରଦାନ କରାଯାଇଥିଲା। ସୂଚନା ଅନୁସାରେ ଆଇଏପି(ଇଣ୍ଟିଗ୍ରେଟେଡ ଆକ୍ସନ ପ୍ଲାନ)ରେ ୨୧.୫୭ ଲକ୍ଷ ଟଙ୍କା, ସୁକିନ୍ଦା ବିଡିଓଙ୍କ ଜରିଆରେ ୪୨.୪୧ ଲକ୍ଷ ଟଙ୍କା, ନଗଡାରେ କଂକ୍ରିଟ ରାସ୍ତା ୨୦ ଲକ୍ଷ ଟଙ୍କା, ଅଶୋକଝରର ପାହାଡ ପାଦଦେଶରୁ ତଳ ନଗଡା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ବାବଦକୁ ୧୪୯୫.୬୪ ଲକ୍ଷ ଟଙ୍କା, ଗ୍ରାମ୍ୟ ଆବାସ ନିର୍ମାଣ ବାବଦକୁ ୨୩୦ ଲକ୍ଷ ଟଙ୍କା, ପାନୀୟ ଜଳଯୋଗାଣ ବାବଦକୁ ୫୩.୫୬ ଲକ୍ଷ ଟଙ୍କା ଆଦି ଖର୍ଚ୍ଚ ହୋଇଛି। ତେବେ ଏହି ରିପୋର୍ଟ ଆଧାରରେ ନଗଡାକୁ ଏକ ପ୍ରତିନିଧି ଦଳ ଗସ୍ତକରି ସମୀକ୍ଷା କରିବା ପରେ ଆବଣ୍ଟିତ ଅନୁଦାନର ଠିକ ବିନିଯୋଗ ହୋଇ ନ ଥିବା ଦେଖିବାକୁ ମିଳିଥିଲା। ନଗଡାକୁ ରାସ୍ତା ନିର୍ମାଣ ଅତି ନିମ୍ନମାନର, ଉପରପଡ଼ା ନଗଡାରୁ ମଝି ନଗଡ଼ା ଏବଂ ତଳ ନଗଡା କଂକ୍ରିଟକରଣରେ ବ୍ୟାପକ ଅର୍ଥ ଆତ୍ମସାତ, ବିଦ୍ୟୁତୀକରଣ ସଂଯୋଗ ନ ହେବା, ନିମ୍ନମାନର ବିଜୁ ପକ୍କାଘର ନିର୍ମାଣ, ପାନୀୟ ଜଳଯୋଗାଣରେ ବିଫଳ ଆଦି ଅନିୟମିତତା ପ୍ରତିନିଧ ଦଳ ଦେଖିବାକୁ ପାଇଥିଲେ। ଏହାପରେ ନଗଡ଼ାର ସମୀକ୍ଷା ଉପରେ ୮ ପୃଷ୍ଠା ସମ୍ମିଳିତ ଅଭିଯୋଗକୁ ନେଇ ଆରଟିଆଇ ଆବାହକ ପ୍ରଦୀପ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ସଂକ୍ରାନ୍ତରେ ଡିଆରଡିଏ ପିଡି ଇନ୍ଦ୍ରମଣି ନାୟକଙ୍କୁ ପଚାରିବାରୁ, ସେ କହିଛନ୍ତି ଓଡ଼ିଶା ଲୋକାୟୁକ୍ତଙ୍କ ନୋଟିସ ଏଯାଏ ତାଙ୍କୁ ମିଳିନାହିଁ। ନିର୍ଦ୍ଦେଶ ମିଳିବା ପରେ ଆଇନ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।



ଅଧାରେ ଅଟକି ଥିବା ନଗଡ଼ା ପାନୀୟ ଜଳ ପ୍ରକଳ୍ପ।

## କନ୍ଧମାଳ ଦଳିତ ଦମ୍ପତିଙ୍କୁ ସିଆରପିଏଫ, ପୋଲିସ ନିର୍ଯାତନା

# ଓଏଚ୍‌ଆର୍‌ସିରେ ଅଭିଯୋଗ

ଭୁବନେଶ୍ୱର, ୨।୧୧(ବ୍ୟୁରୋ)

କନ୍ଧମାଳ ଜିଲା କୋଟଗଡ ଥାନା ଅଧୀନ ବଣ୍ଡିଗୁଡା ଗ୍ରାମରେ ଗତ ୨୬ତାରିଖରେ ଏକ ଦଳିତ ଦମ୍ପତିଙ୍କୁ ସିଆର୍‌ପିଏଫ୍ ଏବଂ ସ୍ଥାନୀୟ ପୋଲିସ ଶାରିରୀକ ନିର୍ଯାତନା ଦେବା ଘଟଣା ନେଇ ଓଡ଼ିଶା ମାନବ ଅଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ଅଭିଯୋଗ କରିଛନ୍ତି ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନଗୋ ଓ ନରେନ୍ଦ୍ର ମହାନ୍ତି। ନିର୍ଯାତିତ ପରିବାରଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ଏଥିପାଇଁ ଦାୟୀ ସୁରକ୍ଷାକର୍ମୀଙ୍କ ବିରୋଧରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏହି ଅଭିଯୋଗକୁ କମିଶନଙ୍କ କାର୍ଯ୍ୟାଳୟ ଗୁରୁତ୍ୱର ସହ ନେଇ ବିଚାର ପାଇଁ ପଞ୍ଜୀକୃତ କରିଛନ୍ତି।

**RAMA DEVI WOMEN'S UNIVERSITY, BHUBANESWAR**

**No.4358** **WALK-IN-INTERVIEW** **Dt.02.11.19**

A Walk-in-Interview will be on 16.11.2019 at 11.30 A.M. in the office chamber of the Registrar for engagement of retired employees of University or Govt. (State or Central) any other educational institute as **Senior Librarian, Librarian and Library Assistant** on contractual basis for Library of the University. Intending eligible candidates are required to attend the Walk-in-Interview in the scheduled date & time. They are requested to download the format of application form from the University website **www.rdwuniversity.nic.in** and submit the filled in application form alongwith requisite documents at the time of interview.

**Sd./- Registrar**

**ଆନ୍ଧ୍ର ବ୍ୟାଙ୍କ** (ଭାରତ ସରକାରଙ୍କ ଏକ ଉପକ୍ରମ)

**ରସୁଲଗଡ ଶାଖା**
ରସୁଲଗଡ ଏ.ଏନ୍.ପ୍ଲାଜା, ରସୁଲଗଡ ସ୍କୋୟାର, ଭୁବନେଶ୍ୱର-୭୫୧୦୧୦, ଫୋନ୍ ନଂ.: ୦୬୭୪-୨୫୮୫୬୬୭

**ଦଖଲ ନୋଟିସ୍**
{ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ର ରୁଲ୍ ୮(୧)}
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଆନ୍ଧ୍ର ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି **ଋଣଗ୍ରହୀତା: ଅନିଶ ଭରଦ୍ୱାଜ,** ଫ୍ଲାଟ୍ ନଂ.: ୪୨୪, ଟାୱାର-୪, ନର୍ଦ୍ଦର୍ଣ୍ଣ ହାଇଟ୍, କଳାରାହାଙ୍ଗ, ସୁଭଦ୍ରା ଆପାର୍ଟମେଣ୍ଟ ପଛପାର୍ଶ୍ୱଙ୍କୁ ଡିମାଣ୍ଡ ନୋଟିସ୍ **ତା.୦୩.୦୮.୨୦୧୯ରିଖ**ରେ ଜାରିକରି ନୋଟିସ୍ ଦର୍ଶିତ ସମସ୍ତ ରାଶି **ତା.୦୩.୦୮.୨୦୧୯ରିଖ ସୁଦ୍ଧା ଟ. ୩୧,୯୮,୩୫୩.୫୫ (ଏକତିରିଶ ଲକ୍ଷ ଅଠାନବେ ହଜାର ତିନି ଶହ ତେପନ ଟଙ୍କା ଏବଂ ପଞ୍ଚାବନ ପଇସା ମାତ୍ର)** କଥିତ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ବକେୟା ଦେୟ ପଇଠ କରିବାରେ ବିଫଳ ହୋଇଛନ୍ତି, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ **ତା.୨୮.୧୦.୨୦୧୯ରିଖ**ରେ ନିମ୍ନବର୍ଣ୍ଣିତ ସମ୍ପତ୍ତି ଦଖଲକୁ ନେଇଛନ୍ତି।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନବର୍ଣ୍ଣିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କାରବାର କଲେ **ତା.୦୩.୦୮.୨୦୧୯ରିଖ ସୁଦ୍ଧା ଟ. ୩୧,୯୮,୩୫୩.୫୫ (ଏକତିରିଶ ଲକ୍ଷ ଅଠାନବେ ହଜାର ତିନି ଶହ ତେପନ ଟଙ୍କା ଏବଂ ପଞ୍ଚାବନ ପଇସା ମାତ୍ର)** ଏବଂ ସେବାବଦ ସୁଧ ନିମନ୍ତେ **ଆନ୍ଧ୍ର ବ୍ୟାଙ୍କ, ରସୁଲଗଡ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

**ସ୍ଥାବର ସମ୍ପତ୍ତିର ବିବରଣୀ**

**ଅନିଶ ଭରଦ୍ୱାଜ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୨୪୯/୮୦, ହାଲ୍ ପ୍ଲଟ୍ ନଂ.: ୧୨, ସବ୍ ପ୍ଲଟ୍ ନଂ.: ୪୦, ଏସ୍‌ଆରଓ: ବାଲିଅନ୍ତା, ମୌଜା: କଞ୍ଚିଲ, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଏହାର ଚଉହଦି ପାର୍ଶ୍ୱରେ ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ସବ୍ ପ୍ଲଟ୍ ନଂ.: ୪୧, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୩୯

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୮.୧୦.୨୦୧୯
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ ଏବଂ ମୁଖ୍ୟ ପ୍ରବନ୍ଧକ
ଆନ୍ଧ୍ର ବ୍ୟାଙ୍କ (ରସୁଲଗଡ ଶାଖା ତରଫରୁ)

## ସମ୍ବଲପୁର ଜିଲା ଖରିଫ ଧାନ ସଂଗ୍ରହ ବୈଠକ ସ୍ଥଗିତ

# ୪ ଘଣ୍ଟାର ମାନସ ମନ୍ଥନ ବିଫଳ

ସମ୍ବଲପୁର,୨।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ଖରିଫ ଧାନ ସଂଗ୍ରହ ବୈଠକ ଶନିବାର ସ୍ଥଗିତ ହୋଇଛି। ବୈଠକରେ ଚାଷୀମାନେ ଯୋଗଦେବାକୁ ଯାଉଥିବା ସମୟରେ ଜିଲାପାଳଙ୍କ ଅଫିସ ମୁଖ୍ୟଗେଟ୍‌କୁ ତାଲା ପକାଇ ଦିଆଯାଇଥିଲା। ଜିଲା ପ୍ରଶାସନର ନିର୍ଦ୍ଦେଶରେ ଏଭଳି କରାଯାଇଥିବା ଅଭିଯୋଗ କରି ଚାଷୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ବୈଠକ ବର୍ଜନ କରି ନାରାବାଜି କରିଥିଲେ। ପରେ ଆନ୍ଦୋଳନସ୍ଥଳକୁ ଫେରି ଯାଇଥିଲେ। ଚାଷୀମାନଙ୍କୁ ସମର୍ଥନ କରି ରେଢାଖୋଲ ବିଧାୟକ ତଥା ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, କୁଚିଣ୍ଡା ବିଧାୟକ କୃଷ୍ଣଚନ୍ଦ୍ର ନାଏକ, ରେଙ୍ଗାଲି ବିଧାୟକ ନାଉରି ନାଏକ, କଂଗ୍ରେସ ଜିଲା ସଭାପତି ଅଶ୍ୱିନୀ ଗୁରୁ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ ଆନ୍ଦୋଳନରେ ବସିଥିଲେ। ଅନ୍ୟପଟେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଶୁଭମ୍ ସକ୍‌ସେନା, ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା, ପିଡି ଡିଆରଡିଏ ସୁକାନ୍ତ ତ୍ରିପାଠୀ, ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ, ସିଏସ୍‌ଓ ରଞ୍ଜନ ସେଠ ପ୍ରମୁଖ ଅଧିକାରୀ ଅପେକ୍ଷା କରିଥିଲେ। ହେଲେ ଚାଷୀମାନେ ବୈଠକକୁ ଆସିବାକୁ ରୋକ୍‌ଠୋକ୍ ମନା କରି ଦେଇଥିଲେ। ଗେଟ୍‌ରେ ତାଲା ପକାଇ ସେମାନଙ୍କୁ ଅପମାନିତ କରାଯାଇଛି। ତେଣୁ ଆନ୍ଦୋଳନ ସ୍ଥଳକୁ ଯାଇ ବୈଠକରେ ଯୋଗଦେବାକୁ ସେମାନଙ୍କୁ ଅନୁରୋଧ କରି ମନାଇବା ଲାଗି ପ୍ରୟାସ କରିବାକୁ ବିଧାୟକ ପୂଜାରୀ ଉପଜିଲାପାଳ ପ୍ରଧାନ ଓ ସିଏସ୍‌ଓ ସେଠଙ୍କୁ କହିଥିଲେ। ବିଧାୟକଙ୍କ ପରାମର୍ଶରେ ଜିଲା ଯୋଗାଣ ଅଧିକାରୀ ସେଠ ଓ ଉପଜିଲାପାଳ ପ୍ରଧାନ ଆନ୍ଦୋଳନ ସ୍ଥଳକୁ ଯାଇ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଯାହା ସବୁ ଘଟିଗଲା ଦୁର୍ଭାଗ୍ୟଜନକ ବୋଲି କହି ସେ ସେଥିପାଇଁ କ୍ଷମା ମାଗିବା ସହ ବୈଠକରେ ଯୋଗଦେବାକୁ ଅନୁରୋଧ କରିଥିଲେ। ହେଲେ ଧାନର ମୂଲ୍ୟ ବୃଦ୍ଧି, ଟୋକନ ବ୍ୟବସ୍ଥା, ବଜାର ବ୍ୟବସ୍ଥା, ବିକ୍ରି ପରିମାଣ, ଫସଲବୀମା ଉପରେ ଚାଷୀମାନେ ପ୍ରଶ୍ନ ଉପରେ ପ୍ରଶ୍ନ କରିଥିଲେ । ଶେଷରେ କୌଣସି ଉତ୍ତର ଦେଇ ନ ପାରି ଅଧିକାରୀଦ୍ୱୟ ଫେରି ଆସିଥିଲେ।

## ମହିଳା କର୍ମଚାରୀଙ୍କୁ ଅସଦାଚରଣ ମାମଲା

# ଏଲ୍‌ସିସିରେ ପୀଡ଼ିତାଙ୍କ ବୟାନ ରେକର୍ଡ

କେନ୍ଦ୍ରାପଡ଼ା ଅଫିସ, ୨।୧୧

କେନ୍ଦ୍ରାପଡା କ୍ରେଡିଟ କୋ ଅପରେଟିଭ ସୋସାଇଟି ସଭାପତି ପ୍ରମୋଦ ସାହୁ ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ କରିବା ମାମଲା ଏବେ ଭିନ୍ନ ମୋଡ ନେଇଛି। ଏହି ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିବାରୁ ଶନିବାର ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିଛି। ପ୍ରଶାସନ ପକ୍ଷରୁ ଗଠିତ ଲୋକାଲ କମ୍ପ୍ଲାଣ୍ଟ କମିଟି (ଏଲ୍‌ସିସି) ଏନେଇ ଶୁଣାଣି କରିଛି। ଜିଲା ସମାଜ ମଙ୍ଗଳ ବିଭାଗ କାର୍ଯ୍ୟାଳୟରେ ପ୍ରାୟ ଦେଢ଼ ଘଣ୍ଟା ଧରି ସଂପୃକ୍ତ ମହିଳା କର୍ମଚାରୀଙ୍କ ବୟାନ ରେକର୍ଡ ହୋଇଥିଲା । ସେହିପରି ପୀଡିତାଙ୍କ ପକ୍ଷରୁ ଅଡିଓ ଭିଡିଓ ସିଡୀ ଓ ଅନ୍ୟାନ୍ୟ ତଥ୍ୟ ସଂଗ୍ରହ ହୋଇଥିଲା ବୋଲି କମିଟି ଅଧ୍ୟକ୍ଷା ଆଇନଜୀବୀ ତମସା ପାତ୍ର ସୂଚନା ଦେଇଛନ୍ତି । ଏହି କମିଟିରେ କେନ୍ଦ୍ରାପଡା ତହସିଲଦାର ହେମଲତା ବାହାଲିଆ, ଜିଲା ସାମାଜ ମଙ୍ଗଳ ଅଧିକାରୀ ଚିନ୍ମୟୀ ରଥଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ପୀଡିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଓଡିଶା ଜନସେବା ସଂଗଠନ ସଭାପତି ଶୋଭନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସହ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସଭାପତି ପ୍ରମୋଦ ସାହୁ ତାଙ୍କୁ ଅସଦାଚରଣ କରିଥିବା ମହିଳା କର୍ମଚାରୀ ଅଭିଯୋଗ ଆଣିଥିବାବେଳେ ତାଙ୍କ ବଦଳିକୁ ନେଇ ଏହି ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଛି ବୋଲି କୋ ଅପରେଟିଭ ସୋସାଇଟି ସହସମ୍ପାଦକ ଅରବିନ୍ଦ ସାହୁ ମତ ଦେଇଛନ୍ତି।

## ଛଟ୍ ପୂଜା ପାଇଁ ନରେନ୍ଦ୍ରରେ ଭିଡ଼

# ଅସ୍ତଗାମୀ ସୂର୍ଯ୍ୟଙ୍କୁ ପୂଜିଲେ ବ୍ରତଧାରୀ



ଛଟ୍ ପୂଜା ଅବସରରେ ବ୍ରତଧାରୀମାନେ।

ପୁରୀ ଅଫିସ, ୨।୧୧

ଛଟ୍ ପୂଜା ପାଇଁ ଶନିବାର ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ପ୍ରବଳ ଭିଡ଼ ହୋଇଥିଲା। ପରିବାର ତଥା ସନ୍ତାନସନ୍ତତିଙ୍କ ମଙ୍ଗଳ କାମନା କରି ବିହାରୀ ସମ୍ପ୍ରଦାୟର ଶତାଧିକ ମହିଳା ଅସ୍ତଗାମୀ ସୂର୍ଯ୍ୟ ଦେବତାଙ୍କୁ ପୂଜା କରିଥିଲେ। ସୂର୍ଯ୍ୟାସ୍ତ ସମୟରେ ବ୍ରତଧାରୀମାନେ ସଞ୍ଜ ଅର୍କ ଅର୍ପଣ କରି ପୂଜା କରିଥିଲେ। ରବିବାର ଉଦୀୟମାନ ସୂର୍ଯ୍ୟ ଦେବତାଙ୍କୁ ଉଦୟ ଅର୍କ ଅର୍ପଣ କରି ବ୍ରତ ସମାପନ କରିବେ। ଅପରାହ୍ନ ସାଢ଼େ ୩ଟା ପରଠାରୁ ନରେନ୍ଦ୍ର ପୁଷ୍କରିଣୀକୁ ବ୍ରତଧାରୀମାନେ ଆସିଥିଲେ। ପରମ୍ପରା ଅନୁଯାୟୀ, ବ୍ରତଧାରୀ ମହିଳାମାନେ ପରସ୍ପର ମୁଣ୍ଡରେ ସିନ୍ଦୂର ଲଗାଇ ପାଣିରେ ପଶି ସୂର୍ଯ୍ୟ ଦେବତାଙ୍କୁ ଆରାଧନା କରିଥିଲେ। ଅସ୍ତଗାମୀ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଧୂପ, ଦୀପ, ପିଠା, ପନିପରିବା ଓ ଫଳମୂଳ ଅର୍ପଣ କରିଥିଲେ। ଛଟ୍ ପୂଜା ଅବସରରେ ବ୍ରତଧାରୀମାନେ ଶୁଦ୍ଧପୂତ ଭାବେ ରୁହନ୍ତି। ୪ ଦିନ ଧରି ଏହି ପୂଜା କରାଯାଏ। ପ୍ରଥମ ଦିନ ଭୋର୍‌ରୁ ସ୍ନାନକରି ଖିରି, ପୁରି ଇତ୍ୟାଦି ଭୋଜନ କରିଥାନ୍ତି। ଦ୍ୱିତୀୟ ଦିବସରେ ଛଠି ମାତାଙ୍କୁ ଆରାଧନା କରିବା ସହ ରାତି ଅନିଦ୍ରା ହୋଇ ପିଠାପଣା ତିଆରି କରନ୍ତି। ତୃତୀୟ ଦିବସ ଅର୍ଥାତ୍ ଛଟ୍ ପୂଜାରେ ନଦୀ, ପୁଷ୍କରିଣୀ ଘାଟରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପୂଜା କରାଯାଇଥାଏ। ପରିବାରର ଜଣେ ପୁରୁଷ ବ୍ୟକ୍ତି ଭୋଗ କୁଲା ମୁଣ୍ଡରେ ଧରି ଘାଟକୁ ଯାଇଥାନ୍ତି। ପଛେ ପଛେ ବ୍ରତଧାରୀମାନେ ଯାଇ ସୂର୍ଯ୍ୟଙ୍କୁ ଆରାଧନା କରିଥାନ୍ତି। ଶେଷ ଦିବସରେ ଉଦୟ ସୂର୍ଯ୍ୟଙ୍କୁ ପୂଜା କରି ଛଟ୍ ବ୍ରତ ଶେଷ କରିଥାନ୍ତି। ରବିବାର ମାର୍କଣ୍ଡ ପୁଷ୍କରିଣୀ କୂଳରେ ଉଦିତ ସୂର୍ଯ୍ୟଙ୍କୁ ପୂଜା କରି ବ୍ରତଧାରୀ ଛଟ୍ ବ୍ରତ ସମାପନ କରିବେ।

**ପଞ୍ଜାବ ଆଣ୍ଡ୍ ସିନ୍ଧ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଅଧିକୃତ ଏକ ସଂସ୍ଥା)
ଆଞ୍ଚଳିକ କାର୍ଯ୍ୟାଳୟ, ବିଜୟୱାଡା
ଫୋନ୍: ୦୮୬୬-୨୯୭୪୧୯୧/୧୯୨

**ବିଜ୍ଞପ୍ତି**

ପ୍ରିୟ ଗ୍ରାହକ,
ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ଯେଉଁ ଗ୍ରାହକମାନଙ୍କର କେୱାଇସି **(KYC)** ଦାଖଲ ସମୟ ହୋଇଯାଇଛି, ସେମାନଙ୍କୁ ଅନୁରୋଧ କି ସେମାନେ ସଦ୍ୟତମ **KYC/PAN/Form60/61** ହୋମ ବ୍ରାଞ୍ଚରେ **ତା.୨୦.୧୧.୨୦୧୯ରିଖ** ପୂର୍ବରୁ ଦାଖଲ କରନ୍ତୁ ଅନ୍ୟଥା ସେମାନଙ୍କ ଆକାଉଣ୍ଟକୁ ଅଚଳ କରାଇ ଦିଆଯିବ।

**ଆଞ୍ଚଳିକ ପ୍ରବନ୍ଧକ**

**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-19-19

**କାର୍ଯ୍ୟର ବିବରଣୀ :** ତିନି ବର୍ଷ ସମୟାବଧି ନିମନ୍ତେ ଭୁବନେଶ୍ୱର ଠାରେ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(ଜେନେରାଲ)/ ଖୋର୍ଦ୍ଧା ରୋଡ଼ଙ୍କ ନିମନ୍ତେ ଭଡ଼ା ସୂତ୍ରରେ ଗାଡ଼ି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 14,58,143.67, EMD (ଟଙ୍କାରେ): 29,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-, ଶେଷ ହେବା ଅବଧି : 03 ବର୍ଷ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.20.11.2019 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ଦଶ ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(ଜେନେରାଲ), ଖୋର୍ଦ୍ଧା ରୋଡ଼
PR-473/K/19-20

**ଏସ୍.ଇ. ରେଳପଥ ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ୱେଷ୍ଟ-୧୯-୨୦-୪୭।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଂ.), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ୍ ଅଫର୍‌ଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଝାରସୁଗୁଡ଼ା ଷ୍ଟେଶନର ପୁନଃବିକାଶ, (ପର୍ଯ୍ୟାୟ-୧) (କାର୍ଯ୍ୟର ପରିସର: ୯୦ ମିଟର ଓ ୬ ମିଟର ଓସାର ଏଫ୍‌ଓବି, ୩୪ ବେ' ପ୍ଲାଟଫର୍ମ ଶେଲ୍‌ଟର୍ ଏବଂ ୬୪.୫୦ ମିଟର ପ୍ଲାଟଫର୍ମର ସମ୍ପ୍ରସାରଣ)। **ଟେଣ୍ଡର ମୂଲ୍ୟ:** ₹୧୦,୭୬,୮୩,୧୯୮.୫୬। **ଇଏମ୍‌ଡି:** ₹୬,୮୮,୪୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ₹୧୦,୦୦୦/-। **ଖୋଲାଯିବା ତାରିଖ:** ତା୨୫।୧୧।୨୦୧୯ରିଖ। ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ।

**PR-954**

**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-VEH-SSES-BBS-179, ତା.25.10.2019ରିଖ

**କାର୍ଯ୍ୟର ନାମ :** ଅବଶିଷ୍ଟ 24 ମାସ ସମୟାବଧି ନିମନ୍ତେ ସିଗ୍‌ନାଲିଙ୍ଗ୍ ପରିସଂପତ୍ତି(Assets)ର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ(Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ(En-route Detention)କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର/ସିଗ୍‌ନାଲ/ଭୁବନେଶ୍ୱର ଅଧୀନରେ ସିଗ୍‌ନାଲିଙ୍ଗ୍ କର୍ମଚାରୀ ଏବଂ ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଅହୋରାତ୍ର (Round the clock)ଚାଳକ ସହିତ TATA-207 DI କିମ୍ବା ଅନୁରୂପ ଗୋଟିଏ ବହୁ-ଉପଯୋଗିତା ଗାଡ଼ି ଭଡ଼ା ସୂତ୍ରରେ ନେବା।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 8,47,536/-, EMD (ଟଙ୍କାରେ) : 17,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-(18% GST ସହିତ)।

ବିଡ୍ ଆରମ୍ଭ ହେବା ତାରିଖ : ତା.04.11.2019ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.18.11.2019 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼
PR-475/K/19-20

**ପୂର୍ବ ତଟ ରେଳପଥ**

**ବିଦ୍ୟୁତୀକରଣ କାର୍ଯ୍ୟ**

ଟେଣ୍ଡର ସଂ.36-KUR-TRD-OT-2019-20, ତା.25.10.2019ରିଖ

**କାର୍ଯ୍ୟର ନାମ :** ଡିପୋଜିଟ୍ ଟର୍ମରେ ତାଳଚେର ଷ୍ଟେସନ ସ୍ଥିତ ନାଶନାଲ ଥର୍ମାଲ ପାୱାର କର୍ପୋରେସନ ଲାଇନ୍‌ରୁ ପ୍ରାରମ୍ଭ ହେବାକୁ ଥିବା (Taking off) ପ୍ରସ୍ତାବିତ ଲିଙ୍ଗରାଜ SILO ସାଇଡିଙ୍ଗ୍‌ର ବିଦ୍ୟୁତୀକରଣ କାର୍ଯ୍ୟ (କେବଳ OHE କାର୍ଯ୍ୟ) ସମ୍ପାଦନ।

**ଆନୁମାନିକ ମୂଲ୍ୟ (ଟଙ୍କାରେ) :** 2,62,55,024.13, EMD (ଟଙ୍କାରେ) : 2,81,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-।

ବିଡ୍ ଜମା ହେବା ତାରିଖ ଓ ସମୟ : ତା.15.11.2019 ରିଖ 1330 ଘଟିକା ପର୍ଯ୍ୟନ୍ତ, **ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ :** ତା.15.11.2019 ରିଖ 1530 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼
PR-477/K/19-20

**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**

ବିଜ୍ଞପ୍ତି ନଂ 1463 (Exam. Conf.) ତା 01.11.2019 ରିଖ

**୨୦୨୦ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ଫର୍ମ ପୂରଣ ଓ ପରୀକ୍ଷା ଫିସ୍ ଦାଖଲ ସମ୍ପର୍କିତ ସୂଚନା**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୨୦୨୦ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ (ରେଗୁଲାର ଓ ଏକ୍ସ-ରେଗୁଲାର) ପରୀକ୍ଷା ପାଇଁ ଫର୍ମ ପୂରଣ ଓ ପରୀକ୍ଷା ଫିସ୍ ଦାଖଲ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ।

୧. **୨୦୨୦ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ବିଦ୍ୟାଳୟରେ ପଢୁଥିବା ନିମ୍ନ Categoryର ଛାତ୍ରଛାତ୍ରୀଙ୍କ ପାଇଁ ଫର୍ମ ପୂରଣ ONLINE ମାଧ୍ୟମରେ କରାଯିବ ।**

(କ) **Regular [School Reg. (SR) & Quasi Reg. (QR)] ପରୀକ୍ଷାର୍ଥୀ** - ୨୦୨୦ ମସିହା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ଯେଉଁ ଛାତ୍ରଛାତ୍ରୀଙ୍କ ନାମ ପଞ୍ଜୀକୃତ ହୋଇଥିବ, ସେମାନେ SR & QR category ରେ ଫର୍ମ ପୂରଣ କରିପାରିବେ ।

(ଖ) **Ex-Regular (ER) ପରୀକ୍ଷାର୍ଥୀ** - ନିମ୍ନଲିଖିତ ପରୀକ୍ଷାରେ "F" Grade, "ABS" & "MP" ହୋଇଥିବା ପରୀକ୍ଷାର୍ଥୀମାନେ ଏହି Category ରେ ଫର୍ମ ପୂରଣ କରି ପରୀକ୍ଷା ଦେଇପାରିବେ ।

(i) Regular & Quasi Regular Candidates of Annual/ Supplementary HSC Exam, 2014.
(ii) Regular, Quasi Regular & Ex-Regular (New) Candidates of Annual/ Supplementary HSC Examination, 2015.
(iii) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2016.
(iv) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2017.
(v) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2018.
(vi) Regular, Quasi Reg. & Ex-Reg. candidates of Annual/ Supplementary HSC Exam, 2019.

ଯେଉଁ ଅକୃତକାର୍ଯ୍ୟ ପରୀକ୍ଷାର୍ଥୀମାନେ ଉପରୋକ୍ତ Category ଅନ୍ତର୍ଭୁକ୍ତ ହେଉନଥିବେ, ସେମାନେ ବୋର୍ଡର ପତ୍ରମାଧ୍ୟମ ଶିକ୍ଷାରେ ନାମ ଲେଖାଇ ପରୀକ୍ଷା ଦେଇପାରିବେ ।

'କ' ଏବଂ 'ଖ' Categoryର ପରୀକ୍ଷାର୍ଥୀମାନଙ୍କ online ଫର୍ମ ପୂରଣ ସେମାନଙ୍କର ବିଦ୍ୟାଳୟର ମୁଖ୍ୟ ମାନଙ୍କ ଦ୍ୱାରା ସମ୍ପାଦିତ ହେବ ।

(ଗ) **Correspondence Course Regular (CR) ପରୀକ୍ଷାର୍ଥୀ** - ଯେଉଁମାନେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଏହି Courseରେ ନାମ ଲେଖାଇଥିବେ ବା ସମୟ ସୀମା ମଧ୍ୟରେ ନାମ ଲେଖାଇବେ ସେମାନେ (CR) categoryରେ ପରୀକ୍ଷା ଦେଇପାରିବେ । ଏହି ନାମଲେଖା ପ୍ରକ୍ରିୟା ଅଦ୍ୟାବଧି ବୋର୍ଡର ଆଂଚଳିକ କାର୍ଯ୍ୟାଳୟମାନଙ୍କରେ ଚାଲୁ ରହିଛି ଏବଂ Correspondence Course ରେ ପଞ୍ଜୀକରଣ ପାଇଁ ପୂର୍ବ ଘୋଷିତ ସମୟ ସୀମାକୁ ତା୨୬/୧୧/୨୦୧୯ରିଖ ପର୍ଯ୍ୟନ୍ତ ଘୁଂଚାଇ ଦିଆଯାଇଛି ।

(ଘ) **Correspondence Course Ex-Regular (CE) ପରୀକ୍ଷାର୍ଥୀ** - ନିମ୍ନଲିଖିତ ପରୀକ୍ଷାରେ "F" Grade, "ABS" & "MP" ହୋଇଥିବା ପରୀକ୍ଷାର୍ଥୀମାନେ ଏହି Category ରେ ଫର୍ମ ପୂରଣ କରି ପରୀକ୍ଷା ଦେଇପାରିବେ ।

(i) Correspondence Course Regular Candidates of Annual/ Supplementary HSC Examination, 2014.
(ii) Correspondence Course Regular & Correspondence Course Ex-Regular (New) Candidates of Annual/ Supplementary HSC Examination, 2015.
(iii) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2016.
(iv) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2017.
(v) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2018.
(vi) Correspondence Course Regular & Correspondence Course Ex-Regular candidates of Annual/ Supplementary HSC Exam, 2019.

ଯେଉଁ ଅକୃତକାର୍ଯ୍ୟ ପତ୍ରମାଧ୍ୟମ ପରୀକ୍ଷାର୍ଥୀମାନେ ଉପରୋକ୍ତ Category ଅନ୍ତର୍ଭୁକ୍ତ ହେଉନଥିବେ, ସେମାନେ ବୋର୍ଡର ପତ୍ରମାଧ୍ୟମ ଶିକ୍ଷାରେ ପୁନଃର୍ବାର ନାମ ଲେଖାଇ Correspondence Course Regular ପରୀକ୍ଷାର୍ଥୀ ଭାବେ ପରୀକ୍ଷା ଦେଇପାରିବେ ।

Correspondence Course ପରୀକ୍ଷାର୍ଥୀମାନଙ୍କ online ଫର୍ମ ପୂରଣ ବୋର୍ଡର ଆଂଚଳିକ କାର୍ଯ୍ୟାଳୟର ସହ ସମ୍ପାଦକଙ୍କ ଦ୍ୱାରା ସମ୍ପାଦିତ ହେବ ।

୨. **ONLINE ଫର୍ମ ପୂରଣ କରିବାର ଧାର୍ଯ୍ୟ ତାରିଖ ଓ ସମୟ**

(i) ଆରମ୍ଭ ତାରିଖ — ତା୦୫/୧୧/୨୦୧୯ରିଖ ସକାଳ ୧୦ ଘଟିକା
(ii) ବିନା ଜୋରିମାନା ସହ :-
  (a) ଫିସ୍ ଦାଖଲର ଶେଷ ତାରିଖ :- ତା୧୯/୧୧/୨୦୧୯ରିଖ ରାତ୍ର ୧୧.୪୫
  (b) ଫର୍ମ ଦାଖଲର ଶେଷ ତାରିଖ :- ତା୨୦/୧୧/୨୦୧୯ରିଖ ମଧ୍ୟରାତ୍ର
(iii) ଜୋରିମାନା ସହ :-
  (a) ଫିସ୍ ଦାଖଲର ତାରିଖ :- ତା୨୦/୧୧/୨୦୧୯ ଠାରୁ ତା୨୫/୧୧/୨୦୧୯ ରାତ୍ର ୧୧.୪୫ ପର୍ଯ୍ୟନ୍ତ
  (b) ଫର୍ମ ଦାଖଲର ଶେଷ ତାରିଖ :- ତା୨୬/୧୧/୨୦୧୯ରିଖ ମଧ୍ୟରାତ୍ର

୩. **ONLINE ଫର୍ମ ପୂରଣ ନିମନ୍ତେ Link, ସବିଶେଷ ନିର୍ଦ୍ଦେଶାବଳୀ ଏବଂ Step by Step Instruction, www.bseodisha.ac.in website ମାଧ୍ୟମରେ ଉପରୋକ୍ତ ସମୟ ମଧ୍ୟରେ ଅନବରତ ଉପଲବ୍ଧ ହେବ ।**

ସା/- ସମ୍ପାଦକ

**ଲସ୍କର ଆତଙ୍କବାଦୀ ଗିରଫ** ଜମ୍ମୁ-କଶ୍ମୀରର ବାରାମୁଲ୍ଲା ଜିଲାରୁ ଜଣେ ଲସ୍କର-ଇ-ତୋଇବା ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ଡାନିସ୍ ଅହମଦ ଚାନା ନାମକ ଏହି ଆତଙ୍କବାଦୀଙ୍କୁ ସୋପୋରରୁ ଶୁକ୍ରବାର ସନ୍ଧ୍ୟାରେ ଗିରଫ କରାଯାଇ ତାଙ୍କଠାରୁ ଗୋଟିଏ ପିସ୍ତଲ, ଗୋଟିଏ ହ୍ୟାଣ୍ଡ ଗ୍ରେନେଡ୍ ଜବତ କରାଯାଇଛି। ଏନେଇ ପୋଲିସ ତଦନ୍ତ ଜାରି ରହିଛି। ଗତ ଗୁରୁବାର ୨ ଆତଙ୍କବାଦୀଙ୍କୁ ସୁରକ୍ଷାକର୍ମୀ ଗିରଫ କରିଥିଲେ।

# ହସନ୍‌ପୁର ଆଶ୍ରମ ବିଦ୍ୟାଳୟରେ ତୁମୁଳକାଣ୍ଡ

- ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଅଟକ ରଖିଲେ ଗ୍ରାମବାସୀ
- ହଷ୍ଟେଲ ଛାଡି ଗେଟ୍ ଆଗରେ ବସିଲେ ଛାତ୍ରୀ
- ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ



ବାଲେଶ୍ୱର ଅଫିସ, ୨।୧୧

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବାଲେଶ୍ୱର ସଦର ବ୍ଲକ ଗୋପୀନାଥପୁର ପଞ୍ଚାୟତ ଅଧୀନ ହସନ୍‌ପୁର ଆଶ୍ରମ ବିଦ୍ୟାଳୟରେ ଠିକ୍ ଭାବେ ପାଠପଢା ଯାଉ ନ ଥିବା ଏବଂ ଦୁଇଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମ୍ପର୍କକୁ ନେଇ ଅସନ୍ତୁଷ୍ଟ ଥିବା ଛାତ୍ରୀମାନେ ଶନିବାର ସକାଳେ ଛାତ୍ରୀନିବାସ ଛାଡି ଫାଟକ ସାମ୍ନାରେ ବସି ରହିଥିଲେ। ଏହି ଘଟଣା ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ସମ୍ପୃକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସେଠାରେ ଅଟକ ରଖିଥିଲେ। ଖବରପାଇ ଜିଲା ଜନମଙ୍ଗଳ ଅଧିକାରୀ ରାଜୀବ କୁମାର ସାହୁ ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଛାତ୍ରୀଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଉପସ୍ଥିତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପରେ ଜନମଙ୍ଗଳ ଅଧିକାରୀ ଅଭିଯୁକ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଧରି ଜିଲା କାର୍ଯ୍ୟାଳୟକୁ ଆଣୁଥିବା ବେଳେ ଉତ୍ତ୍ୟକ୍ତ ଗ୍ରାମବାସୀ ସେମାନଙ୍କୁ ଘେରିଯାଇ ଟଣାଓଟରା କରିବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଭଳି ସ୍ଥିତିରେ ଜିଲା ଜନମଙ୍ଗଳ ଅଧିକାରୀ ତୁରନ୍ତ ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇ ସେହି ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଗାଡିରେ ବସାଇ ପୂର୍ବାହ୍ନ ୧୦ଟା ବେଳେ ଜିଲା କାର୍ଯ୍ୟାଳୟକୁ ନେଇ ଆସିଥିଲେ। ପରିସ୍ଥିତି ଶାନ୍ତ ପଡିବାରୁ ବିଦ୍ୟାଳୟରେ କିଛି ସମୟ ବିଳମ୍ବରେ ଷାଣ୍ମାସିକ ପରୀକ୍ଷା କରାଯାଇଥିବା ଜଣାପଡିଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏହାର ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବା ସକାଶେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଜଣେ ପ୍ରଭାବଶାଳୀ ବ୍ୟକ୍ତି ପୂର୍ବରୁ ଚାନ୍ଦା ମାଗି ବିଫଳ ହୋଇଥିବା ଏବଂ ଜଣେ ଛାତ୍ରୀଙ୍କୁ ଛାତ୍ରୀନିବାସରୁ ବାହାର କରି ଦିଆଯିବା ଘଟଣା ନେଇ ସେ ଛାତ୍ରୀ ଓ ଗ୍ରାମବାସୀଙ୍କୁ ମତାଇ ଏଭଳି ପରିସ୍ଥିତି ସୃଷ୍ଟି କରିଥିବା ନେଇ ଅଭିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୁକ୍ତ ଶିକ୍ଷକ ମଧ୍ୟ ଏ ନେଇ ଥାନାରେ ଏତଲା ଦେଇଛନ୍ତି। ପ୍ରଧାନଶିକ୍ଷକ ରାଜୀବଲୋଚନ ପାତ୍ରଙ୍କୁ ନୀଳଗିରି ସଜନାଗଡସ୍ଥିତ ବଣଭୂଇଁ ଆଶ୍ରମ ସ୍କୁଲ ଓ ଶିକ୍ଷୟିତ୍ରୀ ସବିତା ବିଶ୍ୱାଳଙ୍କୁ ଜଳେଶ୍ୱରସ୍ଥିତ କବାଟଘାଟି ଆଶ୍ରମ ସ୍କୁଲକୁ ବଦଳି କରାଯାଇଛି।

ଜିଲା ମଙ୍ଗଳ ଅଧିକାରୀଙ୍କ ତଦନ୍ତ ବେଳେ ଆନ୍ଦୋଳନକାରୀ ଛାତ୍ରୀ ଦର୍ଶାଇଥିଲେ ଯେ, ଆଶ୍ରମ ବିଦ୍ୟାଳୟରେ ୨୪୦ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ମାତ୍ର ୫ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ରହିଛନ୍ତି। ଏହା ପରିସରରେ ଥିବା ଛାତ୍ରୀନିବାସରେ ୧୬୦ ଛାତ୍ରୀ ରହିଛନ୍ତି। ଶ୍ରେଣୀଗୃହରେ ଠିକ୍ ଭାବେ ପାଠପଢା ଯାଉ ନ ଥିବାରୁ ସେମାନଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇପଡିଛି। ଏପରିସ୍ଥଳେ ହଷ୍ଟେଲ ଦାୟିତ୍ୱ ତୁଲାଉଥିବା ଶିକ୍ଷୟିତ୍ରୀ ପ୍ରଧାନଶିକ୍ଷକଙ୍କ ସହ ଅନେକ ସମୟରେ ମିଳାମିଶା କରି ଗପିବା ଘଟଣା ଦେଖି ସେମାନେ ନାପସନ୍ଦ କରି ପ୍ରତିବାଦ ଜଣାଇଥିଲେ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଶନିବାର ପୂର୍ବାହ୍ନ ୭ଟା ସମୟରେ ସେମାନେ ହଷ୍ଟେଲରୁ ଜିନିଷପତ୍ର ଧରି ବାହାରି ଆସି ସ୍କୁଲ ଗେଟ୍ ଆଗରେ ଧାରଣା ଦେଇଥିଲେ। ଏହାପରେ ସ୍ଥାନୀୟ ଲୋକେ ପହଞ୍ଚି ସେଠାରେ ହୋହଲ୍ଲା କରିଥିଲେ।

ଜିଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ହସନ୍‌ପୁର ଆଶ୍ରମ ବିଦ୍ୟାଳୟ ଘଟଣା ସମ୍ପର୍କରେ ଖବରପାଇ ପୋଲିସ୍ ସହ ବିଦ୍ୟାଳୟରେ ପହଞ୍ଚିଥିଲି। ସେଠାରେ ଅଟକ ଥିବା ଉଭୟ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଉଦ୍ଧାର କରି ଛାତ୍ରୀମାନଙ୍କୁ ବୁଝାଶୁଝା କରି ବିଦ୍ୟାଳୟକୁ ପଠାଇଥିଲି। ଏହାପରେ ସେମାନଙ୍କ ଷାଣ୍ମାସିକ ପରୀକ୍ଷା କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ପଦାକୁ ଆସିବ।

ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷକ ରାଜୀବଲୋଚନ ପାତ୍ର କହିଛନ୍ତି, କିଛିଦିନ ପୂର୍ବରୁ ବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ବିଭାଗୀୟ ଅଧିକାରୀ ଓ କମିଟି ସଦସ୍ୟଙ୍କ ନିଷ୍ପତ୍ତିକ୍ରମେ ବିଦ୍ୟାଳୟରୁ ବାହାର କରିଦେବା ଘଟଣା ନେଇ ଜନୈକ ରାଜନୈତିକ ବ୍ୟକ୍ତି ଏପରି ପରିସ୍ଥିତି ସୃଷ୍ଟି କରିଛନ୍ତି। ଛାତ୍ରୀମାନଙ୍କୁ ମତାଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅନୈତିକ ସମ୍ପର୍କ କଥା ଉଠାଉଛନ୍ତି। ବିତାଡ଼ିତ ଛାତ୍ରୀଙ୍କ ମା' ଏବଂ ଚାନ୍ଦା ମାଗୁଥିବା ରାଜନୈତିକ ବ୍ୟକ୍ତିଙ୍କର କେତେକ ସମର୍ଥକ ବିଦ୍ୟାଳୟ ଭିତରେ ପଶି ମୋତେ ଆକ୍ରମଣ କରିଥିବାରୁ ଏନେଇ ସଦର ଥାନାରେ ଲିଖିତ ଅଭିଯୋଗ କରିଛି। ସେହିପରି ଛାତ୍ରୀ ନିବାସ ପରିଚାଳିକା ସବିତା ବିଶ୍ୱାଳ ଏହି ଘଟଣାକୁ ଏକ ଯୋଜନାବଦ୍ଧ ଷଡଯନ୍ତ୍ର ବୋଲି କହିଛନ୍ତି। ଜିଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଶ୍ରମ ବିଦ୍ୟାଳୟରୁ ଫେରିବା ପରେ ଜିଲାପାଳଙ୍କୁ ଲିଖିତ ଭାବେ ସବୁକଥା ଜଣାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଣ୍ଟାରେ ନାହିଁ ଧନ**
**ପୁଅ ବାହାଘରେ ମନ।**

ସାଧାରଣତଃ ବାହାଘର କଲେ ଭୋଜିଭାତ ଦେବା ନେଇ ଅନେକ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଏପରିସ୍ଥଳେ ହାତରେ ଧନ ନ ଥିବା ବ୍ୟକ୍ତି ଏଥିପ୍ରତି ମନ ବଳେଇବା ଉଚିତ ହୋଇ ନ ଥାଏ। ପାଖରେ ଅର୍ଥ ନ ଥାଇ ବଡ଼ ବଡ଼ ଖର୍ଚ୍ଚାନ୍ତ କାମରେ ହାତଦେବା ବା ବହୁ ଖର୍ଚ୍ଚ କରିବା ଲାଗି ଅଗ୍ରସର ହେବା ମୂର୍ଖାମୀ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଳ୍ପରେ ଟଳିପଡ଼େ ଅତି ଯା'ର ବଳ**
**ଅତି ହିଁ କଷିଲେ ସୁନା ପାଲଟେ ପିତଳ।**

ଅତି ବଳବାନ ବ୍ୟକ୍ତି ବେଳ ଅବେଳରେ ଅତି ସହଜରେ ହାର ମାନିଯାଏ। ସୁନାକୁ ଆବଶ୍ୟକତାଠୁ ଅଧିକ କଷିଲେ ତା'ର ଗୁଣ ନଷ୍ଟ ହୋଇଯାଏ। ଅତି ସର୍ବତ୍ର ଗର୍ହିତମ୍। ଅତିରୁ କୁପରିଣତି ହୁଏ ବୋଲି ଶାସ୍ତ୍ରରେ ମଧ୍ୟ ଉଲ୍ଲେଖ କରାଯାଇଛି। ଅତିଲେମ୍ବୁ ଚିପୁଡ଼ିଲେ ପିତା ହେବା ଭଳି ଅତିର ମାତ୍ରା ସବୁବେଳେ ସବୁଠି ଖରାପ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

### ବିକ୍ଷୋଭକାରୀଙ୍କୁ ପାକ୍ ସେନାର ଚେତାବନୀ

# ଅସ୍ଥିରତା ଲାଗି ଅନୁମତି ମିଳିବନି



ଆସିଫ୍ ଗଫୁର



ମୌଲାନା ଫଜ୍‌ଲୁର ରହମନ

ଇସ୍‌ଲାମାବାଦ, ୨।୧୧(ପି.ଟି.)

ଦେଶରେ କାହାରିକୁ ଅସ୍ଥିରତା ଲାଗି ଅନୁମତି ମିଳିବ ନାହିଁ ବୋଲି ବିକ୍ଷୋଭକାରୀଙ୍କୁ ପାକିସ୍ତାନ ସେନା ପକ୍ଷରୁ ଚେତାବନୀ ଦିଆଯାଇଛି। ମୁସଲ୍‌ମାନ ଧର୍ମଗୁରୁ ତଥା ରାଜନେତା ମୌଲାନା ଫଜ୍‌ଲୁର ରହମନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ଦୁଇଦିନ ମଧ୍ୟରେ ଗାଦି ଛାଡ଼ିବା ଲାଗି କହି ବିଶାଳ ବିକ୍ଷୋଭ ଆରମ୍ଭ କରିଥିଲେ। କୌଣସି ଅନୁଷ୍ଠାନକୁ ଦେଶ ଚଳାଇବାର ଅଧିକାର ଦିଆଯିବନି ବୋଲି ସେ ମତ ରଖିଥିଲେ। ତେବେ ସେନା ମୁଖପାତ୍ର ମେଜର ଜେନେରାଲ ଆସିଫ୍ ଗଫୁର କେଉଁ ଅନୁଷ୍ଠାନ କଥା ଫଜ୍‌ଲୁର କହୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ସେନା ସବୁବେଳେ ନିରପେକ୍ଷ। ସମ୍ବିଧାନର ନୀତି ଅନୁଯାୟୀ ଗଣତାନ୍ତ୍ରିକ ପଦ୍ଧତିରେ ଗଠିତ ସରକାର ଲାଗି ସେନା କାମ କରୁଛି। କୌଣସି ଅନୁଷ୍ଠାନ ଲାଗି ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ସରକାର ବିରୋଧୀ ବିକ୍ଷୋଭ କରାଯାଇ କୌଣସି ଅସ୍ଥିରତା ସୃଷ୍ଟି କରାଯିବାକୁ ଅନୁମତି ମିଳିବନି ବୋଲି ସେ ଶନିବାର କହିଛନ୍ତି। ଗଣତାନ୍ତ୍ରିକ ଭାବେ ଆଲୋଚନା କରାଯାଇ ରହିଥିବା ସମସ୍ୟାଗୁଡ଼ିକର ସମାଧାନ କରାଯାଇପାରିବ ବୋଲି ସେ ମତ ଦେଇଛନ୍ତି। ସେପଟେ ଫଜ୍‌ଲୁର ନିଜ ଜିଦ୍‌ରେ ଅଟଳ ରହିବା ସହ ବିରୋଧୀ ଦଳର ନେତାମାନଙ୍କ ସହ ଆଲୋଚନା କରାଯାଇ ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ବଡଭାଇ ମୃତଦେହ ଦେଖି ଆଖି ବୁଜିଲେ ସାନ

ପାଲଲହଡ଼ା, ୨।୧୧ (ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ସିଡିଙ୍ଗ ଗ୍ରାମରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ବଡଭାଇର ମୃତଦେହ ଦେଖି ସାନଭାଇ ଭାଙ୍ଗିପଡି ପ୍ରାଣ ହରାଇବା ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି କରିଛି। ପ୍ରକାଶ ଯେ, ଗ୍ରାମର ଦୀପକ କୁମାର ପାଲ (୬୨) ଅସୁସ୍ଥ ଥିବାରୁ କିଛିଦିନ ତଳେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିଲେ। ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ଧରି ପରିବାର ଲୋକେ ଗ୍ରାମକୁ ଫେରିବା ପରେ ଦୀପକଙ୍କ ସାନ ଭାଇ ତିରୁମଲ ପ୍ରସାଦ ପାଲ(୬୦) ବେହୋସ ହୋଇପଡିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ପାଲଲହଡ଼ା ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# 'ପାଣି ପାଇପ୍ କ୍ଷେତ୍ରରେ ପଟ୍ଟାମୁଣ୍ଡାଇର ଖ୍ୟାତି ରହିଛି'



ଲ୍ୟାବ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ

ପଟ୍ଟାମୁଣ୍ଡାଇ, ୨।୧୧ (ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ଚା'ପଡ଼ାସ୍ଥିତ ପାଣି ପାଇପ୍ ତାଲିମ୍ କେନ୍ଦ୍ରରେ ଶନିବାର ପ୍ଲମ୍ବିଂ ଲ୍ୟାବ୍ ଉଦ୍‌ଘାଟନ କରାଯାଇଛି। ପାଣି ପାଇପ୍ କ୍ଷେତ୍ରରେ ଅତ୍ୟାଧୁନିକ ଯନ୍ତ୍ରପାତି ସଂଯୋଗ କରିବା ବିଷୟରେ ଶିକ୍ଷାଦେବା ଏହି ଲ୍ୟାବ୍‌ର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ଅତ୍ୟାଧୁନିକ ପାଇଖାନା, ଗାଧୁଆଘର ଓ ବିଭିନ୍ନ ପ୍ରକାର ପାଣି କଳ ସମେତ ଅନ୍ୟାନ୍ୟ ପାଣି ସମ୍ବନ୍ଧୀୟ ଯନ୍ତ୍ରପାତି ରହିଛି। କାର୍ଯ୍ୟକ୍ରମରେ ଗୋସମ୍ପଦ ଓ ମତ୍ସ୍ୟ ବିକାଶ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି, ପାଣି ପାଇପ୍ କ୍ଷେତ୍ରରେ ପଟ୍ଟାମୁଣ୍ଡାଇର ଖ୍ୟାତି ଦେଶବିଦେଶରେ ରହିଛି। ଏହି ତାଲିମ କେନ୍ଦ୍ରରୁ ଛାତ୍ରମାନେ ଶିକ୍ଷାଲାଭ କରି ବିଭିନ୍ନ ସ୍ଥାନରେ ନିଜର ଦକ୍ଷତାର ପରିଚୟ ଦେଇଛନ୍ତି। ସେହିପରି ଦକ୍ଷତା ଓ ଶିଳ୍ପୋଦ୍ୟୋଗୀ ବିକାଶ କେନ୍ଦ୍ରମନ୍ତ୍ରୀ ଏମ୍‌କେ ମହେନ୍ଦ୍ରନାଥ ପାଣ୍ଡେ ଯୋଗଦେଇ ଏହି ଅତ୍ୟାଧୁନିକ ଲ୍ୟାବ ଯୁବପିଢିଙ୍କ ପାଇଁ ବିଶେଷ ଭାବେ ଉପଯୋଗୀ ହେବ ବୋଲି କହିଥିଲେ। ଏହାଦ୍ୱାରା ଅତ୍ୟାଧୁନିକ ଯନ୍ତ୍ରପାତି ସମ୍ବନ୍ଧରେ ଜ୍ଞାନକୌଶଳ ହାସଲ କରିବାକୁ ଏଠାକାର ପାଣି ପାଇପ ମିସ୍ତ୍ରି ସୁଯୋଗ ପାଇବେ ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଡ. ଆର.କେ.ସୋମେନି, ଓଡିଶା ପାଣିପାଇପ୍ ବିକାଶ ନିର୍ଦ୍ଦେଶକ ରେଘୁ ଜି, ରବୀନ୍ଦ୍ରନାଥ ପ୍ରଧାନ, ଏମ୍‌କେ ଗୁପ୍ତା, ସି.ଏସ୍ ଗୁପ୍ତା, ଅଶୋକ ପ୍ରଧାନ, ସଞ୍ଜୀବ ଅଗ୍ରୱାଲ୍, ପିକେ ଚଢା, ନିର୍ବାହୀ ଯନ୍ତ୍ରୀ ଅଭିଷେକ ମିଶ୍ର ଓ ବର୍ମା ଟଣ୍ଡନ ପ୍ରମୁଖ ଯୋଗଦେଇଥିଲେ। ପଟ୍ଟାମୁଣ୍ଡାଇ ପାଣି ପାଇପ୍ ତାଲିମ୍ କେନ୍ଦ୍ର(ଆଇଟିଆଇ)ର ଅଧ୍ୟକ୍ଷ ନୀହାର ପଟ୍ଟନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।


CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଶୁଭଜନଲକ୍ଷ୍ମୀ ଫାଇନାନ୍ସ
ଗୃହ ରଣ, ମାର୍କଶିଟ୍ ରଣ, କୃଷି ରଣ, ପର୍ସନାଲ ରଣ, ଗ୍ରୁପ୍ ରଣ, ମାତ୍ର 5 ବାର୍ଷିକ ସୁଧ ହାରରେ।
ଯୋଗାଯୋଗ କରନ୍ତୁ
9899289162
9858323204
Dehradun, UK

KUBER FINANCE
Kuber ରଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ରଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ। ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
Call or SMS Now
8146524009

DHARITRI Career appointment Every Wednesday and Saturday

ରଣ ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ମୁଦ୍ରା ଫାଇନାନ୍ସ
1980ରୁ ଆପଣଙ୍କ ସେବାରେ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ରଣ | ବ୍ୟବସାୟ | ଗ୍ରୁପ୍ ରଣ
ଏଗ୍ରିକଲ୍ଚର ରଣ
ସବୁ ପ୍ରକାର ରଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
8929619951
SCO-106, Second Floor, Vishal Tower, Cannaught Place, Delhi.

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ରଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି। ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଶ୍ରୀରାମ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ରଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
ଧୋକେବାଜ ଙ୍କୁ ସାବଧାନ
Mahaveer Nagar, Lewis Road, Bangalore
08587970541
09499469559

ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ରଣ 2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ. 7689936101, 7310644390
Vishal Mansion, Mahatma Gandhi Road, UP

ନବବର୍ଷର ଶୁଭ ଅବସରରେ
ରଣ ଧମାକା ରଣ ଧମାକା ରଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ରଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

FINANCE
All India ରଣ ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ରଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Janavi - 7566-888-563
Sagar - 7773-817-838
Manasi- 8827-505-029
Manisa- 7772-970-949
Sradha - 7583-808-884
Visakha- 8269-150-310
Vasundhara Mall, West Boring Canal Rd, Rajapur, Patna, Bihar 800001

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲି. REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ରଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ରଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

EDUCATION

LAST DATE OF ADMISSION ON 10/11/2019
B.Ed
Acharya Nagarjuna University Equivalent to Govt. of Odisha
FREE Practical, Study Material, Formfillup fees & Weekend Class
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୯ ଶିଶୁ ମୃତ**

ଆଫଗାନିସ୍ତାନର ଉତ୍ତରପୂର୍ବାଞ୍ଚଳରେ ଶନିବାର ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୯ ଶିଶୁଙ୍କ ମୃତ୍ୟୁ ହୋଇଛି। ତଖର ପ୍ରଦେଶର ତାଲିବାନ ଅଧୁଷିତ ଦରକଦ୍ ଜିଲାରେ ସ୍କୁଲ୍ ପିଲାମାନେ ରାସ୍ତାରେ ବିଛାଯାଇଥିବା ଲ୍ୟାଣ୍ଡମାଇନ ଉପରେ ଚଢ଼ିଯିବାରୁ ତାହା ବିସ୍ଫୋରଣ ହୋଇଥିଲା। ପିଲାମାନଙ୍କ ବୟସ ୭ରୁ ୧୧ ବର୍ଷ ମଧ୍ୟରେ। ବିସ୍ଫୋରଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି।

## ସଂକ୍ଷେପରେ

### ଭୂପିନ୍ଦର ହରିୟାଣା କଂଗ୍ରେସ ବିଧାୟକ ଦଳ ନେତା



ନୂଆଦିଲ୍ଲୀ,୨।୧୧(ପି.ଟି.): ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡ଼ାଙ୍କୁ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ରାଜ୍ୟ ବିଧାୟକ ଦଳ ନେତା ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ଫଳରେ ହୁଡ଼ା ହରିୟାଣା ବିଧାନସଭାରେ ବିରୋଧୀ ଦଳ ନେତା ରହିବେ ବୋଲି ଏଆଇସିସି ହରିୟାଣା ପ୍ରଭାରୀ ଗୁଲାମ ନବୀ ଆଜାଦ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ନବନିର୍ବାଚିତ ବିଧାୟକମାନେ ସୋନିଆ ଗାନ୍ଧୀଙ୍କୁ ନେତା ଚୟନ ଦାୟିତ୍ୱ ଦେଇଥିଲେ।

### ପୁଣି ସୂକ୍ଷ୍ମ ଅବତରଣ ଉଦ୍ୟମ କରିବ ଇସ୍ରୋ

ନୂଆଦିଲ୍ଲୀ,୨।୧୧(ପି.ଟି.): ଚନ୍ଦ୍ର ଅଭିଯାନ ଲାଗି ଚନ୍ଦ୍ରୟାନ-୨ ଶେଷ ଉଦ୍ୟମ ନୁହେଁ। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ନିକଟ ଭବିଷ୍ୟତରେ ସୂକ୍ଷ୍ମ ଅବତରଣ ଲାଗି ଆଉ ଏକ ଉଦ୍ୟମ କରିବ ବୋଲି ଏହାର ଅଧକ୍ଷ କେ. ଶିବନ୍ କହିଛନ୍ତି। ଏଠାରେ ଆଇଆଇଟି ଦିଲ୍ଲୀର ସୁବର୍ଣ୍ଣ ଜୟନ୍ତୀ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଶିବନ କହିଥିଲେ, ଆଗାମୀ କିଛି ମାସ ମଧ୍ୟରେ ଅନେକ ଅତ୍ୟାଧୁନିକ ସାଟେଲାଇଟ ଲଞ୍ଚ୍ କରାଯିବା ଯୋଜନା ରହିଛି। ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ବିକ୍ରମକୁ ସଫ୍ଟଲ୍ୟାଣ୍ଡିଂ କରାଇବାରେ ଆମେ ବିଫଳ ହୋଇଥିଲୁ ବୋଲି ଶିବନ୍ କହିଛନ୍ତି।

### ୟୁଏନ୍ଏସ୍‌ସିରେ ଉଠିବନି କଶ୍ମୀର ପ୍ରସଙ୍ଗ

ଜାତିସଂଘ,୨।୧୧: ଚଳିତ ମାସରେ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି) ବୈଠକ ଅନୁଷ୍ଠିତ ହେବାକୁ ଥିଲାବେଳେ ସେଥିରେ କଶ୍ମୀର ପ୍ରସଙ୍ଗରେ ଆଲୋଚନା ହେବନାହିଁ। ନଭେମ୍ବର ମାସ ପାଇଁ ୟୁଏନ୍ଏସ୍‌ସିରେ ଅଧକ୍ଷତା କରିବାକୁ



କରେନ ପିର୍ସି

ଥିବା ବ୍ରିଟେନର ସ୍ଥାୟୀ ପ୍ରତିନିଧି କରେନ ପିର୍ସି ଏହି ସୂଚନା ଦେଇଛନ୍ତି। ଆଲୋଚନା ପାଇଁ ଅନେକ ଅନ୍ତର୍ଜାତୀୟ ପ୍ରସଙ୍ଗ ରହିଛି। କଶ୍ମୀର ସମ୍ପର୍କରେ ଆଲୋଚନା ପାଇଁ କୌଣସି ଯୋଜନା ନ ଥିବା ସେ କହିଛନ୍ତି। କଶ୍ମୀରରେ ମୁସଲମାନଙ୍କୁ ହତ୍ୟା କରାଯାଉଥିବାରୁ ଏହି ପ୍ରସଙ୍ଗ ସୁରକ୍ଷା ପରିଷଦରେ ଉଠିବ କି ବୋଲି ଆରବ ଖବରଦାତାମାନେ ପ୍ରଶ୍ନ କରିବାରୁ ପିର୍ସି ଉପରୋକ୍ତ ମତ ଦେଇଥିଲେ।

### ୟୁପିରେ ମହିଳାଙ୍କୁ ଗଣବଳାତ୍କାର

ଲକ୍ଷ୍ନୌ, ୨।୧୧(ପି.ଟି.): ଉତ୍ତରପ୍ରଦେଶର ଚିତ୍ରକୂଟ ଜିଲାରେ ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯିବା ସହ ଅଭିଯୁକ୍ତମାନେ ଏହାର ଭିଡିଓ ଭାଇରାଲ୍ କରିଥିବା ଅଭିଯୋଗ ହୋଇଛି। ମହିଳା ଜଣକ ସମ୍ପର୍କୀୟଙ୍କ ଘରକୁ ଯାଉଥିବାବେଳେ ଅଧବାଟରେ ୬ ଜଣ ଯୁବକ ତାଙ୍କୁ ଟେକିନେଇ ବଳାତ୍କାର କରିଥିଲେ। ଏଥିସହ ୧୪ ସେକେଣ୍ଡର ଏକ ଭିଡିଓ କ୍ଲିପ୍‌କୁ ଭାଇରାଲ୍ କରିଥିଲେ। ଏହି ଭିଡିଓ କ୍ଲିପ୍‌ଟି ଅକ୍ଟୋବର ୨୮ର ବୋଲି ମଉ ଷ୍ଟେଶନ ଅଫିସର ଅରୁଣ ପାଠକ କହିଥିବାବେଳେ ଘଟଣାର ତଦନ୍ତ ଜାରିରହିଛି।

### ଇତିହାସର ଆଇନାରେ

**ନଭେମ୍ବର ୩ର ପ୍ରମୁଖ ଘଟଣା**

୧୯୧୭ ନଭେମ୍ବର ୩ରେ ଭାରତର ସ୍ୱାଧୀନତା ସଂଗ୍ରାମୀ ଅନ୍ନପୂର୍ଣ୍ଣା ମହାରଣା ଜନ୍ମଗ୍ରହଣ କରିଥିଲେ। ମାତ୍ର ୧୪ ବର୍ଷ ବୟସରେ ସେ ଗାନ୍ଧିଜୀଙ୍କ ସହ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ।

୧୯୮୨ ନଭେମ୍ବର ୩ରେ ଆଫଗାନିସ୍ତାନର ସଲାଙ୍ଗ ଟନେଲ ଅଗ୍ନିକାଣ୍ଡରେ ୨ ହଜାର ଲୋକ ପ୍ରାଣ ହରାଇଥିଲେ। ତୈଳ ବୋଝେଇ ଟ୍ରକ ଦୁର୍ଘଟଣାରେ କିମ୍ବା ଅସ୍ତ୍ରାଗାର ଅଘଟଣରୁ ଏଭଳି ଅଘଟଣ ଘଟିଥିବା ବିଶ୍ୱାସ କରାଯାଏ।

# ନୂଆ ମାନଚିତ୍ରରେ ପିଓକେର ୩ ଜିଲା

ନୂଆଦିଲ୍ଲୀ,୨।୧୧(ପି.ଟି./ଆଇଏଏନ୍ଏସ୍)




ନବଗଠିତ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଓ ଲଦାଖକୁ ଦର୍ଶାଉଥିବା ଭାରତର ନୂଆ ମାନଚିତ୍ର ଶନିବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଛି। ନୂଆ ରାଜନୈତିକ ମାନଚିତ୍ରରେ ୨୮ ରାଜ୍ୟ ଓ ୯ କେନ୍ଦ୍ରଶାସିତ ଅଞ୍ଚଳ ରହିଛି। ଦୁଇଟି ଜିଲା କାର୍‌ଗିଲ ଓ ଲେହକୁ ନେଇ ଲଦାଖ କେନ୍ଦ୍ରଶାସିତ ଗଠିତ ହୋଇଥିଲାବେଳେ ଅନ୍ୟ ଜିଲାଗୁଡ଼ିକ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ରହିଥିବା ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ନୂଆ ମ୍ୟାପ୍‌ରେ ଜମ୍ମୁ-କଶ୍ମୀର ରାଜ୍ୟର ସମସ୍ତ ଜିଲା ସମେତ ପାକ୍ ଅଧିକୃତ କଶ୍ମୀର (ପିଓକେ)ର ୩ ଜିଲା ମୁଜାଫରାବାଦ, ପୁଞ୍ଚ୍ ଓ ମିର୍‌ପୁର ରହିଛି। ଭାରତର ସର୍ଭେ ଜେନେରାଲଙ୍କ ଦ୍ୱାରା ଏହି ମାନଚିତ୍ର ପ୍ରସ୍ତୁତ ହୋଇଥିବା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିବୃତିରେ କୁହାଯାଇଛି। ୧୯୪୭ରେ ଜମ୍ମୁ-କଶ୍ମୀର ଭାରତରେ ସାମିଲ ହେଲାବେଳେ ୧୪ଟି ଜିଲା ଥିଲା। ସେଗୁଡ଼ିକ ହେଲା କଠୁଆ, ଜମ୍ମୁ, ଉଧାମପୁର, ରେଆସି, ଅନନ୍ତନାଗ, ବାରମୁଲ୍ଲା, ପୁଞ୍ଚ୍, ମିର୍‌ପୁର, ମୁଜାଫରାବାଦ, ଲେହ ଓ ଲଦାଖ, ଗିଲ୍‌ଗିଟ, ଗିଲ୍‌ଗିଟ ୱାଜରତ୍, ଚିଲାସ୍ ଏବଂ ଆଦିବାସୀ ଅଞ୍ଚଳ। ପରେ ରାଜ୍ୟ ସରକାର ଜିଲା ସଂଖ୍ୟା ୨୮କୁ ବୃଦ୍ଧି କରିଥିଲେ। ନୂଆ ଜିଲାଗୁଡ଼ିକ ହେଲେ କୁପ୍‌ୱାଡ଼ା, ବଣ୍ଡିପୋରା, ଗନ୍ଦର୍ବାଲ୍, ଶ୍ରୀନଗର, ବଡ଼ଗାମ, ପୁଲ୍‌ୱାମା, ଶୋପିଆନ, କୁଲଗାମ୍, ରାଜୌରୀ, ରାମ୍‌ବନ, ଦୋଦା, କିସ୍ତୱାର, ସାମ୍ବା ଏବଂ କାର୍‌ଗିଲ। ଲେହ ଓ ଲଦାଖ ଜିଲାରୁ ଅଲଗା ହୋଇ କାର୍ଗିଲ ଜିଲା ଗଠନ ହୋଇଥିଲା। ସରକାରଙ୍କ ପକ୍ଷରୁ ପ୍ରକାଶିତ ଗେଜେଟ ବିଜ୍ଞପ୍ତି ଅନୁଯାୟୀ ଲେହ ଜିଲାରେ ଗିଲ୍‌ଗିଟ, ଗିଲ୍‌ଗିଟ ୱାଜରତ୍, ଚିଲାସ୍, ଆଦିବାସୀ ଅଞ୍ଚଳ ଏବଂ ଲେହ ରହିଛି। ଲଦାଖ ଜିଲାରେ ବର୍ତ୍ତମାନର କାର୍‌ଗିଲ ବ୍ୟତୀତ ଅନ୍ୟ ସମସ୍ତ ଅଞ୍ଚଳ ରହିଛି। ଏହାକୁ ଜମ୍ମୁ-କଶ୍ମୀର ପୁନର୍ଗଠନ (ଅସୁବିଧା ଦୂରୀକରଣ) ଦ୍ୱିତୀୟ ନିର୍ଦ୍ଦେଶନାମା, ୨୦୧୯ କୁହାଯାଉଛି। ପାର୍ଲାମେଣ୍ଟର ଅନୁମୋଦନ କ୍ରମେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅଗଷ୍ଟରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସହ ଜମ୍ମୁ-କଶ୍ମୀର ପୁନର୍ଗଠନ ଆଇନ, ୨୦୧୯ ଜାରି କରିଥିଲେ। ତଦନୁଯାୟୀ ଅକ୍ଟୋବର ୩୧ରେ ଜମ୍ମୁ-କଶ୍ମୀର ରାଜ୍ୟ ଦୁଇଭାଗ ହୋଇ ଦୁଇ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଓ ଲଦାଖ ସୃଷ୍ଟି ହୋଇଥିଲା। ଦୁଇ ଆଇଏଏସ୍ ଅଫିସର ଗିରୀଶ ଚନ୍ଦ୍ର ମୁର୍ମୁ ଓ ରାଧାକୃଷ୍ଣ ମାଥୁର ଯଥାକ୍ରମେ ଜମ୍ମୁ-କଶ୍ମୀର ଓ ଲଦାଖର ଉପରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

**ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଜାରି କଲା ଭାରତର ନୂଆ ମ୍ୟାପ୍**

## ଭାଜପା ୱେବ୍‌ସାଇଟ୍ ହ୍ୟାକ୍ ପଛରେ ପାକିସ୍ତାନ

ନୂଆଦିଲ୍ଲୀ, ୨।୧୧(ପି.ଟି.)

ସନ୍ଦିଗ୍ଧ ପାକିସ୍ତାନୀ ହ୍ୟାକରମାନେ ଶନିବାର ଭାଜପାର ଦିଲ୍ଲୀ ୟୁନିଟ୍ ୱେବ୍‌ସାଇଟ୍‌କୁ ହ୍ୟାକ୍ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଆପତ୍ତିଜନକ ଭାଷା ପ୍ରୟୋଗ କରିଥିବା ଜଣାପଡ଼ିଛି। ମହମ୍ମଦ ବିଲାଲ ଟିମ୍ ନାମକ ଏକ ହ୍ୟାକର ଗୋଷ୍ଠୀ ଏହି ହ୍ୟାକ୍ କରିଥିବା ଦାବି କରିଥିବାବେଳେ 'ଘରେ ପଶି ମାରିବୁ'ବୋଲି ମେସେଜ୍ କରିଛି। ପୁଣି 'ମୋତେ ଅଭିନନ୍ଦନଙ୍କ ଭଳି ବୀରଚକ୍ର ଦିଆଯିବ କି' ବୋଲି ଏକ ଇ-ମେଲ୍ ଆଇଡିରେ ପ୍ରଶ୍ନ କରାଯାଇଛି। ହ୍ୟାକରମାନେ ଅଭିନନ୍ଦନଙ୍କ ସହ କେତେକ ପୋଲିସ ଥିବା ଫଟୋ ପୋଷ୍ଟକରି କ୍ୟାପ୍‌ଶନରେ '୨୭ ଫେବୃୟାରୀ ମନେ ଅଛି ତ' ବୋଲି ପୋଷ୍ଟ କରିଛନ୍ତି। ଅନ୍ୟ ଏକ ମେସେଜ୍‌ରେ 'ଫିଲ୍ମ କର, ଲଢ଼ିବାକୁ ତୁମେ ସକ୍ଷମ ନୁହଁ' ବୋଲି ଲେଖାଯାଇଛି। ପ୍ରକାଶଥାଉ କି, ଗତବର୍ଷ ମେ'ରେ ଗୋମାଂସ ଡିଶ୍ ଫଟୋ ପଠାଯାଇ ଭାଜପାର ଦିଲ୍ଲୀ ୟୁନିଟ୍ ୱେବ୍‌ସାଇଟ୍ ହ୍ୟାକ୍ କରାଯାଇଥିଲା।

## ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ଆହ୍ୱାନ



ତାସ୍‌କେଣ୍ଟଠାରେ ଏସ୍‌ସିଓ ସଦସ୍ୟ ରାଷ୍ଟ୍ରର ସରକାର ମୁଖ୍ୟ ଓ ପ୍ରତିନିଧିମାନଙ୍କ ସହ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ।

ନୂଆଦିଲ୍ଲୀ,୨।୧୧(ପି.ଟି.)

**ଏସ୍‌ସିଓ ସମ୍ମିଳନୀରେ ରାଜନାଥ ସିଂ**

ଆତଙ୍କବାଦ ଓ ଜଳବାୟୁ ପରିବର୍ତ୍ତନ ବିରୋଧରେ ମିଳିତ ଲଢ଼େଇ ପାଇଁ ଶନିବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସାଙ୍ଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ର ସଦସ୍ୟ ରାଷ୍ଟ୍ରମାନଙ୍କୁ ଆହ୍ୱାନ ଦେଇଛନ୍ତି। ଆତଙ୍କବାଦ ବିରୋଧୀ ଲଢ଼େଇ ପାଇଁ ବର୍ତ୍ତମାନର ସମସ୍ତ ଅନ୍ତର୍ଜାତୀୟ ଆଇନକୁ ସୁଦୃଢ଼ କରିବା ସହ ଏହାକୁ କାର୍ଯ୍ୟକାରୀ କରିବାକୁ ହେବ ବୋଲି ସଦସ୍ୟ ରାଷ୍ଟ୍ରର ସରକାର ମୁଖ୍ୟମାନଙ୍କ ଅଷ୍ଟାଦଶ ସମ୍ମିଳନୀରେ ଯୋଗଦେଇ ରାଜନାଥ କହିଛନ୍ତି। ଏଥିସହିତ ଦାରିଦ୍ର୍ୟ, ଅନଗ୍ରସରତା, ଅସମାନତା ଓ ମହାମାରି ଆଦି ଚ୍ୟାଲେଞ୍ଜ ବିରୋଧରେ ଏକାଠି କାମ କରିବା ଲାଗି ପ୍ରତିରକ୍ଷା ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଉଜ୍‌ବେକିସ୍ତାନର ତାସ୍‌କେଣ୍ଟଠାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତରଫରୁ ରାଜନାଥ ଯୋଗଦେଇଥିଲେ। ଆତଙ୍କବାଦ ଆମ ସମାଜରେ ଅସ୍ଥିରତା ସୃଷ୍ଟି କରିବା ସହ ବିକାଶ ପଥରେ ବାଧକ ହୋଇଛି। ଏହା ବିରୋଧରେ ଏସ୍‌ସିଓ ରାଷ୍ଟ୍ରମାନେ ଏକାଠି ହେବା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ।

## ମମତାଙ୍କ ଫୋନ୍ ଟ୍ୟାପିଙ୍ଗ୍ ଅଭିଯୋଗ

କୋଲକାତା, ୨।୧୧(ପି.ଟି.): କେନ୍ଦ୍ର ସରକାରଙ୍କ ଉପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୁଣି ଥରେ ଆକ୍ରମଣ କରିଛନ୍ତି। ସେ ଶନିବାର ଅଭିଯୋଗ କରି କହିଛନ୍ତି ଯେ, ମୋଦି ସରକାର ମୋ ଫୋନ୍ ଟ୍ୟାପିଙ୍ଗ୍ କରୁଛନ୍ତି। ଏହା ଏକ ଗୁରୁତର ଘଟଣା। ମୋଦି ସରକାର ଇସ୍ରାଏଲ ଫାର୍ମ ଏନ୍ଏସ୍‌ଓ ଗ୍ରୁପକୁ ଲଗାଇ ବିଭିନ୍ନ ରାଜନେତା, ମିଡିଆ କର୍ମୀ, ସାମାଜିକ କର୍ମୀ, ଓକିଲ, ଏମିତିକି ବିଚାରପତି, ଆ।ଇ ଏ ଏ ସ୍ -ଆ।ଇ ପି ଏ ସ୍ ଙ୍କ କାର୍ଯ୍ୟକଳାପକୁ ଅନୁଧ୍ୟାନ କରୁଛନ୍ତି। ଏହି ସୂଚନା ସମ୍ପୂର୍ଣ୍ଣ ସତ୍ୟ ବୋଲି ଦିଦି କହିଛନ୍ତି। ଇସ୍ରାଏଲ ଏନ୍ଏସ୍‌ଓ ଭାରତ ସରକାରଙ୍କୁ ଏଭଳି ସଫ୍ଟୱେର ଯୋଗାଇଥିବାବେଳେ ବିଭିନ୍ନ ସଂସ୍ଥା ଏହାକୁ ବ୍ୟବହାର କରୁଛନ୍ତି। ଇସ୍ରାଏଲୀ ସ୍ପାଏୱେର ପେଗାସସ୍ ଏସବୁରେ ସରକାରଙ୍କୁ ସହାୟତା କରୁଥିବା ମମତା ଅଭିଯୋଗ କରିଛନ୍ତି।



## 'ମେଣ୍ଟ ଧର୍ମ ପାଳନ କରିବ ଶିବସେନା'

ମୁମ୍ବାଇ,୨।୧୧(ପି.ଟି.)



ସଞ୍ଜୟ ରାଉତ୍

ମହାରାଷ୍ଟ୍ରରେ ସରକାର ଗଠନକୁ ନେଇ କଳ୍ପନାଜଳ୍ପନା ଲାଗିରହିଥିଲାବେଳେ ଶିବସେନା କେତେବେଳେ ନରମ ତ କେତେବେଳେ ଗରମ ଆଭିମୁଖ୍ୟ ଦେଖାଉଥିଲାବେଳେ ପ୍ରତୀକ୍ଷା ମୁଡ୍‌ରେ ରହିଛି ଭାଜପା। ଗୋଟିଏ ପଟେ ମେଣ୍ଟ ଧର୍ମ ପାଳନ କରିବ ବୋଲି ଶିବସେନା କହୁଥିଲାବେଳେ ସେପଟେ କଂଗ୍ରେସ ଓ ଏନ୍‌ସିପିର ସମର୍ଥନ ହାସଲ ଲାଗି ଉଦ୍ୟମ ଜାରି ରଖିଛି। ଉଦ୍ଧବ ଠାକ୍‌ରେଙ୍କ ଦଳକୁ ସମର୍ଥନ ଦେବା ନେଇ ଏନ୍‌ସିପି ନେତା ଶରଦ ପାୱାର ଓ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ସୋମବାର ଆଲୋଚନା କରିବେ ବୋଲି ଜଣାପଡିଛି। ସରକାର ଗଢ଼ାଯାଇ ନ ପାରିଲେ ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଲାଗୁ ହେବ ବୋଲି ଭାଜପା ନେତା ସୁଧୀର ମୁଙ୍ଗନ୍ତିୱାର ଶୁକ୍ରବାର କହିଥିଲାବେଳେ ଏହାକୁ ଶିବସେନା ମୁଖପତ୍ର 'ସାମନା'ରେ ସମାଲୋଚନା କରାଯାଇଛି।

ଶନିବାର ଭାଜପା ପ୍ରତି ଶିବସେନା ନରମ ଆଭିମୁଖ୍ୟ ପୋଷଣ କରିଛି। ସହଯୋଗୀ ଦଳ ସହ ଆଲୋଚନା ଆଦୌ ବନ୍ଦ କରିନାହୁଁ ଏବଂ ମେଣ୍ଟ ଧର୍ମ ପାଳନ କରିବୁ ବୋଲି ଶିବସେନା ନେତା ସଞ୍ଜୟ ରାଉତ୍ କହିଛନ୍ତି।

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ କ୍ଷମତା ବଣ୍ଟନକୁ ନେଇ ଦୁଇ ସରକାରୀ ଦଳ ମଧ୍ୟରେ କନ୍ଦଳ ଲାଗି ରହିଛି। ୫୦-୫୦ ସୂତ୍ରରେ ଶିବସେନା ଅଢ଼େଇବର୍ଷ ମୁଖ୍ୟମନ୍ତ୍ରୀ ପଦ ଦାବି କରୁଥିଲାବେଳେ ଭାଜପା ଏଥିରେ ରାଜି ନୁହେଁ। ୮ ତାରିଖରେ ବର୍ତ୍ତମାନ ବିଧାନସଭାର କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିଲାବେଳେ ସରକାର ଗଠନ ନେଇ ଦୁଇ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଆଲୋଚନା ଅନୁଷ୍ଠିତ ହୋଇନାହିଁ।

ଶିବସେନାକୁ ସମର୍ଥନ ଦେବା ଲାଗି କଂଗ୍ରେସ ନେତା ହୁସେନ୍ ଦଲୱାଇ ସୋନିଆ ଗାନ୍ଧୀଙ୍କୁ ପତ୍ର ଲେଖିଥିବାରୁ ରାଉତ୍ ଏହାକୁ ସ୍ୱାଗତ କରିଛନ୍ତି। ସରକାର ଗଠନ ଲାଗି ଶିବସେନା ଆବଶ୍ୟକ ସଂଖ୍ୟା ଯୋଗାଡ଼ କରିପାରିବ ବୋଲି ଶୁକ୍ରବାର ସଞ୍ଜୟ ରାଉତ୍ କହିଥିଲେ।

## କର୍ଣାଟକ ସରକାରଙ୍କ ବରଖାସ୍ତ ଦାବିକଲା କଂଗ୍ରେସ

ବେଙ୍ଗାଲୁରୁ,୨।୧୧(ପି.ଟି.)

**ୟେଦୁରପ୍ପାଙ୍କ ଅଡିଓ କ୍ଲିପ୍‌କୁ ନେଇ ବିବାଦ**

କର୍ଣାଟକରେ ବିଦ୍ରୋହୀ କଂଗ୍ରେସ-ଜେଡିଏସ୍ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ପଛରେ ଭାଜପା କେନ୍ଦ୍ରୀୟ ନେତୃତ୍ୱ ସମ୍ପୃକ୍ତ ଥିଲେ ବୋଲି ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା କହିଥିବାର ଅଡିଓ କ୍ଲିପ୍ ଲିକ୍ ହେବା ପରେ ବିବାଦ ଜୋର ଧରିଛି। ଏହାକୁ ନେଇ ଶନିବାର କର୍ଣାଟକର ଭାଜପା ସରକାରଙ୍କ ବରଖାସ୍ତ ଦାବି କରିଛି କଂଗ୍ରେସ। ଅନ୍ୟପକ୍ଷରେ ୟେଦୁରପ୍ପା ସେପରି କିଛି କହି ନ ଥିବା ଭାଜପା ପକ୍ଷରୁ କୁହାଯାଇଛି।

କର୍ଣାଟକରେ ୧୭ ବିଦ୍ରୋହୀ ବିଧାୟକଙ୍କ ପାଇଁ ଏଚ୍.ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ କଂଗ୍ରେସ-ଜେଡିଏସ୍ ସରକାର ଭାଙ୍ଗିଯାଇଥିଲା। ଏହା ପରେ ଜୁଲାଇ ୨୬ରେ ୟେଦୁରପ୍ପାଙ୍କ ନେତୃତ୍ୱରେ ଭାଜପା ସେଠାରେ ସରକାର ଗଢ଼ିଥିଲା। ଏହି ସରକାରକୁ ୧୦୦ ଦିନ ପୂରିଥିଲାବେଳେ ପୁଣି ଥରେ ବିବାଦ ମୁଣ୍ଡ ଟେକିଛି। ବିଦ୍ରୋହୀ ବିଧାୟକମାନଙ୍କୁ ଭାଜପା ଅଧକ୍ଷ ଅମିତ୍ ଶାହଙ୍କ ତତ୍ତ୍ୱାବଧାନରେ ମୁମ୍ବାଇରେ ରଖାଯାଇଥିଲା ବୋଲି ଭାଇରାଲ ହୋଇଥିବା ଅଡିଓ କ୍ଲିପିଂରେ ୟେଦୁରପ୍ପା କହିଥିବା ଜଣାପଡିଛି। ଫଳରେ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହଙ୍କୁ ରାଷ୍ଟ୍ରପତି ବହିଷ୍କାର କରନ୍ତୁ ବୋଲି କଂଗ୍ରେସ ଅନୁରୋଧ କରିଛି। ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଦରାମାୟା ଓ ରାଜ୍ୟ କଂଗ୍ରେସ ମୁଖ୍ୟ ଦିନେଶ ଗୁଣ୍ଡୁ ରାଓଙ୍କ ନେତୃତ୍ୱରେ ବିରୋଧୀ ଦଳର ନେତାମାନେ ରାଜ୍ୟପାଳ ବଜୁଭାଇ ଭାଲାଙ୍କୁ ଭେଟି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେମାନେ ୟେଦୁରପ୍ପା ସରକାରଙ୍କ ବରଖାସ୍ତ ଦାବି କରିଛନ୍ତି।



ଦିଲ୍ଲୀରେ ବାୟୁ ପ୍ରଦୂଷଣ ସାଂଘାତିକ ରୂପ ଧାରଣ କରିଥିବାବେଳେ ଶନିବାର ଅମୃତସର ଉପକଣ୍ଠରେ ଜଣେ ଚାଷୀ କ୍ଷେତରେ ନଡ଼ା ପୋଡୁଛନ୍ତି।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘୁଆ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୫ | ୧୯.୯ |
| ଚାନ୍ଦବାଲି | ୩୦.୭ | ୨୨.୯ |
| କଟକ | ୩୧.୦ | ୨୧.୮ |
| ପାରାଦ୍ୱୀପ | ୩୧.୨ | ୨୪.୦ |
| ଭୁବନେଶ୍ୱର | ୩୦.୯ | ୨୨.୮ |
| ଗୋପାଳପୁର | ୩୪.୬ | ୨୪.୦ |
| ପୁରୀ | ୩୨.୦ | ୨୪.୫ |
| ଅନୁଗୋଳ | ୩୧.୧ | ୧୭.୬ |
| ବାରିପଦା | ୩୦.୦ | ୨୦.୬ |
| ଝାରସୁଗୁଡ଼ା | ୩୧.୮ | ୨୦.୨ |
| କେନ୍ଦୁଝର | ୨୯.୩ | ୧୮.୬ |
| ସମ୍ବଲପୁର | ୩୨.୭ | ୨୦.୫ |
| ସୁନ୍ଦରଗଡ଼ | ୨୯.୫ | ୧୪.୫ |
| ହୀରାକୁଦ | ୩୨.୪ | ୨୨.୬ |
| ତାଳଚେର | ୩୩.୮ | ୨୦.୩ |
| ଭବାନୀପାଟଣା | ୩୧.୦ | ୨୧.୦ |
| ବଲାଙ୍ଗୀର | ୩୨.୦ | ୨୧.୫ |
| କୋରାପୁଟ | ୩୦.୦ | ୧୭.୨ |
| ଫୁଲବାଣୀ | ୩୦.୪ | ୧୮.୫ |
| ଟିଟିଲାଗଡ଼ | ୩୧.୪ | ୧୮.୬ |
| ମାଲକାନଗିରି | ୩୨.୦ | -- |
| ସୋନପୁର | ୩୨.୪ | ୧୮.୦ |
| ଦାରିଙ୍ଗିବାଡ଼ି | -- | ୧୫.୦ |

ଡିଗ୍ରୀ ସେଲ୍‌ସିୟସ୍

■ ଥାଇଲାଣ୍ଡରେ ପ୍ରବାସୀ ଭାରତୀୟଙ୍କୁ ମୋଦିଙ୍କ ଉଦ୍‌ବୋଧନ

## ଆତଙ୍କବାଦର ମୂଳକୁ ଛେଦିଛି ଭାରତ

ବ୍ୟାଙ୍କକ୍,୨।୧୧(ପି.ଟି.)



**ଉତ୍ତରପୂର୍ବ ଭାରତ ହେବ ଦକ୍ଷିଣପୂର୍ବ ଏସିଆର ପ୍ରବେଶଦ୍ୱାର**

ଆତଙ୍କବାଦ ଓ ବିଚ୍ଛିନ୍ନତାବାଦର ମୂଳ କାରଣ ଥିଲା ଜମ୍ମୁ-କଶ୍ମୀରରେ ଦୀର୍ଘଦିନ ଧରି ଲାଗୁ ହୋଇଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦। ଏହି ଅନୁଚ୍ଛେଦକୁ ଉଚ୍ଛେଦ କରିବା ଫଳରେ ଆତଙ୍କବାଦର ମୂଳକୁ ଛେଦନ କରାଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଠାରେ ପ୍ରବାସୀ ଭାରତୀୟଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି। ଆମେ ଉତ୍ତରପୂର୍ବ ଭାରତର ବିକାଶ କରୁଛୁ। ଏହା ଦକ୍ଷିଣପୂର୍ବ ଏସିଆର ପ୍ରବେଶ ଦ୍ୱାର ହେବ ବୋଲି ମୋଦି କହିଥିଲେ। ଯେତେବେଳେ ନିଷ୍ପତ୍ତି ଠିକ୍, ଏହାର ସ୍ୱର ସାରା ବିଶ୍ୱରେ ପ୍ରତିଧ୍ୱନିତ ହୋଇଥାଏ। ଥାଇଲାଣ୍ଡରେ ମଧ୍ୟ ସେ ଏହାକୁ ଶୁଣିପାରୁଥିବା 'ସାୱାସଦି ପିଏମ୍ ମୋଦି' କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ସମ୍ପର୍କରେ ସେ କହିବା ବେଳେ ଉପସ୍ଥିତ ଶ୍ରୋତାମାନେ ଛିଡ଼ାହୋଇ ଏହାକୁ ସ୍ୱୀକୃତି ଜଣାଇଥିଲେ। ଭାରତ ଓ ଥାଇଲାଣ୍ଡ ମଧ୍ୟରେ ସମ୍ପର୍କ ଅଧିକ ଦୃଢ଼ୀଭୂତ ହେଉଛି ବୋଲି ମୋଦି କହିଥିଲେ। ଭାରତର ନୀତି ଆଦର୍ଶର ମୂଲ୍ୟବୋଧ ସାରା ବିଶ୍ୱରେ ଅନୁଭୂତ ହୋଇଛି। ଥାଇଲାଣ୍ଡ ଆସି ସେ ଏଠାରେ ଭାରତୀୟତା ଅନୁଭବ କରୁଛନ୍ତି। ରାଣୀ ମହା ଚକ୍ରି ସିରିନ୍ଧୋର୍ନ ଜଣେ ସଂସ୍କୃତ ପଣ୍ଡିତ, ଯାହାଙ୍କର ଭାରତ ସହ ଘନିଷ୍ଠ ସମ୍ପର୍କ ଥିଲା ବୋଲି ବ୍ୟାଙ୍କକ୍‌ରେ ପ୍ରବାସୀ ଭାରତୀୟମାନଙ୍କ ସହ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ କହିଥିଲେ।

ଆସିଆନ୍-ଇଣ୍ଡିଆ ସମ୍ମିଳନୀରେ ଯୋଗଦେବା ଲାଗି ୩ ଦିନିଆ ଥାଇଲାଣ୍ଡ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ୧୬ ଏସିଆ-ପ୍ରଶାନ୍ତ ମହାସାଗରୀୟ ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଆର୍‌ସିଇପି) ସମ୍ପର୍କରେ ଆଲୋଚନା କରିବେ।



ଅଦରକାରୀ ଆଲୋଚନା ଏକ ଅପରାଧ, ଏଣୁ ଭଦ୍ର ମଣିଷ ଜାଣିଶୁଣି ନୀରବତା ରକ୍ଷା କରନ୍ତି।
- ଇନ୍ଦିରା ଗାନ୍ଧୀ

# ଏ ସପ୍ତାହର କାର୍ଯ୍ୟକ୍ରମ

### ରବିବାର(୩।୧୧।୨୦୧୯)

**ଭୁବନେଶ୍ୱର**

- ଓଡ଼ିଶା ହସ୍ତତନ୍ତ କାର୍ନିଭାଲ, ଉତ୍କଳ ରଙ୍ଗମଞ୍ଚ, ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା।
- ସିପିଆଇ ପକ୍ଷରୁ ରନ୍ଧନ ଗ୍ୟାସ ଦରବୃଦ୍ଧି ବିରୋଧରେ ବିକ୍ଷୋଭ, ରାଜମହଲ ଛକ, ପୂର୍ବାହ୍ନ ୧୦ଟା ୩୦।
- ଇଚିକିଲି ମିଚିକିଲି ପକ୍ଷରୁ ପିଲାଙ୍କ ଚିତ୍ରକଳା ପ୍ରଦର୍ଶନ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୪୫।
- ଆଦି ମହୋତ୍ସବ, ଜନତା ମଇଦାନ, ପୂର୍ବାହ୍ନ ୧୧ଟାରୁ ରାତି ୮ଟା।
- ହେଲ୍‌ଥ ଲାଇନ ପୁସ୍ତକ ଉନ୍ମୋଚନ, ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି(ୟୁସିସିଆଇ) ପରିସର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ୭୫ବର୍ଷ ପୂର୍ତ୍ତି ଅବସରରେ ନେତୃତ୍ୱ ସମ୍ମାନ ସମାରୋହ, ଓଡ଼େଶା ଭବନ, ଖାରବେଳ ନଗର, ପୂର୍ବାହ୍ନ ୧୧ଟା।
- ସାରସ୍ୱତ ସମାଜ ପକ୍ଷରୁ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ, ଗୋଦାବରୀଶ ସାହିତ୍ୟ ସଂସଦ, ୟୁନିଟ-୩, ଅପରାହ୍ନ ୫ଟା ୩୦।
- ଭେଙ୍କେଟଶ୍ୱର ଇଂଲିଶ ମିଡିୟମ ସ୍କୁଲ ବାର୍ଷିକ ଉତ୍ସବ, ସ୍କୁଲ ପରିସର, ଇନ୍‌ଫୋସିଟି ରୋଡ, ଚନ୍ଦ୍ରଶେଖରପୁର, ସନ୍ଧ୍ୟା ୬ଟା।

**କଟକ**

- କଟକ ମହାନଗର ଛଟ୍ ପୂଜା ସମିତି ପକ୍ଷରୁ ଦ୍ୱିତୀୟ ଦିବସ ଛଟ୍ ପୂଜା ଉତ୍ସବ ପାଳନ, ଦେବୀଗଡ଼ା, ପୁରୀଘାଟ, ଅପରାହ୍ନ ୪ଟା ୩୦।
- ରାଜ୍ୟସ୍ତରୀୟ ବିଦ୍ୟାଳୟ ଚେସ୍ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ, ପ୍ରମିଳା ମଣ୍ଡପ, ମଧୁପାଟଣା, ସନ୍ଧ୍ୟା ୬ଟା ୩୦।

**ପୁରୀ**

- ନୀଳାଦ୍ରି ଉତ୍ସବ, ସିଂହଦ୍ୱାର ସମ୍ମୁଖ, ସକାଳ ୬ଟା ।
- ପ୍ରଜାପିତା ବ୍ରହ୍ମକୁମାରୀ ପକ୍ଷରୁ ଶିକ୍ଷା କର୍ମଶାଳା, ରାଜଯୋଗ କେନ୍ଦ୍ର, ବଳିଆପଣ୍ଡା, ପୂର୍ବାହ୍ନ ୧୦ଟା ୩୦।
- ଭାରତ ବିକାଶ ପରିଷଦର ଭାରତ କୋ ଜାନେ କାର୍ଯ୍ୟକ୍ରମ, ହଲିଡେ ରିସର୍ଟ, ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀ ନୀଳାଚଳ ତତ୍ତ୍ୱସନ୍ଧାନ ପରିଷଦର ଆଲୋଚନାଚକ୍ର, ଜଗନ୍ନାଥ ବଲ୍ଲଭ ମଠ, ପୂର୍ବାହ୍ନ ୧୧ଟା।
- ସୁଲେଖାର ବାର୍ଷିକୋତ୍ସବ, ଗୁଣ୍ଡିଚା ଭକ୍ତ ନିବାସ ସଭାକକ୍ଷ, ମଧ୍ୟାହ୍ନ ୧୨ଟା।
- କୁମ୍ଭକାର ନିଯୋଗର ଶ୍ରଦ୍ଧାଞ୍ଜଳି ସଭା, କୁମ୍ଭାରପଡା ବିଦ୍ୟାଳୟ, ସନ୍ଧ୍ୟା ୭ଟା।
- ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ମହାପ୍ରସାଦ ବିତରଣ, ଶ୍ରୀମନ୍ଦିରସ୍ଥିତ ନିର୍ମାଲ୍ୟ ଖଳା, ସନ୍ଧ୍ୟା ୭ଟା।

**ବାଲିଅନ୍ତା**

- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ, କୁଞ୍ଜବିହାରୀ ମନ୍ଦିର ପ୍ରାଙ୍ଗଣ, ସକାଳ ୭ଟାରୁ ରାତି ୭ଟା।

### ସୋମବାର(୪।୧୧।୨୦୧୯)

**ଭୁବନେଶ୍ୱର**

- ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ପକ୍ଷରୁ ଦ୍ୱାଦଶ କଳିଙ୍ଗ ହର୍ବାଲ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୫ଟା ୩୦।
- ଇଚିକିଲି ମିଚିକିଲି ପକ୍ଷରୁ କବିତା ପାଠୋତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ଖୋର୍ଦ୍ଧା ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

**ବଡ଼ମ୍ବା**

- ଶ୍ରୀଶ୍ରୀ ମାନୋକାମନେଶ୍ୱର ମହାଦେବଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ନୂଆପଡ଼ା ଗ୍ରାମ, ପୂର୍ବାହ୍ନ ୧୦ଟା ୩୦।

**ବାଲିଅନ୍ତା**

- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ, କୁଞ୍ଜବିହାରୀ ମନ୍ଦିର ପ୍ରାଙ୍ଗଣ, ସକାଳ ୭ଟାରୁ ରାତି ୭ଟା।
- ଗୋଷ୍ଠାଷ୍ଟମୀ ଉତ୍ସବ ପାଳନ, ଭୁବନପୁର, ଲକ୍ଷ୍ମୀନୃସିଂହ ମନ୍ଦିର ପ୍ରାଙ୍ଗଣ, ପୂର୍ବାହ୍ନ ୧୦ଟା।
- ଅନନ୍ତ ମହାବୀରଙ୍କ ୮ମ ଜନ୍ମବାର୍ଷିକ ଉତ୍ସବର କଳସଯାତ୍ରା, ଅଣ୍ଡିଲୋ, ପୂର୍ବାହ୍ନ ୧୧ଟା।
- ପଞ୍ଚବଟୀ ମା' ତାରିଣୀଙ୍କ ୧୭ତମ ବାର୍ଷିକ ସ୍ୱନକ୍ଷତ୍ର ଦିବସ, ବାଲିଅନ୍ତା, ପୂର୍ବାହ୍ନ ୧୧ଟା।

### ମଙ୍ଗଳବାର(୫।୧୧।୨୦୧୯)

**ଭୁବନେଶ୍ୱର**

- ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ପକ୍ଷରୁ ବୈଦ୍ୟାସ ବୈଠକ, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୦ଟା ୩୦।

**ବଡ଼ମ୍ବା**

- ଫାଇନାଲ୍ ଭାଗବତ ପ୍ରତିଯୋଗିତା, ନୀଳକଣ୍ଠେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣ, ବଡ଼ବାରସିଂହ ସନ୍ଧ୍ୟା ୭ଟା।
- ଗିରିଗୋବର୍ଦ୍ଧନ ପୂଜା ଭସାଣି ଉତ୍ସବ, କଙ୍କଡ଼ାଯୋଡ଼ି, ସନ୍ଧ୍ୟା ୭ଟା।

**ବାଲିଅନ୍ତା**

- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ, କୁଞ୍ଜବିହାରୀ ମନ୍ଦିର ପ୍ରାଙ୍ଗଣ, ସକାଳ ୭ଟାରୁ ରାତି ୭ଟା।
- ଅନନ୍ତ ମହାବୀରଙ୍କ ୮ମ ଜନ୍ମବାର୍ଷିକ ଉତ୍ସବରେ ହନୁମାନ ଚାଳିଶା ପାଠ, ଅଣ୍ଡିଲୋ, ପୂର୍ବାହ୍ନ ୧୦ଟା।
- ପଞ୍ଚବଟୀ ମା' ତାରିଣୀଙ୍କ ଯଜ୍ଞର ପୂର୍ଣ୍ଣାହୁତି, ବାଲିଅନ୍ତା ପଞ୍ଚବଟୀ ପୀଠ, ଅପରାହ୍ନ ୫ଟା।

### ବୁଧବାର(୬।୧୧।୨୦୧୯)

**ଭୁବନେଶ୍ୱର**

- ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ପକ୍ଷରୁ ହର୍ବାଲ ସମ୍ବନ୍ଧୀୟ କ୍ରେତା-ବିକ୍ରେତାଙ୍କ ବୈଠକ, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୦ଟା ୩୦।

**ପୁରୀ**

- ନୀଳକଣ୍ଠ ସ୍ମୃତି ସମିତି ପକ୍ଷରୁ ନୀଳକଣ୍ଠଙ୍କ ସ୍ମୃତିସଭା, ବଳଗଣ୍ଡି ଉଚ୍ଚ ବିଦ୍ୟାଳୟ, ଅପରାହ୍ନ ୨ଟା।

**ଖୋର୍ଦ୍ଧା**

- କାଳିଚରଣ ଜୟସିଂଙ୍କ ୭୭ତମ ଜନ୍ମୋତ୍ସବରେ କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସଭା, ଅନଙ୍ଗ ନରେନ୍ଦ୍ର ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ସକାଳ ୯ଟା।

**ବାଲିଅନ୍ତା**

- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ, କୁଞ୍ଜବିହାରୀ ମନ୍ଦିର ପ୍ରାଙ୍ଗଣ, ସକାଳ ୭ଟାରୁ ରାତି ୭ଟା।

### ଗୁରୁବାର(୭।୧୧।୨୦୧୯)

**ଭୁବନେଶ୍ୱର**

- ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ପକ୍ଷରୁ ଆୟୁର୍ବେଦିକ ଡାକ୍ତରଙ୍କ ବୈଠକ, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୦ଟା ୩୦।

### ଶୁକ୍ରବାର(୮।୧୧।୨୦୧୯)

**ଭୁବନେଶ୍ୱର**

- ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ପକ୍ଷରୁ ବୃଦ୍ଧ ନାଗରିକଙ୍କ ବୈଠକ ଓ ହର୍ବାଲ ମେଳା ଉଦ୍‌ଯାପନ, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୦ଟା ୩୦ରୁ ସନ୍ଧ୍ୟା ୬ଟା ୩୦।

## ସଂକ୍ଷେପରେ

### ୧୫ରୁ ଜାପାନ ଫିଲ୍ମ ଫେଷ୍ଟିଭାଲ

**ପୁରୀ ଅଫିସ, ୨।୧୧:** ଆସନ୍ତା ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଶ୍ରୀକୃଷ୍ଣ ସିନେମା ହଲ୍‌ରେ ଜାପାନ ଫିଲ୍ମ ଫେଷ୍ଟିଭାଲ ଅନୁଷ୍ଠିତ ହେବ। ପ୍ରତିବର୍ଷ ଜାପାନର ଲୋକେ ଅନ୍ୟ ସହରରେ ଏହି ଫେଷ୍ଟିଭାଲ ପାଳନ କରୁଥିଲେ। ଚନ୍ଦ୍ରଶେଖର ଏକାଡେମୀ ସଭାପତି କୁନା ଦାଶଙ୍କ ଅନୁରୋଧକ୍ରମେ ପ୍ରଥମଥର ପାଇଁ ପୁରୀରେ ଏହି ଫେଷ୍ଟିଭାଲ ଅନୁଷ୍ଠିତ ହେବ। କଲିକତା କନ୍‌ସୁଲ ଜେନେରାଲଏ ଅଫ୍ ଜାପାନ, ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ ସେଣ୍ଟର, ଜାପାନ ଫାଉଣ୍ଡେଶନ ଏବଂ ଚନ୍ଦ୍ରଶେଖର ଏକାଡେମୀର ମିଳିତ ସହଯୋଗରେ ହେଉଥିବା ଏହି ଫେଷ୍ଟିଭାଲର ତିନିଦିନରେ ମୋଟ ୬ଟି ଶୋ ରହିଛି। ପ୍ରତିଦିନ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଚଳଚ୍ଚିତ୍ର ଚାଲିବ। ଏହି ଚଳଚ୍ଚିତ୍ର ଇଂରାଜୀ ଅନୁବାଦ ସହ ପ୍ରଦର୍ଶୀତ ହେବ। ଚଳଚ୍ଚିତ୍ର ମଧ୍ୟରେ ଇଟ୍‌ସ ବିୟୁଟିଫୁଲ ଲାଇଫ୍, ଡ୍ୟାଡ୍‌ସ ଲଞ୍ଚ ବକ୍ସ, ଦ କମ୍ପଲେକ୍ସ, ଟାଇମ୍ ଅଫ୍ ଲଭ୍, ପପ୍ ଇନ୍ କ୍ୟୁ, ସର୍ଭାଇଭାଲ ଅଫ୍ ଫ୍ୟାମିଲି ଆଦି ରହିଛି। ଏଥିରେ ଯୋଗଦେଉଥିବା ଲୋକମାନେ ଜାପାନର ସାମଗ୍ରୀ ଏବଂ ଜାପାନ ଲୋକମାନଙ୍କ ସମ୍ପର୍କରେ ମଧ୍ୟ ଅଧିକ କିଛି ଜାଣିପାରିବେ। ଚଳଚ୍ଚିତ୍ରରେ ଜାପାନ ଲୋକମାନଙ୍କ ଜୀବନ, ସଂସ୍କୃତି, ସଙ୍ଗୀତକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯାଇଥିବା ଦାଶ ସୂଚନା ଦେଇଛନ୍ତି।

### ଶ୍ରୀମନ୍ଦିର ସୁରକ୍ଷା ଜୋନ

### ସ୍ୱେଚ୍ଛାକୃତ ଜମି ହସ୍ତାନ୍ତର ପାଇଁ ଆଗ୍ରହ ବଢ଼ିଛି: ଜିଲାପାଳ

**ପୁରୀ ଅଫିସ, ୨।୧୧:** ଶ୍ରୀମନ୍ଦିର ସୁରକ୍ଷା ଜୋନରୁ ଜମି ଅଧିଗ୍ରହଣ ଜାରି ରହିଛି। ପ୍ରଶାସନ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ଭେ (ଏସ୍‌ଆଇଏ) ଶେଷ କରିଥିବା ବେଳେ ଏହି ସୁରକ୍ଷା ଜୋନରେ ଥିବା ପ୍ରାୟ ୨୦ ପରିବାର ସ୍ୱେଚ୍ଛାକୃତ ଭାବେ ସେମାନଙ୍କ ଜମି ଦେଇ ସାରିଲେଣି। ସରକାରଙ୍କୁ ସ୍ୱେଚ୍ଛାକୃତ ଜମି ହସ୍ତାନ୍ତର କରିବା ଲାଗି ଲୋକମାନଙ୍କ ମଧ୍ୟରେ ଆଗ୍ରହ ବଢ଼ିଛି ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି। ଶନିବାର ସୁରକ୍ଷା ଜୋନର ଜମି ଅଧିଗ୍ରହଣ ସଂକ୍ରାନ୍ତରେ ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ କହିଛନ୍ତି, ଦୁଇଦିନ ପୂର୍ବରୁ ଭିତର ସେବାୟତ ନିଯୋଗ ୧୮ ଡେସିମିଲ ଜମି ଏବଂ ଏହା ଉପରେ ଥିବା କୋଠାକୁ ସରକାରଙ୍କୁ ହସ୍ତାନ୍ତର କରିଛନ୍ତି। ପ୍ରତିବଦଳରେ ନିଯୋଗକୁ କ୍ଷତିପୂରଣ ସହାୟତା ପ୍ରଦାନ କରାଯାଇଛି। ଶୁକ୍ରବାର ମଧ୍ୟ ୩ ପରିବାର ସେଲ୍ ଡିଡ୍ (ବିକ୍ରି କବଲା) କରିଥିବାବେଳେ ପ୍ରତିଦିନ ଜମି ହସ୍ତାନ୍ତର ନେଇ ଲୋକଙ୍କ ସହ ଆଲୋଚନା କରାଯାଉଛି। ଭଲ ଭାବେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ଜମିର କାଗଜପତ୍ର ଯାଞ୍ଚ ହେଉଛି। ପରେ ସରକାର ଏହାକୁ କିଣୁଛନ୍ତି। ପ୍ରତ୍ୟକ୍ଷ ଜମି ବିକ୍ରି ଲାଗି ଲୋକଙ୍କ ମଧ୍ୟରେ ବେଶ୍ ଆଗ୍ରହ ବଢ଼ିଛି। ଆସନ୍ତା ୧୫ ଦିନ ମଧ୍ୟରେ ସୁରକ୍ଷା ଜୋନରେ ଥିବା ଲୋକମାନେ ସ୍ୱେଚ୍ଛାକୃତ ଭାବେ ଜମି ହସ୍ତାନ୍ତର କରିବେ ବୋଲି ଆମର ବିଶ୍ୱାସ ରହିଛି। ମହାପ୍ରଭୁଙ୍କ ପାଇଁ ଏହି ଲୋକମାନେ କିପରି ତ୍ୟାଗ କଲେ ତାହା ଅନ୍ୟମାନଙ୍କୁ ଦେଖାଇ ଉଦାହରଣ ସାଜିବେ ବୋଲି ଜିଲାପାଳ ସିଂ କହିଛନ୍ତି।




ଜନତା ମଇଦାନରେ ଶନିବାର ଅନୁଷ୍ଠିତ 'କ୍ରେଡାଇ ଭୁବନେଶ୍ୱର ହୋମ୍ ଆଣ୍ଡ ଡେକୋର ଏବଂ ୧୬ତମ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମେଗା ଟ୍ରେଡ୍ ଫେୟାର'ରେ ଯୋଗ ଦେଇଥିବା ଅତିଥି।

### ଇଣ୍ଟରନ୍ୟାଶନାଲ ମେଗା ଟ୍ରେଡ୍ ଫେୟାର ଆରମ୍ଭ

# ୫୦୦ ଷ୍ଟଲ୍‌ରେ ୭ ଦେଶ, ୧୦ ରାଜ୍ୟର ଉତ୍ପାଦ

- ହୋମ୍ ଏବଂ ଇଣ୍ଟେରିୟର ଡେକୋର ସମ୍ଭାର
- ଭାଗ ନେଇଛନ୍ତି ରିୟଲ-ଇଷ୍ଟେଟ୍, ବ୍ୟାଙ୍କ୍
- ପ୍ରଦର୍ଶିତ ହେଉଛି ହାଉସିଂ ଏବଂ 'ରେଡି ଟୁ ମୁଭ୍' ପ୍ରକଳ୍ପ

**ଭୁବନେଶ୍ୱର, ୨।୧୧(ବ୍ୟୁରୋ)**

କ୍ରେଡାଇ ଭୁବନେଶ୍ୱର, ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ୟୁସିସିଆଇ), ବେଙ୍ଗଲ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏବଂ ଜି.ଏସ୍. ମାର୍କେଟିଂ ଆସୋସିଏଟ୍‌ସ ମିଳିତ ଆନୁକୂଲ୍ୟରେ ଶନିବାରଠାରୁ ସ୍ଥାନୀୟ ଜନତା ମଇଦାନରେ 'କ୍ରେଡାଇ ଭୁବନେଶ୍ୱର ହୋମ୍ ଆଣ୍ଡ ଡେକୋର ଏବଂ ୧୬ତମ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମେଗା ଟ୍ରେଡ୍ ଫେୟାର' ଆରମ୍ଭ ହୋଇଯାଇଛି। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଗା ଟ୍ରେଡ୍ ଫେୟାରକୁ ପଞ୍ଚାୟତିରାଜ, ପାନୀୟ ଜଳ, ଆଇନ୍, ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଛନ୍ତି। ଏହି ପ୍ରଦର୍ଶନୀରେ ବିଭିନ୍ନ ରିୟଲ-ଇଷ୍ଟେଟ୍ ଡେଭଲପର୍ସ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶିତ କରୁଥିବାବେଳେ ଏ ସମ୍ବନ୍ଧିତ ବିଭିନ୍ନ ଉପକରଣ କମ୍ପାନୀ ଏବଂ ବ୍ୟାଙ୍କ୍ ପ୍ରମୁଖ ଭାଗ ନେଇଛନ୍ତି।

ଚଳିତବର୍ଷ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମେଗା ଟ୍ରେଡ୍ ଫେୟାରକୁ ୟୁସିସିଆଇ ସହଯୋଗିତାରେ ଆୟୋଜନ କରାଯାଉଥିବାବେଳେ ସହଯୋଗୀ ଦେଶଭାବେ ବାଂଲାଦେଶ ଓ ଥାଇଲାଣ୍ଡ, ଫୋକସ୍ ରାଷ୍ଟ୍ର ଭାବେ ଆଫଗାନିସ୍ତାନ ଏବଂ ତୁର୍କୀ ରହିଛନ୍ତି। ଓଡ଼ିଶା ଏଥର ଆୟୋଜକ ରାଜ୍ୟ ହୋଇଥିବାବେଳେ କର୍ନାଟକ ଓ ପଶ୍ଚିମବଙ୍ଗ ସହଯୋଗୀ ରାଜ୍ୟ ଏବଂ ତାମିଲନାଡୁ ଓ ମହାରାଷ୍ଟ୍ର ଫୋକସ୍ ରାଜ୍ୟ ରହିଛନ୍ତି। ମୋଟ ୫୦୦ ଷ୍ଟଲ୍‌ରେ ୭ ଦେଶ ଓ ଭାରତର ୧୦ ରାଜ୍ୟ ଅଂଶଗ୍ରହଣ କରି ସେମାନଙ୍କ ଉତ୍ପାଦ ପ୍ରଦର୍ଶନ କରୁଛନ୍ତି। ତୁର୍କୀ, ଆଫଗାନିସ୍ତାନ, ବାଂଲାଦେଶ, ଦୁବାଇ, ମାଲେସିଆ, ଭାରତ ଏବଂ ଥାଇଲାଣ୍ଡ ଭଳି ଦେଶ ଏଥର ଫେୟାରରେ ଯୋଗ ଦେଇଛନ୍ତି। ସେହିଭଳି କର୍ନାଟକ, ପଶ୍ଚିମବଙ୍ଗ, ତାମିଲନାଡୁ, ମହାରାଷ୍ଟ୍ର, ଦିଲ୍ଲୀ, ରାଜସ୍ଥାନ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା, ଆନ୍ଧ୍ରପ୍ରଦେଶ, ଓଡ଼ିଶା ଆଦି ରାଜ୍ୟର କାରୁକାର୍ଯ୍ୟପୂର୍ଣ୍ଣ ସାମଗ୍ରୀ ଏଠାରେ ସୁଲଭ ମୂଲ୍ୟରେ ଗ୍ରାହକଙ୍କ ପାଇଁ ଉପଲବ୍ଧ ହେଉଛି। ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି ଅନ୍ତର୍ଜାତୀୟସ୍ତରର ବିଭିନ୍ନ ଦ୍ରବ୍ୟ ଏଠାରେ ମିଳୁଛି। ଏହି ମେଗା ଟ୍ରେଡ୍ ଫେୟାର ସମ୍ପର୍କରେ ସୂଚନା ଦେଇ କ୍ରେଡାଇ ଭୁବନେଶ୍ୱର ସଭାପତି କାନ୍ତିଲାଲ ପଟେଲ କହିଛନ୍ତି, ବିଶ୍ୱର ପ୍ରମୁଖ ୧୪ ଶିଳ୍ପକ୍ଷେତ୍ର ମଧ୍ୟରୁ ନିର୍ମାଣ ଶିଳ୍ପ ତୃତୀୟ ସ୍ଥାନରେ ରହିଛି। ଏହି କ୍ଷେତ୍ରର ଅଭିବୃଦ୍ଧି ନିମନ୍ତେ କେନ୍ଦ୍ର ସରକାର ଘର କିଣାବିକା ଉପରେ ଜିଏସ୍‌ଟିକୁ ୧୨%ରୁ ୫%କୁ କମାଇ ଦେଇଛନ୍ତି। ହେଲେ ମେଟ୍ରୋ ସହରଗୁଡ଼ିକରେ ପ୍ରକଳ୍ପ ଆରମ୍ଭ କରିବା ପାଇଁ ଡେଭଲପର୍ସଙ୍କୁ କିଭଳି ସହଜରେ ଅନୁମତି ମିଳିବ ସେନେଇ କେନ୍ଦ୍ର ସରକାର ଚିନ୍ତା କରିବା ଆବଶ୍ୟକ ବୋଲି ସେ କହିଥିଲେ। ଚଳିତବର୍ଷ ଟ୍ରେଡ୍ ଫେୟାରରେ ସୁଲଭ ହାଉସିଂ ଏବଂ ରେଡି ଟୁ ମୁଭ୍ ପ୍ରକଳ୍ପ ପ୍ରଦର୍ଶନ ହେଉଥିବା କ୍ରେଡାଇ ଭୁବନେଶ୍ୱର ସାଧାରଣ ସମ୍ପାଦକ ଉମେଶ ପଟ୍ଟନାୟକ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ନାଲ୍‌କୋ ମାନବ ସମ୍ବଳ ବିଭାଗ ନିର୍ଦ୍ଦେଶକ ବସନ୍ତ କୁମାର ଠାକୁର, ୟୁସିସିଆଇ ସଭାପତି ରମେଶ ମହାପାତ୍ର, ଆୟୋଜନ କମିଟି ଅଧ୍ୟକ୍ଷ ପ୍ରକାଶ ଶାହା, ଜିଏସ୍ ମାର୍କେଟିଂ ଆସୋସିଏଟସ୍ ସିଇଓ ସୁପର୍ଣ୍ଣା ଦତ୍ତ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଦିନ ଅପରାହ୍ନ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ଏହି ଟ୍ରେଡ୍ ଫେୟାର ଖୋଲା ରହୁଥିବାବେଳେ ପ୍ରବେଶ ଶୁଳ୍କ ୨୦ଟଙ୍କା ରହିଛି।

## ପିଲାଙ୍କ ଭବିଷ୍ୟତ ଗଠନରେ ଜେଜେମା' ଓ ଜେଜେବାପାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ୨।୧୧(ବ୍ୟୁରୋ)**

ପିଲାଙ୍କ ଉତ୍ତମ ଚରିତ୍ର ଓ ଭବିଷ୍ୟତ ଗଠନରେ ଜେଜେମା' ଓ ଜେଜେବାପାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ସେମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଶନିବାର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଇନ୍ଦ୍ରପ୍ରସ୍ଥ ଅଡିଟୋରିୟମ୍‌ରେ 'ଗ୍ରାଣ୍ଡ ପ୍ୟାରେଣ୍ଟସ୍ ଡେ' ପାଳିତ ହୋଇଯାଇଛି। ପାରମ୍ପରିକ ପଦ୍ଧତିରେ ଜେଜେମା', ଜେଜେବାପାମାନଙ୍କୁ ସ୍ୱାଗତ କରିବା ସହ ଏହି ଉତ୍ସବକୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଆରମ୍ଭ କରାଯାଇଥିଲା। 'ଗ୍ରାଣ୍ଡପ୍ୟାରେଣ୍ଟସ୍ ଡେ'ର ମହତ୍ତ୍ୱକୁ ନେଇ ଏକ କାହାଣୀ ଭିଡିଓ ପ୍ରେଜେଣ୍ଟେଶନ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଜେଜେମା' ଓ ଜେଜେବାପାଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା। ସାଇ ଇଣ୍ଟରନ୍ୟାଶନାଲ ଏଜୁକେଶନ୍ ଗ୍ରୁପ୍ ପ୍ରତିଷ୍ଠାତା ଡ. ବିଜୟ କୁମାର ସାହୁ ଛାତ୍ରୀଛାତ୍ରଙ୍କ ଜେଜେମା' ଓ ଜେଜେବାପାଙ୍କୁ ଅଭିନନ୍ଦନ ଜଣାଇଥିଲେ। ପିଲାମାନଙ୍କ ସମ୍ପୂର୍ଣ୍ଣ ବିକାଶ ଓ ଭବିଷ୍ୟତ ଗଠନରେ ସେମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଏଣୁ ପିଲାମାନଙ୍କ ସହ ସେମାନେ ସମୟ ଅତିବାହିତ କରିବା ନିହାତି ଦରକାର ବୋଲି ସେ ମତବ୍ୟକ୍ତ କରିଥିଲେ।




## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ବୁଲୁ



ସୂର୍ଯ୍ୟ



ଗୋପବନ୍ଧୁ



ଦେବାଶିଷ




ଚିନ୍ମୟ



ଅଂଶୁମାନ




ରଞ୍ଜନ



ସୌମ୍ୟକାନ୍ତ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ଅନ୍ୟକୁ ଯଦି ସୁଖ ଦେଇ ନ ପାରୁଛ ତେବେ ତାକୁ ଦୁଃଖ ଦେବା ପାଇଁ ତୁମର କୌଣସି ଅଧିକାର ନାହିଁ।
- ଗୌତମବୁଦ୍ଧ



## ସଂକ୍ଷେପରେ

### ନିର୍ବାଚନ କାର୍ଯ୍ୟରେ ଅବହେଳା ଘଟଣା
### ନିଲମ୍ବିତ ହେଲେ ଶିକ୍ଷକ

**ଖୋର୍ଦ୍ଧା ଅଫିସ,୨।୧୧:** ନିର୍ବାଚନ କାର୍ଯ୍ୟରେ ଅବହେଳା କରିବାରୁ ଖୋର୍ଦ୍ଧା ବ୍ଲକ ବାରଘରପାଟଣା ଏମଇ ସ୍କୁଲର କନିଷ୍ଠ ଶିକ୍ଷକ ପ୍ରତାପ ଚନ୍ଦ୍ର ଦୀକ୍ଷିତଙ୍କୁ ଶନିବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀ ଶନିବାର ନିଲମ୍ବନ କରିଛନ୍ତି। ଶିକ୍ଷକ ପ୍ରତାପ ୧୧୭ ନଂ. ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ବୁଥ୍ ନଂ. ୮୨ରେ ବିଏଲଓ ଭାବେ ନିୟୋଜିତ ହୋଇଥିଲେ। ସେ ନିଜ କାର୍ଯ୍ୟରେ ଅବହେଳା କରିବା ସହ ଅନ୍ୟ ଶିକ୍ଷକଙ୍କୁ କର୍ତ୍ତବ୍ୟରେ ଅବହେଳା କରିବାକୁ ପରାମର୍ଶ ଦେଉଥିଲେ ବୋଲି ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀ ବୈଦ୍ୟନାଥ ସାହୁ ସୂଚନା ଦେଇଛନ୍ତି।

### ବେଆଇନ ପାର୍କିଂ ଫି' ଆଦାୟ ଭିଡିଓ ଭାଇରାଲ
### ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକଲେ ବିଧାୟକ

**ପୁରୀ ଅଫିସ, ୨।୧୧:** ପୁରୀ ବେଳାଭୂମି ମାର୍ଗ ଦିଗବାରେଣୀ ଖୁଣ୍ଟି ନିକଟରେ ଥିବା ପାର୍କିଂ ଷ୍ଟାଣ୍ଡରେ ବେଆଇନ ଭାବେ ଟଙ୍କା ଆଦାୟ କରାଯାଉଥିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏ ନେଇ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ପାର୍କିଂ ଠିକା ନେଇଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପୌର ପ୍ରଶାସନ ତୁରନ୍ତ ଏ ଦିଗରେ ହସ୍ତକ୍ଷେପ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘବର୍ଷ ଧରି ପାର୍କିଂ ଷ୍ଟାଣ୍ଡରେ ଫି' ଆଦାୟରେ ଶୋଷଣ କରାଯାଉଥିବା ନେଇ ଅଭିଯୋଗ ହୋଇ ଆସୁଥିବାବେଳେ ପ୍ରଶାସନର ଅବହେଳାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ କେତେଜଣ ବାହାର ପର୍ଯ୍ୟଟକ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଗଣମାଧ୍ୟମ ଆଗରେ କହିଛନ୍ତି। ଭୁବନେଶ୍ୱରରୁ ପୁରୀ ବୁଲିବାକୁ ଆସିଥିବା ୩ଜଣ ଯୁବକ ଏହି ଭିଡିଓ ଭାଇରାଲ କରିଛନ୍ତି। ପୌର ପ୍ରଶାସନ, ପୁରୀ ଲେଖାଥିବା ରସିଦ୍ ଉପରେ ୩୦ରୁ ୪୦ ଟଙ୍କା ଆଦାୟ କରାଯାଉଥିବା ନେଇ ଭିଡିଓରେ ଅଭିଯୋଗ କରୁଛନ୍ତି। ସମୁଦ୍ରକୂଳ ଥାନାଠାରୁ ମାତ୍ର ୫୦ ମିଟର ଦୂରରେ ଏଭଳି ଶୋଷଣ ଚାଲିଥିବାବେଳେ ପୋଲିସର ନୀରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଦିଗବାରେଣୀ ଖୁଣ୍ଟି ନିକଟରେ ଅନ୍ୟ କେଉଁଠି ପାର୍କିଂ ବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟକମାନେ ସେଠାରେ ବାଧହୋଇ ଯାନବାହନ ରଖୁଛନ୍ତି। ଏ ନେଇ ପୌର ନିର୍ବାହୀ ଅଧିକାରୀ ବିଜୟ ଦାଶ କୁହନ୍ତି, ଏଲ୍ଆଇସି କଲୋନୀର ନାରାୟଣ ବେହେରା ୨୦୧୯-୨୦ ଲାଗି ଦିଗବାରେଣୀ ଖୁଣ୍ଟି ପାର୍କିଂ ଠିକା ନେଇଛନ୍ତି। ପାର୍କିଂ ଷ୍ଟାଣ୍ଡରେ ଦର ତାଲିକା ଲଗାଇବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ସମୁଦ୍ରକୂଳ ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କୁହନ୍ତି, ବେଆଇନ ପାର୍କିଂ ଫି ଆଦାୟ କରାଯାଉଥିବା ନେଇ ସେଭଳି କୌଣସି ଅଭିଯୋଗ ଆସିନି। ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରକାଶ ଯେ, ସମୁଦ୍ରକୂଳ ରାସ୍ତାରେ ବେଆଇନ ଭାବେ ପାର୍କିଂ ଫି ଆଦାୟକୁ ନେଇ ବଳିଆପଣ୍ଡା ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ୫୦୦ରୁ ୨୫୦ ପ୍ରକାର ଔଷଧ ମିଳୁଛି

**କଟକ ଅଫିସ, ୨।୧୧**

ନିରାମୟ ଯୋଜନାରେ ସରକାର ୫୦୦ରୁ ଊର୍ଦ୍ଧ୍ୱ ପ୍ରକାରର ଔଷଧ ଯୋଗାଇଦେବା ପାଇଁ ବ୍ୟବସ୍ଥା କରିଥିଲେ। ମାତ୍ର ଏବେ ଏସ୍‌ସିବି ମେଡିକାଲରେ ୨୦୦ରୁ ୨୫୦ ପ୍ରକାରର ଔଷଧ ମହଜୁଦ ରହୁଛି। ଜୀବନରକ୍ଷାକାରୀ ଏଆର୍‌ଭି ଇଞ୍ଜେକଶନ (କୁକୁର କାମୁଡ଼ା), ଏଏସ୍‌ଭି ଇଞ୍ଜେକଶନ (ସାପ କାମୁଡ଼ା), ମାନିଟଲ (ଟ୍ରମା ରୋଗୀମାନଙ୍କ ପାଇଁ) ଉପଲବ୍ଧ ନାହିଁ। ମେଡିକାଲରେ ଦୈନିକ ୧ହଜାର ରୋଗୀଙ୍କୁ ଔଷଧର ଆବଶ୍ୟକତା ପଡୁଛି। ମାତ୍ର ଡାକ୍ତର ଲେଖୁଥିବା ଚିଠା ଅନୁଯାୟୀ ୨୦ରୁ ୩୦ ପ୍ରତିଶତ ରୋଗୀଙ୍କୁ ଶତ ପ୍ରତିଶତ ଔଷଧ ଯୋଗାଇ ହେଉ ନ ଥିବା ଜଣେ ଡାକ୍ତର ନାମ ଗୋପନ ରଖି କହିଛନ୍ତି।

ମେଡିକାଲରେ ୪ଟି ନିରାୟମ କେନ୍ଦ୍ର ଓ ୪ଟି ସହବନ୍ଧିତ ଦୋକାନରୁ ରୋଗୀଙ୍କୁ ମାଗଣାରେ ଔଷଧ ଦିଆଯିବା ବ୍ୟବସ୍ଥା ରହିଛି। କିନ୍ତୁ ରୋଗୀମାନେ ଉଭୟ ନିରାମୟ କେନ୍ଦ୍ର ଓ ସହବନ୍ଧିତ ଦୋକାନରୁ ଅଧାରୁ ଅଧିକ ଔଷଧ ନ ପାଇ ପୁନର୍ବାର ଡାକ୍ତରଙ୍କ ପାଖକୁ ଫେରୁଛନ୍ତି। ଡାକ୍ତରମାନେ ନିରୁପାୟ ରହୁଛନ୍ତି। କାରଣ ଘରୋଇ ମେଡିସିନ ଷ୍ଟୋରକୁ ଚିଠା ଲେଖିବା ବେଆଇନ। ଏଭଳି ସ୍ଥିତିରେ ରୋଗୀମାନେ ହୀନସ୍ତା ଭୋଗୁଛନ୍ତି। ଗତ ବୁଧବାର ଏସ୍‌ସିବି ମେଡିକାଲରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଥିଲା। ଦନ୍ତ ବିଭାଗର ଜନୈକ ରୋଗୀ ପାଇଁ ଜଣେ ଡାକ୍ତର ଏକ ଔଷଧ ଲେଖିଥିଲେ। ଔଷଧଟି ମେଡିକାଲ ସହ ସହବନ୍ଧିତ ଦୋକାନରୁ ଆଣିବା ନିମନ୍ତେ ଡାକ୍ତର ପରାମର୍ଶ ଦେଇଥିଲେ। ରୋଗୀ ଜଣକ ଗୋଟିଏ ପରେ ଗୋଟିଏ ସହବନ୍ଧିତ ଦୋକାନ ବୁଲି ଶେଷରେ ନିରାଶ ହୋଇ ପୁନର୍ବାର ଡାକ୍ତରଙ୍କ ପାଖକୁ ଫେରିଥିଲେ। ମାତ୍ର ଡାକ୍ତର ଜଣକ କୌଣସି ଘରୋଇ ମେଡିସିନ ଷ୍ଟୋରରୁ ଔଷଧ କିଣିବା ପାଇଁ ପରାମର୍ଶ ଦେଇପାରିବେ ନାହିଁ ବୋଲି ସିଧା କହିଥିଲେ। କେବଳ ଏହି ଗୋଟିଏ ଘଟଣା ନୁହେଁ, ମେଡିକାଲ ହୃଦ୍‌ବକ୍ଷଶଲ୍ୟ, ସ୍ନାୟୁଶଲ୍ୟ, ନେଫ୍ରୋଲୋଜି, ମାନସିକ ରୋଗ ବିଭାଗରେ ମଧ୍ୟ ଏଭଳି ଅବସ୍ଥା ଉପୁଜିଛି। ଅଧିକାଂଶ ଔଷଧ ଉପଲବ୍ଧ ନ ଥିବାରୁ ମାନସିକ ରୋଗୀମାନେ ହଇରାଣ ହେଉଛନ୍ତି।

**ଏସ୍‌ସିବି ମେଡିକାଲ**
- ଅଧାରୁ ଅଧିକ ରୋଗୀ ଫେରୁଛନ୍ତି
- ସହବନ୍ଧିତ ଦୋକାନ ବାକି ୨୦ କୋଟି




ଅନ୍ୟପକ୍ଷରେ ସହବନ୍ଧିତ ଔଷଧ ଦୋକାନଗୁଡ଼ିକର ବହୁ କୋଟି ଟଙ୍କା ମେଡିକାଲ ଉପରେ ବାକି ପଡ଼ିଛି। ତେଣୁ ମେଡିକାଲକୁ ଔଷଧ ଯୋଗାଣ କରିବା ଆଉ ସମ୍ଭବ ନୁହେଁ ବୋଲି ସହବନ୍ଧିତ ଦୋକାନୀମାନଙ୍କ ମଧ୍ୟରୁ ମେଡିବ୍ୟାଙ୍କ ନାମକ ଦୋକାନ ପକ୍ଷରୁ ଗତ ସପ୍ତାହରେ ଅଧୀକ୍ଷକଙ୍କୁ ଚରମପତ୍ର ଲେଖାଯାଇଛି। ମେଡିକାଲ ପକ୍ଷରୁ ଲୋକାଲ ପର୍ଚ୍ଚେଜ ଜରିଆରେ ସହବନ୍ଧିତ ଦୋକାନଗୁଡ଼ିକରୁ ଔଷଧ କ୍ରୟ କରାଯାଇଥାଏ। ମାତ୍ର ଦୀର୍ଘଦିନ ହେବ ମେଡିକାଲ ପକ୍ଷରୁ ଟଙ୍କା ପଇଠ କରା ନ ଯିବାରୁ ସେମାନେ ଅସୁବିଧାରେ ପଡ଼ିଥିବା ମେଡିବ୍ୟାଙ୍କ ମାଲିକ ଦୀପ୍ତିରଞ୍ଜନ ମହାନ୍ତି କହିଛନ୍ତି। ମେଡିବ୍ୟାଙ୍କ ମେଡିକାଲଠାରୁ ୭ କୋଟି ଟଙ୍କା ପାଇବ। ଏହି କ୍ରମରେ ଆଉ ୩ଟି ସହବନ୍ଧିତ ଦୋକାନର ବାକି ୧୩ କୋଟି ପାଖାପାଖି ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତି କୁହନ୍ତି, ସରକାର ଇତିମଧ୍ୟରେ ସହବନ୍ଧିତ ଔଷଧ ଦୋକାନଗୁଡ଼ିକ ନିମନ୍ତେ ୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଉକ୍ତ ଟଙ୍କା ଖୁବ୍‌ଶୀଘ୍ର ସେମାନଙ୍କ ମଧ୍ୟରେ ବଣ୍ଟନ କରାଯିବ।

ମେଡିକାଲର ଜଣେ ଡାକ୍ତର ନାମ ଗୋପନ ରଖି କହିଛନ୍ତି, ସରକାର ସବୁ ମାଗଣା କରିଦେଲେ। କିନ୍ତୁ ମାଗଣା କରିବା ପୂର୍ବରୁ ଭିତ୍ତିଭୂମିରେ ସୁଧାର ଆଣିଲେ ନାହିଁ। ଫଳରେ ରୋଗୀମାନେ ପୂର୍ବାପେକ୍ଷା ଅଧିକ ହଇରାଣ ହେଉଛନ୍ତି। ପରୀକ୍ଷା ନିରୀକ୍ଷା ପାଇଁ ରୋଗୀମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଧାଡିରେ ଛିଡ଼ା ହେଉଛନ୍ତି। ମାଗଣା ହୋଇଯିବା ପରେ ରୋଗୀ ସଂଖ୍ୟା ଦୁଇଗୁଣ ବୃଦ୍ଧି ପାଇଛି। ମାତ୍ର ନିରାମୟ କେନ୍ଦ୍ର ସଂଖ୍ୟାରେ ବୃଦ୍ଧି ଘଟୁନାହିଁ। ତେଣୁ ନିରାମୟ କେନ୍ଦ୍ର ଆଗରେ ଲମ୍ବା ଧାଡ଼ି ରାତି ପାହିଲେ ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଅଧୀକ୍ଷକ ପ୍ରଫେସର ମହାନ୍ତି କୁହନ୍ତି, ନିରାମୟ କେନ୍ଦ୍ର ବଢାଇବା ପାଇଁ ଯୋଜନା କରାଯାଉଛି।

### ବିଦେଶୀ ପକ୍ଷୀଙ୍କ ସୁରକ୍ଷା ପାଇଁ ସଚେତନତା

**ବ୍ରହ୍ମଗିରି,୨।୧୧(ଡି.ଏନ୍.ଏ.)**

ଚିଲିକାକୁ ବିଦେଶୀ ପକ୍ଷୀଙ୍କ ଆଗମନ ସମୟ ଆସିଲାଣି। ଏମାନଙ୍କ ସୁରକ୍ଷା ପାଇଁ ପକ୍ଷୀ ପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଲାଣି। ଏ ନେଇ ଶନିବାର ଏକ ସାଇକେଲ ରାଲି କରାଯାଇ ପକ୍ଷୀ ସୁରକ୍ଷା ପାଇଁ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ପୁରୀ ଜିଲା ବନ୍ୟପ୍ରାଣୀ ବନ ବିଭାଗର ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା, ବ୍ରହ୍ମଗିରି ରେଞ୍ଜ୍ ଅଧିକାରୀ ରଜତ ମହାପାତ୍ର, ଆଇନଜୀବୀ ରମାଶଙ୍କର ପାତ୍ର ଏବଂ ଶତାଧିକ ଯୁବକ ଯୋଗଦେଇଥିଲେ। ବ୍ରହ୍ମଗିରି ବ୍ଲକ ରାହାଡମଲ୍ଲ, ବାଲିକେରା ପଛିପାଳ ଓ ଘଟୁକୁଡି ପଞ୍ଚାୟତର ୨୦ଖଣ୍ଡ ଗାଁ ବୁଲି ସଚେତନତା କରାଯାଇଛି। ଏହି ଅଞ୍ଚଳରୁ ପକ୍ଷୀ ଶିକାର ରୋକିବା ସହ ପର୍ଯ୍ୟଟନ ଶିଳ୍ପର ବିକାଶ କରିବା ପାଇଁ ସଚେତନ କରିଥିଲେ। ପକ୍ଷୀ ଶିକାର କଲେ ପ୍ରାୟ ୩ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ଉଦ୍‌ଗାତା ସତର୍କ କରାଇଥିଲେ। ଚଳିତବର୍ଷ ଏହି ଅଞ୍ଚଳରେ କ୍ୟାମ୍ପ ଗଠନ କରାଯାଇ କଡ଼ା ନଜର ରଖାଯିବ ବୋଲି ରେଞ୍ଜ ଅଧିକାରୀ ରଜତ ମହାପାତ୍ର କହିଛନ୍ତି।




# 'ପ୍ରତ୍ୟାବର୍ତ୍ତନ'ରେ 'ଢଣକୁଲା'

**ଭୁବନେଶ୍ୱର,୨।୧୧(ବ୍ୟୁରୋ)**

**ସୀମାଞ୍ଚଳ ନାହାକ ସମ୍ମାନିତ**

ଲୁପ୍ତପ୍ରାୟ କଳା ସଂସ୍କୃତି ଓ ଲୋକକଳାକୁ ପୁଣି ଥରେ ଉଜ୍ଜୀବିତ କରିବାକୁ ଶନିବାର ରବୀନ୍ଦ୍ର ମଣ୍ଡପରେ ଆୟୋଜନ ହୋଇଥିଲା ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ପ୍ରତ୍ୟାବର୍ତ୍ତନ-୨୦୧୯'। ଏହି କାର୍ଯ୍ୟକ୍ରମ ଚଳିତବର୍ଷ ୯ମ ବର୍ଷରେ ପଦାର୍ପଣ କରିଛି। ଏଥର ବିଷୟବସ୍ତୁ ରହିଥିଲା 'ଢଣକୁଲା'। କାର୍ଯ୍ୟକ୍ରମରେ ଅତିଥିଭାବେ ବିଶିଷ୍ଟ ଲେଖକ ଶାନ୍ତନୁ କୁମାର ଆଚାର୍ଯ୍ୟ ଯୋଗଦେଇ ବର୍ତ୍ତମାନ ପିଢି କେଉଁ କାରଣ ପାଇଁ ପ୍ରାଚୀନ ଲୋକକଳାଠାରୁ ଦୂରେଇ ଯାଉଛନ୍ତି ସେନେଇ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ଶ୍ୟାମାପ୍ରସାଦ ମିଶ୍ର ଯୋଗଦେଇ ଲୁପ୍ତପ୍ରାୟ ବାଦ୍ୟ ଓ ସଙ୍ଗୀତକୁ କିଭଳି ବର୍ତ୍ତମାନ ସମୟରେ ନୂଆ ରୂପରେ ବ୍ୟବହାର କରାଯାଇପାରିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଆଧୁନିକ ସମାଜ ହେଲେ ବି ଆମ ପ୍ରାଚୀନ ଲୋକଗୀତ, ନୃତ୍ୟ, ବାଦ୍ୟ ଆଦିକୁ ବର୍ତ୍ତମାନ ପିଢି ଆଦର କରିବା ଉଚିତ ବୋଲି ଚଳଚ୍ଚିତ୍ର ଅଭିନେତ୍ରୀ ଦିବ୍ୟାଦିଶା ମହାନ୍ତି କହିଥିଲେ। ପ୍ରାରମ୍ଭିକ ସଭା ପରେ ମା' ଖମ୍ବେଶ୍ୱରୀ ଲୋକନାଟ୍ୟ କଳାକେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ଢଣକୁଲା ପରିବେଷଣ କରାଯାଇଥିଲା। ଏଥିସହ ଢଣକୁଲାକୁ ଲୋକପ୍ରିୟ କରିବା ପାଇଁ ପ୍ରଚେଷ୍ଟାରତ ସୀମାଞ୍ଚଳ ନାହାକଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସଙ୍ଗୀତ ନିର୍ଦ୍ଦେଶକ ଶରତ ନାୟକ ଢଣକୁଲା ବାଦ୍ୟ ସହ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ସୋମା ହୋତା ଓ ସଭାପତି ଦେବୀଦତ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିବାବେଳେ ବିଜୟ ମଲ୍ଲ ଏହାକୁ ସଂଯୋଜନା କରିଥିଲେ।

# କନିଷ୍ଠ ଛାତ୍ରଙ୍କ ସହ ଅପ୍ରାକୃତିକ ଯୌନସମ୍ପର୍କ

**ଭୁବନେଶ୍ୱର, ୨।୧୧(ବ୍ୟୁରୋ)**

**ଓଏସ୍‌ସିପିସିଆର୍‌ରେ ଅଭିଭାବକ ସଂଘର ଅଭିଯୋଗ**

ବଡ଼ଗଡ଼ ଥାନା ଅଞ୍ଚଳର ଏକ ଘରୋଇ ଇଂଲିଶ ମିଡିୟମ୍ ସ୍କୁଲରେ ଅଭାବନୀୟ ଘଟଣା ଘଟିଛି। ଜଣେ ୫ମ ଶ୍ରେଣୀ ଛାତ୍ରଙ୍କ ସହ ଦଶମ ଶ୍ରେଣୀର ଜଣେ ଛାତ୍ର ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଛି। ପୀଡ଼ିତ ଛାତ୍ରଙ୍କ ପରିବାରବର୍ଗ ଏ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏ ସମ୍ପର୍କରେ ସର୍ବଭାରତୀୟ ଅଭିଭାବକ ସଂଘ ଜାଣିବା ପରେ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଆୟୋଗ ଏ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କଠାରୁ ରିପୋର୍ଟ ତଲବ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଗତ ମାସ ୩୧ତାରିଖରେ ପଞ୍ଚମ ଶ୍ରେଣୀ ଛାତ୍ର ଜଣକ ସ୍କୁଲକୁ ଯାଇଥିଲେ। କ୍ଲାସ ଚାଲୁଥିବା ବେଳେ ତାଙ୍କୁ ଦଶମ ଶ୍ରେଣୀର ଜଣେ ଛାତ୍ର କୌଶଳକ୍ରମେ ଟଏଲେଟ୍‌କୁ ଡାକି ନେଇଥିଲେ। ସେଠାରେ ସେ ତାଙ୍କ ସହ ଜୋରଜବରଦସ୍ତି ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ଦୁଇଘଣ୍ଟା ପରେ ସମ୍ପୃକ୍ତ ପଞ୍ଚମ ଶ୍ରେଣୀ ଛାତ୍ର କ୍ଲାସ୍‌ରୁମ୍‌କୁ ଫେରିଥିଲେ। ତେବେ ସେ ଘରକୁ ଯିବା ପରେ ଭୀଷଣ ଯନ୍ତ୍ରଣା ଅନୁଭବ କରିବାରୁ କାନ୍ଦିଥିଲେ। ପରିବାର ଲୋକେ ତାଙ୍କୁ ପଚାରିଥିଲେ ମଧ୍ୟ ସେ କିଛି କହି ନ ଥିଲେ। କିନ୍ତୁ ରକ୍ତ ବାହାରିବାରୁ ଘଟଣା ସମ୍ପର୍କରେ ସେମାନେ ଜାଣିବାକୁ ପାଇଥିଲେ।

ଏ ନେଇ ସର୍ବଭାରତୀୟ ଅଭିଭାବକ ସଂଘର ରାଜ୍ୟ ସଭାପତି ପ୍ରଦୀପ୍ତ ନାୟକ କହିଛନ୍ତି, ରାଜ୍ୟରେ ଅନେକ ଘରୋଇ ଇଂଲିଶ ମିଡିୟମ ସ୍କୁଲର ପରିଚାଳନା ଉପରେ ସରକାରଙ୍କର ନିୟନ୍ତ୍ରଣ ନାହିଁ। ସେଠାରେ ଶିଶୁମାନଙ୍କ ନିରାପତ୍ତା ଓ ସୁରକ୍ଷା ନେଇ କୌଣସି କଟକଣା ନାହିଁ। ସେଥିପାଇଁ ଅଧିକାଂଶ ସମୟରେ ଏପରି ଘଟଣା ଘଟୁଛି। ଏଭଳି ଘଟଣା ଘଟିଲେ ଘରୋଇ ବିଦ୍ୟାଳୟର ମାଲିକମାନେ ତାହାକୁ ଚାପି ଦେଉଛନ୍ତି। ସଂଘ ଏହି ଘଟଣାକୁ ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି।

# ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନକଲେ କେନ୍ଦ୍ରମନ୍ତ୍ରୀ

**ପୁରୁଣା ଭୁବନେଶ୍ୱର, ୨।୧୧ (ଡି.ଏନ.ଏ.)**



ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ କେନ୍ଦ୍ର ସରକାରଙ୍କ କୌଶଳ ବିକାଶ ମନ୍ତ୍ରୀ ମହେନ୍ଦ୍ରନାଥ ପାଣ୍ଡେ ଶନିବାର ଦର୍ଶନ କରିଛନ୍ତି। ସକାଳ ୮ଟାରୁ ୯ଟା ୧ଘଣ୍ଟା ଧରି ସେ ମନ୍ଦିର ପାର୍ଶ୍ୱଦେବଦେବୀ ଦର୍ଶନ କରିଥିଲେ। ଗର୍ଭଗୃହର ଶକ୍ତିଠାରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପାଳିଆ ସେବାୟତ ପୂଜାର୍ଚ୍ଚନା କରାଇଥିଲେ। ଏଥିସହ ସେବାୟତଙ୍କୁ ମନ୍ଦିରର ଇତିହାସ ଓ କାରୁକାର୍ଯ୍ୟ ବିଷୟରେ ମନ୍ତ୍ରୀ ପାଣ୍ଡେ ପଚାରି ବୁଝିଥିଲେ। ରାଜ୍ୟର ଅନ୍ୟତମ ଐତିହ୍ୟ ପୀଠ ଏହି ମନ୍ଦିର ଉତ୍କଳର କଳାର ଏକ ମୁଖସାଖୀ ବୋଲି କହି ମନ୍ତ୍ରୀ ପାଣ୍ଡେଙ୍କ ପ୍ରଶଂସା କରିଥିଲେ। ଏହି ଅବସରରେ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି, ଭାଜପା ନେତା ବାବୁ ସିଂ, ଜଟଣୀ ଭାଜପା ନେତା ଲୁଲୁ ବଡ଼ଜେନା, ଠାକୁର ରଣଜିତ୍ ଦାସ, ଶିବ ପ୍ରସାଦ ବେହେରା, ସୁବାସିନୀ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

**ଭଜନ ସମ୍ରାଟଙ୍କ ସ୍ମୃତିରେ 'ତୋର ସାଆନ୍ତ ପଣିଆ କୁ...'**

# ଅରବିନ୍ଦ ମୁଦୁଲିଙ୍କୁ ଭିକାରୀ ବଳ ସମ୍ମାନ

**ଭୁବନେଶ୍ୱର, ୨।୧୧(ବ୍ୟୁରୋ)**

ବିଶିଷ୍ଟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ସ୍ୱର୍ଗତ ଅରବିନ୍ଦ ମୁଦୁଲିଙ୍କୁ ମରଣୋତ୍ତର ଭାବେ 'ଭିକାରୀ ବଳ ସମ୍ମାନ-୨୦୧୯' ପ୍ରଦାନ କରାଯାଇଛି। ଭଜନ ସମ୍ରାଟ ଭିକାରୀ ବଳଙ୍କ ୯ମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତାଙ୍କ ପତ୍ନୀ ସଂଯୁକ୍ତା ମୁଦୁଲି ଏହି ସମ୍ମାନ ଗ୍ରହଣ କରିଛନ୍ତି। ଭିକାରୀ ବଳ ସ୍ମୃତି ସଂସଦ ଏବଂ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ମିଳିତ ଆନୁକୂଲ୍ୟରେ ଆୟୋଜିତ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ତୋର ସାଆନ୍ତ ପଣିଆ କୁ' ଶନିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ସୁବାର୍ତ୍ତା ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ ଉପସ୍ଥିତ ଥିଲେ। ଭକ୍ତ ଓ ଭଗବାନଙ୍କ ସଂଯୋଗ ପାଇଁ ଭଜନର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ଅତିଥିମାନେ ଆଲୋକପାତ କରି ଓଡ଼ିଆ ଭଜନକୁ ଭଜନ ସମ୍ରାଟ ଭିକାରୀ ବଳଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ସଭାପତି ତଥା ଭିକାରୀ ବଳ ସ୍ମୃତି ସଂସଦ ସଭାପତି ସଂଗ୍ରାମ କେଶରୀ ପାଇକରାୟଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ଏହାସହ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତାର ଉଭୟ ବରିଷ୍ଠ ଏବଂ କନିଷ୍ଠ ବିଭାଗ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ କଣ୍ଠଶିଳ୍ପୀ ଅରବିନ୍ଦ ମହାପାତ୍ର, ଅନସୂୟା ନାଥ ଓ ପ୍ରଦୀପ କୁମାର ଦାସ ଭିକାରୀ ବଳଙ୍କ ଭଜନ ପରିବେଷଣ କରି ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ବାଦ୍ୟରେ ଗୁରୁ କୃଷ୍ଣଚନ୍ଦ୍ର ମଲ୍ଲିକ, ଭରତ ଚନ୍ଦ୍ର ବେହେରା, ସଜନ ରଥ, ବଳରାମ ରଥ, ଗୋପାଳ ମୁଦୁଲି, ରତିକାନ୍ତ ପ୍ରମୁଖ ସହଯୋଗ କରିଥିଲେ। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ସ୍ୱର୍ଗତ ଅରବିନ୍ଦ ମୁଦୁଲିଙ୍କୁ ମରଣୋତ୍ତର ଭାବେ 'ଭିକାରୀ ବଳ ସମ୍ମାନ-୨୦୧୯' ପ୍ରଦାନ ଅବସରରେ ତାଙ୍କ ସ୍ତ୍ରୀ ସଂଯୁକ୍ତା ମୁଦୁଲି ସମ୍ମାନ ଗ୍ରହଣ କରୁଛନ୍ତି।

## ଫଟୋରେ ଖବର



ଶନିବାର ମଧ୍ୟାହ୍ନ ୧୨ଟା ସମୟରେ ପୁରୀ ଶ୍ରୀମନ୍ଦିର ନିକଟରେ କୁହୁଡି ଆସ୍ତରଣ।



ଭୁବନେଶ୍ୱର ୟୁନିଟ୍-୧ସ୍ଥିତ କସ୍ତୁରବା ନାରୀମହଲ ପକ୍ଷରୁ ଶିଶୁ ଦିବସ ଉପଲକ୍ଷେ ଶନିବାର ପିଲାମାନଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ଚାଲିଛି।

## OFFICE OF THE DISTRICT MANAGER ODISHA STATE CIVIL SUPPLIES CORPORATION LTD., KHORDHA

**Auction Sale of Mobile VAN**

No. CAD-532: Sealed tenders are invited for auction sale of old Mobile Van bearing No. OR/02L/2549 of this organization. The up-set price of said vehicle is fixed to Rs. 1,40,000/- only. The last date of receipt of tender is dt. 15.11.19 upto 5.30 PM. The detail tender documents with terms & conditions of the tender shall be available in the District website i.e. www.khordha.nic.in or can be obtained from DM, OSCSC. Ltd., Khordha.

**Sd./- District Manager**
**OSCSC Ltd., Khordha**

07007/11/0003/1920

## ODISHA TOURISM DEVELOPMENT CORPORATION LIMITED

(A Government of Odisha Undertaking)
Panthanivas (Old Block), Lewis Road, Bhubaneswar – 751014

No. CAD-526

**QUOTATION CALL NOTICE**

Sealed quotations are invited separately for different sections from registered Shopkeepers / Suppliers for supply of Groceries, Vegetables, Non- Veg. Items to the Panthanivases / Restaurants of OTDC inside the State for a period of one year w.e.f.1st day of signing of agreement. The detail information can be had from our website www.panthanivas.com. The last date of submitting quotation is by 2.00 P.M. on 14.11.2019.

**Sd./-MANAGING DIRECTOR**
**O.T.D.C. Ltd.**

37002/11/0013/1920

## OFFICE OF THE DIVISIONAL FOREST OFFICER, PURI WILDLIFE DIVISION

**CHAKRATIRTHA ROAD, PURI e-mail- dfopuri@gmail.com**
**Tele Phone / Fax - 06752-228281**
**Tender Notice No.5674, Date: 23.10.2019**

**TENDER CALL NOTICE**

No.MM-85 :- Sealed tenders are invited in two Bid systems from established / reputed / registered / experienced and accredited manufacturers for supply of following item for use in Puri Wildlife Division, Puri.

| Item | Cost of tender paper | EMD to be deposited |
|---|---|---|
| 1 | 2 | 3 |
| HDPE Floating Jetty | Rs.1,000/- | Rs.70,000/- |

Non transferable tender documents for supply of the item stated above will be available and can be available and can be collected in person from the office of the Divisional Forest Officer, Puri Wildlife Division, Chakratirtha Road, Puri, Odisha on payment of tender document cost specified above. The tender document cost which is non-refundable, should be payable in shape of crossed Demand Draft drawn in favour of the "**Divisional Forest Officer, Puri Wildlife Division**" payable at Puri.

1. Tender papers / documents will be available for sale in the O/o the Divisional Forest Officer, Puri Wildlife Division, Chakratirtha Road, Puri, During office hours from the date of publication of Tender Notice.
2. Receiving of Tender Papers will be within 3 P.M. of Dt.08.11.2019
3. Tender opening time 4 P.M. of dt.08.11.2019

**Sd./- Divisional Forest Officer**
**Puri Wildlife Division, Puri**

08031/11/0002/1920


# ପୋଲିସ ଗାଡ଼ି ଡିକିରୁ ୫୦ ହଜାର ଲୁଟ୍

**ଗୋପ,୨।୧୧(ଡି.ଏନ୍.ଏ.):** ଗୋପ ଥାନା ଅଧୀନ ଗୋପ ବଜାର ଉପରୁ ଜଣେ ପୋଲିସ କର୍ମଚାରୀଙ୍କ ଗାଡି ଡିକିରୁ ୫୦ହଜାର ଲୁଟ୍ ହୋଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ନଂ.୧୯୩/୧୯ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ଥିବା ସିସିଟିଭି କ୍ୟାମେରା ଯାଞ୍ଚ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗଣେଶ୍ୱରପୁର ଗ୍ରାମର ତାପସ ରଞ୍ଜନ ବେହେରା ପୋଲିସ କର୍ମଚାରୀ ହୋଇଥିବାବେଳେ ନିଜ ବାଇକ୍ (ଓଆର୍୧୩ଏଚ୍-୧୮୫୨) ଯୋଗେ ଶୁକ୍ରବାର ଗୋପ ଷ୍ଟେଟବ୍ୟାଙ୍କରୁ ୫୦ହଜାର ଟଙ୍କା ଉଠାଇଥିଲେ। ସେହି ଟଙ୍କାକୁ ଗାଡି ଡିକିରେ ରଖି ଘର ପାଇଁ କିଛି ସାମଗ୍ରୀ ପାଇଁ ନିକଟ ଦୋକାନକୁ ଯାଇଥିଲେ। ଫେରିବାବେଳେ ଗାଡି ଡିକି ଭାଙ୍ଗି ଥିବା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ଶନିବାର ଆସି ବଜାରରେ ଲାଗିଥିବା ସିସିଟିଭି ଯାଞ୍ଚବେଳେ ଦୁଇଜଣ ଯୁବକ ଏକ ବାଇକ୍ରେ ଆସି ଡିକି ଭାଙ୍ଗି ଟଙ୍କା ନେଇଥିବା ଜଣାପଡିଥିଲା।

# ୧୦.୪୦୦ ଗ୍ରାମ ବ୍ରାଉନ୍ସୁଗାର ଜବତ, ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୨।୧୧**

ଜଙ୍କିଆ ଥାନା ପୋଲିସ ଅଚ୍ୟୁତପୁର ବଘେଇ ଠାକୁରାଣୀ ମନ୍ଦିର ନିକଟସ୍ଥ ପାଣି ଟାଙ୍କି ପାଖରୁ ଶନିବାର ୧୦.୪୦୦ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହି ଘଟଣାରେ ଅଚ୍ୟୁତପୁରର ଜଗବନ୍ଧୁ ରାଉତ(୨୮)ଙ୍କୁ ପୋଲିସ ଗିରଫ କରିଛି। ଏନ୍ଡିପିଏସ ୨୧(ବି) ନଂ. ୧୬୬/୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇଥିଲା। ରବିବାର କୋର୍ଟ ଚାଲାଣ କରାଯିବାର ରହିଛି।


idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

CAD-530

## OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR-751022

**Tender Call Notice No. H.O./P&C/EST/E-1243/02/2019/ 18619, Dt:- 31.10.2019**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work :- Construction of Internal Road & CD works at Kapileswarpur Industrial Estate, Khorda.
2. Estimated cost :- Rs. 103.07 Lakhs (Approx.).
3. Period of completion :- 03 (Three) Calendar Months.
4. Other details :

| Procurement Officer | Bid/ Tender reference No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Tender/ Bid reference No. PC/EST/ E-37/ 2019-20 | 06.11.2019 at 16.00 Hrs. | 22.11.2019 up to 17.00 Hrs. |

Further details can be seen from the e-Procurement Portal: **www.tendersodisha.gov.in** and Corrigendum if any will not be published in newspapers and can only be seen in the e-procurement portal **www.tenderodisha.gov.in** and **www.idco.in**.

**Sd./-**
**Chief General Manager (P&C) I/C,**
**IDCO, Bhubaneswar**

14003/11/0004/1920

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

CAD-528

## OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR-751022

**Tender Call Notice No. H.O./P&C/ EST/E-1243/03/2019/ 18562, Dt:- 30.10.2019**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work :- Construction of RCC/ SFRC Pre-cast compound wall at Kapileswarpur I.E., Khorda.
2. Estimated cost :- Rs. 87.19 Lakhs (Approx.).
3. Period of completion :- 03 (Three) Calendar Months.
4. Other details

| Procurement Officer | Bid/ Tender reference No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Tender/ Bid reference No. PC/EST/ E-36/ 2019-20 | 05.11.2019 at 16.00 Hrs. | 21.11.2019 up to 17.00 Hrs. |

Further details can be seen from the e-Procurement Portal: **www.tendersodisha.gov.in** and Corrigendum if any will not be published in newspapers and can only be seen in the e-procurement portal **www.tenderodisha.gov.in** and **www.idco.in**.

**Sd./-**
**Chief General Manager (P&C) I/C,**
**IDCO, Bhubaneswar**

14003/11/0002/1920


## ନୋଟିସ

F-61

ଠିକଣା:

Khwaja Rehmat Ali
At : 2RB – 16/3
Unit – VIII
Gopabandhu Nagar,
Bhubaneswar

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆପଣ ବିନା ଛୁଟି ଦରଖାସ୍ତ ଓ ବିନା ଅନୁମତିରେ ସରକାରୀ କାର୍ଯ୍ୟରେ ଗତ ୩୧.୦୭.୨୦୧୯ ଠାରୁ ଅଦ୍ୟାବଧି ଅନୁପସ୍ଥିତ ରହିଅଛନ୍ତି । ଆପଣ ସରକାରୀ କାର୍ଯ୍ୟରେ ଯୋଗ ନଦେଇ କର୍ତ୍ତବ୍ୟରେ ଅବହେଳାପୂର୍ବକ କାର୍ଯ୍ୟ ସ୍ଥଳରେ ନିରବଛିନ ଭାବେ ଅନୁପସ୍ଥିତ ରହିଛନ୍ତି । ଆପଣଙ୍କୁ ବାରମ୍ବାର ନିର୍ଦ୍ଦେଶ ଦେବା ସତ୍ତ୍ୱେ ଆପଣ ସରକାରୀ କାର୍ଯ୍ୟରେ ଯୋଗ ଦେଉନାହାନ୍ତି କିମ୍ବା କୌଣସି ଉତ୍ତର ମଧ ରଖୁନାହାଁନ୍ତି । ଆପଣଙ୍କ ଏତାଦୃଶ ଅନୁପସ୍ଥିତି କାରଣରୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ନିଯୁକ୍ତି ପ୍ରଦାନ କରଯାଇଥିଲା ତାହାର ଉଦ୍ଦେଶ ସାଧିତ ହେଉନାହିଁ ।

ଏଣୁ ଆପଣଙ୍କୁ ଉକ୍ତ ନୋଟିସ ଜରିଆରେ ଜଣାଇ ଦିଆଯାଉଛି ଯେ ଏହି ସମ୍ବାଦ ପ୍ରକାଶନର ୧୫ (ପନ୍ଦର) ଦିନ ମଧରେ ଆପଣ ନିଜ ଅଫିସ କାର୍ଯ୍ୟରେ ଯୋଗଦାନ କରିବେ ଓ ପରବର୍ତ୍ତୀ ସମୟରେ ଅନୁପସ୍ଥିତିର କାରଣ ଆବଶ୍ୟକୀୟ / ଆନୁସଙ୍ଗିକ ଦସ୍ତାବିଜ ସହ ଉପସ୍ଥାପନ କରିବେ । ଉକ୍ତ ନିର୍ଦ୍ଧାରିତ ସମୟ ମଧରେ କାର୍ଯ୍ୟରେ ଯୋଗ ନଦେଲେ ଆପଣଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

- ସ୍ୱା -
(ବିରଞ୍ଚି ନାରାୟଣ ଦାଶ)
ଅନୁଶାସନ ସଚିବ
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

24001/11/0261/1920

# ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

No.: II-57

## ଘୋଷଣା

**L.A. No.: ୭୫/୧୮– ଢେଙ୍କାନାଳ–୪୦୯୮/RRCS ତା୨୮।୦୮।୨୦୧୯**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ – ୨୦୧୩ (R.F.C.T.L.A.R&R Act - ୨୦୧୩)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା– କରଡ଼ାବଣି, ଥାନା– ଗନ୍ଦିଆ, ତହସିଲ– ଗନ୍ଦିଆ, ଜିଲ୍ଲା– ଢେଙ୍କାନାଳରେ ନିମ୍ନ ତଫସିଲମତେ ପ୍ରାୟ ଏ.୪୬.୬୭୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି। ଏହି ଭୂମି ଅଧିଗ୍ରହଣର ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ – ୨୦୧୩ (R.F.C.T.L.A.R.&R Act - ୨୦୧୩)ର ୧୧(୧) ଧାରା ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୫୯୧, ତା୦୬।୦୨।୨୦୧୯ରିଖରେ ପ୍ରକାଶିତ ହୋଇଅଛି। ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା– କରଡ଼ାବଣି, ଥାନା– ଗନ୍ଦିଆ, ତହସିଲ– ଗନ୍ଦିଆ, ଜିଲ୍ଲା– ଢେଙ୍କାନାଳ ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର ପୁନର୍ବାସ ଓ ଥଇଥାନ ଦ୍ୱାରା ଧାରା ୧୭(୧) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ ଏଥିସହିତ ସଂଲଗ୍ନ କରାଗଲା।

କିମ୍ବା

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା– କରଡ଼ାବଣି, ଥାନା– ଗନ୍ଦିଆ, ତହସିଲ– ଗନ୍ଦିଆ, ଜିଲ୍ଲା– ଢେଙ୍କାନାଳରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବ୍ସାଇଟ୍ରେ ଓ ରାଜ୍ୟ ସରକାରଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ମଣ୍ଡଳ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**

**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ଢେଙ୍କାନାଳ** **ତହସିଲ: ଗନ୍ଦିଆ**

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| କରଡ଼ାବଣି | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୧୦୬.୨୭୦ | ୪୬.୬୭୦ | ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ପ୍ରଯୁଜ୍ୟ ନୁହେଁ | | | | | | |

ଅଧିସୂଚନାର ବୈଧ ତାରିଖ ୧୯।୦୩।୨୦୧୯

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ଜିଲ୍ଲାପାଳ**

## ରେଙ୍ଗାଳି ଦକ୍ଷିଣ ପାର୍ଶ୍ୱ କେନାଲ

**ମୌଜା– କରଡ଼ାବଣି, ତହସିଲ– ଗଁଦିଆ, ନମ୍ବର – ୫୦୫, ଥାନା– ଗଁଦିଆ, ନମ୍ବର – ୧୮୩, ଜିଲ୍ଲା– ଢେଙ୍କାନାଳ,**

କେନାଲର ନାମ: (୧) ଦର୍ପଣ ଶାଖା କେନାଲର କ୍ରମିକ ଦୂରତା ୮୮୧୫୧ମି. ଠାରୁ ୯୦୩୪୧ମି. ପର୍ଯ୍ୟନ୍ତ।
(୨) ବାରମାଣ ଡିଷ୍ଟ୍ରିବ୍ୟୁଟାରୀ ଦୂରତା ୦ମି. ଠାରୁ ୧୨୦୧ମି. ପର୍ଯ୍ୟନ୍ତ।

| ଖତିୟାନର କ୍ରମିକ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ରୟତଙ୍କ ନାମ ଏବଂ ପିତା/ସ୍ୱାମୀଙ୍କ ନାମ |
|---|---|---|---|---|
| **ରୟତି ଜମି** | | | | |
| ୨ | ୧୪୫୦ | ୧.୬୪୦ | ୦.୦୮୦ | ଅଗଣି ପ୍ରଧାନ, ପି.– ସାଗର ପ୍ରଧାନ |
| ୪ | ୧୬୧୪/୧୮୨୭ | ୦.୩୨୦ | ୦.୨୧୦ | ଅନାଦି ବାରିକ, ପି.– ଚିନ୍ତାମଣି ବାରିକ |
| ୯ | ୫୩୬ | ୦.୩୨୦ | ୦.୩୨୦ | ଆସେଲୀ ସ୍ୱାଇଁ, ପି.– ଦନେଇ ସ୍ୱାଇଁ ଓଗେର |
| ୧୧ | ୧୯୦ | ୦.୫୦୦ | ୦.୫୦୦ | ଉଦ୍ଧବ ଦେହୁରୀ, ପି.– ଚକ୍ର ଦେହୁରୀ ଓଗେର |
| | ୧୯୫ | ୧.୭୨୦ | ୦.୦୨୦ | |
| ୧୪ | ୧୦୧୫ | ୦.୨୧୦ | ୦.୨୧୦ | କପିଳ ଲେଙ୍କା, ପି.– ପରି ଲେଙ୍କା |
| | ୨୯୧ | ୦.୨୧୦ | ୦.୨୧୦ | |
| | ୫୨୪ | ୦.୫୩୦ | ୦.୩୩୦ | |
| | ୧୧୮୦ | ୦୫୫୦ | ୦.୪୦୦ | |
| | ୧୪୪୯ | ୧.୫୫୦ | ୧.୨୨୦ | |
| | ୧୪୬୪ | ୦.୬୨୦ | ୦.୦୫୦ | |
| ୧୬ | ୨୭୨/୧୬୨୭ | ୦.୧୦୦ | ୦.୧୦୦ | କରୁଣାକର ପୃଷ୍ଟି, ପି.– କାହ୍ନୁ ପୃଷ୍ଟି ଓଗେର |
| | ୧୯୨ | ୦.୧୬୦ | ୦.୦୧୦ | |
| | ୨୩୯ | ୦.୧୬୦ | ୦.୦୨୦ | |
| | ୨୪୦ | ୦.୧୮୦ | ୦.୦୬୦ | |
| ୧୯ | ୧୧୫୪ | ୦.୨୩୦ | ୦.୧୭୦ | କରୁଣାକର ପୃଷ୍ଟି, ପି.– କାହ୍ନୁ ପୃଷ୍ଟି ଓଗେର |
| | ୧୧୫୦ | ୦.୫୪୦ | ୦.୩୯୦ | |
| | ୨୬୨ | ୦.୨୨୦ | ୦.୧୬୦ | |
| | ୨୬୬ | ୦.୧୬୦ | ୦.୧୬୦ | |
| ୨୬ | ୧୩୮୯ | ୦.୭୭୦ | ୦.୨୭୦ | କୀର୍ତ୍ତନ ସ୍ୱାଇଁ, ପି.– ଭୋଳି ସ୍ୱାଇଁ ଓଗେର |
| ୨୭ | ୧୧୫୭ | ୦.୬୪୦ | ୦.୪୬୦ | କୀର୍ତ୍ତନ ସ୍ୱାଇଁ, ପି.– ଭୋଳେଶ୍ୱର ସ୍ୱାଇଁ ଓଗେର |
| | ୧୧୫୬ | ୦.୧୫୦ | ୦.୧୫୦ | |
| | ୧୧୫୫ | ୦.୧୬୦ | ୦.୧୬୦ | |
| | ୧୧୫୩ | ୦.୫୨୦ | ୦.୦୮୦ | |
| | ୨୫୦ | ୦.୧୭୦ | ୦.୦୨୦ | |
| | ୨୬୧ | ୦.୪୧୦ | ୦.୪୧୦ | |
| | ୨୬୫ | ୦.୧୯୦ | ୦.୧୯୦ | |
| | ୩୧୨ | ୦.୫୯୦ | ୦.୨୫୦ | |
| | ୧୩୭୦/୧୭୧୭ | ୧.୪୫୦ | ୦.୨୨୦ | |
| ୩୨ | ୨୯୩ | ୦.୨୦୦ | ୦.୧୭୦ | କୃତ୍ତିବାସ ଲେଙ୍କା, ପି.– ଦରି ଲେଙ୍କା |
| | ୪୨୬ | ୦.୩୨୦ | ୦.୩୨୦ | |
| ୩୯ | ୧୮୯ | ୦.୫୩୦ | ୦.୫୩୦ | ଗୁରୁବାରୀ ସାମଲ, ପି.– ଦାସ ସାମଲ ଓଗେର |
| ୪୫ | ୧୪୦୬ | ୧.୩୨୦ | ୦.୪୦୦ | ଗୋପାଳ ଚରଣ ପୃଷ୍ଟି, ପି.– କରୁଣାକର ପୃଷ୍ଟି ଓଗେର |
| ୪୬ | ୫୨୩ | ୦.୩୫୦ | ୦.୧୧୦ | ଗୋପାଳ ଚରଣ ପୃଷ୍ଟି, ପି.– କରୁଣାକର ପୃଷ୍ଟି ଓଗେର |
| | ୫୪୧ | ୦.୧୦୦ | ୦.୦୧୦ | |
| | ୫୪୩ | ୦.୩୪୦ | ୦.୦୩୦ | |
| ୪୭ | ୯୪୦ | ୦.୩୨୦ | ୦.୦୧୦ | ଗୋପାଳ ଚରଣ ପୃଷ୍ଟି, ପି.– କରୁଣାକର ପୃଷ୍ଟି ଓଗେର |
| | ୯୬୬ | ୦.୭୨୦ | ୦.୦୨୦ | |
| | ୨୫୭/୧୮୦୬ | ୦.୧୦୦ | ୦.୧୦୦ | |
| | ୪୧୫ | ୦.୧୧୦ | ୦.୦୨୦ | |
| ୫୦ | ୨୯୪ | ୦.୨୫୦ | ୦.୨୫୦ | ଚକ୍ରଧର ଲେଙ୍କା, ପି.– ଦରି ଲେଙ୍କା |
| ୫୬ | ୨୪୬ | ୨.୩୦୦ | ୦.୨୪୦ | ଚହନି ସାହୁ, ପି.– ମାନ ସାହୁ |
| | ୧୩୯୪ | ୦.୪୧୦ | ୦.୧୬୦ | |
| ୫୮ | ୨୯୨ | ୦.୩୭୦ | ୦.୩୭୦ | ଚୈତନ୍ୟ ଲେଙ୍କା, ପି.– ହରି ଲେଙ୍କା ଓଗେର |
| | ୨୯୫ | ୦.୦୮୦ | ୦.୦୧୦ | |
| | ୫୨୨ | ୦.୩୮୦ | ୦.୧୦୦ | |
| | ୫୪୦ | ୦.୧୨୦ | ୦.୦୭୦ | |
| ୬୧ | ୪୨୨ | ୦.୦୬୦ | ୦.୦୩୦ | ଚୈତନ୍ୟ ଲେଙ୍କା, ପି.– ହରି ଲେଙ୍କା ଓଗେର |
| | ୪୨୪ | ୦.୧୨୦ | ୦.୦୧୦ | |
| | ୫୩୯ | ୦.୧୦୦ | ୦.୧୦୦ | |
| ୬୨ | ୧୪୦୨ | ୦.୨୨୦ | ୦.୦୧୦ | ଚୈତନ୍ୟ ଲେଙ୍କା, ପି.– ହରି ଲେଙ୍କା ଓଗେର |
| ୬୪ | ୧୧୮୮ | ୦.୮୪୦ | ୦.୧୬୦ | ଚୈତନ୍ୟ ସାହୁ, ପି.– ସିନ୍ଧୁ ସାହୁ ଓଗେର |
| | ୧୧୮୯ | ୦.୧୫୦ | ୦.୦୧୦ | |
| ୬୯ | ୨୪୨ | ୦.୧୫୦ | ୦.୧୫୦ | ଯୁଧିଷ୍ଠିର ବେହେରା, ପି.– କାଶି ବେହେରା |
| ୭୦ | ୧୮୬/୧୮୯୬ | ୦.୫୧୦ | ୦.୦୧୦ | ଯୁଧିଷ୍ଠିର ବେହେରା, ପି.– କାଶି ବେହେରା ଓଗେର |
| ୭୪ | ୯୪୨ | ୦.୧୬୦ | ୦.୦୩୦ | ଦାମ ଜଟ, ପି.– ମଧୁ ଜଟ ଓଗେର |
| | ୫୨୫ | ୦.୨୩୦ | ୦.୨୩୦ | |
| | ୫୨୬ | ୦.୧୬୦ | ୦.୧୬୦ | |
| | ୧୩୬୬ | ୧.୨୫୦ | ୦.୨୫୦ | |
| | ୧୩୬୭ | ୧.୦୦୦ | ୦.୩୪୦ | |
| ୭୭ | ୨୬୭ | ୦.୧୦୦ | ୦.୧୦୦ | ଦାଶରଥି ପୃଷ୍ଟି, ପି.– କାହ୍ନୁ ପୃଷ୍ଟି |
| | ୨୭୦ | ୦.୨୧୦ | ୦.୦୨୦ | |
| | ୨୯୯/୧୮୧୫ | ୦.୩୦୦ | ୦.୩୦୦ | |
| | ୯୪୦/୧୮୭୦ | ୦.୨୬୦ | ୦.୦୧୦ | |
| ୭୯ | ୧୮୯/୧୬୯୭ | ୦.୪୦୦ | ୦.୪୦୦ | ଦିବାକର ନାଏକ, ପି.– ଗଣି ନାଏକ |
| ୮୪ | ୧୦୦୮ | ୦.୬୬୦ | ୦.୬୬୦ | ଦୈତାରୀ ବେହେରା, ପି.– କୁଞ୍ଜ ବେହେରା ଓଗେର |
| | ୧୪୧୬ | ୧.୪୨୦ | ୦.୫୨୦ | |
| | ୧୦୧୯/୨୭୧୪ | ୦.୧୦୦ | ୦.୧୦୦ | |
| ୮୯ | ୨୫୭ | ୦.୩୬୦ | ୦.୩୬୦ | ଧରଣୀଧର ପୃଷ୍ଟି, ପି.– କାହ୍ନୁ ପୃଷ୍ଟି |
| | ୨୯୯ | ୦.୨୬୦ | ୦.୧୨୦ | |
| | ୪୧୬ | ୦.୧୪୦ | ୦.୦୧୦ | |
| | ୪୧୭ | ୦.୦୮୦ | ୦.୦୮୦ | |
| ୯୪ | ୧୪୬୨ | ୦.୧୧୦ | ୦.୦୧୦ | ନାଥ ଓଝା, ପି.– କ୍ଷେତ୍ର ଓଝା |
| | ୧୪୬୭/୧୬୭୧ | ୦.୧୬୦ | ୦.୧୬୦ | |
| ୯୫ | ୨୫୮ | ୦.୧୮୦ | ୦.୦୧୦ | ନାଥ ପୃଷ୍ଟି, ପି.– ପୁନି ପୃଷ୍ଟି |
| | ୨୬୯ | ୦.୦୮୦ | ୦.୦୮୦ | |
| | ୪୨୦ | ୦.୪୩୦ | ୦.୩୮୦ | |
| ୯୭ | ୧୪୦୮ | ୦.୮୨୦ | ୦.୪୪୦ | ଶ୍ରୀ ଦଧିବାମନ ଜୀଉ ବିଜେ ନିଜଗାଁ ମାର୍ଫତ, ନାଥ ପୃଷ୍ଟି, ପି.– ପୁନି ପୃଷ୍ଟି ଓଗେର |
| ୧୦୦ | ୪୨୭ | ୦.୫୦୦ | ୦.୦୧୦ | ନାରାୟଣ ଲେଙ୍କା, ପି.– ମଣି ଲେଙ୍କା |
| ୧୦୧ | ୯୪୪ | ୦.୪୫୦ | ୦.୪୫୦ | ନାରାୟଣ ଜଟ, ପି.– ଚନ୍ଦ୍ର ଜଟ |
| | ୯୭୧ | ୦.୩୯୦ | ୦.୦୧୦ | |
| ୧୦୩ | ୧୪୧୫ | ୦.୫୫୦ | ୦.୩୩୦ | ନାରାୟଣ ପୃଷ୍ଟି, ପି.– କାହ୍ନୁ ପୃଷ୍ଟି ଓଗେର |
| ୧୦୫ | ୧୦୦୭ | ୦.୪୦୦ | ୦.୦୯୦ | ନିଧି ସ୍ୱାଇଁ, ପି.– ଗୋବିନ୍ଦ ସ୍ୱାଇଁ ଓଗେର |
| | ୧୦୦୬ | ୦.୨୧୦ | ୦.୦୯୦ | |
| | ୯୪୧ | ୦.୨୬୦ | ୦.୦୫୦ | |
| | ୨୪୮ | ୦.୬୧୦ | ୦.୦୪୦ | |
| | ୧୩୯୧ | ୧.୩୩୦ | ୦.୪୮୦ | |
| ୧୦୮ | ୧୫୭୪ | ୧.୫୩୦ | ୦.୩୩୦ | ନୀଳମଣି ମହାଳିକ, ପି.– ଭଗବାନ ମହାଳିକ ଓଗେର |
| | ୧୫୭୫ | ୦.୨୮୦ | ୦.୧୫୦ | |
| ୧୦୯ | ୨୬୮ | ୦.୧୨୦ | ୦.୧୨୦ | ନୃସିଂହ ଚରଣ ପୃଷ୍ଟି, ପି.– ମଧୁ ପୃଷ୍ଟି ଓଗେର |
| ୧୧୧ | ୯୬୭/୧୭୩୯ | ୦.୩୮୦ | ୦.୩୮୦ | ନୃସିଂହ ଚରଣ ପୃଷ୍ଟି, ପି.– ମଧୁ ପୃଷ୍ଟି ଓଗେର |
| | ୯୬୭ | ୦.୩୯୦ | ୦.୩୪୦ | |
| | ୧୪୧୧ | ୦.୬୭୦ | ୦.୫୭୦ | |
| | ୪୧୯ | ୦.୩୨୦ | ୦.୩୨୦ | |
| ୧୧୭ | ୫୨୭ | ୦.୪୬୦ | ୦.୪୬୦ | ପାଣୁ ସାହୁ, ପି.– ବୁରୁନ୍ଦୁ ସାହୁ ଓଗେର |
| | ୫୩୨ | ୦.୫୦୦ | ୦.୪୬୦ | |
| | ୧୪୦୯ | ୦.୬୫୦ | ୦.୫୦୦ | |
| ୧୧୯ | ୧୦୦୯ | ୦.୧୮୦ | ୦.୦୮୦ | ପାଣୁ ସାହୁ, ପି.– ବୁରୁନ୍ଦୁ ସାହୁ ଓଗେର |
| ୧୨୧ | ୧୧୮୧ | ୦.୯୬୦ | ୦.୭୮୦ | ପ୍ରାଣବନ୍ଧୁ ଲେଙ୍କା, ପି.– କପିଳ ଲେଙ୍କା ଓଗେର |
| ୧୨୫ | ୧୦୧୩ | ୦.୧୦୦ | ୦.୦୩୦ | ବଂଶୀ ବିନ୍ଧାଣୀ, ପି.– ଭଳି ବିନ୍ଧାଣୀ |
| | ୧୦୧୬ | ୦.୪୨୦ | ୦.୦୭୦ | |
| | ୧୪୨୦ | ୧.୦୦୦ | ୦.୪୦୦ | |
| | ୧୪୨୧ | ୦.୧୮୦ | ୦.୧୮୦ | |
| ୧୨୭ | ୧୩୯୫ | ୦.୩୨୦ | ୦.୦୬୦ | ବାଞ୍ଛା ଜଟ, ପି.– ହରି ଜଟ |
| | ୧୩୯୯ | ୦.୩୧୦ | ୦.୨୦୦ | |
| ୧୩୫ | ୧୧୭୮ | ୧.୩୦୦ | ୦.୦୫୦ | ବାବାଜୀ ପାଣ୍ଡବ, ପି.– ପାଣୁ ପାଣ୍ଡବ ଓଗେର |
| | ୧୪୨୨ | ୦.୭୧୦ | ୦.୪୬୦ | |
| ୧୪୪ | ୧୪୪୫/୧୮୬୫ | ୧.୫୭୦ | ୦.୦୧୦ | ବିନୋଦ ବିହାରୀ ଲେଙ୍କା, ପି.– ବ୍ରଜବନ୍ଧୁ ଲେଙ୍କା |
| ୧୫୦ | ୫୮୫ | ୦.୦୬୦ | ୦.୦୬୦ | ବୁଧିମନ୍ତ ମଲ୍ଲିକ, ପି.– ଶ୍ରୀଧର ମଲ୍ଲିକ ଓଗେର |
| ୧୫୧ | ୨୪୭ | ୧.୭୪୦ | ୧.୨୦୦ | ବୁଧିମନ୍ତ ମଲ୍ଲିକ, ପି.– ଶ୍ରୀଧର ମଲ୍ଲିକ ଓଗେର |
| ୧୫୩ | ୫୮୮ | ୨.୧୦୦ | ୦.୪୨୦ | ବୁଧିମନ୍ତ ମଲ୍ଲିକ, ପି.– ଶ୍ରୀଧର ମଲ୍ଲିକ ଓଗେର |
| | ୧୬୧୩ | ୧.୯୦୦ | ୧.୦୦୦ | |
| ୧୬୨ | ୧୦୧୯/୧୬୭୭ | ୦.୧୩୦ | ୦.୧୧୦ | ବୋଧି ପ୍ରଧାନ, ପି.– କାଳୀ ପ୍ରଧାନ |
| | ୧୦୧୭ | ୦.୩୨୦ | ୦.୨୯୦ | |
| ୧୭୦ | ୯୭୦ | ୦.୪୩୦ | ୦.୪୧୦ | ଭାବି ରାଉତ, ସ୍ୱା.– ପୂର୍ଣ୍ଣ ରାଉତ |
| ୧୭୪ | ୨୯୬ | ୦.୨୪୦ | ୦.୧୨୦ | ଭିକାରୀ ଲେଙ୍କା, ପି.– ବାସୁଦେବ ଲେଙ୍କା ଓଗେର |
| | ୪୨୫ | ୦.୨୨୦ | ୦.୨୨୦ | |
| ୧୭୮ | ୧୫୭୧ | ୨.୧୦୦ | ୦.୨୦୦ | ମହନ୍ତ ମହାଳିକ, ପି.– ମାଗୁଣି ମହାଳିକ ଓଗେର |
| | ୧୫୭୨ | ୧.୩୨୦ | ୦.୮୨୦ | |
| | ୧୫୭୩ | ୪.୬୩୦ | ୦.୯୦୦ | |
| ୧୮୦ | ୧୬୧୯/୨୮୨୮ | ୦.୬୨୦ | ୦.୧୦୦ | ମାଗି ମହାଳିକ, ସ୍ୱା.– ନୀଳମଣି ମହାଳିକ |
| ୧୮୨ | ୧୦୧୯ | ୨.୧୦୦ | ୦.୧୮୦ | ମାଟିଆ ମଳିକ, ପି.– ସେନେଇ ମଳିକ ଓଗେର |
| ୧୮୩ | ୧୪୪୭ | ୦.୮୦୦ | ୦.୪୮୦ | ମାଧବ ଲେଙ୍କା, ପି.– ମୁରଲୀ ଲେଙ୍କା ଓଗେର |
| | ୧୪୪୮ | ୦.୨୬୦ | ୦.୨୬୦ | |
| | ୧୪୪୮/୧୮୫୬ | ୦.୧୨୦ | ୦.୦୩୦ | |
| | ୧୪୪୭/୧୮୫୭ | ୦.୯୧୦ | ୦.୦୧୦ | |
| | ୧୪୫୧ | ୦.୨୪୫ | ୦.୧୫୦ | |
| | ୧୪୫୨ | ୦.୫୯୫ | ୦.୫୦୦ | |
| ୧୮୫ | ୪୧୮ | ୦.୩୭୦ | ୦.୩୦୦ | ମାଧବ ଲେଙ୍କା, ପି.– ମୁରଲୀ ଲେଙ୍କା ଓଗେର |
| | ୫୩୩ | ୦.୦୬୦ | ୦.୦୬୦ | |
| | ୫୩୩/୧୮୨୩ | ୦.୦୮୦ | ୦.୦୮୦ | |
| ୧୮୬ | ୧୪୧୨ | ୦.୧୨୦ | ୦.୦୪୦ | ମାଧବ ଲେଙ୍କା, ପି.– ମୁରଲୀ ଲେଙ୍କା ଓଗେର |
| | ୧୪୧୩ | ୦.୬୩୦ | ୦.୪୩୦ | |
| | ୧୪୧୪ | ୦.୧୨୦ | ୦.୧୨୦ | |
| | ୧୪୬୩ | ୦.୫୭୦ | ୦.୪୭୦ | |
| ୧୯୩ | ୯୬୮ | ୦.୩୬୦ | ୦.୨୭୦ | ରାମ ରାଉଳ, ପି.– ଈଶ୍ୱର ରାଉଳ ଓଗେର |
| | ୯୪୯ | ୧.୬୪୦ | ୦.୧୦୦ | |
| ୧୯୪ | ୧୧୮୭ | ୦.୯୦୦ | ୦.୫୦୦ | ରାମ ରାଉଳ, ପି.– ଈଶ୍ୱର ରାଉଳ ଓଗେର |
| ୧୯୫ | ୧୪୧୭ | ୦.୯୧୦ | ୦.୫୨୦ | ଶ୍ରୀ ଦଧିବାମନ ଜୀଉ ବିଜେ ନିଜଗାଁ ମାର୍ଫତ, ରାମ ରାଉଳ, ପି.– ଈଶ୍ୱର ରାଉଳ ଓଗେର |
| ୧୯୭ | ୧୬୧୪ | ୦.୯୦୦ | ୦.୨୮୦ | ଲାକ୍ସ୍ମମାନ ପଲେଇ, ପି.– ଯାଦୁ ପଲେଇ |
| | ୧୬୨୦/୧୮୨୯ | ୦.୬୧୦ | ୦.୦୧୦ | |
| ୧୯୮ | ୫୩୭ | ୦.୩୬୦ | ୦.୩୬୦ | ଲସମିଧର ରାଉତ, ପି.– ମାଗୁଣି ରାଉତ |
| ୨୦୦ | ୨୫୫ | ୦.୩୪୦ | ୦.୧୮୦ | ସୌରୀ ରାଉତ, ପି.– ଯତନି ରାଉତ |
| | ୨୬୩ | ୦.୨୦୦ | ୦.୦୧୦ | |
| | ୨୬୪ | ୦.୨୯୦ | ୦.୨୯୦ | |
| | ୫୮୩ | ୪.୫୬୦ | ୧.୩୦୦ | |
| | ୧୩୯୭ | ୦.୭୮୦ | ୦.୪୩୦ | |
| | ୧୩୯୮ | ୦.୧୮୦ | ୦.୦୭୦ | |
| ୨୦୭ | ୨୯୦ | ୧.୦୪୦ | ୦.୭୨୦ | ଶତ୍ରୁଘ୍ନ ପୃଷ୍ଟି, ପି.– କରୁଣାକର ପୃଷ୍ଟି ଓଗେର |
| ୨୧୪ | ୯୬୪/୧୮୭୪ | ୦.୮୨୦ | ୦.୭୪୦ | ଶ୍ରୀଧର ପ୍ରଧାନ, ପି.– ବସନ୍ତ ପ୍ରଧାନ ଓଗେର |
| | ୨୭୨ | ୦.୧୧୦ | ୦.୦୨୦ | |
| ୨୨୦ | ୧୧୬୨ | ୧.୧୦୦ | ୦.୦୨୦ | ହାଡ଼ିବନ୍ଧୁ ଦାସ, ପି.– ରାମଚନ୍ଦ୍ର ଦାସ ଓଗେର |
| ୨୨୧ | ୯୬୯ | ୧.୧୧୦ | ୦.୯୦୦ | ହୃଦାନନ୍ଦ ଜଟ, ପି.– ଧନୀ ଜଟ ଓଗେର |
| ୨୨୪ | ୨୫୬ | ୦.୫୦୦ | ୦.୩୦୦ | ହୃଷିକେଶ ପୃଷ୍ଟି, ପି.– ମଧୁ ପୃଷ୍ଟି ଓଗେର |
| | ୨୭୧ | ୦.୨୧୦ | ୦.୧୦୦ | |
| | ୨୮୮ | ୦.୮୦୦ | ୦.୦୩୦ | |
| | ୪୨୧ | ୦.୩୯୦ | ୦.୨୭୦ | |
| ୨୨୪/୨ | ୧୯୧ | ୦.୧୬୦ | ୦.୧୬୦ | କୋକିଳ ବେହେରା, ସ୍ୱା.– ଯୁଧିଷ୍ଠିର ବେହେରା |
| | ୧୯୪ | ୦.୮୬୦ | ୦.୮୦୦ | |
| ୨୨୪/୩ | ୨୮୯ | ୦.୧୧୦ | ୦.୦୧୦ | ବୈରାଗୀ ଚରଣ ପୃଷ୍ଟି, ପି.– ନୃସିଂହ ପୃଷ୍ଟି |
| ୨୧୪/୧୫ | ୧୦୧୪ | ୦.୨୦୦ | ୦.୧୪୦ | ଆକୁଳ ଜଟ, ପି.– କୁଶ ଜଟ |
| ୨୨୪/୩୧ | ୧୧୮୨ | ୦.୪୧୦ | ୦.୪୧୦ | ଗୋପୀ ପ୍ରଧାନ, ପି.– କ୍ଷେତ୍ର ପ୍ରଧାନ |
| | ୧୧୮୩ | ୦.୮୮୦ | ୦.୭୪୦ | |
| | ୧୧୮୦/୧୬୪୩ | ୦.୧୮୦ | ୦.୦୧୦ | |
| ୨୨୪/୩୬ | ୧୮୮/୧୯୩୧ | ୦.୬୯୦ | ୦.୬୯୦ | ବିଦ୍ୟାଧର ପାତ୍ର, ପି.– ବାଞ୍ଛା ପାତ୍ର ଓଗେର |
| ୨୨୪/୪୭ | ୫୨୧ | ୦.୫୨୦ | ୦.୧୦୦ | ପ୍ରଫୁଲ୍ଲ କୁମାର ରାଉତ, ପି.– ସୌରୀ ରାଉତ |
| ୨୨୪/୮୬ | ୧୩୯୫/୨୦୨୭ | ୦.୧୬୦ | ୦.୧୬୦ | ଲକ୍ଷ୍ମୀଧର ସାହୁ, ପି.– ପ୍ରାଣବନ୍ଧୁ ସାହୁ ଓଗେର |
| ୨୨୪/୧୧୪ | ୧୦୦୩ | ୦.୬୨୦ | ୦.୪୮୦ | ସୁଲଭ ସେଠୀ, ପି.– ଶଙ୍କର ସେଠୀ |
| ୨୨୪/୧୧୮ | ୨୯୮ | ୧.୪୦୦ | ୦.୭୦୦ | ଭାରତ ଚନ୍ଦ୍ର ପୃଷ୍ଟି, ପି.– ମାନଗୋବିନ୍ଦ ପୃଷ୍ଟି ଓଗେର |
| ୨୨୪/୧୪୨୦ | ୧୩୫୮/୨୦୪୬ | ୦.୫୨୦ | ୦.୦୪୦ | ସୁକାନ୍ତ ପ୍ରଧାନ, ପି.– ଗୋପୀ ପ୍ରଧାନ |
| ୨୨୪/୧୩୪ | ୧୧୪୯ | ୦.୫୧୦ | ୦.୦୧୦ | ଅନ୍ତର୍ଯ୍ୟାମୀ ସେଠୀ, ପି.– ଶଙ୍କର ସେଠୀ |
| ୨୨୪/୧୩୬ | ୧୩୬୧/୨୦୫୬ | ୦.୮୦୦ | ୦.୧୧୦ | ଶରତ ଚନ୍ଦ୍ର ସାହୁ, ପି.– କୈଳାଶ ଚନ୍ଦ୍ର ସାହୁ |
| ୨୨୪/୧୪୫ | ୧୩୬୨/୨୦୬୪ | ୦.୬୦୦ | ୦.୧୬୦ | ବଟକୃଷ୍ଣ ଲେଙ୍କା, ପି.– ବିଶ୍ୱମ୍ବର ଲେଙ୍କା |
| ୨୨୪/୧୪୮ | ୧୪୦୭ | ୦.୪୯୦ | ୦.୨୦୦ | ଅଶୋକ କୁମାର ଲେଙ୍କା, ପି.– କେଶବ ଚନ୍ଦ୍ର ଲେଙ୍କା ଓଗେର |
| ୨୨୪/୧୪୯ | ୯୯୩ | ୦.୪୯୦ | ୦.୦୨୦ | ଦଶରା ଜଟ, ପି.– ଯୁଧିଷ୍ଟି ଜଟ |
| | ୯୪୩ | ୦.୧୮୦ | ୦.୧୦୦ | |
| ୨୨୪/୧୫୨ | ୧୪୫୨/୨୦୭୧ | ୦.୪୬୦ | ୦.୦୧୦ | କେଶବ ଚନ୍ଦ୍ର ଲେଙ୍କା, ପି.– ନାରାୟଣ ଲେଙ୍କା |
| ୨୨୪/୧୬୦ | ୨୫୯ | ୦.୧୪୦ | ୦.୦୫୦ | ଯୁଗଳ ପରିଡ଼ା, ପି.– ଭୀମ ପରିଡ଼ା |
| | ୨୬୦ | ୦.୩୪୦ | ୦.୩୪୦ | |
| ୧/୨୨୪/୨୭ | ୧୪୧୦/୧୯୩୬ | ୦.୯୬୦ | ୦.୬୪୦ | ସନାତନ ପ୍ରଧାନ, ପି.– ଧାଡ଼ି ପ୍ରଧାନ |
| | ୯୬୪/୧୯୩୩ | ୦.୫୧୦ | ୦.୦୨୦ | |
| ୧–୨୨୪/୨୮ | ୯୬୪ | ୦.୭୫୦ | ୦.୭୫୦ | ବୋଧି ପ୍ରଧାନ, ପି.– କାଳିଆ ପ୍ରଧାନ |
| | ୯୬୩ | ୦.୧୯୦ | ୦.୧୯୦ | |
| | ୧୪୧୦ | ୦.୮୮୦ | ୦.୭୫୦ | |
| | | ୧୦୬.୨୭୦ | ୪୬.୬୭୦ | |

24034/14/0061/1920



ଆଚରଣ ଶୁଦ୍ଧ ନ ହେଲେ ମୋକ୍ଷ ମିଳିବା ଅସମ୍ଭବ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ୨ ପରିବାର ଭିତରେ ମାରପିଟ: ୪ ଆହତ

**ପୁରୁଣା ଭୁବନେଶ୍ୱର, ୨।୧୧ (ଡି.ଏନ.ଏ.):** ଜମିବାଡ଼ିକୁ କେନ୍ଦ୍ରକରି ଦୁଇ ପରିବାର ମଧରେ ମାରପିଟ ହେବା ସହ ୪ ଜଣ ଆହତ ହୋଇଛନ୍ତି। ଘଟଣା ଘଟିଛି ଏୟାରଫିଲ୍ଡ ଥାନା ଅଧୀନ ମୁଣ୍ଡଲୀ ଗ୍ରାମରେ। ସୂଚନା ମୁତାବକ, ଏଠାରେ ରହୁଥିବା ଗୋଟିଏ ପରିବାରର ଘରବାଟକୁ ନେଇ ଏହି କାଣ୍ଡ ଘଟିଥିଲା। ଶନିବାର ଗୃହ ସଦସ୍ୟଙ୍କ ମଧରେ ବଚସା ହେବା ପରେ ଉତ୍ତକ୍ଷିପ୍ତ ହୋଇ ପରସ୍ପରକୁ ଆକ୍ରମଣ କରିଥିଲେ। ଏଥିରେ ଦିଲୀପ ଖଟୋଇ, ରମେଶ ଚନ୍ଦ୍ର ନାୟକ, ଶ୍ରୀକାନ୍ତ ନାୟକ, ଲକ୍ଷ୍ମୀପ୍ରିୟା ପରିଡ଼ା ଗୁରୁତର ଆହତ ହୋଇଥିଲେ। ପୋଲିସ ସମସ୍ତଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଉଭୟ ପକ୍ଷରୁ ଅଭିଯୋଗ ହେବାପରେ ଥାନାରେ ନଂ. ୧୯୯/୧୯ ଏବଂ ନଂ. ୨୦୦/୧୯ରେ ଦୁଇଟି ମାମଲା ରୁଜୁ ହୋଇଛି।

### ଠିକାଦାରଙ୍କ ଘରୁ ବାଇକ୍, ସାଇକେଲ ଚୋରି

**ବାଲିପାଟଣା,୨।୧୧(ଡି.ଏନ୍.ଏ.):** ବାଲିପାଟଣା ଛକସ୍ଥିତ ଠିକାଦାର ଅରୁଣ କୁମାର ପଣ୍ଡାଙ୍କ ଘରୁ କେହି ଦୁର୍ବୃତ୍ତ ଏକ ବାଇକ୍ ଓ ସାଇକେଲ ଚୋରି କରିନେଇଥିବା ଶନିବାର ଅଭିଯୋଗ ହୋଇଛି। ଅରୁଣଙ୍କ ଅଭିଯୋଗକ୍ରମେ ବାଲିପାଟଣା ପୋଲିସ ଏକ ମାମଲା (ନଂ.୨୭୩/୧୯)ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ଦୁଇ ଜଣ ଯୁବକ ଗେଟ ଡେଇଁ ସିସି କ୍ୟାମେରା ଭାଙ୍ଗିଦେବା ସହ ସିଡ଼ି ପକାଇ ଉପର ମହଲାକୁ ଆସି ସମସ୍ତ ଘର ବହାର ପଟୁ ଲକ୍ କରିଦେଇଥିଲେ। ଘରେ କୌଣସି ଜିନିଷ ପାଇ ନ ଥିବାରୁ ଗେଟ ଚାବି ନେଇ ବାଇକ ଓ ସାଇକେଲ ନେଇ ଫେରାର ହୋଇଯାଇଥିଲେ।

### ଗାଡ଼ି ଧକ୍କାରେ ୩ ଗାଈ ମୃତ

**ନରାଜ,୨।୧୧(ଡି.ଏନ୍.ଏ.):** ବାଙ୍କୀ-କଟକ ମୁଖ୍ୟରାସ୍ତାର କୁଅମଡ଼ା ଗ୍ରାମ ନିକଟରେ ଏକ ଅଜଣାଗାଡି ଧକ୍କାରେ ୩ଟି ଗାଈର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଗୋଟିଏ ଗାଈ ଗୁରୁତର ହୋଇଛି। ସୂଚନାଯୋଗ୍ୟ, ବାଙ୍କୀ-କଟକ ମୁଖ୍ୟରାସ୍ତାରେ ପ୍ରତ୍ୟହ ରାତିରେ ଶହ ଶହ ବାଲିବୋଝେଇ ଗାଡି ସହ ଅନ୍ୟ ବଡ ଗାଡି ଯାତାୟାତ କରିଥାନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ କୌଣସି ଏକ ଅଜଣାଗାଡି ଧକ୍କାରେ ଏହି ଗାଈଗୁଡିକର ମୃତ୍ୟୁ ହୋଇଥିବାର ଲୋକେ ଦେଖିଥିଲେ। ଆଗଭଳି ଆଉ କାଞ୍ଜିଆହୁଦା ନ ଥିବାରୁ ଗାଈ ମାଲିକମାନେ ବେପରୁଆ ଭାବେ ଗାଈମାନଙ୍କୁ ବାହାରେ ଛାଡି ଦେଉଥିବାରୁ ଦୁର୍ଘଟଣା ଘଟୁଛି।

### ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ

**ନରାଜ,୨।୧୧(ଡି.ଏନ୍.ଏ.):** ଅଷ୍ଟ-ବାଆଁରା ପଞ୍ଚାୟତ ଅନ୍ତର୍ଗତ ନୂଆସାହି ଗ୍ରାମରେ ଗ୍ରାମଦେବତୀ ସ୍ଥଳୀରେ ୩ଦିନ ବ୍ୟାପୀ ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ପାଳିତ ହୋଇଯାଇଛି। ଏଥିସହ ଗ୍ରାମର ଗ୍ରାମ ଦେବତୀ ମା' ବାଆଁରେଇଙ୍କ ମନ୍ଦିରରେ ଚଣ୍ଡୀପାଠ ଓ ହୋମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ୩ଦିନ ଧରି ଅନୁଷ୍ଠିତ ଏହି ନାମଯଜ୍ଞରେ କଳସ ଯାତ୍ରାରୁ ଆରମ୍ଭ ହୋଇ ସୌଭାଗ୍ୟ ପଞ୍ଚମୀ, ଅହୋରାତ୍ର ନାମଯଜ୍ଞ, ନଗର ପରିକ୍ରମା କରାଯାଇ ନାମଯଜ୍ଞ ଉଦ୍‌ଯାପିତ ହୋଇଥିଲା। ଏହି ନାମଯଜ୍ଞରେ ଆଖପାଖର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୨ଗୋଟି ନଦିଆ ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରି ନାମ ପରିବେଷଣ କରିଥିଲେ। ଶେଷରେ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା । ସମସ୍ତ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହାୟତା କରିଥିଲେ।

### ନାଟକ 'ଘର ନୁହେଁ ସେ କୁହୁଡ଼ି ଘର' ମଞ୍ଚସ୍ଥ

**ପୁରୁଣା ଭୁବନେଶ୍ୱର, ୨।୧୧ (ଡି.ଏନ.ଏ.):** ସମାଜରେ ଜମିବାଡି, ଟଙ୍କା ପଇସା ପାଇଁ ଗୋଟିଏ ମାତୃ ଗର୍ଭରୁ ଜନ୍ମିତ ଭାଇ କିଭଳି ଭାଇର ଶତ୍ରୁ ପାଲଟେ, ଭାଇ କିଭଳି ଭାଇକି ମୃତ୍ୟୁ ପର୍ଯ୍ୟନ୍ତ ନେଇଯାଏ ଏହାର ସ୍ପଷ୍ଟ ଚିତ୍ରକୁ ନିଖୁଣ ଭାବେ ସ୍ଥାନୀୟ ନୂଆଗାଁର ଯୁବ କଳାକାରମାନେ ନାଟକ ଘର ନୁହଁ ସେ କୁହୁଡ଼ି ଘର ମାଧମରେ ପରିବେଷଣ କରିଛନ୍ତି। ନାରାୟଣୀ ନାଟ୍ୟ ପରିଷଦ ପକ୍ଷରୁ ଆୟୋଜିତ ନାଟକଟିକୁ ତପନ ସାମନ୍ତରାୟ ନିର୍ଦ୍ଦେଶନା ଦେଇଥିବାବେଳେ ମନୋଜ ବରାଳ ଓ ବସନ୍ତ ବରାଳ ପରିଚାଳନା କରିଥିଲେ। ଯୁବ କଳାକାର ନଗେନ ବରାଳ, ମିଥୁନ ନାୟକ, ରତ୍ନାକର ବେହେରା, ବାବୁନି ବଡଜେନା, ବିଜୟ ପରିଡା, ଅଶ୍ୱିନୀ ସାହୁ ଏବଂ ଭୀମସେନ ନାୟକ ପ୍ରମୁଖ ନିଜ ଅଭିନୟ ପ୍ରଦର୍ଶିତ କରିଥିଲେ।

■ବନ୍ୟା ବାସହରା ପରିବାରଙ୍କୁ ଥଇଥାନ କରା ନ ଯିବା ମାମଲା

# ବିପର୍ଯ୍ୟୟ ଓ ପ୍ରଶମନ ବିଭାଗକୁ ରିପୋର୍ଟ ମାଗିଲେ ଓଏଚ୍ଆର୍‌ସି

**ଭୁବନେଶ୍ୱର, ୨।୧୧(ବ୍ୟୁରୋ)**

୧୯୮୨ ମସିହାରେ କନ୍ଦଳ ନଦୀ ବନ୍ୟାରେ କଟକ ଜିଲା କଣ୍ଟାପଡ଼ା ତହସିଲର ପ୍ରାୟ ୨୫ ପରିବାର କ୍ଷତିଗ୍ରସ୍ତ ହୋଇଥିଲେ। ସେମାନେ ବାସହରା ହୋଇ ସରକାରୀ ଜାଗାରେ ରହୁଛନ୍ତି। ସେମାନଙ୍କୁ ଏ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଥଇଥାନ କରାଯାଇ ନାହିଁ। ଏ ସଂକ୍ରାନ୍ତ ଏକ ମାମଲାର ବିଚାର କରି ରାଜ୍ୟ ମାନବ ଅଧିକାର କମିଶନ (ଓଏଚ୍ଆର୍‌ସି) ଶନିବାର ରାଜ୍ୟ ବିପର୍ଯ୍ୟୟ ଓ ପ୍ରଶମନ ବିଭାଗ ତଥା କଟକ ଜିଲାପାଳଙ୍କୁ ରିପୋର୍ଟ ତଲବ କରିଛନ୍ତି। ଆଗାମୀ ଡିସେମ୍ବର ୨୨ତାରିଖ ସୁଦ୍ଧା କମିଶନଙ୍କ ନିକଟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

କନ୍ଦଳ ନଦୀରେ ବନ୍ୟା କାରଣରୁ କଣ୍ଟାପଡା ତହସିଲର ଆରିସଲଘାଟ ନିକଟରେ ଏକ ବଡ ଘାଇ ହୋଇଥିଲା। ଫଳରେ ପ୍ରାୟ ୨୫ ପରିବାର ତାଙ୍କ ଘରଡିହ ହରାଇଥିଲେ। ସେମାନଙ୍କ ଚାଷଜମି ମଧ୍ୟ ନଦୀଗର୍ଭକୁ ଚାଲିଯାଇଥିଲା। ତେଣୁ ବନ୍ୟା ପ୍ରପୀଡ଼ିତ ପରିବାରଗୁଡ଼ିକ ସେହି ମୌଜା ଅଧୀନ ଅଡଶପୁର ଅଞ୍ଚଳର ଏକ ଢିପ ସ୍ଥାନରେ ରହୁଛନ୍ତି। ଇତିମଧ୍ୟରେ ୩୭ ବର୍ଷ ବିତିଗଲାଣି। ଏହାସତ୍ତ୍ୱେ ସେମାନଙ୍କ ନାମରେ ଜମିପଟ୍ଟା କରା ନ ଯାଇ ସେମାନଙ୍କଠାରୁ ଜବରଦଖଲକାରୀ ଭାବେ ଜରିମାନା ଆଦାୟ କରାଯାଉଛି। ଏ ନେଇ ଭୁବନେଶ୍ୱରର ୫ଜଣ ଆଇନଜୀବୀ ଓଏଚ୍ଆର୍‌ସି ଅଧ୍ୟକ୍ଷ ବିଚାରପତି ଅମିତାଭ ଦାଶଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଓଡ଼ିଶା ରିଲିଫ କୋଡର ୨୮ ପରିଷଦ ଅନୁସାରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ବିସ୍ଥାପିତ ପରିବାରଙ୍କୁ ଥଇଥାନ କରାଯିବାର ବ୍ୟବସ୍ଥା ଥିଲେ ମଧ୍ୟ ରାଜସ୍ୱ ବିଭାଗର ଉଦାସୀନତା ଯୋଗୁ ତାହା ହୋଇପାରି ନାହିଁ। ବିପର୍ଯ୍ୟୟ ପ୍ରପୀଡ଼ିତଙ୍କ ପ୍ରତି ସରକାରଙ୍କ ସହାନୁଭୂତି ଉପରେ ଆଇନଜୀବୀ ବିଜୟ କୁମାର ପଣ୍ଡା, ଗୋଲଖ ପ୍ରସାଦ ନାୟକ ପ୍ରମୁଖ ପ୍ରଶ୍ନ କରିଛନ୍ତି। ଏହି ପ୍ରପୀଡ଼ିତ ପରିବାରଙ୍କ ନିକଟରେ ଜମିପଟ୍ଟା ଥିବାରୁ ସେମାନଙ୍କ ପିଲାମାନେ ପାଠ ପଢା, ଚାକିରି ସମେତ ଆୟ, ବାସସ୍ଥାନ ଓ ଜାତିଗତ ଇତ୍ୟାଦି ପ୍ରମାଣପତ୍ର ପାଇବାରେ ହଇରାଣ ହେଉଥିବା ନେଇ କମିଶନଙ୍କ ନିକଟରେ ଅଭିଯୋଗ ହୋଇଥିଲା।




ବୁଦ୍ଧ ମନ୍ଦିର ପରିସରରେ ଶନିବାର ବିଜୁ ପଟ୍ଟନାୟକ ଷ୍ଟୁଡେଣ୍ଟସ ଆସୋସିଏଶନର ଅଷ୍ଟମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଛାତ୍ରଙ୍କ ଗହଣରେ ମଞ୍ଚାସୀନ ମନ୍ତ୍ରୀ ଅରୁଣ ସାହୁ ଏବଂ ଅନ୍ୟ ଅତିଥିବୃନ୍ଦ।

■ସ୍ମାର୍ଟସିଟି ଲିମିଟେଡର ୧୪ତମ ବୋର୍ଡ ନିର୍ଦ୍ଦେଶକଙ୍କ ବୈଠକ

# ପଛରେ ପଡ଼ିଛି ସ୍ମାର୍ଟସିଟି କାମ

**ଭୁବନେଶ୍ୱର, ୨।୧୧(ବ୍ୟୁରୋ)**

ଗତବର୍ଷ ଭୁବନେଶ୍ୱରରେ ହୋଇଥିବା ୱାର୍ଲ୍ଡକପ୍ ହକି ଏବଂ ପରେ ପରେ ବାତ୍ୟା 'ଫନୀ' ଓ ସାଧାରଣ ନିର୍ବାଚନ ପାଇଁ ସ୍ମାର୍ଟସିଟି କାମ ପଛେଇଛି। ଏବେ କାର୍ଯ୍ୟ ପ୍ରଣାଳୀକୁ ତ୍ୱରାନ୍ୱିତ କରାଯାଉଛି ବୋଲି ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡର ୧୪ତମ ବୋର୍ଡ ନିର୍ଦ୍ଦେଶକଙ୍କ ବୈଠକରେ ମତ ପ୍ରକାଶ ପାଇଛି। ଶନିବାର ଲୋକସେବା ଭବନରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏଥିସହ ପଛେଇଥିବା କାର୍ଯ୍ୟଗୁଡ଼ିକ ଉପରେ ଆଲୋଚନା ହୋଇଛି।

୨୦୨୦ ଅଗଷ୍ଟ ସୁଦ୍ଧା ସ୍ମାର୍ଟ ସଲ୍ୟୁଶନ୍ ପ୍ରୋଜେକ୍ଟ ଏବଂ ୨୦୨୦ ନଭେମ୍ବର ସୁଦ୍ଧା ସ୍ମାର୍ଟ ଜନପଥ କାର୍ଯ୍ୟ ସରିବ ବୋଲି ସ୍ମାର୍ଟ ସିଟି କର୍ତ୍ତୃପକ୍ଷ ବୋର୍ଡ ନିକଟରେ ପ୍ରକାଶ କରିଛନ୍ତି। ଏହି ଅବସରରେ ବୋର୍ଡ କର୍ତ୍ତୃପକ୍ଷ ୨୦୧୮-୧୯ରେ ହୋଇଥିବା ଆର୍ଥିକ ଖର୍ଚ୍ଚକୁ ଅନୁମୋଦନ କରିଛନ୍ତି। ବୈଠକରେ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜିବ ଚୋପ୍ରା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କେ. ମୀନା, ବିଦ୍ୟୁତ୍ ବିଭାଗ ସମ୍ପାଦକ ବିଷ୍ଣୁପଦ ସେଠୀ, ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ଓ ରାଜ୍ୟ ସରକାରଙ୍କ ସ୍ମାର୍ଟସିଟି ମିଶନ ନିର୍ଦ୍ଦେଶକ ପ୍ରେମ କୁମାର ଝା, ପୋଲିସ୍ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରେମ ଚନ୍ଦ୍ର ଚୌଧାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବେଆଇନ ମାଂସ ଦୋକାନ ହଟାଇବାକୁ 'ଫିଆପୋ'ର ପ୍ରୟାସ

**ଭୁବନେଶ୍ୱର, ୨।୧୧(ବ୍ୟୁରୋ)**

ଛତୁ ଫୁଟିଲା ଭଳି ରାଜଧାନୀର ରାସ୍ତା କଡ଼ରେ ମାଂସ ଦୋକାନ ଖୋଲୁଛି। ପ୍ରଥମତଃ ଏହା ବେଆଇନ ଅଟେ। ଦ୍ୱିତୀୟରେ ଏହା ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ସହ ସ୍କୁଲକୁ ଯାଉଥିବା ପିଲାଙ୍କ ମନରେ ଏକ ନକାରାତ୍ମକ ଚିନ୍ତାଧାରା ସୃଷ୍ଟି କରୁଛି। ତେବେ ବାରମ୍ବାର ଏହାକୁ ଲୋକଲୋଚନକୁ ଅଣାଗଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ବାହାରି ପାରୁନାହିଁ। ବିଏମ୍‌ସି ପକ୍ଷରୁ ବେଳେ ବେଳେ ଚଢ଼ାଉ କରାଯାଉଛି। କିନ୍ତୁ ପରେ ପୁଣି ସମାନ ପରିସ୍ଥିତି ଦେଖିବାକୁ ମିଳୁଛି। ତେଣୁ ଏହାର ସମାଧାନ ପାଇଁ ଅଣ୍ଟା ଭିଡ଼ିଛି ଫେଡେରେଶନ ଅଫ୍ ଇଣ୍ଡିଆନ ଆନିମଲ ପ୍ରୋଟେକ୍ସନ ଅର୍ଗାନାଇଜେଶନ(ଫିଆପୋ)। ବିଭିନ୍ନ ସରକାରୀ ତଥା ସାମାଜିକ ଅନୁଷ୍ଠାନର ମିଳିତ ସହଯୋଗରେ ଫିଆପୋ ପକ୍ଷରୁ ଭୁବନେଶ୍ୱରରେ ଜନସାଧାରଣଙ୍କୁ ଅସ୍ୱାସ୍ଥ୍ୟକର ଓ ବେଆଇନ ମାଂସକଟା ବିରୋଧରେ ସଚେତନତା କରାଯାଉଛି। ଏହି ପରିପ୍ରେକ୍ଷୀରେ ଶନିବାର ଭେଟେରିନାରି କାଉନ୍‌ସିଲ ହଲ୍‌ଠାରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବେଆଇନ ମାଂସ ଦୋକାନ ଖୋଲିଲେ ଆଇନଗତ କ'ଣ ପ୍ରାବଧାନ ରହିଛି ସେ ସମ୍ପର୍କରେ ଏଠାରେ ଆଲୋଚନା କରାଯାଇଥିଲା। ଭୁବନେଶ୍ୱରରେ ଯେଉଁଠି ସ୍ୱୀକୃତିପ୍ରାପ୍ତ କଂସେଇଖାନା ରହିଛି ତା' ନିକଟରେ ଏହି ଦୋକାନ ରହିବା ଉଚିତ। କିନ୍ତୁ ତାହା ନ ହୋଇ ମନଇଚ୍ଛା ଯିଏ ଯେଉଁଠି ପାରୁଛି ସେଠି ମାଂସ ଦୋକାନ ଖୋଲୁଛି। ହେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ବୋଲି କର୍ମଶାଳାରେ ମତପ୍ରକାଶ ପାଇଛି।



ଫିଆପୋ ପକ୍ଷରୁ ଭେଟେରିନାରି କାଉନ୍‌ସିଲ ହଲ୍‌ଠାରେ ଏକ ଦିବସୀୟ କର୍ମଶାଳା ଆୟୋଜିତ।

# 'ଆଗକୁ ବଢ଼ିବା ପାଇଁ ସଚ୍ଚୋଟତା ଆବଶ୍ୟକ'

**ଭୁବନେଶ୍ୱର, ୨।୧୧(ବ୍ୟୁରୋ)**

ଭବିଷ୍ୟତରେ ଆଗକୁ ବଢ଼ିବାକୁ ହେଲେ ଆମ ସମସ୍ତଙ୍କୁ ସଚ୍ଚୋଟତାକୁ ଆପଣେଇବାକୁ ପଡ଼ିବ। କାରଣ ସଚ୍ଚୋଟତା ଆମମାନଙ୍କ ଭବିଷ୍ୟତ ଗଠନ ସହ ଆମକୁ ଏକ ସଠିକ ମାର୍ଗରେ ପହଞ୍ଚାଇବାରେ ସହାୟତା କରିବ। ଯଦି ଯୁବପିଢି ସମାଜରେ ଆଗକୁ ବଢିବା ପାଇଁ ସଚ୍ଚୋଟତାକୁ ପାଥେୟ କରି ନିଜ ଜୀବନ ପଥ ଅତିକ୍ରମ କରିବେ ତେବେ ତାହା ହିଁ ଗାନ୍ଧୀଙ୍କ ପ୍ରତି ତାଙ୍କ ୧୫୦ତମ ଜୟନ୍ତୀର ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ବିଜେବି କଲେଜର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ ଶନିବାର ଆୟୋଜିତ 'ସଚ୍ଚୋଟତା-ଜୀବନର ଏକ ପଥ' ଆଲୋଚନାଚକ୍ରରେ ଅତିଥି ଭାବେ ସାମାଜିକ କର୍ମୀ ମଧୁସୂଦନ ଦାସ ଯୋଗଦେଇ ଏହା କହିଛନ୍ତି। ଚଳିତବର୍ଷ ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ରହିଥିବା ବିଷୟବସ୍ତୁ 'ସଚ୍ଚୋଟତା ଜୀବନର ଏକ ପଥ' ଉପରେ ଆଲୋଚନା କରାଯାଇଥିଲା। ଏହି ଆଲୋଚନାଚକ୍ରରେ ଅତିଥି ଭାବେ ବିଜେବି କଲେଜର ଅଧ୍ୟକ୍ଷା ଡ. ସୁପ୍ରଭା ପଟ୍ଟନାୟକ, ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ମୁଖ୍ୟ ଡ. ନଳିନୀ ପାତ୍ର, ସଂଯୋଜକ ମଧୁସୂଦନ ମିଶ୍ର ଏବଂ ଅଧାପିକା ରାଜଲକ୍ଷ୍ମୀ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟକ୍ଷା ପଟ୍ଟନାୟକ କହିଥିଲେ, ଛାତ୍ରୀଛାତ୍ରମାନେ ଦେଶର ଭବିଷ୍ୟତ ହୋଇଥିବାରୁ ସଚ୍ଚୋଟତାକୁ ନିଜ ଜୀବନର ବ୍ରତ ଭାବେ ନେଇ ଆଗକୁ ବଢ଼ିବା ଉଚିତ। ବିଭାଗୀୟ ମୁଖ୍ୟ ସଚ୍ଚୋଟତାକୁ ପାଥେୟ କରି ଆଗକୁ ବଢ଼ିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଭାଗୀୟ ସଂଯୋଜକ ମିଶ୍ର ନିର୍ଭୁଲ ଖବର ପ୍ରକାଶ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ବିଭାଗର ଅଧାପିକା ରାଜଲକ୍ଷ୍ମୀ ଦାସ ଧନ୍ୟବାଦ ଦେଇଥିଲେ।

### ମାର୍ବଲ ଶୋ' ରୁମ୍‌ରୁ ଚୋରି ୨୭ ହଜାର ଟଙ୍କା, ହାର୍ଡଡିସ୍କ ନେଇଗଲେ

**ଭୁବନେଶ୍ୱର, ୨।୧୧(ବ୍ୟୁରୋ)**

ଖଣ୍ଡଗିରି ଥାନା ଅଧୀନ ସୌଭାଗ୍ୟ ନଗରସ୍ଥ ଏକ ମାର୍ବଲ ଶୋ' ରୁମ୍‌ରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଶୋ'ରୁମ୍‌ର ଆଜବେଷ୍ଟସ୍ ଭାଙ୍ଗି ଦୋକାନ ଭିତରେ ପଶି କାଉଣ୍ଟରରେ ଥିବା ନଗଦ ୨୭ହଜାର ଟଙ୍କା ଓ ସିସିଟିଭି ଫୁଟେଜର ହାର୍ଡଡିସ୍କ ନେଇ ଚମ୍ପଟ ମାରିଛନ୍ତି। ଏ ନେଇ ଥାନାରେ ଦୋକାନୀ ମାଲିକ ସରୋଜ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଖଣ୍ଡଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ପତ୍ତା ମିଳିନାହିଁ। ଅଭିଯୋଗ ଅନୁଯାୟୀ, ସରୋଜ ଡେଲଟା ଛକରେ ରହୁଥିବା ବେଳେ ସୌଭାଗ୍ୟନଗର ରାସ୍ତା ପାର୍ଶ୍ୱରେ ମାର୍ବଲ ଶୋ' ରୁମ୍ କରିଛନ୍ତି। ଶୁକ୍ରବାର ରାତି ପ୍ରାୟ ୧୦ଟାରେ ସେ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତ ଦୋକାନରୁ ଚୋରି ହୋଇଥିଲା। ଶନିବାର ସକାଳେ ସରୋଜ ଦୋକାନ ଖୋଲିବାକୁ ଆସି ଏ ସମ୍ପର୍କରେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ।

### ବିଏସ୍‌ଏନ୍‌ଏଲ୍‌ର ଦୁର୍ନୀତି ନିବାରଣ ସପ୍ତାହ ଉଦ୍‌ଯାପିତ

**ଭୁବନେଶ୍ୱର,୨।୧୧**

ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ୍) ଓଡ଼ିଶା କ୍ଷେତ୍ର ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ସ୍ଥାନୀୟ ବିଏସ୍‌ଏନ୍‌ଏଲ୍ ଭବନଠାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଦୁର୍ନୀତି ନିବାରଣ ଅଧିକାରୀ ଭରତ ଚନ୍ଦ୍ର ପଣ୍ଡା ଏବଂ ନାଲ୍‌କୋର ମୁଖ୍ୟ ଦୁର୍ନୀତି ନିବାରଣ ଅଧିକାରୀ ସୋମନାଥ ହାଁସଦା ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଏସ୍‌ଏନ୍‌ଏଲ୍‌ର ବରିଷ୍ଠ ଅଧିକାରୀ ପଦ୍ମଚରଣ ନାୟକ, ପ୍ରସନ୍ନ କୁମାର ମହାପାତ୍ର, ଭିକେ ନାଇଡୁ, ତରୁଣ କୁମାର ହାଲଦାର, ଇନ୍ଦ୍ର ଗୋବିନ୍ଦ ସୋରେନ, ମନୋଜ କୁମାର ପଟେଲ, ସରୋଜ କୁମାର ବଳ ଏବଂ ଅରବିନ୍ଦ କୁମାର ପହି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# କୁଆଖାଇ ନଦୀକୂଳରେ ଛଟ୍ ପୂଜା



ନଦୀକୂଳରେ ବ୍ରତଧାରୀମାନେ ଛଟ୍ ପୂଜା ପାଳନ କରୁଛନ୍ତି।

**ବାଲିଅନ୍ତା,୨।୧୧(ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ ନହରକଣ୍ଟା ଓ ପାଣ୍ଡରାସ୍ଥିତ କୁଆଖାଇ ନଦୀକୂଳରେ ବିହାରୀ ସମ୍ପ୍ରଦାୟର ଲୋକଙ୍କ ବଡ଼ ପର୍ବ ଛଟ୍ ପୂଜା ତଥା ସୂର୍ଯ୍ୟଷଷ୍ଠୀ ବ୍ରତ ଶନିବାର ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି। ଶହଶହ ବ୍ରତଧାରୀ ଶ୍ରଦ୍ଧାଳୁ ନଦୀବନ୍ଧରେ ପଶି ଅସ୍ତଗାମୀ ସୂର୍ଯ୍ୟଦେବଙ୍କୁ ଆରଧନା କରିବା ସହ ପାଣି ଓ କ୍ଷୀରରେ ଅର୍ଘ୍ୟ ଅର୍ପଣ କରିଥିଲେ। ପାଣ୍ଡରା କୁଆଖାଇ ନଦୀକୂଳରେ ରାଷ୍ଟ୍ରୀୟ ସେବା ବିହାର ଛଟ ପୂଜା ସମିତି ଟ୍ରଷ୍ଟ ପକ୍ଷରୁ ଛଟ ପୂଜା ଆୟୋଜନ କରାଯାଇଥିଲା। ସେହିଭଳି ନହରକଣ୍ଟା କୁଆଖାଇ ନଦୀକୂଳରେ କୁଆଖାଇ ଛଟପୂଜା ସମିତି ପକ୍ଷରୁ ଛଟପୂଜା ପାଳିତ ହୋଇଯାଇଛି। ରାଜଧାନୀ ଓ ଏହାର ଆଖପାଖରେ ରହୁଥିବା ବିହାର ସମ୍ପ୍ରଦାୟର ମହିଳା ଓ ପୁରୁଷମାନେ ନଦୀକୂଳକୁ ଆସି ବାଲିରେ ଆଖୁ ଓ କଦଳୀ ଗଛ ପୋତି ଛଟ୍ ମାତାଙ୍କୁ ଆରାଧନା କରିଥିଲେ। ନୂଆ କୁଲାରେ ଆଣିଥିବା ଫଳମୂଳ ପିଠା ଆଦି ରଖି ଦୀପ ଲଗାଇ ମାତା ଓ ସୂର୍ଯ୍ୟଦେବଙ୍କୁ ଉପାସନା କରିଥିଲେ।

# ସ୍ୱେରେଜ ଟାଙ୍କି ଫାଟି ବୁଡ଼ିଲା ରଥଦାଣ୍ଡ

**ପୁରୁଣା ଭୁବନେଶ୍ୱର, ୨।୧୧ (ଡି.ଏନ୍.ଏ.)**

ଶନିବାର ଅପରାହ୍ନ ୪ଟାରେ ପୁରୁଣା ଭୁବନେଶ୍ୱରସ୍ଥିତ ମାଉସୀ ମା' ଛକ ନିକଟ ରାମେଶ୍ୱରର ସ୍ୱେରେଜ ଟାଙ୍କି ଫାଟି ଯାଇଥିଲା। ଫଳରେ ମଇଳା ଦୁର୍ଗନ୍ଧ ପାଣି ରଥଦାଣ୍ଡ ଦେଇ ବୋହିଥିଲା। ମାଉସୀ ମା' ଟ୍ରାଫିକ୍ ଛକରେ ଟ୍ରାଫିକ ପୋଲିସ ମାସ୍କପିନ୍ଧି ଟ୍ରାଫିକ ପରିଚାଳନା କରିଥିଲେ। ଲୋକେ ନାକରେ ରୁମାଲ ଦେଇ ମଇଳା ପାଣିରେ ଚାଲିବାକୁ ବାଧ ହୋଇଥିଲେ। ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ମରାମତି ନ ହେବାରୁ ରାମେଶ୍ୱର ମନ୍ଦିର ଆସିଥିବା ଅନେକ ଶ୍ରଦ୍ଧାଳୁ ଫେରି ଯାଉଥିଲେ। ମଇଳାପାଣି ମାଉସୀ ମା' ଛକ, ବାରିକସାହି ପର୍ଯ୍ୟନ୍ତ ମାଡି ଥିବାବେଳେ ଏପଟେ ବିବେକାନନ୍ଦମାର୍ଗ ରାସ୍ତାର ରାମକୃଷ୍ଣ ମଠ ପର୍ଯ୍ୟନ୍ତ ପାଣି ମାଡ଼ିଥିଲା। ପିସିଆର ଭ୍ୟାନ ପହଞ୍ଚି ଟ୍ରାଫିକ୍ ନିୟନ୍ତ୍ରଣ କରିବାରେ ନାକେଦମ ହୋଇଥିଲା। ହେଲେ ଏହା କେଉଁ ଥାନା ଓ କେଉଁ ଡ଼ିଭିଜନରେ ଯାଉଛି ସେ ନେଇ ପୋଲିସ୍ ଫୋନ ଯୋଗେ ଅନୁସନ୍ଧାନ ଚଳାଉଥିବା ଦେଖିବାକୁ ମିଳିଥିଲା।

# ଶିଶୁ ଅଧିକାର ସୁରକ୍ଷା ଅପରିହାର୍ଯ୍ୟ

**ଭୁବନେଶ୍ୱର, ୨।୧୧(ବ୍ୟୁରୋ)**

ସମୁନ୍ନତ ସମାଜ ଗଠନ ପାଇଁ ଶିଶୁମାନଙ୍କ ଅଧିକାରର ସୁରକ୍ଷା ଅପରିହାର୍ଯ୍ୟ। ଶିଶୁର ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଓ ବଞ୍ଚିବା ପାଇଁ ଅନୁକୂଳ ପରିବେଶ ନିର୍ମାଣ ଶିଶୁ ଅଧିକାର ଅନ୍ତର୍ଭୁକ୍ତ ଅଟେ। ଏ ଦିଗରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଶକ୍ତିଗୁଡ଼ିକୁ ପ୍ରତିହତ କରାଯିବା ଆବଶ୍ୟକ ବୋଲି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ନବମ ପ୍ରତିଷ୍ଠା ଦିବସ ସମାରୋହ ଓ ଦୁଇଦିନିଆ କର୍ମଶାଳାର ଉଦ୍‌ଯାପନ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି।

କିଟ୍‌ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ରାଜ୍ୟରେ ମୋଟ ବ୍ୟୟର ପ୍ରାୟ ୧୫%ରୁ ଉର୍ଦ୍ଧ୍ୱ ଶିଶୁମାନଙ୍କ ନିମନ୍ତେ ଖର୍ଚ୍ଚ କରାଯାଉଥିବାବେଳେ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ସେମାନଙ୍କ ପାଇଁ ଶତାଧିକ ଯୋଜନା କାର୍ଯ୍ୟକାରୀ ହେଉଛି। ଶିଶୁ ଅଧିକାର ସୁରକ୍ଷା ନିମନ୍ତେ ସମାଜର ସବୁବର୍ଗର ଲୋକେ ସଚେତନ ଓ କ୍ରିୟାଶୀଳ ରହିବା ବାଞ୍ଛନୀୟ ବୋଲି ମନ୍ତ୍ରୀ କହିଥିଲେ। ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଯୋଗଦେଇ ଗୋଟିଏ ସମୃଦ୍ଧ ଭବିଷ୍ୟତ ନିମନ୍ତେ ଶିଶୁମାନଙ୍କ ସବୁମତେ ବିକାଶ ପାଇଁ ସମସ୍ତେ ଅଂଶୀଦାର ଭାବେ କାର୍ଯ୍ୟ କରିବା ଉଚିତ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂହ, ବରିଷ୍ଠ ପୋଲିସ ପ୍ରଶାସକ ସନ୍ତୋଷ ଉପାଧ୍ୟାୟ, ରାଜ୍ୟ ଶ୍ରମ କମିଶନର ନିରଞ୍ଜନ ସାହୁ, 'ଓପେପା' ଅତିରିକ୍ତ ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ଦାସ ଯୋଗଦେଇ ଶିଶୁ ଅଧିକାର ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ସଚେତନତା ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ବିଭାଗ, ବିଶେଷ କରି ବିଦ୍ୟାଳୟ ଓ ଗଣଶିକ୍ଷା ତଥା ଉଚ୍ଚଶିକ୍ଷା ବିଭାଗର ସମନ୍ୱିତ କାର୍ଯ୍ୟକ୍ରମ ଜରିଆରେ ଶିଶୁ ଅଧିକାର ସୁରକ୍ଷା ନେଇ ଏକାଧିକ ଫଳପ୍ରଦ ବ୍ୟବସ୍ଥାର ସଫଳ ରୂପାୟନ ସମ୍ଭବ ହୋଇପାରିବ ବୋଲି ସେ ଆଶାପ୍ରକଟ କରିଥିଲେ। ଏହି ଅବସରରେ ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗର ଶିଶୁ ଅଧିକାରୀ ସୁରକ୍ଷା ଆୟୋଗ ସଦସ୍ୟମାନଙ୍କ ସମେତ ଆକ୍ସନ୍ ଏଡ୍ ଏବଂ ସେଭ୍ ଦି ଚିଲ୍ଡ୍ରେନ୍ ସଙ୍ଗଠନର କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା। ରାଜ୍ୟର କେତେକ ଶିଶୁ ଅଧିକାର ପ୍ରବକ୍ତା, କର୍ମୀ, ବିଭିନ୍ନ ଶିକ୍ଷାନୁଷ୍ଠାନ, ପ୍ରତିଭାବାନ୍ ଶିଶୁ ଧାବକ, ଅଭିନେତ୍ରୀ ଓ ମଡେଲମାନଙ୍କୁ ମଧ୍ୟ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା।

■ସହର ସ୍ୱଚ୍ଛତା ନେଇ ବିଏମ୍‌ସିର କଡ଼ା ଆଭିମୁଖ୍ୟ

# ସଫେଇ ସଂସ୍ଥା ଲାୟନ୍ସକୁ କାର୍ଯ୍ୟ ବନ୍ଦ ନିର୍ଦ୍ଦେଶ

**ଭୁବନେଶ୍ୱର, ୨।୧୧(ବ୍ୟୁରୋ)**

ସହରର ପରିମଳ ବ୍ୟବସ୍ଥା ଉପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେଉଛି। ଆଗକୁ ସ୍ୱଚ୍ଛ ସର୍ବେକ୍ଷଣ ଥିବାରୁ ଚଳିତବର୍ଷ ଏ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିବାକୁ ବିଏମ୍‌ସି ଅଣ୍ଟା ଭିଡ଼ିଛି। ଏହି ପରିପ୍ରେକ୍ଷୀରେ ସହରର ପରିମଳ ଦାୟିତ୍ୱରେ ଥିବା ବିଭିନ୍ନ ଘରୋଇ ସଂସ୍ଥାକୁ ବିଏମ୍‌ସି ତାଗିଦ୍ କରିବା ସହ ସ୍ୱଚ୍ଛତା ବଜାୟ ରଖିବା ଲାଗି ନିର୍ଦ୍ଦେଶ ଦେଇଛି। ଏହି ମର୍ମରେ କାର୍ଯ୍ୟରେ ଅହେତୁକ ଅବହେଳା ପାଇଁ ମେକାନିକାଲ ସୁଇପିଂ ସଂସ୍ଥା 'ଲାୟନ୍ସ'କୁ ସଫେଇ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ୩୦ ତାରିଖରେ ଉକ୍ତ ସଂସ୍ଥାକୁ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଏହି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ସହର ପରିମଳ ଦାୟିତ୍ୱରେ ଥିବା ଡେପୁଟି କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି, 'ଲାୟନ୍ସ'ର ଖରାପ କାର୍ଯ୍ୟଶୈଳୀ ପାଇଁ ତାକୁ ବିଏମ୍‌ସି ବାଦ୍ ଦେବାକୁ ସ୍ଥିର କରିଛି। ଗତ ଦୁର୍ଗାପୂଜାରେ ସଫେଇ କାର୍ଯ୍ୟ ଓ ମାନବ ସମ୍ବଳ ସ୍ଥିତି ପରଖିବା ପରେ ବିଏମ୍‌ସି ଏହି ପଦକ୍ଷେପ ନେଇଛି। ବର୍ତ୍ତମାନ ସହରର କିଛି ସ୍ଥାନରେ ଉକ୍ତ ସଂସ୍ଥା ଦ୍ୱାରା ସଫେଇ ଚାଲିଛି। କିନ୍ତୁ ଆସନ୍ତା ୩୦ ତାରିଖ ପରଠାରୁ ତାକୁ କାର୍ଯ୍ୟରେ ନିୟୋଜିତ କରାଯିବ ନାହିଁ। ଘରୋଇ ଠିକା ସଂସ୍ଥା 'ଜାଗୃତି' ସମ୍ପୃକ୍ତ ଦାୟିତ୍ୱ ହାତକୁ ନେବ। ରାସ୍ତା ଓ ଫୁଟପାଥ୍ ଦୁଇଟି ସ୍ଥାନକୁ 'ଜାଗୃତି' ସଫେଇ କରିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୧୮ ଅକ୍ଟୋବର ୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ 'ମେକାନିକାଲ ସୁଇପିଂ ଯୋଜନା' ଆରମ୍ଭ ହୋଇଥିଲା। ଲାୟନ୍ସ ସମେତ ଆଉ ଏକ ଘରୋଇ ଠିକା ସଂସ୍ଥାକୁ ୩ବର୍ଷ ପାଇଁ ସଫେଇ ଦାୟିତ୍ୱ ଦିଆଯାଇଥିଲା। ପ୍ରାରମ୍ଭରେ ମାତ୍ର ୪ଟି ଗାଡ଼ି ଦ୍ୱାରା ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ କେବଳ ସହରର ମୁଖ୍ୟ ରାସ୍ତା ସଫେଇ କରାଯାଉଥିଲା। ସମୟାନୁକ୍ରମେ ଗାଡ଼ି ସଂଖ୍ୟା ବଢିଥିଲା, ମାତ୍ର ଘରୋଇ ସଂସ୍ଥା 'ଲାୟନ୍ସ' କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରି ନ ଥିଲା। ଫଳରେ କାର୍ଯ୍ୟରେ ଅବହେଳା ପରିଲକ୍ଷିତ ହୋଇଥିଲା। ସଫେଇ ଠିକ୍ ଭାବେ ହେଉ ନ ଥିଲା। ଏଥିପାଇଁ ବିଏମ୍‌ସି ଏବେ ଲାୟନ୍ସକୁ କାର୍ଯ୍ୟବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି।




ରାସ୍ତା ସଫା କରୁଥିବା ଗାଡ଼ି।

# ସଫଳତାର ଚାବି

ସ୍ୱରୋଜଗାରକ୍ଷମ ହେବାକୁ କିଏ ବା ନ ଚାହେଁ । ତେବେ ନିଜକୁ ସ୍ୱରୋଜଗାରକ୍ଷମ କରି ସଫଳତା ମାର୍ଗରେ ଆଗେଇବାକୁ ହେଲେ କେବଳ ଉଚ୍ଚଶିକ୍ଷା ଗ୍ରହଣ କରି ବଡ଼ ବଡ଼ ଡିଗ୍ରୀ ସାର୍ଟିଫିକେଟ୍ ହାସଲ କରିବା ଏହାର ଏକମାତ୍ର ମାପକାଠି ନୁହେଁ ବରଂ ଏହା ସହ ସବୁଠୁ ଅଧିକ ଆବଶ୍ୟକ ହୋଇଥାଏ ନୂତନ ଜ୍ଞାନକୌଶଳରେ ଦକ୍ଷତା...







ବର୍ତ୍ତମାନର ପ୍ରତିଯୋଗିତାମୂଳକ ଯୁଗରେ ଦିନକୁ ଦିନ ବେକାର ସମସ୍ୟା ଯେଉଁଭଳି ବଢ଼ିବାରେ ଲାଗିଛି ସେଥିରେ ଭଲ ଜବ୍ କରି ଆଗକୁ ବଢ଼ିବା କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ । ତେବେ ଏଭଳି ପରିସ୍ଥିତିରେ ସ୍ୱରୋଜଗାରକ୍ଷମ ହେବା ଲାଗି କେବଳ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ହିଁ ଯଥେଷ୍ଟ ତା' ନୁହେଁ ବରଂ ନୂତନ ଜ୍ଞାନକୌଶଳ ଉପରେ ଦକ୍ଷତା ଅଧିକ ଉପଯୋଗୀ । ତେଣୁ ନିଜକୁ ଆତ୍ମନିର୍ଭରଶୀଳ ଓ ରୋଜଗାରକ୍ଷମ କରିବାକୁ ହେଲେ ସବୁବେଳେ ନୂଆ ନୂଆ କୌଶଳ ଶିଖିବା ଆବଶ୍ୟକ...

**କୋର୍ସ କରନ୍ତୁ:** ବର୍ତ୍ତମାନ ଯେକୌଣସି କ୍ଷେତ୍ରରେ ଦକ୍ଷତା ହାସଲ କରିବାକୁ ହେଲେ ଆଉ ଡର ନାହିଁ । କାରଣ ପ୍ରତ୍ୟେକ କାର୍ଯ୍ୟ ଶିଖିବା ଲାଗି ବିଭିନ୍ନ ଶର୍ଟ ଟର୍ମ ଏବଂ ଲଙ୍ଗ ଟର୍ମ କୋର୍ସ ସହିତ ପ୍ରାକ୍ଟିକାଲ୍ ଟ୍ରେନିଂ ମଧ୍ୟ ଦିଆଯାଉଛି । ତେଣୁ ବର୍ଷ ବର୍ଷ ଧରି ଜବ୍ ପାଇବା ଲାଗି ଧାଇଁବା ଅପେକ୍ଷା ନିଜ ରୁଚିକୁ ସମ୍ମାନ ଦେଇ ସେଥିରେ ନିଜର ଦକ୍ଷତା ପ୍ରତିପାଦନ କରିବାକୁ ଚେଷ୍ଟା କଲେ ସ୍ୱରୋଜଗାରକ୍ଷମ ହେବା ସହ ଅଧିକ ସଫଳ ହୋଇପାରିବେ । ବର୍ତ୍ତମାନ ଅନ୍‌ଲାଇନ୍‌ରେ ମଧ୍ୟ ବିଭିନ୍ନ କୋର୍ସ ଏବଂ ତାଲିମ କ୍ଲାସ ଉପଲବ୍ଧ । ଆପଣ ଚାହିଁଲେ ଏହାର ସାହାଯ୍ୟ ମଧ୍ୟ ନେଇପାରିବେ ।

**ଅଧିକରୁ ଅଧିକ ଶିଖନ୍ତୁ:** ଯେବେ ବି ଫାଙ୍କା ସମୟ ମିଳୁଛି କିଛି ନୂଆ ନୂଆ ଜ୍ଞାନ କୌଶଳ ଶିଖିବାକୁ ଚେଷ୍ଟା କରନ୍ତୁ । ଯଦି ଆପଣ କେଉଁଆଡ଼େ ଯାଇ କୋର୍ସ କରିବାକୁ ସୁବିଧା ପାଉନାହାନ୍ତି ତେବେ ଏଥିପାଇଁ ବର୍ତ୍ତମାନ ଇଣ୍ଟରନେଟ୍ ସବୁଠୁ ଭଲ ବିକଳ୍ପ ସାଜିଛି । ଏଥିରୁ ଅଡିଓ ଭିଜୁଆଲ୍‌ରେ ଉଭୟ ଥିଓରୀ ଏବଂ ପ୍ରାକ୍ଟିକାଲ ଜ୍ଞାନ ପାଇପାରିବେ । ତା'ଛଡା ଏକ୍ସପର୍ଟମାନଙ୍କ ଦ୍ୱାରା ନିଜ ସମସ୍ୟାର ସରଳ ସମାଧାନ ବି ପାଇପାରିବେ । ଯେତେ ଅଧିକ ଜ୍ଞାନକୌଶଳ ଶିଖିବେ ତାହା ଜୀବନରେ ଆଗକୁ ବଢ଼ିବାରେ ସେତେ ଅଧିକ ସହଯୋଗ କରିବ ।

**ଅବସରର ସଦୁପଯୋଗ କରନ୍ତୁ:** ଜୀବନରେ କିଛି ଭିନ୍ନ କରି ନିଜ ଦକ୍ଷତା ପ୍ରତିପାଦନ କରିବାର ସୁଯୋଗ ସବୁବେଳେ ମିଳେନି । ତେଣୁ ଯେବେବି ଏଭଳି କିଛି ଅବସର ମିଳେ ତା'କୁ ଅଣଦେଖା ବା ହାତଛଡା ନ କରି ଏହାର ସଦୁପଯୋଗ କରନ୍ତୁ । ବର୍ତ୍ତମାନ ସରକାରୀ ସ୍ତରରୁ ହେଉ କିମ୍ବା ଅନ୍ୟାନ୍ୟ ବଡ଼ ବଡ଼ ସଂସ୍ଥା ପକ୍ଷରୁ ବିଭିନ୍ନ ସ୍କିଲ୍ ଡେଭେଲପ୍‌ମେଣ୍ଟ ପ୍ରୋଗ୍ରାମମାନ ଆୟୋଜନ କରାଯାଇ ମାଗଣାରେ ତାଲିମ ଦିଆଯାଉଛି । ଏଭଳି କୌଣସି ସୁଯୋଗ ମିଳିଲେ ଶିଖିବାର ମଉକା ଛାଡନ୍ତୁ ନାହିଁ ।

**ଶିଖିବା ଜାରି ରଖନ୍ତୁ:** କେବେକେବେ କେତେଜଣ ସାମାନ୍ୟ ସଫଳତାରେ ସନ୍ତୁଷ୍ଟ ହୋଇଯାଆନ୍ତି ତ ଆଉ କେତେଜଣ ଏହାକୁ ନିଜର ସବୁଠୁ ବଡ ସଫଳତା ଭାବି ନେଇ ବସିଯାଆନ୍ତି । ହେଲେ ଏପରି ନ କରି ଯେବେବି ସୁବିଧା ହେଉଛି ନୂଆ ନୂଆ ଜ୍ଞାନ କୌଶଳ ଶିଖିବା ଜାରି ରଖନ୍ତୁ । କାରଣ ଏସବୁ ଜୀବନରେ କେବେ ନା କେବେ ଖୁବ୍ କାମରେ ଆସିଥାଏ ।

**ଅନ୍ୟର ସାହାଯ୍ୟ ନିଅନ୍ତୁ:** ସାହାଯ୍ୟ ଅର୍ଥ ନୁହେଁ କେବଳ କାହାଠାରୁ ଆର୍ଥିକ କିମ୍ବା ଶାରୀରିକ ସାହାଯ୍ୟ ନେବା । ଏଠାରେ ସାହାଯ୍ୟ ଅର୍ଥାତ୍ ବିଭିନ୍ନ ଦିଗରେ ନିଜର ଦକ୍ଷତା ପ୍ରତିପାଦନ କରିଥିବା ବ୍ୟକ୍ତିଙ୍କ ଠାରୁ ଏ ସମ୍ପର୍କରେ ଅଧିକ ଜାଣିବାକୁ ଚେଷ୍ଟା କରନ୍ତୁ ଏବଂ କିପରି ନିଜ ସ୍କିଲ୍ ବଢ଼ାଇପାରିବେ ଏବଂ ଅଧିକ ରୋଜଗାର କରିପାରିବେ ସେ ସମ୍ପର୍କରେ ଜାଣିବାରେ ସାହାଯ୍ୟ ନିଅନ୍ତୁ ।



## କ'ଣ କୁହନ୍ତି ଏମାନେ...



**ସୌମ୍ୟ ରଞ୍ଜନ**
(ଗ୍ରାଫିକ୍ସ ଡିଜାଇନର, ମ.ରାମପୁର, କଳାହାଣ୍ଡି)– ସଭିଙ୍କ ଭଳି ସ୍ୱରୋଜଗାରକ୍ଷମ ହେବାର ଇଚ୍ଛା ମୋର ବି ଥିଲା । ହେଲେ ଏଥିପାଇଁ କୌଣସି ଏକ ନିର୍ଦ୍ଦିଷ୍ଟ ଜବ୍ ନୁହେଁ ବରଂ କିଛି ଭିନ୍ନ ଦିଗରେ ନିଜର ଦକ୍ଷତା ପ୍ରମାଣିତ କରିବାକୁ ଚାହୁଁଥିଲି । ତେଣୁ ମଲ୍ଟିମିଡିଆ ଆଣ୍ଡ ଆନିମେଶନରେ ଡିପ୍ଲୋମା କରି ଜଣେ ଗ୍ରାଫିକ୍ ଡିଜାଇନର ଭାବେ କାର୍ଯ୍ୟ କରୁଛି । ତା'ଛଡା ଫଟୋଗ୍ରାଫିରେ ଥିବା ରୁଚି ମୋତେ ସଫଳତାର ସ୍ୱାଦ ଚଖାଇଛି । ବର୍ତ୍ତମାନ ଜଣେ ପ୍ରୋ ଫଟୋଗ୍ରାଫର ଭାବେ କାର୍ଯ୍ୟ କରିବା ସହ ବିଭିନ୍ନ ବଡ ବଡ କମ୍ପାନୀ ପକ୍ଷରୁ ମୋତେ ଫଟୋଗ୍ରାଫି ଲାଗି ଅଫର ମିଳୁଛି ।



**ଲିଙ୍ଗରାଜ ସେଠୀ**
(ଯୁବ ଉଦ୍ୟୋଗୀ ଓ ସୂଚନା ପ୍ରଯୁକ୍ତି ବିଶେଷଜ୍ଞ, ଭୁବନେଶ୍ୱର)– ଆଜିର ସମାଜରେ ନିଯୁକ୍ତି ପଛରେ ନ ଗୋଡାଇ ନିଜକୁ ସାହସୀ ଓ ସଶକ୍ତ କରି ନିଜେ ନିଯୁକ୍ତି କ୍ଷେତ୍ରରେ ସ୍ରଷ୍ଟା ହେବା ହିଁ ସଫଳତାର ଚାବିକାଠି ବୋଲି ମୁଁ ଭାବେ । ନିଜ କଥା କହିବି– ଇନଫର୍ମେଶନ ଟେକ୍ନୋଲୋଜି କ୍ଷେତ୍ରରେ କାର୍ଯ୍ୟ କରି ବର୍ତ୍ତମାନ ବେଶ୍ ଭଲ ଇନ୍‌କମ୍ କରିପାରୁଛି । ସାଇବର କ୍ରାଇମ୍ କ୍ଷେତ୍ରରେ ମଧ୍ୟ ଜ୍ଞାନ ଆହରଣ କରିଥିବାରୁ ବିନା ସ୍ୱାର୍ଥ ଓ ଅର୍ଥରେ ପୋଲିସ ବିଭାଗକୁ ସହଯୋଗ ବି କରିପାରୁଛି । ତା'ଛଡା ଏସ୍‌ସିଏସ୍ ଲାବ୍ ଏବଂ ଫରାଟିଭ ଡିଜିଟେକ୍ ନାମକ ଦୁଇଟି କମ୍ପାନୀ କରି ୬୦ରୁ ୭୦ ଜଣ ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି ମଧ୍ୟ ଦେଇପାରିଛି ।

ଯୁବ ପ୍ରତୀଭା

# ସମାଜ ସେବାରେ ବ୍ରତୀ ରାଜେଶ



ରାଜେଶ

ସମାଜ ସେବାକୁ ସେ ଜୀବନର ଲକ୍ଷ୍ୟ ଭାବେ ବାଛି ନେଇଛନ୍ତି । ଆଉ ଆଜି ସେ ସମାଜରେ ନିଷ୍ପେଷିତ ଅନାଥ ଶିଶୁ, ଅସହାୟ ଏବଂ ରୋଗୀଙ୍କ ଲାଗି ସାଜିଛନ୍ତି ଦେବଦୂତ । ସେ ହେଉଛନ୍ତି ଯାଜପୁର ଜିଲା ବ୍ୟାସନଗରରେ ରହୁଥିବା ମା' ରୁକ୍ମିଣୀ ଏବଂ ବିଶ୍ୱନାଥ ରାଉତଙ୍କ ପୁଅ ରାଜେଶ କୁମାର (ଟିକିନା) । ଛାତ୍ର ଜୀବନରୁ ହିଁ ସେ ଜନସେବା ପାଇଁ ଅଣ୍ଟା ଭିଡିଥିଲେ । ଯୁକ୍ତ ଦୁଇ ପଢ଼ିବା ବେଳେ ଏହାକୁ ସେ କାର୍ଯ୍ୟରେ କରି ଦେଖାଇଥିଲେ । ପାଠ ପଢ଼ା ପରେ ଚାକିରି ପଛରେ ନ ଗୋଡ଼ାଇ ସମାଜସେବାକୁ ଆପଣେଇ ନେଲେ । ଧୀରେ ଧୀରେ ନିଜେ ରକ୍ତଦାନ କରିବା ସହ 'ରକ୍ତଦାତା ଜୀବନଦାତା' ନାମକ ଏକ ସଂଗଠନ କରି ଅନ୍ୟର ପ୍ରାଣ ରକ୍ଷା ଲାଗି ରକ୍ତ ଦେବାପାଇଁ ବିଭିନ୍ନ ଯୁବସମାଜକୁ ଆହ୍ୱାନ ଦେଲେ । ବର୍ତ୍ତମାନ ସେ ୩୦ ଜଣ ଥାଲାସେମିଆ ରୋଗୀଙ୍କ ଜୀବନ ବଞ୍ଚାଇ ରଖିବା ଲାଗି ଦୃଢ଼ ସଂକଳ୍ପ ନେଇ ରକ୍ତ ସଂଗ୍ରହ କରି ଯଥା ସମୟରେ ଯୋଗାଇ ଦେଉଛନ୍ତି । ଯାଜପୁର ଜିଲାର ୧୦ଟି ବ୍ଲକ୍‌ରେ ରକ୍ତଦାନ ଶିବିର କରି ରୋଗୀମାନଙ୍କୁ ରକ୍ତ ଯୋଗାଉଛନ୍ତି । ରାଜ୍ୟ ସରକାରଙ୍କ ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ମଧ୍ୟ ତାଙ୍କର ସହଯୋଗ ରହିଛି । ଯାଜପୁର ରୋଡ ଡାକ୍ତରଖାନାରେ ରୋଗୀମାନଙ୍କୁ ଚିକିତ୍ସା ସୁବିଧା ଓ ଔଷଧପତ୍ର ଯୋଗାଇଦେବା ଆଦି କାର୍ଯ୍ୟ ନିଜେ କରିବା ସହ ସ୍ଥାନୀୟ ଯୁଥ୍ କ୍ଲବ୍ ଦି ଯୁଥ୍ ମାସ୍‌କୁ ବି ସହଯୋଗ କରୁଛନ୍ତି । ଯଦି କେହି ବ୍ୟକ୍ତି ହଠାତ୍ ଜାତୀୟ ରାଜପଥରେ କିମ୍ବା ଟ୍ରେନ୍ ଧକ୍କାରେ ଆହତ ହୁଅନ୍ତି ତେବେ ତୁରନ୍ତ ସେ ତାଙ୍କୁ ନେଇ ଚିକିତ୍ସା କରାଇଥାନ୍ତି । ଅନାଥ ଶିଶୁମାନଙ୍କୁ ଉଦ୍ଧାର କରି ଜିଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ହସ୍ତାନ୍ତର କରିଥାନ୍ତି । ସେମାନଙ୍କୁ ପାଠ ପଢିବା ଲାଗି ବହିପତ୍ର ଯୋଗାଇ ଦିଅନ୍ତି । ରାସ୍ତାରେ କୌଣସି ଅଚିହ୍ନା ଶବ ପାଇଲେ ତା'ର ସତ୍କାର ବ୍ୟବସ୍ଥା କରନ୍ତି । ସେ ପରିବେଶ ପ୍ରଦୂଷଣ ରୋକିବା ଲାଗି ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟ କରି ଅନେକ ପୁରସ୍କାର ମଧ୍ୟ ପାଇଛନ୍ତି । ସମାଜକୁ ନିଶାମୁକ୍ତ କରିବା ପାଇଁ ନିଶାମୁକ୍ତ ଅଭିଯାନ କରି ଜନସଚେତନତା ସୃଷ୍ଟି କରୁଛନ୍ତି । କେବଳ ଡାକ୍ତରଖାନାକୁ ଯାଇ ନୁହେଁ ବିଭିନ୍ନ ଆଦିବାସୀ ସାହିକୁ ଯାଇ ରୋଗୀଙ୍କ ସେବା ଶୁଶ୍ରୂଷା କରିବା ସହ ସେମାନଙ୍କ ପିଲାଙ୍କୁ ପାଠ ପଢାଇବା ପାଇଁ ସଚେତନତା ସୃଷ୍ଟି ମଧ୍ୟ କରୁଛନ୍ତି । ଅନେକ ମାନସିକ ବିକୃତ ବ୍ୟକ୍ତିଙ୍କୁ ଉଦ୍ଧାର କରି ସେମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଛନ୍ତି । ଭୋକିଲା ଲୋକଙ୍କ ମୁହଁରେ ଦାନା ଦେବା ସହ ବିଭିନ୍ନ ସାମାଜିକ ଅନୁଷ୍ଠାନରେ କାର୍ଯ୍ୟ କରି ସୁନାମ ପାଇଛନ୍ତି । ଏଭଳି ସମାଜଧର୍ମୀ କାର୍ଯ୍ୟ ଲାଗି ବର୍ତ୍ତମାନ ସୁଦ୍ଧା ଜିଲା ଏବଂ ଜିଲା ବାହାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୪୦ଟି ମାନପତ୍ର ଓ ସମ୍ବର୍ଦ୍ଧନା ପାଇସାରିଥିବା ରାଜେଶ ଏହି କାର୍ଯ୍ୟ ତାଙ୍କୁ ଆତ୍ମସନ୍ତୋଷ ପ୍ରଦାନ କରୁଥିବା ପ୍ରକାଶ କରନ୍ତି ।



ପୁରସ୍କାର ଗ୍ରହଣ ଅବସରରେ ରାଜେଶ ।

–ଅଭିମନ୍ୟୁ ମିଶ୍ର

## ଏ ସପ୍ତାହର ପ୍ରଶ୍ନ

୧– ଭିଜିଲାନ୍ସ ଆୱାରନେସ୍ ୱିକ୍ ୨୦୧୯ର ଥିମ୍ .................... ?
୨– ଏ ବର୍ଷ ଧନ୍‌ତେରସ୍‌ରେ...............ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଆରମ୍ଭ କରାଯାଇଛି ?
୩– ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇକୋନୋମିକ୍ ଷ୍ଟଡିଜ୍ ପକ୍ଷରୁ ଉଦ୍ୟୋଗ ରତ୍ନ ଆୱାର୍ଡ–୨୦୧୯.......... ଙ୍କୁ ମିଳିଛି ?
୪– 'ଟେନ୍ ଷ୍ଟଡିଜ୍ ଇନ୍ କଶ୍ମୀର: ହିଷ୍ଟୋରି ଆଣ୍ଡ ପଲିଟିକ୍‌ସ' ପୁସ୍ତକର ଲେଖକ......... ?
୫– ଡିଏସ୍‌ସିଆଇର ଫୁଲ୍‌ଫର୍ମ ............... ?

## ଗତ ଥରର ଉତ୍ତର

୧ ଆବୁଧାବି
୨ ଦୂତୀ ଚାନ୍ଦ
୩ ଲଭ୍ ୟୋର୍ ବୋନ୍ସ ଆଣ୍ଡ ପ୍ରୋଟେକ୍ଟ ୟୋର୍ ଫ୍ୟୁଚର
୪ ଆସାମ
୫ ଅକ୍ଟୋବର ୨୩

## ଉତ୍ତର ଦାତା



ଶେଖ୍ ୟାକୁବ୍, ଗୋପ



ବିଭୂତି ଭୂଷଣ ଦାସ, ଭୁବନେଶ୍ୱର



କରିଶ୍ମା ମହାନ୍ତି, ଫୁଲବାଣୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

ୟୁ | ଥ୍ | ଆ | ଲ | ର୍ଟ

# ରୁହନ୍ତୁ ଫିଟ୍

ବର୍ତ୍ତମାନ କାର୍ଯ୍ୟ ବ୍ୟସ୍ତତା, ଚାପଯୁକ୍ତ ଜୀବନଶୈଳୀ, ଅସନ୍ତୁଳିତ ଖାଦ୍ୟାଭ୍ୟାସ ଅଧିକାଂଶ ଯୁବତୀଯୁବକଙ୍କ ଠାରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି । ତେଣୁ ଏସବୁକୁ ସୁଧାରିବା ସହ ପ୍ରତିଦିନ କିଛି ସମୟ ପ୍ରାଣାୟାମ କରିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ । ଜାଣି ରଖନ୍ତୁ ଏହାର ବିଭିନ୍ନ ଉପକାରିତା ସମ୍ପର୍କରେ...



– ପ୍ରାଣାୟାମ କରିବା ଦ୍ୱାରା ରକ୍ତରେ ଅମ୍ଳଜାନ ମିଶି ଶରୀରର ପ୍ରତିଟି ଅଂଶକୁ ପହଞ୍ଚି ରିଲାକ୍ସ କରିଥାଏ । ବିଶେଷ କରି ଶୀତଦିନେ ବାହାର ପବନ ବାଜି ହେଉଥିବା ଥଣ୍ଡା, କାଶ ଆଦି ଦୂର କରିବାରେ ଏହା ସାହାଯ୍ୟ କରେ ।

– ଏହାଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଠିକ୍‌ଭାବେ ହୋଇଥାଏ, ଯାହାକି ହୃତ୍‌ପିଣ୍ଡ, ଫୁସ୍‌ଫୁସ୍ ଏବଂ ମସ୍ତିଷ୍କକୁ ସୁସ୍ଥ ରଖିଥାଏ । ଏହା ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାରିବାରେ ସାହାଯ୍ୟ କରିଥାଏ ।

– ବ୍ଲଡ୍ ପ୍ରେସର, ଡାଇବେଟିସ୍, ଡିପ୍ରେଶନ୍, ଶ୍ୱାସ ଭଳି ରୋଗଠୁ ଦୂରେଇ ରହିବା ଲାଗି ପ୍ରାଣାୟାମ ବେଶ୍ ଉପକାରୀ ।

– ପ୍ରାଣାୟାମ କରିବା ଦ୍ୱାରା କ୍ଷରଣ ହେଉଥିବା ହର୍‌ମୋନ ଶରୀରକୁ ଉର୍ଜା ପ୍ରଦାନ କରିବା ସହ ଫୁର୍ତ୍ତି ରଖିଥାଏ ।

– ଏହା ସୌନ୍ଦର୍ଯ୍ୟ ବୃଦ୍ଧିରେ ବି ସାହାଯ୍ୟ କରିଥାଏ । ଏହାଦ୍ୱାରା ତ୍ୱଚା ପୂର୍ବାପେକ୍ଷା ଅଧିକ ଗ୍ଲୋ କରିଥାଏ ଏବଂ କେଶ ଝଡିବା କମ୍ ହୋଇ ଅଧିକ ଘନ ଓ ସୁନ୍ଦର ଲାଗିଥାଏ ।

– ବର୍ତ୍ତମାନ ଅଧିକ ରାତିଯାଏ ନ ଶୋଇବା, ଫାଷ୍ଟଫୁଡ୍, ଜଙ୍କଫୁଡ୍ ଆଦି ଖାଇବା ଯୋଗୁ ଅନେକଙ୍କ ଠାରେ ବଦହଜମି, ଗ୍ୟାସ୍, ଏସିଡିଟି ଭଳି ସମସ୍ୟା ଦେଖିବାକୁ ମିଳୁଛି । ତେଣୁ ପ୍ରାଣାୟାମ କରିବା ଦ୍ୱାରା ଶରୀରକୁ ଆବଶ୍ୟକ ମାତ୍ରାରେ ଅମ୍ଳଜାନ ମିଳୁଥିବାରୁ ପାଚନକ୍ରିୟା ଠିକ୍ ଭାବେ ହେବା ସହ ଏସବୁ ସମସ୍ୟା ଦୂର ହୋଇଥାଏ ।

– ଏହାଦ୍ୱାରା ମାନସିକ ଚାପ ଦୂର ହୋଇ ସ୍ମରଣଶକ୍ତି ଏବଂ ଏକାଗ୍ରତା ବୃଦ୍ଧି ହୋଇଥାଏ । ଫଳରେ କାର୍ଯ୍ୟ ଦକ୍ଷତା ମଧ୍ୟ ବଢ଼ିଥାଏ ।

– ସର୍ବୋପରି ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କ ଠାରେ ଦେଖିବାକୁ ମିଳୁଥିବା ମେଦବହୁଳତା ସମସ୍ୟା ଦୂର କରି ଓଜନ ନିୟନ୍ତ୍ରିତ ସ୍ତରରେ ରଖିବାରେ ଏହା ସାହାଯ୍ୟ କରିଥାଏ ।

## ଟପ୍ ୧୦

### ପୃଥିବୀର ଶକ୍ତିଶାଳୀ ଏୟାରଫୋର୍ସ ଥିବା ଦେଶ



୧. ୟୁନାଇଟେଡ୍ ଷ୍ଟେଟ୍ସ ଏୟାରଫୋର୍ସ.................................. ଆମେରିକା
୨. ରୁଷିଆନ୍ ଏୟାରଫୋର୍ସ.................................. ରୁଷିଆ
୩. ପିପୁଲ୍ସ ଲିବରେଶନ ଆର୍ମି ଏୟାରଫୋର୍ସ.................................. ଚାଇନା
୪. ଇସ୍ରାଏଲ୍ସ ଏୟାରଫୋର୍ସ.................................. ଇସ୍ରାଏଲ୍
୫. ରୟାଲ ଏୟାରଫୋର୍ସ.................................. ଇଂଲଣ୍ଡ
୬. ଇଣ୍ଡିଆନ୍ ଏୟାରଫୋର୍ସ.................................. ଇଣ୍ଡିଆ
୭. ଫ୍ରେଞ୍ଚ ଏୟାରଫୋର୍ସ.................................. ଫ୍ରାନ୍ସ
୮. ଜର୍ମାନ ଏୟାରଫୋର୍ସ.................................. ଜର୍ମାନ
୯. ଜାପାନ ଏୟାର ସେଲ୍ଫ ଡିଫେନ୍ସ ଫୋର୍ସ.................................. ଜାପାନ
୧୦. ରିପବ୍ଲିକ୍ ଅଫ୍ କୋରିଆ ଏୟାରଫୋର୍ସ.................................. ସାଉଥ୍ କୋରିଆ



ଈଶ୍ୱରଙ୍କ ଆଡକୁ ମନ ଗଲେ ଭାବର ଉଦୟ ହୁଏ। ଭାବ ଆସିଲେ ପ୍ରେମର ଉଦ୍ରେକ ହୁଏ।
- ଶ୍ରୀ ଚୈତନ୍ୟ ଦେବ



# ପାଖେଇ ଆସୁଛି ବାଲିଯାତ୍ରା, ସରିନି ୫୦% କାମ

କଟକ ଅଫିସ, ୨।୧୧

ଆସନ୍ତା ୧୨ରେ ଐତିହାସିକ କଟକ ବାଲିଯାତ୍ରା। ଏହି ଯାତ୍ରା ଆଉ ୯ଦିନ ବାକି ଥିବା ବେଳେ ଜିଲା ପ୍ରଶାସନ ଏବଂ କଟକ ମହାନଗର ନିଗମ(ସିଏମ୍ସି) ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁ ଏ ପର୍ଯ୍ୟନ୍ତ ୫୦ ପ୍ରତିଶତ ଶେଷ କାମ ହୋଇନି। ଏପରି କି ବାଲିଯାତ୍ରା ପଡିଆ ସଫେଇ କାର୍ଯ୍ୟ ଆରମ୍ଭ ହୋଇନି।

## ମୁକୁଳାପଡ଼ିଛି ଟ୍ରାନ୍ସଫର୍ମର, ଜଳୁନି ଲାଇଟ୍

ବାଲିଯାତ୍ରା ପଡିଆରେ ଥିବା ଏକ ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ରହିଛି। ଏହାର ଚତୁଃପାର୍ଶ୍ୱରେ ଲାଗିଥିବା ସିମେଣ୍ଟ ଖମ୍ବ ଉପୁଡି ପଡିଥିବାବେଳେ ତାରଗୁଡିକ ବିପଦପୂର୍ଣ୍ଣ ଅବସ୍ଥାରେ ଝୁଲି ରହିଛି। ଯଦି ଏହାକୁ ଖୁବ୍ଶୀଘ୍ର ମରାମତି କରା ନ ଯାଏ, ତା'ହେଲେ ଦୁର୍ଘଟଣାକୁ ଏଡାଇ ହେବନାହିଁ। ଅନ୍ୟପଟେ ବାଲିଯାତ୍ରାକୁ ସଂଯୋଗ କରୁଥିବା ରାସ୍ତାର ବିଭିନ୍ନ ସ୍ଥାନରେ ଲାଇଟ୍ ଜଳୁନି। ସେହିପରି କେତେକ ସ୍ଥାନରେ ପୋଡି ଯାଇଥିବା ଲାଇଟ୍କୁ ବଦଳା ଯାଇନାହିଁ।





## ଅସ୍ଥାୟୀ ପୋଖରୀରେ ଜମିଛି ଆବର୍ଜନା

ଚଳିତବର୍ଷ ବାଲିଯାତ୍ରାରେ ଲୋକମାନେ ନୌକାବିହାରର ମଜା ନେଇପାରିବେ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ବାଲିଯାତ୍ରା ପଡିଆରେ ଅସ୍ଥାୟୀ ପୋଖରୀ ତିଆରି ହୋଇଛି। କିନ୍ତୁ ପୋଖରୀକୁ ଏପର୍ଯ୍ୟନ୍ତ ସଫା କରା ନ ଯିବାରୁ ଆବର୍ଜନା ଭରି ରହିଛି।

ସେହିପରି ବିଦ୍ୟୁତ୍କରଣ କାର୍ଯ୍ୟ ଧିମା ଗତିରେ ଚାଲିଛି। ବାଲିଯାତ୍ରାକୁ ସଂଯୋଗ କରୁଥିବା ରାସ୍ତା ସଫେଇ ସାଙ୍ଗକୁ ସୌନ୍ଦର୍ଯ୍ୟକରଣ କାମ ହୋଇନାହିଁ। ଅନ୍ୟପକ୍ଷରେ କିଛି ସାମାଜିକ ସଙ୍ଗଠନ ବାଲିଯାତ୍ରାକୁ ଜାତୀୟ ମହୋତ୍ସବ ମାନ୍ୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ ଏଠାରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଓ ଲୋକମାନେ ବାଲିଯାତ୍ରାକୁ ନେଇ ଉତ୍ସାହିତ ଥିବାବେଳେ ଏଥିପ୍ରତି ପ୍ରଶାସନ କିମ୍ବା ସିଏମ୍ସି ସେଭଳି ଆନ୍ତରିକତା ନ ଥିବା ଅଭିଯୋଗ ହେଉଛି, ଯାହାଫଳରେ ବିଭିନ୍ନ କାର୍ଯ୍ୟ ଧିମା ଗତିରେ ଚାଲିଛି। ଏ ନେଇ ଆଇନଜୀବୀ ରାଜୀବ ପଟ୍ଟନାୟକ କହିଛନ୍ତି, ବାଲିଯାତ୍ରା ହେଉଛି ବହୁ ପୁରାତନ ଯାତ୍ରା। ଏଠାକୁ ବହୁ ଦୂରଦୂରାନ୍ତରରୁ ପର୍ଯ୍ୟଟକମାନେ ବୁଲିବାକୁ ଆସିଥାନ୍ତି। ଏହାକୁ ସୁରୁଖୁରୁରେ ସମାପନ କରିବା ପାଇଁ ପ୍ରଶାସନ ପକ୍ଷରୁ ମାସକ ପୂର୍ବରୁ ବୈଠକ କରାଯାଇ କାର୍ଯ୍ୟ ଶେଷ କରିବା କଥା। ମାତ୍ର ଜିଲା ପ୍ରଶାସନ ବାହାବା ନେବାରେ ବ୍ୟସ୍ତ କିନ୍ତୁ କାର୍ଯ୍ୟ ସାରିବାକୁ ଆନ୍ତରିକତା ନାହିଁ। ସେହିପରି ସାମାଜିକ କର୍ମୀ ଅଭୟ ପଟ୍ଟନାୟକ କହିଛନ୍ତି, ପ୍ରଶାସନ ଏବେ ଷ୍ଟଲ ବିକି ଟଙ୍କା ଗୋଟେଇବାରେ ବ୍ୟସ୍ତ। ପରିବେଶ ପ୍ରଦୂଷଣ ମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ଲୋକଙ୍କ ପାଇଁ ରିକ୍ସା ବ୍ୟବସ୍ଥା କରାଯାଇଛି। ସାଇକେଲ ଶୋଭାଯାତ୍ରା କରିବାକୁ ଯାଉଛି। ହେଲେ ଏହା ଗୋଟିଏ ଦିନ କଲେ ପ୍ରଦୂଷଣ ମୁକ୍ତ ହୋଇଯିବନି। ସେଥିପାଇଁ ବାଲିଯାତ୍ରା ଠାରୁ ସହରରେ ମୋ ସାଇକେଲ ବ୍ୟବସ୍ଥା ଲାଗୁ କରାଯାଉ ବୋଲି ସେ କହିଛନ୍ତି।

ଏ ନେଇ ସିଏମ୍ସି କମିଶନର ଅନନ୍ୟା ଦାସ କହିଛନ୍ତି, ବାଲିଯାତ୍ରା ପାଇଁ ସିଏମ୍ସି ପ୍ରସ୍ତୁତ ହୋଇ ରହିଛି। ଖୁବ୍ଶୀଘ୍ର ସଫେଇ କାର୍ଯ୍ୟ ସହ ବିଭିନ୍ନ ସ୍ଥାନରେ ଲାଇଟ୍ ଲଗା କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରାଯିବ। ସେହିପରି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି, ବାଲିଯାତ୍ରା ପାଇଁ ପ୍ରସ୍ତୁତି ଯୋରଦାର ଚାଲିଛି। ଖୁବ୍ଶୀଘ୍ର ସମସ୍ତ କାର୍ଯ୍ୟ ଶେଷ ହେବ। ଯେପରି କୌଣସି ସମସ୍ୟା ସୃଷ୍ଟି ନ ହେବ ସେ ଦିଗରେ ପଦକ୍ଷେପ ନିଆଯାଉଛି।

## ବାଲିଯାତ୍ରା ପଡ଼ିଆରୁ କଢାଯାଇନି ମାଟି

ବାଲିଯାତ୍ରା ପଡିଆ ଏ ପର୍ଯ୍ୟନ୍ତ ସଫେଇ ହୋଇ ନ ଥିବାବେଳେ ପଡିଆ ଭିତରେ ଥିବା ମାଟିକୁ କଢାଯାଇନି। ଏଥିସହ ବାଲିଯାତ୍ରା ପଡିଆକୁ ସଂଯୋଗ କରୁଥିବା ରିଂରୋଡ ସଫା ନ ହେବାରୁ ଆବର୍ଜନା ଜମି ରହିଥିବା ଦେଖିବାକୁ ମିଳିଛି।



# ମହେଶ୍ୱର ମହାନ୍ତିଙ୍କୁ ବିଶ୍ୱନାଥ ପଶାୟତ ସାରସ୍ୱତ ସମ୍ମାନ



ସାହିତ୍ୟିକ ଡ. ମହେଶ୍ୱର ମହାନ୍ତିଙ୍କୁ ବିଶ୍ୱନାଥ ପଶାୟତ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।

କଟକ ଅଫିସ,୨।୧୧

ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଶାୟତଙ୍କ ସ୍ମୃତି ସନ୍ଧ୍ୟା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ହାଇକୋର୍ଟର ପ୍ରାକ୍ତନ ବିଚାରପତି ଜଷ୍ଟିସ ବୀରକିଶୋର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରି କହିଥିଲେ, ବିଶ୍ୱନାଥ ପଶାୟତ ଜଣେ ଅବିସ୍ମରଣୀୟ ବ୍ୟକ୍ତିତ୍ୱ। ସେ ଜଣେ ଆଇନଜ୍ଞ, ସ୍ୱାଧୀନତା ସଂଗ୍ରାମୀ ଥିଲେ। ତାଙ୍କର ଜୀବନାଦର୍ଶରେ ଯୁବ ସମାଜ ଆଗେଇବା ଆବଶ୍ୟକ ବୋଲି କହିଥିଲେ। ପ୍ରଫେସର ମଣେନ୍ଦ୍ର ମେହେର ମୁଖ୍ୟ ବକ୍ତାଭାବେ ଯୋଗଦେଇ ପଶାୟତଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଆଡଭୋକେଟ ଜେନେରାଲ ଜଗନ୍ନାଥ ପଟ୍ଟନାୟକ ଯୋଗଦେଇ ସମାଜର ସେବା କରିବା ପାଇଁ ପଶାୟତ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ସେ ଆଧୁନିକ ନାମକ ପତ୍ରିକା ସମ୍ପାଦନ କରି ନିଜର ସମ୍ପାଦକୀୟ ଦକ୍ଷତା ପ୍ରତିପାଦନ କରିଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଓ ପ୍ରସନ୍ନ କୁମାର ଜେନା ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟିକ ଡ. ମହେଶ୍ୱର ମହାନ୍ତିଙ୍କୁ ମର୍ଯ୍ୟାଦାଜନକ ବିଶ୍ୱନାଥ ପଶାୟତ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ।

### ଚାନ୍ଦା ଆଦାୟ ଅଭିଯୋଗରେ ୨ ଗିରଫ

# ଗିରଫଦାରିକୁ ନେଇ ଥାନାରେ ଉତ୍ତେଜନା

କଟକ ଅଫିସ,୨।୧୧

ଚାନ୍ଦା ଆଦାୟ ଅଭିଯୋଗରେ ମଙ୍ଗଳବାଗ ପୋଲିସ ଶନିବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାଣୀହାଟ ସଗଡ଼ିଆ ସାହିର ରଘୁନାଥ ବାରିକ ଓ ସନାତନ ବେହେରା। ତେବେ ଅଭିଯୁକ୍ତଦ୍ୱୟଙ୍କ ଗିରଫକୁ ବିରୋଧ କରି ଶନିବାର ରାତିରେ ଶଗଡ଼ିଆ ସାହି ଲୋକେ ମଙ୍ଗଳବାଗ ଥାନା ପରିସରରେ ହୋହଲ୍ଲା କରିଥିଲେ। ଉତ୍ତେଜନା ସୃଷ୍ଟି ହେବାରୁ ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସୂଚନା ଅନୁଯାୟୀ, ବିମଳ ମହାନ୍ତି ନାମକ ଜଣେ ବ୍ୟକ୍ତି କିଛି ଦିନ ତଳେ ଶଗଡ଼ିଆ ସାହିରେ ଏକ ଘର କିଣିଥିଲେ। ଏ ନେଇ ପୂଜା ସମୟରେ ତାଙ୍କୁ ଚାନ୍ଦା ମଗାଯାଇଥିଲା। ସେ ଚାନ୍ଦା ଦେବାକୁ ମନା କରିବାରୁ ଅଭିଯୁକ୍ତଦ୍ୱୟ ତାଙ୍କ ଘରେ ତାଲା ପକାଇ ଦେଇଥିଲେ। ବିମଳଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୭୫/୧୯)ରୁଜୁ କରି ତଦନ୍ତ ଚଳାଇଥିଲା।

# ସଂଶୋଧିତ ହୋଲ୍ଡିଂ ଟିକସ ଆଦାୟ କରିବ ବିଏମ୍ସି

ଭୁବନେଶ୍ୱର, ୨।୧୧(ବ୍ୟୁରୋ)

## ଜମି ବେଞ୍ଚମାର୍କ ମୂଲ୍ୟ ଅନୁଯାୟୀ ଧାର୍ଯ୍ୟ ହୋଇଛି

ବହୁ ବାଦ ବିବାଦ ପରେ ମଧ୍ୟ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ସଂଶୋଧିତ ହୋଲ୍ଡିଂ ଟିକସ ବା ସମ୍ପତ୍ତି ଟିକସ ଲାଗୁ କରିବାକୁ ବିଜ୍ଞପ୍ତି ପ୍ରକାଶ କରିଛି। ବିଏମ୍ସି ଅଞ୍ଚଳରେ ଜମି କିମ୍ବା ଘର କିଣିଥିବା ଲୋକମାନଙ୍କୁ ବର୍ଦ୍ଧିତ ଆକାର ଟିକସ ଦେବାକୁ ହେବ। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ରାଜସ୍ୱ ବିଭାଗ ଦ୍ୱାରା ନୂତନ ଭାବେ ଧାର୍ଯ୍ୟ କରାଯାଇଥିବା ଜମିର ବେଞ୍ଚମାର୍କ ମୂଲ୍ୟ ଅନୁଯାୟୀ ଟିକସ ଲାଗୁ କରାଯିବ। ଏଥିପାଇଁ ଜମି ମୂଲ୍ୟର ୦.୫% ଓ ସେହି ଜମି ଉପରେ ନିର୍ମାଣ ହୋଇଥିବା କୋଠାର ବାର୍ଷିକ ମୂଲ୍ୟକୁ ହିସାବ କରି ଟିକସ ନିର୍ଦ୍ଧାରଣ କରାଯାଇଛି। ଏଥିସହିତ ଘର କିଣୁଥିବା ବ୍ୟକ୍ତିମାନଙ୍କୁ ଘର ମୂଲ୍ୟକୁ ହିସାବକୁ ନେଇ ହୋଲ୍ଡିଂ ଟିକସ ଦେବାକୁ ପଡ଼ିବ। ଯଦି କୌଣସି ବ୍ୟକ୍ତି ନିଜ ଜମି ଉପରେ ନୂଆ କରି ଘର ନିର୍ମାଣ କରିଥିବେ ତେବେ ତାଙ୍କୁ ପୂର୍ତ୍ତ ବିଭାଗର କୋଠାଘର ନିର୍ମାଣ ଖର୍ଚ୍ଚ ନିର୍ଦ୍ଧାରଣ ଅନୁଯାୟୀ ଟିକସ ଦେବାକୁ ପଡ଼ିବ।

ବିଏମ୍ସି ଆଡିଶନାଲ କମିଶନର ସୁରଥଚନ୍ଦ୍ର ମଲ୍ଲିକ କହିଛନ୍ତି ଯେ, ନୂଆ ହୋଲ୍ଡିଂ ଟିକସକୁ ବିଭିନ୍ନ ରାଜନୈତିକ ଦଳ ଓ ନାଗରିକ ଅନୁଷ୍ଠାନ ବିରୋଧ କରୁଛନ୍ତି। ସେମାନେ ବିଏମ୍ସିକୁ ଦେଇଥିବା ଦାବିପତ୍ରକୁ ଆମେ ସାଧାରଣ ପ୍ରଶାସନ ବିଭାଗକୁ ପଠାଇଛୁ। ଏନେଇ ଆଲୋଚନା କରାଯିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ସମାଜବାଦୀ ପାର୍ଟି, ସିପିଆଇ, ସିପିଆଇ ଏମ୍ଏଲ ଓ ଫରୱାର୍ଡ ବ୍ଲକ୍ ସହ ଭୁବନେଶ୍ୱର ନାଗରିକ ମହାସଂଘ ନୂଆ ହୋଲ୍ଡିଂ ଟିକସକୁ ବିରୋଧ କରିବା ସହ ପୌର ନିର୍ବାଚନ ନ ହେବା ଯାଏ ସ୍ଥଗିତ ରଖିବାକୁ ଦାବି କରିଥିଲେ।


## ଭ୍ରମ ସଂଶୋଧନ

ଗତ ତା ୦୧.୧୧.୨୦୧୯ରିଖ ଶୁକ୍ରବାର ଦିନ ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ପୃଷ୍ଠା-୧୩ରେ ସର୍ବସାଧାରଣ ବିଜ୍ଞପ୍ତିରେ ବର୍ଣ୍ଣିତ ହୋଇଥିବା ଜମି ତଫସିଲର ବିବରଣୀ ନିମ୍ନମତେ ସଂଶୋଧନ କରାଗଲା।
ଖତିଆନ ନମ୍ବର – ୩୦୦, ପ୍ଲଟ ନମ୍ବର – ୧୦୪୪

ସ୍ୱା./– ଭୂ-ଅର୍ଜନ ଅଧିକାରୀ,
ଶ୍ରୀ ଜଗନ୍ନାଥ ମନ୍ଦିର ସୁରକ୍ଷା ବଳୟ, ପୁରୀ

## ODISHA TOURISM DEVELOPMENT CORPORATION LTD,
**ଭୁବନେଶ୍ୱର, ୨।୧୧ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମିର ଦ୍ରୁତ ବିକାଶ ଘଟିଛି। ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ଯୋଗୁ ଏଠାରେ ଗତ କିଛିବର୍ଷ ଧରି ଅନ୍ତର୍ଜାତୀୟ ସ୍ତରରେ ବହୁ ବଡ଼ ଟୁର୍ନାମେଣ୍ଟ ସମ୍ଭବ ହୋଇ ପାରିଛି। ରାଜ୍ୟ ସରକାର ଖେଳ ଓ ଖେଳାଳିଙ୍କୁ ପ୍ରୋତ୍ସାହନ ଦେଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଏହାର ପୁରସ୍କାର ମଧ୍ୟ ରାଜ୍ୟ ସରକାରଙ୍କୁ ମିଳିବାରେ ଲାଗିଛି। କଳିଙ୍ଗ ଷ୍ଟାଡିୟମରେ ଏଫ୍ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ଅବସରରେ ଶନିବାର ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ନରିନ୍ଦର ବାତ୍ରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ 'ଏଫ୍ଆଇଏଚ୍ ପ୍ରେସିଡେଣ୍ଟ୍ସ ପୁରସ୍କାର'ରେ ସମ୍ମାନିତ କରିଛନ୍ତି। ୨୦୧୮ରେ ଦିଲ୍ଲୀଠାରେ ଅନୁଷ୍ଠିତ ଏଫ୍ଆଇଏଚ୍ କଂଗ୍ରେସ ଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା।

## ପ୍ରଥମାର୍ଦ୍ଧରେ କ'ଣ ହେଉଥିଲା ନିଜେ ବି ବୁଝିପାରୁ ନ ଥିଲି: ମାରିଜନେ

**ଭୁବନେଶ୍ୱର, ୨।୧୧(କ୍ରୀଡ଼ା ପ୍ରତିନିଧି):** ଏଫ୍ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସର ଶନିବାର ଅନୁଷ୍ଠିତ ମ୍ୟାଚରେ ଆମେରିକାଠାରୁ ଭାରତ ୧-୪ ଗୋଲରେ ହାରିଥିଲେ ହେଁ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଶୁକ୍ରବାର ପ୍ରଥମ ମ୍ୟାଚରେ ଭାରତ ୫-୧ ଗୋଲରେ ବିଜୟୀ ହୋଇଥିଲେ ହେଁ ଶନିବାର ମ୍ୟାଚର ପ୍ରଥମାର୍ଦ୍ଧରେ ଅତି ଖରାପ ପ୍ରଦର୍ଶନ କରିଥିଲା। କୋଚ୍ ଜୋର୍ଡ ମାରିଜନେ ଏହା ସ୍ୱୀକାର କରିଛନ୍ତି। "ପ୍ରଥମାର୍ଦ୍ଧରେ କ'ଣ ହେଉଥିଲା ମୁଁ ନିଜେବି ବୁଝିପାରୁ ନ ଥିଲି। କୌଣସି ଗୋଟିଏ କିମ୍ବା ୨ଟି ବିଭାଗରେ ଭୁଲ ହୋଇଥିଲେ ମୁଁ ସୁଧାରିବାକୁ ପରାମର୍ଶ ଦେଇଥାନ୍ତି। ମାତ୍ର ସବୁ ବିଭାଗରେ ଖେଳାଳିମାନେ ଖରାପ ପ୍ରଦର୍ଶନ କରିଥିଲେ। ଏଥିରେ ମୁଁ ନିଜେ ମଧ୍ୟ ବିସ୍ମିତ ହୋଇ ଯାଇଥିଲି। ପ୍ରଥମାର୍ଦ୍ଧରେ ୦-୪ରେ ପଛୁଆ ରହିବାପରେ ମୁଁ ଖେଳାଳିଙ୍କୁ ବୁଝାଇଥିଲି ଯେ ଏବେ ସ୍କୋର ୦-୦ ରହିଛି ଭାବି ଖେଳ। ଏବେ ମଧ୍ୟ ସୁଯୋଗ ରହିଛି। ଅବଶିଷ୍ଟ ୩୦ ମିନିଟ କେବଳ ତୁମର ବୋଲି ଭାବ। ସୁଯୋଗ ହାତଛଡ଼ା ନ କରି ପ୍ରତିପକ୍ଷ ଦଳ ଉପରେ ଚାପ ପ୍ରୟୋଗ କର" ବୋଲି ମୁଁ ପରାମର୍ଶ ଦେଇଥିଲି। ରାଣୀଙ୍କ ଗୋଲ ମୋତେ କିଛିଟା ଆଶ୍ୱସ୍ତ କରିଥିଲା। ସେ ଯାହା ହେଉ ନା କାହିଁକି ଆମେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ମୁଁ ଅତ୍ୟନ୍ତ ଖୁସି ବୋଲି ମାରିଜନେ କହିଛନ୍ତି।



ଅଲିମ୍ପିକ୍ସ ଯୋଗ୍ୟତାରେ ବିଫଳ: ଦୁଃଖାଭିଭୂତ ଆମେରିକା ଅଧିନାୟିକା କାଥଲିନ ଶାର୍କି।

# ରାଣୀଙ୍କ ଗୋଲ୍ ସମ୍ମାନ ରଖିଲା

**ଭୁବନେଶ୍ୱର, ୨।୧୧(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ମହିଳା ହକି ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି। କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫ୍ଆଇଏଚ୍ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ମ୍ୟାଚରେ ଭାରତ ୧-୪ ଗୋଲରେ ଆମେରିକାଠାରୁ ପରାଜିତ ହୋଇଥିଲେ ହେଁ ଶୁକ୍ରବାର ୫-୧ ଗୋଲରେ ବିଜୟୀ ହୋଇଥିବାରୁ ଅଲିମ୍ପିକ୍ସ ଟିକେଟ ପାଇଛି। ୨ ମ୍ୟାଚ ଶେଷରେ ଆମେରିକା ବିପକ୍ଷରେ ଭାରତ ୬-୫ ଗୋଲରେ ଅଗ୍ରଣୀ ରହି ଆଗକୁବଢ଼ିଛି। ଆମେରିକା ଗୋଲକିପର କେଲସି ବିଙ୍ଗ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଟୋକିଓ ଅଲିମ୍ପିକ୍ସ ୨୦୨୦ ଜୁଲାଇ ୨୪ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଶୁକ୍ରବାର ୫-୧ ଗୋଲରେ ପରାସ୍ତ ହୋଇଥିବା ଆମେରିକା ଶନିବାର ଦ୍ୱିତୀୟ ମ୍ୟାଚରେ କିନ୍ତୁ ଭିନ୍ନ ପ୍ରଦର୍ଶନ କରିଥିଲା। ରଣନୀତି ଅନୁସାରେ ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ଫାଇଦାରେ ରହିଥିଲା ଏହି ଦଳ। ଅନ୍ୟପକ୍ଷରେ ପ୍ରଥମ ତିନି କ୍ୱାର୍ଟରରେ ଭାରତୀୟ ଦଳର ପ୍ରଦର୍ଶନ ଅତ୍ୟନ୍ତ ଫିକା ରହିଥିଲା। ଡିଫେନ୍ସ, ମିଡ୍‌ଫିଲ୍ଡ ଏବଂ ଫରୱାର୍ଡ ଲାଇନ୍ କୌଣସି ଗୋଟିଏ ବିଭାଗରେ ମଧ୍ୟ ଦଳ ଦକ୍ଷତା ଅନୁସାରେ ଖେଳିପାରି ନ ଥିଲା। ଦଳର ପାସିଂ ମଧ୍ୟ ଖରାପ ରହିଥିଲା। ଏହାର ଫାଇଦା ଉଠାଇଥିଲା ଆମେରିକା। ୪ର୍ଥ ମିନିଟରେ କ୍ରମାଗତ ୨ଟି ପେନାଲ୍ଟି କର୍ନରକୁ ମିସ୍ କରିଥିଲେ ହେଁ ୫ମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଆମଣ୍ଡା ମାଗାଡାନ ଆମେରିକାକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଏହାପରେ ଖେଳାଳିଙ୍କ ମନରେ ଜୋସ୍ ଭରି ଯାଇଥିଲା। ପ୍ରଥମ କ୍ୱାର୍ଟର ଶେଷ ହୋଇ ଆସୁଥିବାବେଳେ ଭାରତ ଡି' ଏରିଆ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ସମୟରେ ଅଧିନାୟିକା କାଥଲିନ ଶାର୍କି ଗୋଲ ଦେଇ ଆମେରିକା ଗୋଲ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଆମେରିକା ଚମତ୍କାର ପ୍ରଦର୍ଶନ କରିଥିଲା। ୨ ଗୋଲରେ ପଛରେ ରହିବାରୁ ଭାରତୀୟ ଖେଳାଳିମାନେ ଚାପକୁ ଚାଲି ଆସିଥିଲେ। ୨୦ତମ ମିନିଟରେ ଆଲିସା ପାର୍କର ଫିଲ୍ଡ ଗୋଲ ଦେଇ ଅଗ୍ରଣୀ ବ୍ୟବଧାନକୁ ବଢ଼ାଇଥିବାବେଳେ ୨୮ତମ ମିନିଟରେ ଆମଣ୍ଡା ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୪ର୍ଥ ଗୋଲ ଦେଇ ଆମେରିକାର ଅଲିମ୍ପିକ୍ସ ଆଶା ଉଜ୍ଜୀବିତ କରିଥିଲେ। ୨୬ତମ ମିନିଟରେ ସୁଶୀଳା ପୋଖରାମବାମ୍ ଏବଂ ୨୭ତମ ମିନିଟରେ ନବଜୋତ କୌର କାର୍ଡ ପାଇବାରୁ କିଛି ସମୟ ପାଇଁ ଭାରତ ୯ ସଦସ୍ୟ ବିଶିଷ୍ଟ ହୋଇଯାଇଥିଲା। ତୃତୀୟ କ୍ୱାର୍ଟରରେ ଭାରତ ୨ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ତାହାକୁ ଗୋଲରେ ପରିଣତ କରି ନ ପାରିବାରୁ କୋଚ୍ ଜୋର୍ଡ ମାରିଜନେଙ୍କ ଚିନ୍ତା ବଢ଼ିଥିଲା। ଏହି କ୍ୱାର୍ଟରରେ ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ହେଁ ତାହାର ସଦ୍‌ବ୍ୟବହାର କରିପାରି ନ ଥିଲେ। ଅନ୍ତିମ କ୍ୱାର୍ଟରରେ ଅସଲ ଖେଳ ହୋଇଥିଲା। ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ଅତିକମ୍‌ରେ ଗୋଟିଏ ଗୋଲ ଆବଶ୍ୟକ କରୁଥିବା ଭାରତ ଆକ୍ରମଣକୁ ଜୋରଦାର କରିଥିଲା। ମ୍ୟାଚର ୪୯ତମ ମିନିଟରେ ଭାରତ ପାଇଁ ଶୁଭକ୍ଷଣ ଆସିଥିଲା। ଅଧିନାୟିକା ରାଣୀ ରାମପାଲ ଗୋଲ ସ୍କୋର କରି ଭାରତ ପାଇଁ ଆଶା ଦୃଢ଼ୀଭୂତ କରିଥିଲେ। ଗୋଲ ବ୍ୟବଧାନ ବଢ଼ାଇବା ପାଇଁ ଆମେରିକା ସବୁମତେ ଚେଷ୍ଟା କରିଥିଲା। ମାତ୍ର ଭାରତୀୟ ଡିଫେନ୍ସ ବିଭାଗ ତାହାକୁ ସଫଳ ପ୍ରତିହତ କରିଥିଲା। ୫୭ତମ ମିନିଟରେ ଆମେରିକା ପାଇଁ ଶେଷ ସୁଯୋଗ ସଦୃଶ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ତାହାକୁ ଭାରତୀୟ ଗୋଲକିପର ଓ ଡିଫେଣ୍ଡର ହେବାକୁ ଦେଇ ନ ଥିଲେ। ଶେଷ ୨ମିନିଟର ଖେଳରେ ଉତ୍ତେଜନା ଭରିଥିଲେ ହେଁ ଭାରତ ଆଉ ଗୋଲ ବରଣ କରି ନ ଥିଲା। ଅମ୍ପାୟରଙ୍କ ଶେଷ ହ୍ୱିସିଲ ବାଜିବାକ୍ଷଣି ଭାରତୀୟ ଦଳର ବିଜୟ ଉତ୍ସବ ଆରମ୍ଭ ହୋଇ ଯାଇଥିଲା।



ଗୋଲ୍ ଦେବା ପରେ ରାଣୀ ରାମପାଲଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

### ୩ୟ ଥର ଅଲିମ୍ପିକ୍ସ ଖେଳିବ

ଏହାକୁ ମିଶାଇ ଭାରତୀୟ ମହିଳା ହକି ଦଳ ତୃତୀୟ ଥରପାଇଁ ଅଲିମ୍ପିକ୍ସ ଯୋଗ୍ୟତା ପାଇଛି। ରେକର୍ଡ ଦେଖିଲେ ମହିଳା ହକି ଦଳର ଅଲିମ୍ପିକ୍ ପ୍ରଦର୍ଶନ ଏପର୍ଯ୍ୟନ୍ତ ନିରାଶାଜନକ ରହିଛି। ଏହା ପୂର୍ବରୁ ଦଳ ୨ ଥର ମାତ୍ର ଅଲିମ୍ପିକ୍ସରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିପାରିଥିଲା। ୧୯୮୦ ମସ୍କୋ ଅଲିମ୍ପିକ୍ସରେ ଦଳ ୨ ବିଜୟ, ୧ ଡ୍ର ଓ ୨ ପରାଜୟ ସହ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ଏହାର ୩୬ ବର୍ଷ ପରେ ୨୦୧୬ ରିଓ ଅଲିମ୍ପିକ୍ସ ପାଇଁ ଦଳ ଯୋଗ୍ୟତା ପାଇଥିଲା। ମାତ୍ର ସେଥିରେ ଦଳ ଗୋଟିଏ ହେଲେ ମ୍ୟାଚରେ ବିଜୟ ସ୍ୱାଦ ପାଇ ନ ଥିବାବେଳେ ଗୋଟିଏ ମ୍ୟାଚ ଡ୍ର ରଖିଥିଲା ଏବଂ ୪ଟି ମ୍ୟାଚରେ ପରାଜିତ ହୋଇ ୧୨ ଦଳ ବିଶିଷ୍ଟ ପ୍ରତିଯୋଗିତାରେ ସବା ଶେଷରେ ରହିଥିଲା।

"ଭାରତ ବିପକ୍ଷ ଟି୨୦ ସିରିଜରେ ଅଲ୍‌ରାଉଣ୍ଡର ଶକିବ ଅଲ୍ ହସନଙ୍କ ଅନୁପସ୍ଥିତି ଯୁବ ଖେଳାଳିଙ୍କ ଲାଗି ପରୋକ୍ଷରେ ଆଶୀର୍ବାଦ ସଦୃଶ ।
–ଶାହରିୟର ନାଫିସ୍, ପୂର୍ବତନ ବାଂଲାଦେଶୀ କ୍ରିକେଟର



"ମୁଁ ଖେଳୁଥିବା ସମୟରେ ମହମ୍ମଦ ଆମିର ଏବଂ ମହମ୍ମଦ ଅସିଫ୍‌ଙ୍କ ଭଳି ମ୍ୟାଚ୍ ଫିକ୍ସରମାନେ ମୋତେ ଘେରି ରହିଥିଲେ ।
–ଶୋଏବ ଅଖ୍‌ତର, ପୂର୍ବତନ ପାକିସ୍ତାନ ସ୍ପିଡ୍‌ଷ୍ଟର



## ସଂକ୍ଷେପରେ

ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

### ଲଙ୍ଗ୍‌ଜମ୍ପ୍‌ରେ ମନୀଷାଙ୍କୁ ରୌପ୍ୟ



**ଭୁବନେଶ୍ୱର, ୨।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ଆନ୍ଧ୍ର ପ୍ରଦେଶର ଗୁଣ୍ଟୁରଠାରେ ଚାଲିଥିବା ୩୫ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପ୍ରଥମ ଦିନରେ ଓଡ଼ିଶାକୁ ସଫଳତା ମିଳିଛି। ୨୦ ବର୍ଷରୁ କମ୍ ବାଳିକା ଲଙ୍ଗ୍ ଜମ୍ପ୍‌ରେ ଓଡ଼ିଶାର ମନୀଷା ମେରେଲ ରୌପ୍ୟ ପଦକ ଜିତିଛନ୍ତି। ମନୀଷା ୬.୦୭ ମିଟର ଦୂରତାକୁ ଡେଇଁ ପୋଡିୟମ୍‌ର ୨ୟ ସ୍ଥାନରେ ରହିଥିଲେ। କେରଳର ସାନ୍ଦ୍ରା ବାବୁ (୬.୧୬ ମିଟର)ଙ୍କୁ ସ୍ୱର୍ଣ୍ଣ ଓ ଆନ୍ସି ସୋଜାନ (୫.୯୬) ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିଭଳି ଓଡ଼ିଶାର ଆଉ ୩ ଜଣ ପ୍ରତିଯୋଗୀ ଫାଇନାଲରେ ପ୍ରବେଶ କରିଛନ୍ତି। ୧୬ ବର୍ଷରୁ କମ୍ ବାଳିକା ଲଙ୍ଗ୍ ଜମ୍ପ୍‌ରେ କାଜଲ ମାଝି, ୧୮ ବର୍ଷରୁ କମ୍ ବାଳିକା ୧୦୦ ମିଟର ଦୌଡ଼ରେ ମଧୁସ୍ମିତା ଦେବ ଓ ୨୦ ବର୍ଷରୁ କମ୍ ବାଳିକା ୧୦୦ ମିଟର ଦୌଡ଼ରେ ଦୀପାଲୀ ମହାପାତ୍ର ଫାଇନାଲରେ ପହଞ୍ଚି ପଦକ ଆଶା ଉଜ୍ଜୀବିତ ରଖିଛନ୍ତି। ବାଳିକା ୧୮ ବର୍ଷରୁ କମ୍ ୪୦୦ ମିଟର ଦୌଡ଼ରେ ଓଡ଼ିଶାର ସୁଖୀ ବାସ୍କେ ସେମିଫାଇନାଲରେ ପହଞ୍ଚିଛନ୍ତି।

### ୨୩ ବର୍ଷରୁ କମ୍ ବିଶ୍ୱ ରେସ୍‌ଲିଂ: ପୂଜାଙ୍କୁ ରୌପ୍ୟ

**ବୁଦାପେଷ୍ଟ,୨।୧୧:** ଏଠାରେ ଚାଲିଥିବା ୨୩ ବର୍ଷରୁ କମ୍ ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପରେ ଭାରତ ପାଇଁ ପୂଜା ଗେହଲଟ (୫୩ କେଜି) ଦ୍ୱିତୀୟ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୫୩ କେଜି ଓଜନ ବର୍ଗରେ ଜାପାନର ହାରୁନା ଓକୁନୋଙ୍କଠାରୁ ୦-୨ ପଏଣ୍ଟରେ ଫାଇନାଲରେ ପରାସ୍ତ ହୋଇଛନ୍ତି। ତାଙ୍କ ପୂର୍ବରୁ ପୁରୁଷ କୁସ୍ତିଯୋଦ୍ଧା ରବୀନ୍ଦର (୬୧ କେଜି) ଚଳିତ ସପ୍ତାହରେ ପ୍ରଥମ ରୌପ୍ୟ ପଦକ ପାଇଥିଲେ। ୩ ଥର ବିଶ୍ୱ ଜୁନିୟର ଚାମ୍ପିୟନ ପଦକଧାରୀ ସାଜନ ଭାନୱାଲ (୭୭ କେଜି)ଙ୍କୁ ସେମିଫାଇନାଲରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। ତାଙ୍କୁ ୪-୫ ବ୍ୟବଧାନରେ ଜାପାନର କୋଦାଇ ସାକୁରାବା ହରାଇ ଦେଇଛନ୍ତି। ସାଜନ ଶନିବାର ବ୍ରୋଞ୍ଜ ପଦକ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଗ୍ରେକୋ ରୋମାନ ବର୍ଗରେ ଅନ୍ୟ ରେସ୍‌ଲରଙ୍କ ମଧ୍ୟରେ ଅର୍ଜୁନ ହଲାକୁର୍କି (୫୫ କେଜି) କ୍ୱାର୍ଟର ଫାଇନାଲରେ ଅଳ୍ପକେ ପରାଜିତ ହେବା ସତ୍ତ୍ୱେ ପଦକ ଦୌଡ଼ରେ ରହିଛନ୍ତି। ସେ ୧୨-୧୪ ବ୍ୟବଧାନରେ ରୁଷିଆର ଇମିନ ନାରିମାନଭିଚଙ୍କଠାରୁ ପରାସ୍ତ ହୋଇଛନ୍ତି। ରୁଷିଆ ରେସ୍‌ଲର ଫାଇନାଲରେ ପ୍ରବେଶ କରିବା ଯୋଗୁ ଅର୍ଜୁନ ରିପଚେଜ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଅଫିସିଆଲ ପ୍ରତୀକ ଉନ୍ମୋଚିତ

**ଭୁବନେଶ୍ୱର, ୨।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ମୁମ୍ବାଇସ୍ଥିତ ଗେଟ୍‌ୱେ ଅଫ୍ ଇଣ୍ଡିଆ ନିକଟରେ ଶନିବାର ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ୧୭ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ପାଇଁ ପ୍ରସ୍ତୁତ କରାଯାଇଥିବା ଅଫିସିଆଲ ପ୍ରତୀକ ଉନ୍ମୋଚିତ ହୋଇଛି। ଟୁର୍ନାମେଣ୍ଟ ଖେଳାଯିବାକୁ ଆଉ ଏକ ବର୍ଷ ସମୟ ଅଛି। ଏହି ଉତ୍ସବରେ ସ୍ଥାନୀୟ ଆୟୋଜକ କମିଟି, ଫିଫା ଏବଂ ଭାରତ ସରକାରଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଭାରତ ଏବଂ ବିଶ୍ୱ ଫୁଟ୍‌ବଲର ବହୁ ତାରକା ଖେଳାଳି ମଧ ଉପସ୍ଥିତ ଥିଲେ। ଏମାନଙ୍କ ମଧ୍ୟରେ ଦୁଇଥର ଫିଫା ବିଶ୍ୱକପ୍, ଅଲିମ୍ପିକ ସ୍ୱର୍ଣ୍ଣ ବିଜୟିନୀ ଫିଫା କିମ୍ବଦନ୍ତୀ କ୍ରିଷ୍ଟିନେ ଲିଲି ଏବଂ ଭାରତର ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ଦଳର ସଦସ୍ୟମାନେ ଅନ୍ୟତମ। କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ କିରେନ ରିଜିଜୁ ମଧ ଏହି ଉତ୍ସବରେ ଯୋଗଦାନ କରିଥିଲେ।




# ଭାରତ–ବାଂଲାଦେଶ ପ୍ରଥମ ଟି୨୦ ଆଜି

**ନୂଆଦିଲ୍ଲୀ, ୨।୧୧ (ପି.ଟି.)**

ଭାରତ ଗସ୍ତରେ ଆସିଥିବା ବାଂଲାଦେଶ କ୍ରିକେଟ୍ ଦଳ ରବିବାରଠାରୁ ଟି୨୦ ସିରିଜ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମଠାରେ ୩ ମ୍ୟାଚ୍‌ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଯୁବ ଭାରତୀୟ ଖେଳାଳିଙ୍କ ପାଇଁ ଏହି ସିରିଜର ଗୁରୁତ୍ୱ ବଢ଼ିଯାଇଛି। ଅପରପକ୍ଷରେ ରାଜଧାନୀ ଦିଲ୍ଲୀରେ ବର୍ତ୍ତମାନ ବାୟୁ ପ୍ରଦୂଷଣ ମାତ୍ର ସଙ୍ଗିନ ସ୍ଥିତିରେ ରହିଥିବାରୁ ସିରିଜର ଏହି ପ୍ରଥମ ମ୍ୟାଚ୍ ଉପରେ ମଧ ସମସ୍ତଙ୍କ ନଜର ରହିଛି।

ଦୀପାବଳି ପରବର୍ତ୍ତୀ ସମୟରେ ଦିଲ୍ଲୀରେ ବାୟୁ ପ୍ରଦୂଷଣସ୍ତର ଚିନ୍ତାଜନକ ସ୍ଥିତିରେ ରହିଥାଏ। ତେଣୁ ଏହି ସମୟରେ ରାଜଧାନୀରେ ମ୍ୟାଚ୍ ଆୟୋଜନ କରିବାକୁ ନେଇ ପ୍ରଶ୍ନ ଉଠିଛି। କିନ୍ତୁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କେତେକ ଗୁରୁତ୍ୱପୂର୍ଣ୍ଣ କାରଣ ଲାଗି ଅନ୍ତିମ ମୁହୂର୍ତ୍ତରେ ଏଠାରୁ ମ୍ୟାଚ୍‌କୁ ସ୍ଥାନାନ୍ତରିତ କରିବା ଲାଗି ମନା କରିଦେଇଥିଲା। ଭ୍ରମଣକାରୀ ବାଂଲାଦେଶ ଦଳ ଯଦିଓ ଏହାକୁ ନେଇ ଅଭିଯୋଗ କରିନାହିଁ, କିନ୍ତୁ ପ୍ରଦୂଷଣକୁ ନେଇ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚିନ୍ତା ଓ ଗସ୍ତ ପୂର୍ବରୁ ଆଇକନ୍ ଅଲ୍‌ରାଉଣ୍ଡର ଶକିବ ଅଲ୍ ହାସାନଙ୍କୁ ବାସନ୍ଦ ଆଦି କେତେକ କାରଣ ଲାଗି ଏହି ଟି୨୦ ସିରିଜ ନିଶ୍ଚୟ ଚର୍ଚ୍ଚାରେ ରହିବ।




ଅଭ୍ୟାସ ଅବସରରେ ଶିଖର ଧାୱନ।

ନିୟମିତ ଅଧିନାୟକ ବିରାଟ କୋହଲିଙ୍କ ସମେତ ପ୍ରମୁଖ ବୋଲରଙ୍କ ଅନୁପସ୍ଥିତିରେ ଘରୋଇ ଭାରତୀୟ ଦଳ ଏହି ସିରିଜ ଖେଳିବ। ରୋହିତ୍ ଶର୍ମାଙ୍କ ନେତୃତ୍ୱରେ ଯୁବ ଭାରତୀୟ ଦଳ ଏଥିପାଇଁ ଜୋର୍‌ଦାର ଅଭ୍ୟାସ ଜାରି ରଖିଛି। ମୁମ୍ବାଇ ଅଲ୍‌ରାଉଣ୍ଡର ଶିଭମ ଦୁବେଙ୍କ ସମେତ ଶାର୍ଦ୍ଦୁଳ ଠାକୁର, ରାଜସ୍ଥାନର ଦୀପକ ଚହର ଓ ଖଲିଲ ଅହମ୍ମଦଙ୍କ ହାତରେ ଭାରତୀୟ ଦଳର ଦ୍ରୁତ ବୋଲିଂ ଭାର ନ୍ୟସ୍ତ ରହିବ। ସେହିଭଳି ଯୁଜବେନ୍ଦ୍ର ଚହଲ, ୱାଶିଂଟନ, ସୁନ୍ଦର ଓ କ୍ରୁନାଲ ପାଣ୍ଡ୍ୟା ସ୍ପିନ ବୋଲିଂ ସମ୍ଭାଳିବେ। ଅପରପକ୍ଷରେ ବ୍ୟାଟିଂରେ ରୋହିତ୍‌ଙ୍କ ବ୍ୟତୀତ ଭେଟେରାନ ଶିଖର ଧାୱନ, ଲୋକେଶ ରାହୁଲ, ମନୀଷ ପାଣ୍ଡେ, ଶ୍ରେୟାସ ଆୟାର, ଉଇକେଟ୍‌କିପର ସଞ୍ଜୁ ସାମସନ, ରିଷଭ ପନ୍ତ ପ୍ରମୁଖ ନଜରରେ ରହିବେ। ନିକଟରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରେ ଚମତ୍କାର ଫର୍ମରେ ଥିବା ରୋହିତ୍ କ୍ରିକେଟ୍‌ର ଏହି ଛୋଟିଆ ଫର୍ମାଟ୍‌ରେ ମଧ ସେହି ଧାରାକୁ ବଜାୟ ରଖିବା ଲକ୍ଷ୍ୟରେ ରହିଛନ୍ତି। କିନ୍ତୁ ଆଘାତଜନିତ ସମସ୍ୟା ପରେ ଧଳା ବଲ୍ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା ଅନ୍ୟତମ ଓପନର୍ ଧାୱନ ବଡ଼ ଇନିଂସ ସନ୍ଧାନରେ ରହିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ସେ ଯଥାକ୍ରମେ ୩୬ ଓ ୪୦ ରନ କରିଥିବାବେଳେ ନିକଟରେ ବିଜୟ ହଜାରେ ଟ୍ରଫିରେ ମଧ ପ୍ରଭାବୀ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ।

ଅପରପକ୍ଷରେ ବାଂଲାଦେଶ ଦଳ ମଧ ଗତ କିଛି ସିରିଜରେ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ବିଶେଷକରି ଗତ ସେପ୍ଟେମ୍ବରରେ ଆଫଗାନିସ୍ତାନଠାରୁ ଟେଷ୍ଟ ପରାଜୟବରଣ କରିବା ସବୁଠାରୁ ଖରାପ ପ୍ରଦର୍ଶନ ରହିଥିଲା। ଶକିବ ଓ ତମିମ ଇକ୍‌ବାଲଙ୍କ ଅନୁପସ୍ଥିତି ସତ୍ତ୍ୱେ ମହମ୍ମଦୁଲ୍ଲାଙ୍କ ନେତୃତ୍ୱରେ ବାଂଲାଦେଶ ଏହି ଗସ୍ତରେ କିଛି ଚମତ୍କାର କରିବା ଲକ୍ଷ୍ୟରେ ରହିଛି।

- **ଭାରତୀୟ ଦଳ:** ରୋହିତ୍ ଶର୍ମା (ଅଧିନାୟକ), ଖଲିଲ୍ ଅହମ୍ମଦ, ଯୁଜବେନ୍ଦ୍ର ଚହଲ, ଦୀପକ ଚହର, ରାହୁଲ ଚହର, ଶିଖର ଧାୱନ, ଶିଭମ ଦୁବେ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, କ୍ରୁନାଲ ପାଣ୍ଡ୍ୟା, ରିଷଭ ପନ୍ତ, ଲୋକେଶ ରାହୁଲ, ସଞ୍ଜୁ ସାମସନ, ୱାଶିଂଟନ ସୁନ୍ଦର ଓ ଶାର୍ଦ୍ଦୁଳ ଠାକୁର।
- **ବାଂଲାଦେଶ ଦଳ:** ମହମ୍ମଦୁଲ୍ଲା ରିୟାଦ (ଅଧିନାୟକ), ତାଇଜୁଲ ଇସଲାମ, ମହମ୍ମଦ ମିଥୁନ, ଲିଟନ ଦାସ, ସୌମ୍ୟ ସରକାର, ନଇମ୍ ଶେଖ, ମୁଶଫିକର ରହିମ, ଆଫିଫ୍ ହୋସେନ, ମୋସାଡେକ ହୋସେନ ସଇକତ୍, ଅମିନୁଲ ଇସଲାମ ବିପ୍ଳବ, ଅରଫାତ୍ ସନ୍ନୀ, ଅବୁ ହାଇଦର, ଅଲ୍-ଅମିନ୍ ହୋସେନ, ମୁସ୍ତାଫିଜୁର ରେହମାନ ଓ ଶ୍ରେଫୁଲ ଇସଲାମ।

**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା।**

### ମହିଳା କ୍ରିକେଟ: ଭାରତ ୧ ରନ୍‌ରେ ହାରିଲା

**ଆଣ୍ଟିଗୁଆ, ୨।୧୧:** ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଖେଳାଯାଇଥିବା ରୋମାଞ୍ଚଭରା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଭାରତୀୟ ମହିଳା କ୍ରିକେଟ ଦଳ ୧ ରନ୍‌ରେ ପରାସ୍ତ ହୋଇଛି। ସାର୍ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ୨୨୬ ରନ୍‌ର ବିଜୟଲକ୍ଷ୍ୟ ନେଇ ଓହ୍ଲାଇଥିବା ମିଥାଲି ରାଜଙ୍କ ନେତୃତ୍ୱାଧୀନ ଭାରତ ଶେଷ ପର୍ଯ୍ୟନ୍ତ ଖେଳି ୨୨୪ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଏହି ପରାଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭ୍ରମଣକାରୀ ଦଳ ୧–୦ ବ୍ୟବଧାନରେ ପଛୁଆ ରହିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ଧାର୍ଯ୍ୟ ୫୦ ଓଭରରେ ୭ ଉଇକେଟ ହରାଇ ୨୨୫ ରନ୍ କରିଥିଲା। ଦଳ ପାଇଁ ଅଧିନାୟିକା ଷ୍ଟେଫିନି ଟେଲର ସର୍ବାଧିକ ୯୪ ରନ୍ କରିଥିଲେ। ଜବାବରେ ପ୍ରିୟା ପୁନିଆଙ୍କ ୭୫, ଜେମିମା ରୋଡ୍ରିଗ୍ୱେଜଙ୍କ ୪୧ ଓ ପୁନମ ରାଉତଙ୍କ ୨୨ ରନ୍ ଯୋଗୁ ଭାରତୀୟ ଦଳ ୩୯.୩ ଓଭରରେ ୩ ଉଇକେଟ ହରାଇ ୧୭୦ ରନ୍ କରି ମଜଭୁତ ସ୍ଥିତିରେ ଥିଲା। ଟିମ୍ ଇଣ୍ଡିଆକୁ ବିଜୟ ପାଇଁ ବଳକା ୬୩ ବଲରେ ୫୬ ରନ୍ ଦରକାର ଥିଲା। କିନ୍ତୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇବା ଯୋଗୁ ଦଳ ବିଜୟ ଲକ୍ଷ୍ୟଠାରୁ ଦୁଇ ରନ୍ ପଛରେ ରହିଯାଇଥିଲା। ଭାରତୀୟ ଦଳ ୫୦ ଓଭରରେ ୨୨୪ ରନ୍ କରି ଅଲଆଉଟ୍ ହୋଇଯାଇଥିଲା।

## କଳିଙ୍ଗ କର୍ନର




ଜାତୀୟ ପତାକା ସହ ଜଣେ କୁନି ପ୍ରଶଂସକ।



ପରିବାର ସହ ଭାରତୀୟ ହକି ତାରକା ଏସ୍.ଭି. ସୁନୀଲ।



ଶନିବାର କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଭାରତୀୟ ହକି ଦଳକୁ ଉତ୍ସାହିତ କରୁଛନ୍ତି ଓଡ଼ିଶା ଏଫ୍‌ସିର ଖେଳାଳି ଓ କର୍ମକର୍ତ୍ତାମାନେ।

### ମୋନିକା ଖେଳିଲେ ୧୫୦ତମ ମ୍ୟାଚ

ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସର ଶନିବାର ଆମେରିକା ବିପକ୍ଷ ମୁକାବିଲାରେ ଭାରତର ମୋନିକା କ୍ୟାରିୟରର ୧୫୦ତମ ମ୍ୟାଚ ଖେଳିଥିଲେ। ୪ ନମ୍ବର ଜର୍ସି ପରିହିତ ମିଡ୍‌ଫିଲ୍ଡର ମୋନିକା ଷ୍ଟାର୍ଟିଂ ଇଲେଭେନରେ ସାମିଲ ଥିଲେ। ୨୦୧୨ରେ ନାପଲେସଠାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ ମୋନିକା। ୨୦୧୬ ରିଓ ଅଲିମ୍ପିକ୍ସରେ ଖେଳିଥିବା ମୋନିକା ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳର ସଦସ୍ୟା ଥିଲେ। ୨୦୧୭ ମହିଳା ଏସିଆ କପ୍‌ରେ ଭାରତ ଚାମ୍ପିୟନ ହୋଇଥିବାବେଳେ ତାଙ୍କ ପ୍ରଦର୍ଶନ ପ୍ରଭାବୀ ରହିଥିଲା। ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ରୌପ୍ୟ ପଦକ ବିଜୟୀ ଭାରତ ପକ୍ଷରୁ ମଧ ସେ ପ୍ରତିନିଧିତ୍ୱ କରିଥିଲେ। ''ଭୁବନେଶ୍ୱରରେ କ୍ୟାରିୟରର ୧୫୦ତମ ମ୍ୟାଚ ଖେଳିଥିବାରୁ ମୁଁ ବହୁତ ଖୁସି। ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳିବାକୁ ମୋର ବହୁତ ଇଚ୍ଛା ରହିଥାଏ। କଳିଙ୍ଗ ଷ୍ଟାଡିୟମରେ ଘରୋଇ ଦଳକୁ ଯେପରି ଦର୍ଶକ ସମର୍ଥନ ମିଳୁଛି ତା'ଠାରୁ ଅଧିକ ଅନ୍ୟ କେଉଁଠି ଆଶା କରାଯାଇ ନ ପାରେ। ସାଥୀ ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍‌ଙ୍କ ଯୋଗୁ ମୁଁ ଏହି ମାଇଲ୍‌ଖୁଣ୍ଟ ସ୍ପର୍ଶ କରିପାରିଛି'' ବୋଲି ମୋନିକା ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ସେହିପରି ଭାରତୀୟ ପୁରୁଷ ଦଳରେ ଲଳିତ ଉପାଧ୍ୟାୟ ଶନିବାର କ୍ୟାରିୟର୍‌ର ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି।

### ମ୍ୟାଚ୍ ଦେଖିଲେ ଓଡ଼ିଶା ଏଫ୍‌ସି ଖେଳାଳି

**ଭୁବନେଶ୍ୱର, ୨।୧୧(କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ଅଲିମ୍ପିକ୍ସ କ୍ୱାଲିଫାୟର୍ସର ଶନିବାର ଅନୁଷ୍ଠିତ ମ୍ୟାଚକୁ ଉପଭୋଗ କରିଥିଲେ ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ) ଦଳ ଓଡ଼ିଶା ଏଫ୍‌ସିର ଖେଳାଳି ଓ କର୍ମକର୍ତ୍ତାମାନେ। ଦିଲ୍ଲୀ ଡାଇନାମସରୁ ଓଡ଼ିଶା ଏଫସିରେ ରୂପାନ୍ତରିତ ହୋଇଥିବା ଏହି ଦଳ କ୍ୱାଲିଫାୟର୍ସର ମହିଳା ବିଭାଗରେ ଭାରତ–ଆମେରିକା ଓ ପୁରୁଷ ବିଭାଗରେ ଭାରତ–ରୁଷିଆ ମ୍ୟାଚ ଉପଭୋଗ କରିଥିଲେ। ଆମେ ଏଠାକୁ ଭାରତୀୟ ଦଳକୁ ଉତ୍ସାହିତ କରିବାକୁ ଆସିଛୁ ବୋଲି ଓଡ଼ିଶା ଏଫ୍‌ସି ଦଳର ଓଡ଼ିଆ ସଦସ୍ୟ ଶୁଭମ୍ ଷଡ଼ଙ୍ଗୀ ପ୍ରକାଶ କରିଥିଲେ। ଚଳିତ ଆଇଏସ୍‌ଏଲ୍ ସିଜନରେ ଓଡ଼ିଶା ଏଫ୍‌ସି ଏପର୍ଯ୍ୟନ୍ତ ୩ଟି ମ୍ୟାଚ ଖେଳିଥିବାବେଳେ ପ୍ରଥମ ୨ଟି ମ୍ୟାଚ ହାରି ଯାଇଥିଲା। ତେବେ ତୃତୀୟ ମ୍ୟାଚରେ ହାଇଦ୍ରାବାଦ ଏଫ୍‌ସିକୁ ହରାଇ ଦଳ ବିଜୟ ପଥକୁ ଫେରିଛି। ଆମକୁ ମୋମେଣ୍ଟମ ବଜାୟ ରଖିବାକୁ ପଡ଼ିବ। ଏଭଳି ପ୍ରଦର୍ଶନ ବଜାୟ ରଖିବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ଶୁଭମ୍ ପ୍ରକାଶ କରିଥିଲେ।

# ଅଲିମ୍ପିକ୍ସ ଯୋଗ୍ୟତା ସ୍ମରଣୀୟ

**ଭୁବନେଶ୍ୱର, ୨।୧୧(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ମହିଳା ହକି ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ଖୁସିରେ ଆତ୍ମହରା ହୋଇଛନ୍ତି ଦଳର ୩ ଓଡ଼ିଆ ସଦସ୍ୟା ଲିଲିମା ମିଞ୍ଜ୍, ଦୀପ୍ ଗ୍ରେସ୍ ଏକ୍କା ଏବଂ ନମିତା ଟପ୍ପୋ। କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ମ୍ୟାଚରେ ଭାରତ ୧–୪ ଗୋଲରେ ଆମେରିକାଠାରୁ ହାରିଥିଲେ ହେଁ ଶୁକ୍ରବାର ୫–୧ ଗୋଲରେ ବିଜୟୀ ହୋଇଥିବାରୁ ମୋଟ ଗୋଲ ବ୍ୟବଧାନରେ ଅଲିମ୍ପିକ୍ସ ଟିକେଟ ହାସଲ କରିଛି। କଳିଙ୍ଗ ଷ୍ଟାଡିୟମରେ ଆମେ ପ୍ରଥମଥରପାଇଁ ଖେଳିଲୁ ଏବଂ ଏହିଠାରୁ ଅଲିମ୍ପିକ୍ସ ଯୋଗ୍ୟତା ପାଇଥିବାରୁ ଏହା ଆମପାଇଁ ସ୍ମରଣୀୟ ହୋଇ ଯାଇଛି ବୋଲି ୩ ଓଡ଼ିଆ ଖେଳାଳି ପ୍ରକାଶ କରିଛନ୍ତି।

### ଲିଲିମା ମିଞ୍ଜ୍



ଆମେ ପ୍ରଥମାର୍ଦ୍ଧରେ ଅନେକ ତ୍ରୁଟି କଲୁ। ଆମ ରକ୍ଷଣଭାଗର ବିଫଳତାରୁ ଆମେରିକା ଫାଇଦା ଉଠାଇଲା। ମାତ୍ର ଆମେ କେବେହେଲେ ଆଶା ହରାଇ ନ ଥିଲୁ। ନିଶ୍ଚିତ ଅଲିମ୍ପିକ୍ ପାଇଁ ଯୋଗ୍ୟତା ଅର୍ଜନ କରିବୁ ବୋଲି ମନରେ ବିଶ୍ୱାସ ରଖିଥିଲୁ। ଆମେ ପ୍ରଥମଥରପାଇଁ କଳିଙ୍ଗ ଷ୍ଟାଡିୟମରେ ମ୍ୟାଚ ଖେଳିବା ସୁଯୋଗ ପାଇଲୁ ଏବଂ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କଲୁ। ଏହାଠାରୁ ବଡ଼ ଖୁସି ଅନୁଭବ ଆମପାଇଁ ଆଉ କିଛି ନାହିଁ ବୋଲି କହିଛନ୍ତି ଲିଲିମା ମିଞ୍ଜ୍।

### ଦୀପ୍ ଗ୍ରେସ୍ ଏକ୍କା



ଘରୋଇ ପରିବେଶରେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ଗର୍ବ ଅନୁଭବ କରୁଛୁ। ପ୍ରତି ଦିନ ସମାନ ପ୍ରଦର୍ଶନ ସମ୍ଭବ ହୋଇ ନ ଥାଏ। ଶୁକ୍ରବାର ପରି ଆମେ ଆଜି ଏ ୦।୧ ରେ ଖେଳିପାରି ନ ଥିଲୁ। ପ୍ରଥମାର୍ଦ୍ଧରେ ଏକାଧିକ ତ୍ରୁଟି କରିଥିଲେ ହେଁ ଆମେ ଦ୍ୱିତୀୟାର୍ଦ୍ଧରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲୁ। ଘରୋଇ ଦର୍ଶକଙ୍କ ସମର୍ଥନ ଅଭୁଲା ହୋଇ ରହିବ। ମ୍ୟାଚ ହାରିଥିଲେ ହେଁ ଅଲିମ୍ପିକ୍ସ ଯୋଗ୍ୟତା ପାଇଥିବାରୁ ଆମେ ଅତ୍ୟନ୍ତ ଖୁସି ବୋଲି ଦୀପ୍ ଗ୍ରେସ୍ ଏକ୍କା ପ୍ରକାଶ କରିଛନ୍ତି।

### ନମିତା ଟପ୍ପୋ



ଆଜିର ମ୍ୟାଚରେ ଆମେରିକା ବହୁତ ଭଲ ଖେଳିଲା। ପୂର୍ବ ମ୍ୟାଚରେ ହାରି ଯାଇଥିବାରୁ ଯୋଜନାବଦ୍ଧଭାବେ ଖେଳି ଏହି ଦଳ ସଫଳ ହୋଇଥିଲା। ମ୍ୟାଚ ଫଳାଫଳ ଯାହା ହେଉନା କାହିଁକି ଆମେ ଅଲିମ୍ପିକ୍ସ ଯୋଗ୍ୟତା ପାଇଥିବାରୁ ଖୁସିରେ ଆତ୍ମହରା ହୋଇଛୁ। ଆମେ କୋଚ୍‌ଙ୍କ ସହ ବୈଠକରେ ଏକତ୍ରିତ ହୋଇ କେଉଁଠି ତ୍ରୁଟି ରହିଲା ତାହାକୁ ଠାବ କରିବୁ ଏବଂ ଭବିଷ୍ୟତରେ ଯେପରି ତାହାର ପୁନରାବୃତ୍ତି ନ ହେବ ତା' ଉପରେ ଧ୍ୟାନ ଦେବୁ। ଆମେ ଅଲିମ୍ପିକ୍ସ ଯୋଗ୍ୟତା ପାଇଁ କଠିନ ପରିଶ୍ରମ କରିଛୁ। ଅଲିମ୍ପିକ୍ସ ଯୋଗ୍ୟତା ପାଇସାରିଥିବାରୁ ଆମେ ଆଗକୁ ଆହୁରି ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ। କଳିଙ୍ଗ ଷ୍ଟାଡିୟମ ପରିବେଶରେ ଆମେ ପୁଣି ଖେଳିବାକୁ ନିଶ୍ଚିତ ପସନ୍ଦ କରିବୁ ବୋଲି ନମିତା ଟପ୍ପୋ କହିଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ନଭେମ୍ବର ୩/୨୦୧୯ Bhubaneswar, Sunday, November 3/2019

ସ୍ୱର୍ଗଦ୍ୱାରରୁ ବିଜୁ ପଟ୍ଟନାୟକଙ୍କ ସମାଧି ହଟିବା ଘଟଣା

# ଶ୍ରେୟ ପାଇଁ ପ୍ରତିଯୋଗିତା, ଦ୍ୱନ୍ଦ୍ୱରେ ଲୋକେ

**ପୁରୀ ଅଫିସ, ୨।୧୧**

ସ୍ୱର୍ଗଦ୍ୱାରରୁ ହଟିବ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମାଧି। ସ୍ମାରକୀ ଭାବେ କେବଳ ସ୍ମୃତି ଫଳକ ହିଁ ରହିବ। ଶୁକ୍ରବାର ବିଜେଡି ପକ୍ଷରୁ ଏଭଳି ଘୋଷଣା କରାଯାଇଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ସ୍ୱର୍ଗତ ବିଜୁ ପଟ୍ଟନାୟକ କୋଟି କୋଟି ଓଡ଼ିଆଙ୍କ ହୃଦୟରେ ଅଛନ୍ତି। ସ୍ୱର୍ଗଦ୍ୱାରରେ ବିଜୁବାବୁଙ୍କ ଉଦ୍ଦେଶ୍ୟରେ ଯାହା କିଛି ଥିଲା ସେ ସବୁ ରାଜ୍ୟବାସୀଙ୍କ ସେବାରେ ଲାଗିବ। ତେବେ ବିଜୁ ପଟ୍ଟନାୟକଙ୍କ ସମାଧି ହଟାଯିବା ଲାଗି ଘୋଷଣା ପରେ ପରେ ଏହାର ଶ୍ରେୟ କାହାକୁ ଯିବ ତାହାକୁ ନେଇ ଦ୍ୱନ୍ଦ୍ୱରେ ପଡିଛନ୍ତି ଲୋକେ। କାରଣ ବିଭିନ୍ନ ସଙ୍ଗଠନ ଏବଂ ବ୍ୟକ୍ତିବିଶେଷ ଏହି ଶ୍ରେୟ ପାଇଁ ହକ୍‌ଦାର ବୋଲି କହୁଥିବା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହାକୁ ନେଇ ଭିନ୍ନ ଚର୍ଚ୍ଚା ହେଉଛି। ପୁରୀର ଆଇନଜୀବୀ ଦିଗମ୍ବର ବେହେରା ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ଏହି ପ୍ରସଙ୍ଗକୁ ନେଇ ଏକ ପୋଷ୍ଟ କରିଛନ୍ତି। ସେ ଏଥିରେ ଉଲ୍ଲେଖ କରିଛନ୍ତି ଯେ, ସ୍ୱର୍ଗଦ୍ୱାରରୁ ବିଜୁବାବୁଙ୍କ ସମାଧି ସ୍ଥାନାନ୍ତର କରି ଶାମୁକା ପ୍ରକଳ୍ପ ସଂଲଗ୍ନ (ବାଲିହରଚଣ୍ଡୀ ମନ୍ଦିରଠାରୁ ସାତପଡ଼ା ମଝି)ରେ ୫୦୦ ବର୍ଗ କିମି ଅଞ୍ଚଳକୁ ନେଇ ତାକୁ ବିକଶିତ କରାଯାଉ। ସେଠାରେ ପୃଥିବୀର ସବୁଠୁ ଉଚ୍ଚତମ ଡେଙ୍ଗା ମଣିଷ ବିଜୁବାବୁଙ୍କର ପ୍ରତିମୂର୍ତ୍ତି ସ୍ଥାପନ କଲେ ଖୁବ୍ ଭଲ ହୁଅନ୍ତା। ତାଙ୍କର ଏହି ପ୍ରସ୍ତାବର ସମର୍ଥନରେ ଅନେକ କମେଣ୍ଟ ଦେଇଛନ୍ତି।

ସ୍ୱର୍ଗଦ୍ୱାରରେ ବିଜୁ ପଟ୍ଟନାୟକଙ୍କ ସମାଧି ସ୍ଥାପନ ହେବା ପରେ ଏହାକୁ ହଟାଇବା ଲାଗି ୧୯୯୯ରେ ପୁରୀ ସିଭିଲ ଜଜ୍ ଜୁନିୟର ଡିଭିଜନଙ୍କ କୋର୍ଟରେ ଟାଇଟଲ ସୁଟ୍ (୫୨/୧୯୯୯) ଫାଇଲ ହୋଇଥିଲା। ଆଇନଜୀବୀ ରମେଶ ପ୍ରସାଦ ସିଂହ, ଆଇନଜୀବୀ ବିକାଶ ଶତପଥୀ ଓ ସାମାଜିକ କର୍ମୀ ଲକ୍ଷ୍ମୀନାରାୟଣ ତ୍ରିପାଠୀ ଏହି ମାମଲା ଦାଏର କରି ତୁରନ୍ତ ସ୍ୱର୍ଗଦ୍ୱାରରୁ ବିଜୁବାବୁଙ୍କ ସମାଧି ହଟାଇବାକୁ ନିବେଦନ କରିଥିଲେ। ସେହିପରି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଦିଆଯାଇଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, ଆମର ଦୀର୍ଘଦିନର ସ୍ୱର୍ଗଦ୍ୱାର ମୁକ୍ତି ଆନ୍ଦୋଳନ ସଫଳ ହେଲା। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ। ସ୍ୱର୍ଗଦ୍ୱାର ମୁକ୍ତି ଆନ୍ଦୋଳନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ କରିବା ସମୟରେ ଯେଉଁ ମିଥ୍ୟା ମକଦ୍ଦମା ଆମ୍ଭମାନଙ୍କ ନାମରେ ଦାଏର ହୋଇଥିଲା ତାହାକୁ ପ୍ରତ୍ୟାହାର କରାଯାଉ ବୋଲି ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଦାବି କରିଛନ୍ତି। ଏଥିସହ ବିଜୁବାବୁଙ୍କ ସମାଧି, ପ୍ରତିମୂର୍ତ୍ତି ଓ ଡାକୋଟା ବିମାନ ଗୋଟିଏ ସ୍ଥାନରେ ରଖି ଏହାକୁ ଦର୍ଶନୀୟ ସ୍ଥାନର ଆଖ୍ୟା ଦିଆଯାଉ ବୋଲି ପଟ୍ଟନାୟକ କହିଛନ୍ତି। ଅନ୍ୟପକ୍ଷରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଶନିବାର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଇଛି। ମଞ୍ଚର ସଭାପତି ଆଇନଜୀବୀ ପ୍ରସନ୍ନ ଦାଶ କହିଛନ୍ତି, ୩ ବର୍ଷ ଆନ୍ଦୋଳନର ଅନ୍ତ ଘଟିଲା।



ସିଂହଦ୍ୱାର ସମ୍ମୁଖରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଦୀପଦାନ କରାଯାଉଛି।

### ସୋସିଆଲ ମିଡିଆରେ ଚର୍ଚ୍ଚା: ତିଆରି ହେଉ ବିଜୁବାବୁଙ୍କ ବଡ଼ ପ୍ରତିମୂର୍ତ୍ତି

ସ୍ୱର୍ଗଦ୍ୱାର ଜବରଦଖଲ ଉଚ୍ଛେଦ, ସମ୍ପ୍ରସାରଣ ଓ ଉନ୍ନତିକରଣ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବାରୁ ମଞ୍ଚ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ। ଏଥିଲାଗି ସିଂହଦ୍ୱାରରେ ଦୀପଦାନ କରାଯାଇଛି। ସେହିପରି ଶନିବାର ପୂର୍ବାହ୍ନରେ ଜଣେ ବ୍ୟକ୍ତି ଆମେ ୩ ବର୍ଷ ଧରି ଲଢେଇ କରିଥିଲୁ, କେସ୍ ଖାଇଛୁ। ବିଜୁବାବୁଙ୍କ ସମାଧି ହଟିବା ନିଷ୍ପତ୍ତି ନେଇ ଆଜି ବହୁତ ଖୁସି ବୋଲି ଗଣମାଧ୍ୟମ ସମ୍ମୁଖରେ କହିଥିଲେ। ତେବେ ଏକାଧିକ ସଙ୍ଗଠନ ଏବଂ ବ୍ୟକ୍ତିବିଶେଷଙ୍କ ଏଭଳି ମତାମତକୁ ନେଇ ପୁରୀ ବିଭିନ୍ନ ସ୍ଥାନରେ ନାନା ପ୍ରକାର ଚର୍ଚ୍ଚା ଶୁଣିବାକୁ ମିଳିଥିଲା। ପ୍ରତାପ ଶତପଥୀ ନାମକ ଜଣେ ସହରବାସୀ କହିଥିଲେ, ଏତେ ଲୋକ ଏହାର ଶ୍ରେୟ ନେବାକୁ ଆଗେଇ ଆସିବାକୁ ନେଇ ମୁଁ ଦ୍ୱନ୍ଦ୍ୱରେ ରହିଛି। ବାସ୍ତବରେ ଏହା ମୁଖ୍ୟମନ୍ତ୍ରୀଙ୍କ ତ୍ୟାଗ ନା ସମ୍ପୃକ୍ତ ବ୍ୟକ୍ତିଙ୍କ ଉଦ୍ୟମ ତାହା ଜାଣିପାରୁ ନାହାଁନ୍ତି ବୋଲି କହିଛନ୍ତି।

୮ଘଣ୍ଟା ତହସିଲ ଅଫିସରେ ତାଲା ପକାଇବା ଘଟଣା

# ପ୍ରତିବାଦରେ ସୁରକ୍ଷା ଦାବି ନେଇ କର୍ମଚାରୀଙ୍କ ଧାରଣା



ବିପନ୍ନମାନେ ତହସିଲଦାରଙ୍କୁ ଠେଲାପେଲା କରୁଛନ୍ତି।

**ଗୋପ,୨।୧୧(ଡି.ଏନ୍.ଏ.)**

ଗୋପ ତହସିଲ ଅଧୀନସ୍ଥ ୧୪ଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ଅଧିକାଂଶ ଗାଁରେ ଘରଭଙ୍ଗା ତଦନ୍ତରେ ଅନିୟମିତତା ହୋଇଥିବା ଅଭିଯୋଗରେ ଶୁକ୍ରବାର ବଞ୍ଚିତ ବିପନ୍ନ ମହିଳାମାନେ ୮ଘଣ୍ଟା ତହସିଲ ଅଫିସରେ ତାଲା ପକାଇବା ସହ ଧାରଣା ଦେଇଥିଲେ। ଫଳରେ ଅଫିସରେ ଥିବା ଅତିରିକ୍ତ ତହସିଲଦାର ସମେତ ଅନେକ କର୍ମଚାରୀମାନେ ଦୀର୍ଘ ସମୟ ଧରି ଅଟକିରହିଥିଲେ। ପରେ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ ପହଞ୍ଚି ଧାରଣାରତ ମହିଳାମାନଙ୍କୁ ପ୍ରତିଶ୍ରୁତି ଦେବା ପରେ ଅଫିସ ଗେଟ ଖୋଲାଯାଇଥିଲା। ତେବେ ଏହି ଘଟଣାକୁ ପ୍ରତିବାଦ କରି ତହସିଲର ହେଡକ୍ଲର୍କ ତ୍ରିଲୋଚନ ସେଠୀଙ୍କ ନେତୃତ୍ୱରେ ୪୦ରୁ ଊର୍ଦ୍ଧ୍ୱ କର୍ମଚାରୀ ନିଜ ସୁରକ୍ଷା ଦାବି କରି ଶନିବାର ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ତହସିଲଦାର ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ଏହି ସମୟରେ ଅଫିସକୁ ଆସିଥିବା କେତେକ ବିପନ୍ନ ସରକାରୀ ସହାୟତା ପ୍ରଦାନରେ ହେଉଥିବା ବିଳମ୍ବ ନେଇ ତହସିଲଦାରଙ୍କୁ ଠେଲାପେଲା କରିଥିଲେ। ତହସିଲଦାର ଏ ସମ୍ପର୍କରେ ଗୋପ ପୋଲିସକୁ ଜଣାଇବାରୁ ପୋଲିସ ଆସି ଘଟଣା ସମ୍ପର୍କରେ ବୁଝିଥିଲେ। ଏ ନେଇ ତହସିଲଦାର ଥାନାରେ କୌଣସି ଅଭିଯୋଗ କରି ନ ଥିବାବେଳେ ଜନୈକ ରାଜସ୍ୱ ନିରୀକ୍ଷକଙ୍କ ନାମରେ ବିପନ୍ନମାନେ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ପୃଥ୍ୱୀରାଜ ମଣ୍ଡଳଙ୍କୁ ପଚାରିବାରୁ ଏହି ଅଭିଯୋଗରେ କୌଣସି ସତ୍ୟତା ନ ଥିବା କହିଥିଲେ। ସୂଚନାଯୋଗ୍ୟ, ଫନୀ ପରେ ହୋଇଥିବା ତଦନ୍ତରେ ଧନୀବ୍ୟକ୍ତି, କୋଠାଘର ଥିବା, ସରକାରୀ ଚାକିରିଆ, ଶାସକ ଦଳ କର୍ମୀଙ୍କ ନାମରେ ସହାୟତା ରାଶି ମିଳିଥିବାବେଳେ ପ୍ରକୃତ କ୍ଷତିଗ୍ରସ୍ତ ବିପନ୍ନମାନେ ଏଥିରୁ ବଞ୍ଚିତ ଥିଲେ। ଏଭଳି ଅନିୟମିତତା ନେଇ ବିପନ୍ନମାନେ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ନ ମିଳିବାରୁ ଶୁକ୍ରବାର ଛଇତନା ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ମହିଳା ତହସିଲ ଅଫିସକୁ ୮ଘଣ୍ଟା ଧରି ତାଲା ପକାଇ ଧାରଣା ଦେଇଥିଲେ।

### ତହସିଲଦାରଙ୍କୁ ଠେଲାପେଲା

ଖୋଲା ସ୍ଥାନରେ ମଦ ପିଇଲେ କାର୍ଯ୍ୟାନୁଷ୍ଠାନ

# ପ୍ରଥମ ଦିନରେ ୧୩୨ ମଦ୍ୟପଙ୍କୁ ଧରିଲା ପୋଲିସ

**ଭୁବନେଶ୍ୱର, ୨।୧୧(ବ୍ୟୁରୋ)**

ଏଣିକି ଖୋଲା ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ମଦ ପିଇବା ମନା। ଯଦି କେହି ପାର୍କ, ଖେଳ ପଡ଼ିଆ ଭଳି ଖୋଲା ଜାଗା ସମେତ ଜନଗହଳି ସ୍ଥାନରେ ମଦ୍ୟପାନ ଅବସ୍ଥାରେ ଧରାପଡ଼ନ୍ତି, ତାହାଲେ ତାଙ୍କୁ ଗିରଫ କରାଯିବ। ଏପରି କି ମଦ ଦୋକାନ ନିକଟରେ ମଦ ପିଇଲେ ମଧ୍ୟ ପୋଲିସ ଧରିବ ବୋଲି ଟୁଇଟ୍ କରି ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଶନିବାର ପ୍ରଥମ ଦିନରେ ଭୁବନେଶ୍ୱରର ବିଭିନ୍ନ ଖୋଲା ସ୍ଥାନରେ ମଦ ପିଉଥିବା ୧୩୨ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଜରିମାନା ବାବଦ ୬୬ହଜାର ଟଙ୍କା ଆଦାୟ ହୋଇଛି। ମଦ୍ୟପମାନେ ଖୋଲା ସ୍ଥାନରେ ମଦ ପିଇ ସାଧାରଣ ଲୋକଙ୍କୁ ବିଭିନ୍ନ ହଇରାଣ ହରକତ କରୁଛନ୍ତି। ଏପରି କି ସେହି ବାଟ ଦେଇ ଯାଉଥିବା ଯୁବତୀ ଓ ମହିଳାମାନଙ୍କୁ ଅସଦାଚରଣ କରିବାକୁ ପଛାଉ ନାହାଁନ୍ତି। ତେଣୁ ମଦୁଆମାନଙ୍କୁ ସାବାଡ କରିବା ପାଇଁ କମିଶନରେଟ୍ ପୋଲିସ ଏଭଳି କାର୍ଯ୍ୟାନୁଷ୍ଠାନ ନେଇଛି। ରାଜଧାନୀର ଯେଉଁ ଅଞ୍ଚଳରେ ଓପନ ବାର୍ ରହିଛି ଓ ମଦ୍ୟପଙ୍କ ଦୌରାତ୍ମ୍ୟ ବଢୁଛି, ସେଠାରେ ଧରପଗଡ ଅଭିଯାନକୁ ଜୋରଦାର କରାଯିବ ବୋଲି ଡିସିପି ସାହୁ କହିଛନ୍ତି।

## ଖେଳ ଖବର

### ଜାତୀୟ ଶିବିରରେ ସଙ୍ଗୀତା



**କଟକ ଅଫିସ,୨।୧୧:** ପଶ୍ଚିମବଙ୍ଗରେ ଆସନ୍ତା ୪ରୁ ୯ ତାରିଖ ପର୍ଯ୍ୟନ୍ତ ୧୭ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ନିମନ୍ତେ ଜାତୀୟ ଦଳର ଚୟନ ଓ ପ୍ରସ୍ତୁତି ଶିବିର ଅନୁଷ୍ଠିତ ହେବ। ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ(ଏଆଇଏଫ୍ଏଫ) ପକ୍ଷରୁ ଶିବିରରେ ଜଣେ ଓଡ଼ିଆ ଖେଳାଳିଙ୍କୁ ସାମିଲ କରାଯାଇଛି। ଏହି ପ୍ରତିଭାବାନ ଖେଳାଳି ଜଣଙ୍କ ହେଲେ ସଙ୍ଗୀତା ଦାସ। ସଙ୍ଗୀତା ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲର ଅନ୍ତେବାସୀ। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ସମ୍ପାଦକ(ଇନଚାର୍ଜ) ଅଭିଜିତ ପାଲ ସଙ୍ଗୀତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟବଲ ଉଦ୍‌ଘାଟିତ

**କଟକ ଅଫିସ,୨।୧୧**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଶନିବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଓଡ଼ିଶାର ଓୟୁଏଟି ବିଶ୍ୱବିଦ୍ୟାଳୟ ଦଳ ବିଜୟୀ ହୋଇଛି। ପୁଲ-ବିରେ ସ୍ଥାନିତ ଓୟୁଏଟି ଅଲିହା ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଓଡ଼ିଶାର ଅନ୍ୟ ଦୁଇ ଦଳ ନର୍ଥ ଓଡ଼ିଶା ଓ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଶନିବାର ପରାସ୍ତ ହୋଇଛନ୍ତି। ପ୍ରଥମ ଦିବସରେ ବିଜୟୀ ହୋଇଥିବା ଅବଶିଷ୍ଟ ଦଳ ଗୁଡ଼ିକ ହେଲେ ସର୍ଗୋଜା ବିଶ୍ୱବିଦ୍ୟାଳୟ, ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଆସାମ ବିଶ୍ୱବିଦ୍ୟାଳୟ, ତ୍ରିପୁରା ବିଶ୍ୱବିଦ୍ୟାଳୟ, ଆଡାମାସ ବିଶ୍ୱବିଦ୍ୟାଳୟ, ବିଳାସପୁର ଏବିଭି ଓ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଦୁଇଟି ଯାକ ଗ୍ରାଉଣ୍ଡ ସମେତ ରିଜର୍ଭ ପୋଲିସ ଗ୍ରାଉଣ୍ଡ ଓ ସତ୍ୟବ୍ରତ ଷ୍ଟାଡିୟମରେ ମ୍ୟାଚ୍ ଗୁଡ଼ିକ ଖେଳାଯାଇଥିଲା।

ରେଭେନଶାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ପୌରୋହିତ୍ୟ କରିଥିବାବେଳେ ଆଡଭୁକେଟ ଜେନେରାଲ ଅଶୋକ କୁମାର ପରିଜା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂହ ସମ୍ମାନିତ ଅତିଥି ଓ ବରେଣ୍ୟ ଅତିଥି ଭାବେ କୁଳସଚିବ ଅଶୋକ କୁମାର ଦାସ ଉପସ୍ଥିତ ଥିଲେ। ଡ. କେସିକେ ଭରଦ୍ୱାଜ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କ୍ରୀଡ଼ା ଅଧିକାରୀ ଅଞ୍ଜନ କୁମାର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଟୁର୍ନାମେଣ୍ଟ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ବିଭିନ୍ନ ରାଜ୍ୟରୁ ୬୦ଟି ବିଶ୍ୱବିଦ୍ୟାଳୟର ଅଂଶଗ୍ରହଣ କରିଛନ୍ତି।



ଉଦ୍‌ଘାଟନୀ ଅବସରରେ ମାର୍ଚ୍ଚପାଷ୍ଟରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରତିଯୋଗୀ।

# ଡିସେମ୍ବର ୪ରୁ ଓଟିପିଏଲ୍-୩

**ଭୁବନେଶ୍ୱର,୨।୧୧(ସ୍ପୋର୍ଟ୍ସ ବ୍ୟୁରୋ):** ଟେନିସ୍ ରେଜିଷ୍ଟ୍ରି, ସର୍ବଭାରତୀୟ ଟେନିସ୍ ମହାସଂଘ ଏବଂ ଓଡ଼ିଶା ଟେନିସ୍ ସଂଘ ସହାୟତାରେ ନୀଳାଚଳ ସ୍ପୋର୍ଟ୍ସ ଫେଡେରେଶନ ପକ୍ଷରୁ ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟରେ ଆସନ୍ତା ଡିସେମ୍ବର ୪ରୁ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଓଡ଼ିଶା ଟେନିସ୍ ପ୍ରିମିୟର ଲିଗ୍(ଓଟିପିଏଲ୍)ର ୩ୟ ସଂସ୍କରଣ। ଓଡ଼ିଶା ପ୍ରେସ୍ କ୍ଲବରେ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ଓଟିପିଏଲ୍ ଟ୍ରଫି ଉନ୍ମୋଚନ କରାଯାଇଛି। ପୂର୍ବତନ ୱିମ୍ବେଲଡନ୍ ଜୁନିୟର ଚାମ୍ପିୟନ ତଥା ଗ୍ରାଣ୍ଡସ୍ଲାମ ଖେଳାଳି ସୁମିତ ନାଗଲ ଏବଂ ଓଡ଼ିଆ ଫିଲ୍ମ ଷ୍ଟାର ସବ୍ୟସାଚୀ ମିଶ୍ରଙ୍କୁ ଲିଗ୍‌ର ଆମ୍ବାସାଡର ଘୋଷଣା କରାଯାଇଛି। ଏହି ଅବସରରେ ଓଡ଼ିଆ ଫିଲ୍ମ ନିର୍ମାତା ଅକ୍ଷୟ ପରିଜା, ଲିଗ୍ ପରିଚାଳନା ଟ୍ରଷ୍ଟି ଦିଲୀପ ମହାନ୍ତି ଓ ବିଭିନ୍ନ ଦଳର ଖେଳାଳି ଉପସ୍ଥିତ ଥିଲେ। ଚଳିତ ବର୍ଷ ୮ଟି ଦଳ ଯଥା ଭଦ୍ରକ ଭିକ୍ଟର୍ସ, ଭୁବନେଶ୍ୱର ୱାରିୟର୍ସ, କ୍ୟାପିଟାଲ କିଙ୍ଗ୍ସ, କଟକ ନ୍‌କର୍ସ, କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ, କେଜିଆଇ ଯାଜପୁର ଶୁଟର୍ସ, କିଟ୍ କିଲର ବିଇଜ ଓ ପାରୁଲ ପାନାସୋନିକ ପୁରୀ ୱେଭର୍ସ ଆଦି ଦଳ ଟ୍ରଫି ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ପ୍ରତି ଦଳରେ ଜାତୀୟସ୍ତରୀୟ ଓ ରାଜ୍ୟର ୪ ଖେଳାଳି ରହିଛନ୍ତି।

## ମିରାବାଙ୍କୁ ଜୁନିୟର କୋରିଆ ଓପନ୍ ଟାଇଟଲ

**ନୂଆଦିଲ୍ଲୀ,୨।୧୧(ପି.ଟି.):** ମାଇସନାମ ମିରାବା ଲୁୱାଙ୍ଗ କୋରିଆରେ ଚାଲିଥିବା ୧୯ ବର୍ଷରୁ କମ୍ ପୁରୁଷ ସିଙ୍ଗଲ୍ସ କୋରିଆ ଜୁନିୟର ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛନ୍ତି। ଟପ୍ ସିଡ୍ ମିରାବା ୨୧-୧୦, ୨୧-୧୩ ଗେମ୍‌ରେ ଘରୋଇ ଖେଳାଳି ଲି ହାକ ଜୁଙ୍କୁ ପରାସ୍ତ କରିଛନ୍ତି। ସମାନ ବୟସ ବର୍ଗରେ ୮ମ ସିଡ୍ ମାନ୍ୟତା ପାଇଥିବା ଅନ୍ୟ ଭାରତୀୟ ସତୀଶ କୁମାର କାରୁନାକରନ ବ୍ରୋଞ୍ଜ୍ ପଦକ ହାତେଇଛନ୍ତି।

# ଭାରତୀୟ ଦର୍ଶକ

**ଗୌତମ ଗମ୍ଭୀର**

ବିଶ୍ୱ କ୍ରିକେଟରେ ଭାରତୀୟ ସମର୍ଥକଙ୍କ ସଂଖ୍ୟା ସବୁଠାରୁ ଅଧିକ। କ୍ରିକେଟର କୌଣସି ବଡ଼ କାର୍ଯ୍ୟକ୍ରମ ଓ ଯୋଜନା ସେମାନଙ୍କୁ ଲକ୍ଷ୍ୟରେ ରଖି କରାଯାଇଥାଏ। କାରଣ ବ୍ରଡକାଷ୍ଟିଂ ରେଟିଂ ଏବଂ ସ୍ପନସରଶିପ୍‌ଙ୍କ ଆଗ୍ରହ ଏହା ଉପରେ ନିର୍ଭର କରିଥାଏ। ତଦନୁସାରେ ପୁଞ୍ଜିନିବେଶକାରୀମାନଙ୍କ ଉପାର୍ଜନ ହୋଇଥାଏ। ଆଇପିଏଲ୍‌କୁ ଛାଡ଼ି କୌଣସି ଲିଗ୍‌ରେ ବର୍ତ୍ତମାନର ଭାରତୀୟ କ୍ରିକେଟରଙ୍କୁ ଖେଳିବାକୁ ଅନୁମତି ଦେଉନାହିଁ ବିସିସିଆଇ। ତେଣୁ ଅନ୍ୟ କୌଣସି ଟୁର୍ନାମେଣ୍ଟ ପ୍ରତି ଭାରତୀୟ ଖେଳପ୍ରେମୀଙ୍କ ଆଗ୍ରହ ନ ରହିବା ସ୍ୱାଭାବିକ। ଗୋଟିଏ ଦୁଇଟି ଟୁର୍ନାମେଣ୍ଟ ବ୍ୟତୀତ ଅନ୍ୟଗୁଡ଼ିକ ଆକର୍ଷୀୟ ହୋଇପାରୁ ନାହିଁ। ଫଳରେ କେତେକ ସ୍ଥଳରେ ଫ୍ରାଞ୍ଚାଇଜ୍ ମାଲିକମାନଙ୍କୁ କ୍ଷତି ସହିବାକୁ ପଡୁଛି। କାରଣ ଫ୍ରାଞ୍ଚାଇଜ୍ ମାଲିକମାନେ ଜଣେ ଜଣ ବ୍ୟବସାୟୀ। ସେମାନେ ପୁଞ୍ଜି ଖଟାଇ ପ୍ରତିବଦଳରେ ଲାଭ ଚାହିଁଥାନ୍ତି। କ୍ଷତି ହେଲେ ସେମାନେ ଟୁର୍ନାମେଣ୍ଟରୁ ମୁହଁ ଫେରାଇବାକୁ ଚାହିଁବେ ନତୁବା ଦୁର୍ନୀତି ଉପାୟରେ ଉପାର୍ଜନ କରିବାକୁ ଚେଷ୍ଟା କରିବେ। ବୁକିଙ୍କ ସହାୟତା ନେଇ ପାରନ୍ତି। ବାଂଲାଦେଶର ପୂର୍ବତନ ଅଧିନାୟକ ଶକିବ ଅଲ ହସନଙ୍କୁ ଜଣେ ବୁକି ଆପ୍ରୋଚ୍ କରିଥିଲେ। ଏହାକୁ ସେ ତୁରନ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରି ନ ଥିବାରୁ ଏବେ ବାସନ୍ଦ ଦଣ୍ଡ ଭୋଗୁଛନ୍ତି। ବାଂଲାଦେଶର ଏହି ଷ୍ଟାର ଅଲରାଉଣ୍ଡର ଭାରତ ଟୁର୍‌ରୁ ବାଦ୍ ପଡ଼ିଛନ୍ତି। ଭ୍ରମଣକାରୀ ଦଳରେ ଶକିବ ଥାଆନ୍ତେ ତେବେ ଗତ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ତୁଳନାରେ ଭାରତ-ବାଂଲାଦେଶ ସିରିଜ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇ ପାରିଥାନ୍ତା। ବାଂଲାଦେଶ କ୍ରିକେଟ ଦଳକୁ ମୁଁ ସାବାସି ଦେବାକୁ ଚାହିଁବି। କାରଣ ରାଜଧାନୀ ଦିଲ୍ଲୀର ପ୍ରଦୂଷିତ ବାୟୁମଣ୍ଡଳ ବିରୋଧରେ ସେମାନେ ଏପର୍ଯ୍ୟନ୍ତ କୌଣସି ଖରାପ ମନ୍ତବ୍ୟ ଦେଇ ନାହାନ୍ତି। ଏହା ସେମାନଙ୍କ ଖେଳୁଆଡ଼ ମନୋବୃତ୍ତିର ପରିଚୟ ଦେଉଛି। ଏହି ପରିପ୍ରେକ୍ଷୀରେ ଭାରତୀୟ କ୍ରିକେଟ ଆସନ୍ତା ୪-୫ ବର୍ଷ ମଧ୍ୟରେ ଦେଶରେ ପ୍ରଥମ ଇନ୍‌ଡୋର ଷ୍ଟାଡିୟମ ଆବଶ୍ୟକ କରୁଛି। ମୋ ବିଚାରରେ ଦିନିକିଆ କିମ୍ବା ଟି୨୦ ଅପେକ୍ଷା ଟେଷ୍ଟ କ୍ରିକେଟ ପାଇଁ ଇନ୍‌ଡୋର ଷ୍ଟାଡିୟମର ଅଧିକ ଆବଶ୍ୟକତା ରହିଛି। ସୌରଭ ଗାଙ୍ଗୁଲି ଏବେ ବିସିସିଆଇର ମୁଖ୍ୟ ଥିବାରୁ ଏଥିପାଇଁ ବଜେଟର ସମସ୍ୟା ରହିବ ନାହିଁ ବୋଲି ମୁଁ ମନେ କରୁଛି। କେବଳ ପ୍ରଚେଷ୍ଟାର ଆବଶ୍ୟକତା ରହିଛି। ଭାରତ ବର୍ତ୍ତମାନ ଦଳରେ ନୂଆ ଖେଳାଳିଙ୍କୁ ପରୀକ୍ଷାମୂଳକ ଖେଳାଇବା ଲାଗି ଯୋଜନା କରୁଥିବା ମୁଁ ଜାଣିବାକୁ ପାଇଛି। ଟିମ୍ ପାଇଁ ବେଞ୍ଚ ଷ୍ଟ୍ରେନ୍ଥ ବୃଦ୍ଧି କରିବା ଯୋଜନା ସ୍ୱାଗତଯୋଗ୍ୟ ହେଲେ ଆସନ୍ତା ବର୍ଷ ଟି୨୦ ବିଶ୍ୱକପ୍‌ରେ କେଉଁମାନେ ଖେଳିବେ ତାହା ଏବେଠାରୁ ପକ୍କା କରିବା ଉଚିତ୍। ଦଳରେ ସେମାନଙ୍କ ସ୍ଥାନ ଯେପରି ସୁରକ୍ଷିତ ରୁହେଁ ଚୟନକର୍ତ୍ତା ଏବଂ ଟିମ୍ ମ୍ୟାନେଜମେଣ୍ଟ ସେଥିପ୍ରତି ଧ୍ୟାନଦେବା ଉଚିତ।

(ଗେମ୍‌ପ୍ଲାନ/ଦୀନେଶ ଚୋପ୍ରା ମିଡିଆ)।




# ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ଆରମ୍ଭ

**କଟକ ଅଫିସ,୨।୧୧**

ମଧୁପାଟଣା ସ୍ଥିତ ପ୍ରମିଳା ମଣ୍ଡପଠାରେ ଆଇ.ଏସ୍ ଚେସ୍ ସେଣ୍ଟର, କଟକ ଜିଲା ଚେସ୍ ଆସୋସିଏଶନ ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ପ୍ୟାରୀମୋହନ ସାମନ୍ତରାୟ ସ୍ମାରକୀ ରାଜ୍ୟସ୍ତରୀୟ ସ୍କୁଲ ଚେସ ପ୍ରତିଯୋଗିତା ଶନିବାରଠାରୁ ଆରମ୍ଭ ହୋଇଛ। ୧୩ଜିଲାରୁ ୨୧୪ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଛନ୍ତି। ଅଙ୍କିତା ସାହୁ ଏହି ଟୁର୍ନାମେଣ୍ଟର ଟପ୍‌ସିଡ଼ ଖେଳାଳି। ୭ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ପ୍ରଥମ ଦିନରେ ୩ ରାଉଣ୍ଡ ଖେଳ ଶେଷ ହୋଇଛି। ୩ ରାଉଣ୍ଡ ଖେଳ ଶେଷ ସୁଦ୍ଧା ସତ୍ୟମ ନାୟକ, ଆୟୁଷ ଅଭିଷେକ ଦାସ, ବିଶ୍ୱପ୍ରୀତ ରାୟ, ନୀଲୋତ୍ପଳ ପ୍ରଧାନ, ଅଞ୍ଜଳି ମିଶ୍ର, ତୁଷାର ଦାସ, କୌଶିକ କୁମାର, ଶୁଭ ସୁନ୍ଦର ବେହେରାଙ୍କ ସମେତ ୧୯ଜଣ ପ୍ରତିଯୋଗୀ ୩ ପଏଣ୍ଟ ଲେଖାଏ ହାସଲ କରି ଅଗ୍ରଣୀ ନେଇଛନ୍ତି। ମଧୁପାଟଣା ଥାନା ଅଧିକାରୀ ତୁଷାରକାନ୍ତ ସେଠୀ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଡ. ତୁଷାର କାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଇଏସ୍ ଚେସ ସେଣ୍ଟରର ନିର୍ଦ୍ଦେଶକ ମାନସ ପାଣି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବା ବେଳେ ଅମିୟ ରଞ୍ଜନ ରାଉତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ସନ୍ତୋଷ ମହାପାତ୍ର ମ୍ୟାଚ୍ ପରିଚାଳନା କରୁଛନ୍ତି।



ଚେସ୍ ଖେଳରେ ନିମଗ୍ନ ପ୍ରତିଯୋଗୀ।

୩୪
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଆଚରଣ ଶୁଦ୍ଧ ନ ହେଲେ ମୋକ୍ଷ ମିଳିବା ଅସମ୍ଭବ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### କାମଳ ରୋଗରେ ୧୦ମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୨।୧୧(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବ୍ଲକ ସପପଡ଼ା ପଞ୍ଚାୟତ ବୋଡ଼ଙ୍କ ଗ୍ରାମର ଅଚ୍ୟୁତାନନ୍ଦ ବେହେରାଙ୍କ ମଧ୍ୟମ କନ୍ୟା ନନ୍ଦିତା ପ୍ରିୟଦର୍ଶିନୀଙ୍କ ଶନିବାର ପୂର୍ବାହ୍ନରେ ମୃତ୍ୟୁ ଘଟିଛି। ସେ କିଛି ଦିନ ହେବ କାମଳ ରୋଗରେ ପୀଡ଼ିତ ହୋଇ କଟକର ଏକ ଘରୋଇ ନର୍ସିଂ ହୋମରେ ଚିକିତ୍ସାଧୀନ ଥିଲେ। ନନ୍ଦିତା ପ୍ରିୟଦର୍ଶିନୀ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୦ ଶ୍ରେଣୀରେ ପଢ଼ୁଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁଶୀଲ ବିଶୋଇଙ୍କ ନେତୃତ୍ୱରେ ଆଚାର୍ଯ୍ୟାଆଚାର୍ଯ୍ୟମାନେ ଛାତ୍ରୀଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ପରେ ବିଦ୍ୟାଳୟରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଚାଳନା କମିଟି ସଭାପତି ସୁନୀଲ ମିଶ୍ର, ସୁବୋଧ କୁମାର ଷଡ଼ଙ୍ଗୀ, ବ୍ରହ୍ମାନନ୍ଦ ଜେନା ଓ ପଦ୍ମଲୋଚନ ରାଉତଙ୍କ ସମେତ ଆଚାର୍ଯ୍ୟାଆଚାର୍ଯ୍ୟ ଯୋଗ ଦେଇଥିଲେ।

### ଶିକ୍ଷକଙ୍କ ସମସ୍ୟା ଶୁଣିଲେ ବ୍ଲକ ଶିକ୍ଷାଧିକାରୀ

ବାଙ୍କୀ,୨।୧୧(ସ୍ୱ.ପ୍ର.): ଡମପଡ଼ା ବ୍ଲକ ଶିକ୍ଷାଧିକାରୀ ପ୍ରତିମା ସୁନ୍ଦରୀ ଦଳେଇ ଶନିବାର ନିଜ କାର୍ଯ୍ୟାଳୟରେ ଶିକ୍ଷକ ଓ କର୍ମଚାରୀଙ୍କ ସମସ୍ୟାର ଶୁଣାଣି କରିଛନ୍ତି। କାର୍ଯ୍ୟକ୍ରମରେ ଶିକ୍ଷାଧିକାରୀ ଦଳେଇ ଶିକ୍ଷକଙ୍କ ଦରମା, ପେନସନ୍ ଓ ଅନ୍ୟ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ ପିଲାଙ୍କୁ କିପରି ପାଠ ପଢ଼ାଇ ହେବ ସେ ସମ୍ପର୍କରେ ଗୁରୁମନ୍ତ୍ର ଦେଇଥିଲେ। ଶିକ୍ଷକଙ୍କ ବ୍ୟବହାର ଓ ଶୃଙ୍ଖଳା ପିଲାଙ୍କ ବିକାଶ ଉପରେ ପ୍ରଭାବ ପକାଉଥାଏ। ତେଣୁ ଶିକ୍ଷକମାନେ ନିଜର ଜୀବନ ଶୈଳୀକୁ ପରିବର୍ତ୍ତନ କରି ଏକ ଆଦର୍ଶ ଶିକ୍ଷକ ହେବା ପାଇଁ ଅହରହ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ଜିଲାପାଳଙ୍କ ମିଶନ ଜିରୋ ଏଫକୁ କିପରି ପ୍ରତ୍ୟେକ ସ୍କୁଲରେ କାର୍ଯ୍ୟକାରୀ କରିବେ ଓ ପିଲାଙ୍କ ଶିକ୍ଷାର ମାନ ବଢ଼ାଇ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ୨୧ରୁ ରାଜ୍ୟସ୍ତରୀୟ ବଲ୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା

ବାଙ୍କୀ,୨।୧୧(ସ୍ୱ.ପ୍ର.): ବାଙ୍କୀ ବିଜ୍ଞପିତ ଅଞ୍ଚଳ ପରିଷଦ ଅଧୀନ ମା'ଚର୍ଚ୍ଚିକା ୟୁଥ୍ ଆସୋସିଏସନ୍ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସିନିୟର ବଲ୍ ବ୍ୟାଡ୍‌ମିଣ୍ଟନ୍ ମହିଳା ଓ ପୁରୁଷ ପ୍ରତିଯୋଗିତା ଆସନ୍ତା ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ବାଙ୍କୀ କଲେଜ ପଡ଼ିଆରେ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ଜିଲାରୁ ୫୦୦ ମହିଳା ଓ ପୁରୁଷ ଖେଳାଳି ଭାଗ ନେବେ ବୋଲି ବୈଠକରେ କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ସାମଲ ସୂଚନା ଦେଇଛନ୍ତି। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ବୃନ୍ଦାବନ ପ୍ରଧାନ, ଉପସଭାପତି ଦୟାନିଧି ମହାପାତ୍ର, ସଙ୍ଗଠକ ସମ୍ପାଦକ ସନ୍ତୋଷ ରଣା, ରବିନାରାୟଣ ପ୍ରଧାନ, ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ଦେଓ, ନିରଞ୍ଜନ ସାହୁ, ଦିବ୍ୟଜ୍ୟୋତି ନାୟକ, କୋଷାଧ୍ୟକ୍ଷ ଅନୁପ ନାୟକ, କୃପାସିନ୍ଧୁ ପ୍ରଧାନ ଓ ମୀନକେତନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

### ଯୁବକଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ଆଠଗଡ଼,୨।୧୧(ସ୍ୱ.ପ୍ର.): ଆଠଗଡ଼ ଥାନା ସମସରପୁର ପଞ୍ଚାୟତ ଅଧୀନ ନଡ୍ରୁଆପଡ଼ା ଗ୍ରାମର ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ଶରତ ରଣା(୩୮)। ଘରେ କେହି ନ ଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତିରେ ବିଷପିଇ ଦେଇଥିଲେ। ପରେ ଛଟପଟ ହେବାରୁ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ଏ ନେଇ ଡାକ୍ତରଖାନା କର୍ତ୍ତୃପକ୍ଷ ଆଠଗଡ଼ ଥାନାରେ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ନଂ-୪୨/୧୯ ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ମାତ୍ର ସେ କେଉଁ କାରଣରୁ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇନାହିଁ। ଶରତଙ୍କ ସ୍ତ୍ରୀ କିଛି ଦିନ ହେବ ପୁଅ ସହ ବାଙ୍କୀ ଥାନା ମାଳବିହାରୀପୁରସ୍ଥ ବାପଘରକୁ ଯାଇଥିଲେ। ଘରେ ଶରତଙ୍କ ବ୍ୟତୀତ ଅନ୍ୟ କେହି ନ ଥିଲେ।

■ଷାଣ୍ମାସିକ ପ୍ରଶ୍ନପତ୍ର ଅଭାବ, କଳାପଟାରେ ଲେଖାଯାଉଛି ପ୍ରଶ୍ନ

# ପିଲାଙ୍କ ପରୀକ୍ଷା ଖରାପ ହେବା ଆଶଙ୍କା

■ଅଭିଭାବକ ମହଲରେ ଅସନ୍ତୋଷ
■ପରିସ୍ଥିତିରେ ସୁଧାର ଅଣାଯିବ: ବିଇଓ

ନରସିଂହପୁର,୨।୧୧(ଡି.ଏନ.ଏ.)

ନରସିଂହପୁର ବ୍ଲକରେ ଚାଲିଥିବା ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକର ଷାଣ୍ମାସିକ ପରୀକ୍ଷାରେ ନାହିଁ ନଥିବା ବିଭ୍ରାଟ ଦେଖାଦେଇଛି। ବ୍ଲକର ବାଲିଝରିଠାରୁ କମଳାଡିହ ପର୍ଯ୍ୟନ୍ତ ୩୭ଟି ପଞ୍ଚାୟତର ୧୬୦ ବିଦ୍ୟାଳୟରେ ପରୀକ୍ଷା ଚାଲିଛି। ଏହି ବିଦ୍ୟାଳୟ ଗୁଡ଼ିକରେ ୧୬ ହଜାର ୭୭୫ଜଣ ପିଲା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପରୀକ୍ଷା ଦେଉଛନ୍ତି। ମାତ୍ର ଏତେ ସଂଖ୍ୟକ ପିଲାଙ୍କ ଲାଗି ଶିକ୍ଷା ବିଭାଗରୁ ବହୁ କମ ପ୍ରଶ୍ନପତ୍ର ଯୋଗାଇ ଦିଆଯାଇଛି। ଫଳରେ ପ୍ରତି ବିଷୟରେ କମ ପ୍ରଶ୍ନପତ୍ର ଥିବାରୁ ଶିକ୍ଷକମାନେ ହରଡ଼ ଘଣାରେ ପଡ଼ିଛନ୍ତି। ସବୁ ପିଲାଙ୍କ ପାଇଁ ପ୍ରଶ୍ନପତ୍ର ନ ଥିବାରୁ ପ୍ରଥମ ଦିନରେ ଶିକ୍ଷକମାନେ ପରୀକ୍ଷା ଆରମ୍ଭମାତ୍ରେ ଜେରକ୍ସ ଦୋକାନକୁ ଦୌଡ଼ିଥିବା ଦେଖିବାକୁ ମିଳିଥିଲା। ବ୍ଲକର ପର୍ବତ ଘେରା ପଞ୍ଚାୟତ ଗୁଡ଼ିକରେ ଥିବା ବିଦ୍ୟାଳୟ ନିକଟରେ ଜେରକ୍ସ ବ୍ୟବସ୍ଥା ନ ଥିବାରୁ କଳାପଟାରେ ପ୍ରଶ୍ନପତ୍ରକୁ ଶିକ୍ଷକମାନେ ଲେଖିଥିଲେ। ଶ୍ରେଣୀର ଦୂରରେ ବସିଥିବା ପିଲାଙ୍କୁ କଳାପଟା ପ୍ରଶ୍ନପତ୍ର ଠିକରେ ଦେଖା ଯାଉ ନ ଥିବା ବହୁ ଅଭିଭାବକ ଅଭିଯୋଗ କରିଛନ୍ତି। ଏହି କାରଣରୁ ପିଲାଙ୍କ ପରୀକ୍ଷା ଖରାପ ହେବ ବୋଲି ସେମାନେ ଆଶଙ୍କା କରିଥିବା କହିଛନ୍ତି।

ଏନେଇ ନରସିଂହପୁରର ପ୍ରକାଶ ବେହେରା କୁହନ୍ତି, ଗଣଶିକ୍ଷା ବିଭାଗର କିଭଳି ବିଚିତ୍ର ନୀତି। ଏହି ପରୀକ୍ଷାରେ ଘୋର ଅବ୍ୟବସ୍ଥା କରାଯାଇଛି। ପିଲାଙ୍କ ମାନସିକ ସ୍ଥିତି ଠିକ ରହିବ ନାହିଁ। ଆମ ବ୍ଲକରେ ପ୍ରତିଦିନ ଶିକ୍ଷକମାନେ ଶିକ୍ଷା ବିଭାଗକୁ ମଧ୍ୟାହ୍ନଭୋଜନ ସମ୍ପର୍କରେ ପିଲାଙ୍କ ସଂଖ୍ୟା ଉପସ୍ଥାନ ସଂଖ୍ୟା ପଠାଉଛନ୍ତି। ତେବେ ଏଭଳି ସମସ୍ତ ତଥ୍ୟ ଥାଇ କିପରି ପ୍ରଶ୍ନ ପତ୍ର କମ ଆସୁଛି ତାହା ଆଶ୍ଚର୍ଯ୍ୟ। ସବୁ ବିଦ୍ୟାଳୟର ତଥ୍ୟ ରାଜ୍ୟ ସରକାରଙ୍କ ପାଖରେ ରହିଛି। ଯଦି ପ୍ରଶ୍ନ ପତ୍ର ଛପାଇବାର ବ୍ୟବସ୍ଥା ସରକାର କରିପାରିଲେ ନାହିଁ ତାହେଲେ ଏଭଳ ପରୀକ୍ଷା କଲେ କାହିଁକି ବୋଲି ପ୍ରଶ୍ନ କରିଥିଲେ। ଏହି ଘଟଣାରେ ବ୍ଲକ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ସେ କହିଥିଲେ, ପିଲାଙ୍କ ସଂଖ୍ୟା ତୁଳନାରେ କମ ପ୍ରଶ୍ନ ପତ୍ର ଆସିଛି। ଯେଉଁ ପ୍ରଶ୍ନ ପତ୍ର କମ ଆସିଛି ତାହା ସରକାରୀ ବ୍ୟୟ ବ୍ୟବସ୍ଥା କରାଯାଇ ଏଥିରେ ସୁଧାର ଆଣିବା ପାଇଁ ଚେଷ୍ଟା ଜାରି ରହିଛି। ଏହି ଘଟଣାକୁ ମଧ୍ୟ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ। ଆଗକୁ ଏପରି ଭୁଲ ହେବନାହିଁ।



ନଦୀକୁଣ୍ଡା ପୋଲ ବାଡ଼ା ଭୁଶୁଡ଼ି ପଡ଼ିଛି।

## ଭୁଶୁଡ଼ିଲା ନଦୀକୁଣ୍ଡା ପୋଲ ବାଡ଼ା

ବାଙ୍କୀ,୨।୧୧(ସ୍ୱ.ପ୍ର.)

ବାଙ୍କୀ-ଭୁବନେଶ୍ୱର ରାସ୍ତାର ପେଟ୍ରୋଲ ପମ୍ପ ଓ ଦମକଳ କାର୍ଯ୍ୟାଳୟ ମଧ୍ୟସ୍ଥ ଢୁଡ୍ରୁଆ ନଦୀରେ ଅବସ୍ଥିତ ନଦୀକୁଣ୍ଡା ପୋଲର ବାମ ପାର୍ଶ୍ୱ ବାଡ଼ା ଶୁକ୍ରବାର ରାତିରେ ଭୁଶୁଡ଼ି ପଡ଼ିଛି। ଫଳରେ ପୋଲର ପଥର ଖଣ୍ଡମାନ ପାଣି ଭିତରେ ଗଳିପଡ଼ିଛି। ଶନିବାର ପ୍ରତ୍ୟୁଷରେ ଜନସାଧାରଣ ଏହା ଦେଖି ଆତଙ୍କିତ ହୋଇ ପଡ଼ିଛନ୍ତି। ବ୍ରିଟିଶ ଅମଳରୁ ନିର୍ମିତ ଏହି ପୋଲଟି ଦୀର୍ଘ ଦିନ ହେଲା ଦୁର୍ବଳ ଅବସ୍ଥାରେ ଥିଲା। ଏ ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମଧ୍ୟ ବାଙ୍କୀ ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ପୋଲ ବାଡ଼ା ଦୀର୍ଘଦିନ ଧରି ଫାଟି ରହି ଏବେ ଭୁଶୁଡ଼ି ପଡ଼ିଛି। ପୋଲର ଅବସ୍ଥା ମଧ୍ୟ ଅନୁରୂପ। କେତେବେଳେ ଯେ ପୋଲ ଭୁଶୁଡ଼ି ପଡ଼ିବ ତାହା କହି ହେବନାହିଁ। ଏହା ସହିତ ପେଟ୍ରୋଲ ପମ୍ପଠାରୁ ଗୁଳସାପୁର ପର୍ଯ୍ୟନ୍ତ ରାସ୍ତା ଖାଲ ଖମାରେ ପରିଣତ ହେବାରୁ ଯାନବାହାନ ଚଳାଚଳ ସମ୍ଭବ ହେଉନାହିଁ। ପ୍ରତିବର୍ଷ ଏହିରାସ୍ତା ମରାମତି ନାମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚକରାଯାଇ ବରବାଦ କରାଯାଉଛି। ଫଳରେ ଏହାକୁ ନେଇ ବାଙ୍କୀ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ରାସ୍ତାଟି ବାଙ୍କୀବାସୀଙ୍କ ଜୀବନ ରେଖା ହୋଇଥିବାରୁ ପୋଲ ମରାମତିର ତୁରନ୍ତ ଆବଶ୍ୟକ ହୋଇପଡ଼ିଛି। ଏସମ୍ପର୍କରେ କଟକ ଡିଭିଜନ ପୂର୍ତ୍ତ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୁଦର୍ଶନ ଚରଣ ପଣ୍ଡା ଏବଂ ବାଙ୍କୀ ଉପଖଣ୍ଡ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସେମାନେ ତୁରନ୍ତ ପରିସ୍ଥିତିକୁ ଅନୁଧ୍ୟାନ କରି ବିହିତ ବ୍ୟବସ୍ଥା ଗ୍ରହଣ କରିବେ ବୋଲି କହିଛନ୍ତି।




ଦୁର୍ନୀତି ନିବାରଣ ସପ୍ତାହରେ ଛାତ୍ରୀଛାତ୍ର ଶପଥପାଠ କରୁଛନ୍ତି।

## ସାଲେପୁର କଲେଜରେ ଦୁର୍ନୀତି ନିବାରଣ ସପ୍ତାହ

ସାଲେପୁର,୨।୧୧(ଡି.ଏନ.ଏ.)

ଯୁବ ମନ୍ତ୍ରଣାଳୟ ଓ କ୍ରୀଡ଼ା ବିଭାଗ ନିର୍ଦ୍ଦେଶ କ୍ରମେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜ ଅଧ୍ୟକ୍ଷ ଡ. ବସନ୍ତ କୁମାର ରାଉତ ସଭାପତିତ୍ୱ କରିଥିଲେ। ଜାତୀୟ ସେବା ଯୋଜନା ଜିଲାସ୍ତରୀୟ ଅଧିକାରୀ ପ୍ରାଧ୍ୟାପିକା ଜୟନ୍ତୀବାଳା ପରିଡ଼ାଙ୍କ ସଭାପତିତ୍ୱରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ସଚ୍ଚୋଟତା ଏକ ଜୀବନ ଶୈଳୀ' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା। ପ୍ରାଧ୍ୟାପକ ଡ. ଉମେଶ ଚନ୍ଦ୍ର ପତି ଯୋଗଦେଇ କାର୍ଯ୍ୟକ୍ରମର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ କୃତୀ ପ୍ରତିଯୋଗୀ ସୃଷ୍ଟିଶିଖା ମହାନ୍ତି, ରାଜସ୍ମିତା ସାହୁ, ସାଇଦୀପ କର, ପାର୍ଥସାରଥି ଦାସ, ସବିତା ରଥ, ଚନ୍ଦ୍ରଭାନୁ ମିଶ୍ର, ଆଶୁତୋଷ ଜେନା, ଆସ୍ଥା ଆୟୁଷା ମଲ୍ଲ ପ୍ରମୁଖଙ୍କୁ ଅଧ୍ୟକ୍ଷ ଡ. ରାଉତ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର ଛାତ୍ରୀଛାତ୍ର ପରିଚାଳନା କରିଥିଲେ।

## ମାଛ ଚାଷ ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଶିକ୍ଷଣ

ବାଙ୍କୀ,୨।୧୧(ବି.ପ୍ର.)

ବାଙ୍କୀ-ଡମପଡ଼ା ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ମାଛ ଚାଷ ନିମନ୍ତେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ମୁଖ୍ୟଅତିଥିଭାବେ ପ୍ରତାପ ରଞ୍ଜନ ରାଉତ, ବିଡିଓ ଆର୍ଜବନ୍ତୁ ଲେଙ୍କା, କଟକ ଉପ ମତ୍ସ୍ୟ ନିର୍ଦ୍ଦେଶକ ସୀମାଞ୍ଚଳ ବେହେରା, ଜିଲା ମତ୍ସ୍ୟ ଅଧିକାରୀ ବବିତା ମହନ୍ତ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଜିତେନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ସଚେତନ କରିବା ସହିତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କୁଶପଙ୍ଗି, ତାଳପଡ଼ା ଓ ପାଥପୁର ପଞ୍ଚାୟତର ମତ୍ସ୍ୟଜୀବୀ ପରିବାର ଅନ୍ତର୍ଗତ ୮ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୨୪ ସଦସ୍ୟା ଏହି ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ। ଡମପଡ଼ା ବ୍ଲକର ସହାୟକ ମତ୍ସ୍ୟ ଅଧିକାରୀ ଦେବାଶିଷ ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ନର୍ମଦା ଦାସ ସହଯୋଗ କରିଥିଲେ। ଶେଷରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମସ୍ତ ଶିବିରାର୍ଥୀଙ୍କୁ ମତ୍ସ୍ୟଚାଷ ସରଞ୍ଜାମ (କିଟ୍) ପ୍ରଦାନ କରାଯାଇଥିଲା।

## କୋଲଣପୁର ସରପଞ୍ଚ ଉପନିର୍ବାଚନ
# ୪ ପ୍ରାର୍ଥୀପତ୍ର ଦାଖଲ

ନିଶ୍ଚିନ୍ତକୋଇଲି,୨।୧୧(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କୋଲଣପୁର ପଞ୍ଚାୟତରେ ହେବାକୁଥିବା ସରପଞ୍ଚ ଉପନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଶେଷ ହୋଇଛି। ଅନ୍ତିମ ଦିନରେ ୩ଜଣ ପ୍ରାର୍ଥୀ ସେମାନଙ୍କ ସମର୍ଥକଙ୍କ ସହ ବ୍ଲକ କାର୍ଯ୍ୟାଳୟକୁ ଆସି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶୁକ୍ରବାର ବିଜେଡି ସମର୍ଥିତ ପ୍ରାର୍ଥୀ ଗୁପାଲିନ ନାୟକ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଶନିବାର ଏହି ୩ଜଣ ପ୍ରାର୍ଥୀପତ୍ର ଦାଖଲ କରିବା ପରେ ମୋଟ ୪ଜଣ ନାମାଙ୍କନ ଦାଖଲ କରିଥିବା ଭାରପ୍ରାପ୍ତ ବିଡିଓ ସୁଶାନ୍ତ ରଣା ସୂଚନା ଦେଇଛନ୍ତି। ଶନିବାର ଭାଜପା ସମର୍ଥିତ ପ୍ରାର୍ଥୀନି ନିରୂପମା ସାହୁ, ଅହଲ୍ୟା ବେହେରା ଓ ସରସ୍ୱତୀ ବେହେରା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତେବେ ଅହଲ୍ୟା ଓ ସରସ୍ୱତୀ କେଉଁ ଦଳରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ। ସେହିପରି ନିଶ୍ଚିନ୍ତକୋଇଲି ପଞ୍ଚାୟତ ୯ନଂ ଓ ସଦ୍ୟପଡ଼ ପାଇଁ ବଜେନ୍ଦ୍ର କାନ୍ତି ଓ ଭିଳକଣା ପଞ୍ଚାୟତର ୭ ନମ୍ବର୍ଡ ପାଇଁ ନଳିନୀପ୍ରଭା ସ୍ୱାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ବିନା କାରଣରେ ମଧ୍ୟାହ୍ନଭୋଜନ ବନ୍ଦ ହେବା ଘଟଣା

## ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ଲଳିତଗିରି,୨।୧୧(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଶିକ୍ଷା ବିଭାଗ ଅଧୀନ ଲଳିତଗିରି ନୋଡାଲ ବିଦ୍ୟାଳୟରେ ଗତ ଶୁକ୍ରବାର ବିନା କାରଣରେ ମଧ୍ୟାହ୍ନଭୋଜନ ବନ୍ଦ କରାଯାଇଥିଲା। ଏନେଇ ଅଭିଯୋଗ ହେବାପରେ ବ୍ଲକ ଶିକ୍ଷାଧିକାରୀ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି। ସୂଚନାଯୋଗ୍ୟ, ଉକ୍ତଦିନ ବିନା କାରଣରେ ମଧ୍ୟାହ୍ନଭୋଜନ ବନ୍ଦ କରାଯାଇଥିବାବେଳେ ଶିକ୍ଷକମାନେ ମଧ୍ୟାହ୍ନଭୋଜନ ଚାଉଳରେ ଭେଜିଭାତ କରିବା ନେଇ ଅଭିଯୋଗ ହୋଇଥିଲା। ଏପରି କି ଘଟଣା ସମ୍ପର୍କରେ ଶନିବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ପରେ ବ୍ଲକ ଶିକ୍ଷା ଅଧିକାରୀ ଚକ୍ରଧର ବେହେରା ସମ୍ପୃକ୍ତ ପ୍ରଧାନଶିକ୍ଷକ ଅକ୍ଷୟ ସାହୁଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏ ସମ୍ପର୍କରେ ସିଆରସିସି ଭାସ୍କର ଚନ୍ଦ୍ର ସାହୁ କହିଛନ୍ତି, ବ୍ଲକ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଜାରି ହୋଇଥିବା କାରଣ ଦର୍ଶାଅ ନୋଟିସକୁ ପ୍ରଧାନଶିକ୍ଷକଙ୍କୁ ପ୍ରଦାନ କରିଛନ୍ତି। ସେ ଆସନ୍ତା ସୋମବାର ଭିତରେ ଏହାର କାରଣ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇବେ।

## ୨ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ

ସାଲେପୁର,୨।୧୧(ଡି.ଏନ.ଏ.)

ସାଲେପୁର ବ୍ଲକ ଅଧୀନ ଭୀମବାସପୁର ପଞ୍ଚାୟତର ଭୋରା ମିନି ଅଙ୍ଗନୱାଡ଼ି କେନ୍ଦ୍ରର ନୂତନ ଗୃହ ଓ ଭୀମବାସପୁରଠାରେ ସେବାସମବାୟ ସମିତିର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ସାଲେପୁର ବିଧାୟକ ତଥା ଜିଲା ବିଜୁ କୃଷକ ସଭାପତି ପ୍ରଶାନ୍ତ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ୨ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ୩ଲକ୍ଷ ଟଙ୍କା ବ୍ୟୟରେ ମିନି ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ ହେବାକୁ ଥିବାବେଳେ ସେବା ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ୧୪ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ବିଧାୟକ ବେହେରାଙ୍କୁ ଦଳୀୟ କର୍ମୀ ଶୋଭାଯାତ୍ରାରେ ଶିଳାନ୍ୟାସ ସ୍ଥଳ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ଏହି ଅବସରରେ ଭୋରା ପ୍ରାଥମିକ ବିଦ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବିଧାୟକ ବେହେରା ଯୋଗଦେଇ ଉଭୟ ପ୍ରକଳ୍ପକୁ ଖୁବ୍‌ଶୀଘ୍ର ନିର୍ମାଣ କରାଯିବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ଦାଶ, ଜିଲାପରିଷଦ ଅଧ୍ୟକ୍ଷା କେତକିରେଖା ନାୟକ, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ନାରାୟଣ ପତି ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଅଜୟ ମହାନ୍ତି, ରତ୍ନାକର ସ୍ୱାଇଁ, ହୃଷୀକେଶ ପାଲ, ରାଜକିଶୋର ପାଲ, ଶରତ ରାଉତ, ରିଆଜଉଦ୍ଦିନ ଖାଁ, ହୃଷୀକେଶ ବିଶ୍ୱାଳ, ଦୟାନିଧି ନାୟକ, ପ୍ରଭାସ ଚନ୍ଦ୍ର ସ୍ୱାଇଁ ଓ ଶରତ ପୃଷ୍ଟିଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ।




ଶିଳାନ୍ୟାସ କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ ସଭାରେ ବିଧାୟକ ପ୍ରଶାନ୍ତ ବେହେରା ଓ ଅନ୍ୟମାନେ।

## ପୂର୍ବତନ ନଗରପାଳ ପ୍ରମଥ ମିଶ୍ରଙ୍କ ପରଲୋକ

### ଶବାଧାରରେ ସାମିଲ ହେଲେ ମନ୍ତ୍ରୀ ରଣେନ୍ଦ୍ର ସ୍ୱାଇଁ



ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ ଶବାଧାରରେ ସାମିଲ ହୋଇଛନ୍ତି।

ଆଠଗଡ଼,୨।୧୧(ସ୍ୱ.ପ୍ର.)

ଆଠଗଡ଼ ପୂର୍ବତନ ନଗରପାଳ ତଥା ବରିଷ୍ଠ ବିଜେଡି ନେତା ପ୍ରମଥ ଚନ୍ଦ୍ର ମିଶ୍ର(ଗୁଲୁ ଭାଇନା)ଙ୍କ ୬୭ବର୍ଷ ବୟସରେ ତାଙ୍କ ରଥଗଡ଼ାସ୍ଥିତ ବାସଭବନରେ ପରଲୋକ ଘଟିଛି। ଶନିବାର ଭୋର ସମୟରେ ତାଙ୍କର ପରଲୋକ ଘଟିଛି। କିଛି ଦିନ ହେବ କର୍କଟ ରୋଗରେ ଆକ୍ରାନ୍ତ ଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶହଶହ ଜନସାଧାରଣ ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ଭିଡ଼ ଲଗାଇଥିଲେ। ସକାଳ ପ୍ରାୟ ୧୦ଟାରେ ତାଙ୍କ ଶବାଧାର ବାହାରିବା ପରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଶେଷ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ଶବାଧାରରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଟକ ଜିଲା ପରିଷଦ ଉପାଧ୍ୟକ୍ଷ ସୁନୀଲ ପରିଡ଼ା, ନିରୁପମା ଭଞ୍ଜ, ବିଜେଡି ବ୍ଲକ ସଭାପତି ରବୀନ୍ଦ୍ରନାଥ ରାଉତ, ଏନଏସି ଉପାଧ୍ୟକ୍ଷ ପ୍ରଦୀପ୍ତ ଦାଶ, ଭାଗିରଥି ନନ୍ଦ, ତିରିଗିଆ ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ, ରମେଶଚନ୍ଦ୍ର ଘଡ଼େଇ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧ୍ୟକ୍ଷ ବୀରେନ୍ଦ୍ର ପ୍ରତାପ ସ୍ୱାଇଁ, ଆଠଗଡ଼ ବାର ଆସୋସିଏସନର ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାଶ, ସଭାପତି ପ୍ରସନ୍ନ ରାଉତ, ଲୋକସେବକ ମଣ୍ଡଳ ସମ୍ପାଦକ ନିରଞ୍ଜନ ରଥ ପ୍ରମୁଖ ଯୋଗ ଦେଇଥିଲେ। ମିଶ୍ରଙ୍କ ବିୟୋଗରେ ଆଠଗଡ଼ ବାର ଆସୋସିଏସନ୍, ଏନଏସି, ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟ, ମହାମାୟା ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ସଂଯୁକ୍ତା ଓ ଏକମାତ୍ର କନ୍ୟା ଦେବାସ୍ମିତାଙ୍କ ସମେତ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ। ପୁତୁରା ଚନ୍ଦନ ମୁଖାଗ୍ନି ଦେଇଥିଲେ। ମିଶ୍ର ପେଶାରେ ଆଇନଜୀବୀ ଥିଲାବେଳେ ୧୯୯୨ରେ ଆଠଗଡ଼ ଏନଏସିରେ ନଗରପାଳ ହୋଇଥିଲେ। କର୍ମନିଷ୍ଠ, ପରୋପକାରିତା, ଗୁଣ ପାଇଁ ଅଞ୍ଚଳରେ ବେଶ୍ ଲୋକପ୍ରିୟ ଥିଲେ। ସେ ଆଠଗଡ଼ର ବିଭିନ୍ନ ଅନୁଷ୍ଠାନ ଜଡ଼ିତ ଥିଲେ। ମିଶ୍ରଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପ୍ରମୁଖ ବଜାରମାନ ବନ୍ଦ ରହିଥିଲା।

## ଟ୍ରେଲର ଚାଳକଙ୍କୁ ଛୁରାମାଡ଼

ଖୁଣ୍ଟୁଣୀ,୨।୧୧(ଡି.ଏନ.ଏ.)

ଖୁଣ୍ଟୁଣୀ ଥାନା କୃଷ୍ଣଶ୍ୟାମପୁର ଗ୍ରାମ ପାର୍ଶ୍ୱ ଢାବା ସମ୍ମୁଖରେ ଟ୍ରେଲର ଡ୍ରାଇଭର ପ୍ରକାଶ ପ୍ରଧାନଙ୍କୁ ଛୁରାମାଡ଼ ହୋଇଥିବା ଶନିବାର ଅଭିଯୋଗ ହୋଇଛି। ପୋଲିସ ମାମଲା(ନଂ.୧୪୧/୧୯)ରୁଜୁ କରି ତଦନ୍ତ ଚଳାଉଛି। ଢେଙ୍କାନାଳ ସଦର ଥାନା ଅଧୀନ କାଣ୍ଡବିଲ ଗ୍ରାମର ପ୍ରକାଶ ଶୁକ୍ରବାର ରାତିରେ ଢାବା ସମ୍ମୁଖରେ ଟ୍ରେଲର ରଖି ଶୋଇଥିଲେ। ଏହି ସମୟରେ ୨ଟି ବାଇକ୍‌ରେ ୪ ଯୁବକ ଆସି ତାଙ୍କୁ ଟଙ୍କା ମାଗିଥିଲେ। ସେ ଟଙ୍କା ଦେବାକୁମନାକରିବାରୁ ଉକ୍ତ ଯୁବକମାନେ ଛୁରାରେ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ।

■ବାଙ୍କୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

# ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ଦାବି

ବାଙ୍କୀ,୨।୧୧(ସ୍ୱ.ପ୍ର.)

ବାଙ୍କୀ ବିଜ୍ଞପିତ ଅଞ୍ଚଳରେ ଥିବା ଏକମାତ୍ର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ୧୯୫୯ରେ ପ୍ରତିଷ୍ଠା ହୋଇଥିଲା। ଏହା ସର୍ବପୁରାତନ ବାଳିକା ଉଚ୍ଚ ବିଦ୍ୟାଳୟ ଭାବେ ନିଜର ଖ୍ୟାତି ଅର୍ଜନ କରିଆସୁଛି। ମାତ୍ର ଶିକ୍ଷା ବିଭାଗର ଅବହେଳା ଯୋଗୁ ଏଠାରୁ ତିନି ଜଣ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ଡେପୁଟେଶନରେ ପଠାଯାଇଛି। ଫଳରେ ସେହି ପଦବୀ ଏ ପର୍ଯ୍ୟନ୍ତ ଖାଲି ପଡ଼ିଛି। ତେଣୁ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ଶୀଘ୍ର ପୂରଣ କରିବା ପାଇଁ ଅଭିଭାବକ ମହଲରେ ଦାବି ହୋଇଛି। ସୂଚନାଯୋଗ୍ୟ, ବିଦ୍ୟାଳୟ ଶିକ୍ଷକ ହିମାଂଶୁ ମହାପାତ୍ର ଆଦର୍ଶ ବିଦ୍ୟାଳୟ ଗୋବିନ୍ଦପୁରକୁ ଯାଇଛନ୍ତି। ପ୍ରଭାତ ମଲ୍ଲିକ ରଗଡ଼ି ସିଟି ବିଦ୍ୟାଳୟକୁ ସପ୍ତାହରେ ୩ଦିନ, ରଗଡ଼ି ସିଟି ସ୍କୁଲ ଏବଂ ୩ଦିନ ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଉଛନ୍ତି। ସେହିପରି ବିଶ୍ୱପାଣି ଦାଶ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ ବାଙ୍କୀକୁ ଡେପୁଟେଶନରେ ଯାଇଛନ୍ତି। ଯଦ୍ଦ୍ୱାରା କଳାରେ ୨ଜଣ, ବିଜ୍ଞାନରେ ଜଣେ ଓ ସ୍ଥାୟୀ ପ୍ରଧାନଶିକ୍ଷକ ପଦବୀ ଖାଲି ପଡ଼ିଥିବାବେଳେ କ୍ରୀଡ଼ା ଶିକ୍ଷକ ପଦବୀ ପ୍ରାୟ ୩ବର୍ଷ ହେଲା ପୂରଣ ହୋଇନାହିଁ। ଫଳରେ ପିଲାଙ୍କ ଖେଳକୁଦର ବିକାଶ ହୋଇ ପାରୁନାହିଁ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ବୋଲି ଅଭିଭାବକଙ୍କ ଭିତରେ ଗୁଞ୍ଜରଣ ସୃଷ୍ଟି ହେଉଛି। ଚର୍ଚ୍ଚିକା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବାଳିକା ହାଇସ୍କୁଲର ମିଶ୍ରଣ ହୋଇଥିଲେ ମଧ୍ୟ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କୋ-ଏଜୁକେଶନରେ ଓ ନବମ ଏବଂ ଦଶମ ଶ୍ରେଣୀ ଉଭୟରେ କେବଳ ବାଳିକାମାନେ ପଢ଼ୁଛନ୍ତି। ବର୍ତ୍ତମାନ ମୋଟ ପିଲାସଂଖ୍ୟା ୬୭୩ଜଣ ଥିବାବେଳେ ଅଧିକାଂଶ ଶିକ୍ଷୟିତ୍ରୀଶିକ୍ଷକଙ୍କ ଏଲିମେଣ୍ଟାରୀ କ୍ୟାଡରରେ ଶିକ୍ଷା ନ ଥିବାରୁ ସେମାନେ ଅଷ୍ଟମ, ନବମ ଓ ଦଶମ ପିଲାଙ୍କୁ ପଢ଼ାଇବାରେ ଅସୁବିଧା ହେଉଥିବା ଜଣାପଡ଼ିଛି। ଏସମ୍ପର୍କରେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ଏହି ବିଷୟରେ ଅନୁଧ୍ୟାନ କରିଥିବା ଶୀଘ୍ର ସମସ୍ୟାର ସମାଧାନ କରାଯିବ। ଏଥିସହିତ ମିଶନ ଜିରୋ ଏଫକୁ କିପରି ପ୍ରତ୍ୟେକ ସ୍କୁଲରେ କାର୍ଯ୍ୟକାରୀ କରାଯିବ ସେ ଦିଗରେ ଧ୍ୟାନଦେବେ।



ଆଚରଣ ଶୁଦ୍ଧ ନ ହେଲେ ମୋକ୍ଷ ମିଳିବା ଅସମ୍ଭବ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ

**ଚୌଦ୍ୱାର,୨।୧୧(ଡି.ଏନ୍.ଏ.):** ନିଶାସକ୍ତ ଅବସ୍ଥାରେ ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଶନିବାର ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଯାଜଭୈରବ ନୂଆଗାଁରେ ରହୁଥିବା ବିଜୟ ମାଝି। ସୂଚନା ଅନୁଯାୟୀ, ନୟାଗଡ଼ ଜିଲା କଣ୍ଡାବଣିଆ ଗ୍ରାମର ବିଜୟ ଯାଜଭୈରବ ନୂଆଗାଁର ଅବକାଶ ପ୍ରଧାନଙ୍କ ଝିଅ ରଶ୍ମିତାଙ୍କୁ ବିବାହ କରିଥିଲେ। ପରେ ଶ୍ୱଶୁର ଘର ପାଖରେ ଏକ ଜମିରେ ବିଜୟ ଘର କରି ସ୍ତ୍ରୀ ପିଲାଙ୍କୁ ଧରି ରହୁଥିଲେ। ଶୁକ୍ରବାର କୌଣସି କାରଣକୁ ନେଇ ବିଜୟ ନିଶାସକ୍ତ ଅବସ୍ଥାରେ ସ୍ତ୍ରୀ ଓ ପିଲାଙ୍କୁ ମାଡ଼ ମାରୁଥିଲେ। ଏହି ସମୟରେ ଅବକାଶ ଓ ତାଙ୍କ ସ୍ତ୍ରୀ ଅଟକାଇବାରୁ ସେମାନଙ୍କୁ ମଧ ମାଡ଼ ମାରିଥିଲେ। ଏହା ସହିତ ଘର ଆସବାବପତ୍ର ଭାଙ୍ଗି ଦେଇଥିଲେ। ଏ ନେଇ ଅବକାଶଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୪୪୨/୧୯)ରୁଜୁ କରି ତଦନ୍ତ ଚଳାଇଥିଲା।

### ମହିଳାଙ୍କୁ ବଳାତ୍କାର, ଡ୍ରାଇଭର ଗିରଫ

**କଟକ ସଦର,୨।୧୧(ଡି.ଏନ୍.ଏ.):** କିଶୋରନଗର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଶନିବାର ଜଣେ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅଞ୍ଚଳର ସଞ୍ଜୟ ମଲ୍ଲିକ(୩୨)। ପୋଲିସ ସୂଚନା ଅନୁଯାୟୀ, ଗତ ୪ଦିନ ପୂର୍ବେ ଅଭିଯୁକ୍ତ ସଞ୍ଜୟ ସମ୍ପୃକ୍ତା ମହିଳାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ପୀଡ଼ିତାଙ୍କ ସ୍ୱାମୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୪୨/୧୯)ରୁଜୁ କରି ତଦନ୍ତ ଚଳାଇଥିଲା।

### ଟ୍ରେଲର ଡ୍ରାଇଭରଙ୍କୁ ଛୁରାମାଡ଼

**ଖୁଣ୍ଟୁଣୀ,୨।୧୧(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ୫୫ନଂ. ଜାତୀୟ ରାଜପଥର କୃଷ୍ଣଶ୍ୟାମପୁର ଗ୍ରାମ ପାର୍ଶ୍ୱ ଢାବା ସମ୍ମୁଖରେ ଟ୍ରେଲର ଡ୍ରାଇଭର ପ୍ରକାଶ ପ୍ରଧାନଙ୍କୁ ଛୁରାମାଡ଼ ହୋଇଥିବା ଶନିବାର ଅଭିଯୋଗ ହୋଇଛି। ପ୍ରକାଶଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୪୧/୧୯)ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଢେଙ୍କାନାଳ ସଦର ଥାନା ଅଧୀନ କାଣ୍ଡବିନ୍ଧା ଗ୍ରାମର ପ୍ରକାଶ ଶୁକ୍ରବାର ବିଳମ୍ବିତ ରାତିରେ ଢାବା ସମ୍ମୁଖରେ ଟ୍ରେଲର ରଖି ଶୋଇଥିଲେ। ଏହି ସମୟରେ ୨ଟି ବାଇକ୍‌ରେ ୪ଜଣ ଯୁବକ ଆସି ତାଙ୍କୁ ଚାନ୍ଦା ମାଗିଥିଲେ। ଚାନ୍ଦା ଦେବାକୁ ମନା କରିବାରୁ ଉକ୍ତ ଯୁବକମାନେ ତାଙ୍କୁ ଛୁରାରେ ଆକ୍ରମଣ କରିବା ସହ ଗାଡି ଭିତରୁ ବାହାର କରି ଏକ ବୁଦାରେ ପକାଇ ଫେରାର ହୋଇଯାଇଥିଲେ।

### ବିମାନ ବିହାରୀ ବେହେରା ହେଲେ ଏମ୍‌ପିଙ୍କ ପ୍ରତିନିଧି

**କଣ୍ଟାପଡା,୨।୧୧(ଡି.ଏନ୍.ଏ.):** ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକଙ୍କ କଣ୍ଟାପଡା ବ୍ଲକ ପ୍ରତିନିଧିଭାବେ ବିମାନ ବିହାରୀ ବେହେରା ମନୋନୀତ ହୋଇଥିବା ଜଣାପଡିଛି। ବେହେରା ପୂର୍ବରୁ କଣ୍ଟାପଡା ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ଓ ବିଜୁ ଯୁବବାହିନୀର ବ୍ଲକ ସଂଯୋଜକ ଭାବେ ଦକ୍ଷତାର ସହ ଦାୟିତ୍ୱ ତୁଲାଇଥିଲେ। ଏହା ସହ କଣ୍ଟାପଡା ବ୍ଲକ ବିଜେଡି ସଂଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏମ୍‌ପି ମଲ୍ଲିକ ତାଙ୍କୁ କଣ୍ଟାପଡା ବ୍ଲକର ପ୍ରତିନିଧି ଭାବେ ଦାୟିତ୍ୱ ଦେଇଥିବାରୁ ବ୍ଲକ ବିଜେଡି ପକ୍ଷରୁ କୃତଜ୍ଞତା ଜଣାଯାଇଛି।

### ଯୁବ, ଛାତ୍ର ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ

**କଟକ ଅଫିସ,୨।୧୧:** ଐତିହାସିକ ବାଲିଯାତ୍ରାକୁ ରାଜ୍ୟ ମହୋତ୍ସବ ମାନ୍ୟତା ଘୋଷଣାକୁ ନେଇ କଟକ ଜିଲା ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଶନିବାର ଉଭୟ ସଙ୍ଗଠନର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ବାଲିଯାତ୍ରାକୁ ଜାତୀୟସ୍ତରୀୟ ମହୋତ୍ସବର ମାନ୍ୟତା ପ୍ରଦାନ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଥିଲା। କଟକ ଜିଲା ଯୁବ ବିଜେଡି ସଭାପତି ଜ୍ଞାନେନ୍ଦ୍ର ଗିରି ଗୋସ୍ୱାମୀ, ଛାତ୍ର ଜିଲା ସଭାପତି ସ୍ମୃତିରଞ୍ଜନ ନାୟକ ଉପସ୍ଥିତ ଥିଲେ।

## ଷାଣ୍ମାସିକ ପରୀକ୍ଷାରେ ପ୍ରଶ୍ନପତ୍ର ଅଭାବ

# ପିଲାଙ୍କ ପରୀକ୍ଷା ଖରାପ ହେବା ଆଶଙ୍କା

**■ଅଭିଭାବକ ମହଲରେ ଅସନ୍ତୋଷ**
**■ପରିସ୍ଥିତିରେ ସୁଧାର ଅଣାଯିବ: ବିଇଓ**

**ନରସିଂହପୁର,୨।୧୧(ଡି.ଏନ.ଏ.)**

ନରସିଂହପୁର ବ୍ଲକରେ ଚାଲିଥିବା ପ୍ରାଥମିକ ବିଦ୍ୟାଳୟ ଗୁଡିକର ଷାଣ୍ମାଷିକ ପରୀକ୍ଷାରେ ନାହିଁ ନଥିବା ବିଭ୍ରାଟ ଦେଖାଦେଇଛି। ବ୍ଲକର ବାଲିଝରୀଠାରୁ କମଳାଡିହ ପର୍ଯ୍ୟନ୍ତ ୩୭ଟି ପଞ୍ଚାୟତର ୧୬୦ ବିଦ୍ୟାଳୟରେ ପରୀକ୍ଷା ଚାଲିଛି। ଏହି ବିଦ୍ୟାଳୟ ଗୁଡିକରେ ୧୬ ହଜାର ୭୭୫ଜଣ ପିଲା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପରୀକ୍ଷା ଦେଉଛନ୍ତି। ମାତ୍ର ଏତେ ସଂଖ୍ୟକ ପିଲାଙ୍କ ଲାଗି ଶିକ୍ଷା ବିଭାଗରୁ ବହୁ କମ ପ୍ରଶ୍ନପତ୍ର ଯୋଗାଇ ଦିଆଯାଇଛି। ଫଳରେ ପ୍ରତି ବିଷୟରେ କମ ପ୍ରଶ୍ନପତ୍ର ଥିବାରୁ ଶିକ୍ଷକମାନେ ହରଡ ଘଣାରେ ପଡିଛନ୍ତି। ସବୁ ପିଲାଙ୍କ ପାଇଁ ପ୍ରଶ୍ନପତ୍ର ନ ଥିବାରୁ ପ୍ରଥମ ଦିନରେ ଶିକ୍ଷକମାନେ ପରୀକ୍ଷା ଆରମ୍ଭମାତ୍ରେ ଜେରକ୍ସ ଦୋକାନକୁ ଦୌଡୁଥିବା ଦେଖିବାକୁ ମିଳିଥିଲା। ବ୍ଲକର ପର୍ବତ ଘେରା ପଞ୍ଚାୟତ ଗୁଡିକରେ ଥିବା ବିଦ୍ୟାଳୟ ନିକଟରେ ଜେରକ୍ସ ବ୍ୟବସ୍ଥା ନ ଥିବାରୁ କଳାପଟାରେ ପ୍ରଶ୍ନପତ୍ରକୁ ଶିକ୍ଷକମାନେ ଲେଖିଥିଲେ। ଶ୍ରେଣୀର ଦୂରରେ ବସିଥିବା ପିଲାଙ୍କୁ କଳାପଟା ପ୍ରଶ୍ନପତ୍ର ଠିକରେ ଦେଖା ଯାଉ ନ ଥିବା ବହୁ ଅଭିଭାବକ ଅଭିଯୋଗ କରିଛନ୍ତି। ଏହି କାରଣରୁ ପିଲାଙ୍କ ପରୀକ୍ଷା ଖରାପ ହେବ ବୋଲି ସେମାନେ ଆଶଙ୍କା କରିଥିବା କହିଛନ୍ତି।

ଏନେଇ ନରସିଂହପୁରର ପ୍ରକାଶ ବେହେରା କୁହନ୍ତି, ଗଣଶିକ୍ଷା ବିଭାଗର କିଭଳି ବିଚିତ୍ର ନୀତି। ଏହି ପରୀକ୍ଷାରେ ଘୋର ଅବ୍ୟବସ୍ଥା କରାଯାଇଛି। ପିଲାଙ୍କ ମାନସିକ ସ୍ଥିତି ଠିକ ରହିବ ନାହିଁ। ଆମ ବ୍ଲକରେ ପ୍ରତିଦିନ ଶିକ୍ଷକମାନେ ଶିକ୍ଷା ବିଭାଗକୁ ମଧ୍ୟାହ୍ନଭୋଜନ ସମ୍ପର୍କରେ ପିଲାଙ୍କ ସଂଖ୍ୟା ଉପସ୍ଥାନ ସଂଖ୍ୟା ପଠାଉଛନ୍ତି। ତେବେ ଏଭଳି ସମସ୍ତ ତଥ୍ୟ ଥାଇ କିପରି ପ୍ରଶ୍ନ ପତ୍ର କମ ଆସୁଛି ତାହା ଆଶ୍ଚର୍ଯ୍ୟ। ସବୁ ବିଦ୍ୟାଳୟର ତଥ୍ୟ ରାଜ୍ୟ ସରକାରଙ୍କ ପାଖରେ ରହିଛି। ଯଦି ପ୍ରଶ୍ନ ପତ୍ର ଛପାଇବାର ବ୍ୟବସ୍ଥା ସରକାର କରିପାରିଲେ ନାହିଁ ତାହେଲେ ଏକକ ପରୀକ୍ଷା କଲେ କାହିଁକି ବୋଲି ପ୍ରଶ୍ନ କରିଥିଲେ। ଏହି ଘଟଣାରେ ବ୍ଲକ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ସେ କହିଥିଲେ, ପିଲାଙ୍କ ସଂଖ୍ୟା ତୁଳନାରେ କମ ପ୍ରଶ୍ନ ପତ୍ର ଆସିଛି। ଯେଉଁ ପ୍ରଶ୍ନ ପତ୍ର କମ ଆସିଛି ତାହା ସରକାରୀ ବ୍ୟୟ ବ୍ୟବସ୍ଥା କରାଯାଇ ଏଥିରେ ସୁଧାର ଆଣିବା ପାଇଁ ଚେଷ୍ଟା ଜାରି ରହିଛି। ଏହି ଘଟଣାକୁ ମଧ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ। ଆଗକୁ ଏପରି ଭୁଲ୍ ହେବନାହିଁ।



୪୦ନଂ. ୱାର୍ଡର ବିଜୁ ଯୁବ ବାହିନୀ ପକ୍ଷରୁ କଟକ ଯୋବ୍ରା ଆନିକଟ ଛକରେ ଶନିବାର ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ 'ରକ୍ଷକ' ଅବସରରେ ସଡ଼କ ସୁରକ୍ଷା ଓ ନିୟମ ସମ୍ବନ୍ଧୀୟ ସଚେତନତା ଅଭିଯାନ।

## ■ ମହିଳାଙ୍କ ଆତ୍ମହତ୍ୟା ଘଟଣା

# ହତ୍ୟା ଅଭିଯୋଗ ଆଣିଲେ ବାପଘର

**ଚୌଦ୍ୱାର,୨।୧୧(ଡି.ଏନ୍.ଏ.)**

ଚୌଦ୍ୱାର ଥାନା ଅଧୀନ ନଖରା ଗ୍ରାମର ପଦ୍ମଲୋଚନ ମହାରଣାଙ୍କ ସ୍ତ୍ରୀ କବିତା ମହାରଣା ଆତ୍ମହତ୍ୟା କରିଥିବା ଶୁକ୍ରବାର ତାଙ୍କ ଶାଶୁଘର ଲୋକେ କହିଥିଲେ। ଅଧିକ ଯୌତୁକ ଦାବିରେ ତାଙ୍କ ଝିଅକୁ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ଶନିବାର ପୂର୍ଣ୍ଣଚନ୍ଦ୍ର ମହାରଣା ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ହତ୍ୟା ମାମଲା(ନଂ.୪୩୮/୧୯) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, କଟକ ଜିଲା ସାଇଲୋ ଗୋବିନ୍ଦପୁର ଥାନା ଅନ୍ତର୍ଗତ ବଡ଼ୱାଇବରାଇ ଗ୍ରାମର ପୂର୍ଣ୍ଣଚନ୍ଦ୍ରଙ୍କ ଝିଅ କବିତା ୨୦୧୩ ମସିହାରେ ନଖରା ଗ୍ରାମର ପଦ୍ମଲୋଚନଙ୍କୁ ବିବାହ କରିଥିଲେ। ବିବାହ ବେଳେ ଶାଶୁଘର ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ମାତ୍ର ବିବାହର କିଛି ଦିନ ପରେ ବାପଘରୁ ଅଧିକ ଯୌତୁକ ଆଣିବା ପାଇଁ କବିତାଙ୍କୁ ଶାଶୁଘର ଲୋକେ କହିବା ସହ ନିର୍ଯାତନା ଦେଉଥିଲେ। ଶୁକ୍ରବାର କବିତା ଅସୁସ୍ଥ ଥିବା ନେଇ ଶାଶୁଘର ଲୋକେ ପୂର୍ଣ୍ଣଚନ୍ଦ୍ରଙ୍କୁ ଖବର ଦେଇଥିଲେ। ଖବରପାଇ ପୂର୍ଣ୍ଣଚନ୍ଦ୍ର କଟକ ବଡ଼ ମେଡ଼ିକାଲରେ ପହଞ୍ଚିବା ପୂର୍ବରୁ ତାଙ୍କ ଝିଅର ମୃତ୍ୟୁ ହୋଇଥିଲା ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ।

# ନଭେମ୍ବରରେ ୪ ସ୍ଥାନରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**କଟକ ଅଫିସ, ୨।୧୧**

ଚଳିତ ମାସରେ ୪ଟି ସ୍ଥାନରେ ଜିଲାପାଳ ଯୁଗ୍ମ ଅଭିଯୋଗ ଶୁଣାଣି କରିବେ। ଜିଲାପାଳଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୪ରେ ଟାଙ୍ଗୀ–ଚୌଦ୍ୱାର ବ୍ଲକ୍ କାର୍ଯ୍ୟାଳୟ, ୧୧ରେ ଜିଲା ସଦର ମହକୁମାଠାରେ, ୧୮ରେ କଣ୍ଟାପଡା ବ୍ଲକ୍ ଓ ୨୫ରେ ସାଲେପୁର ବ୍ଲକ୍ କାର୍ଯ୍ୟାଳୟରେ ଜିଲାପାଳ ଯୁଗ୍ମ ଅଭିଯୋଗ ଶୁଣାଣି କରିବେ। ସେହିପରି ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଚଳିତ ନଭେମ୍ବର ଓ ଡିସେମ୍ବରରେ ଜିଲାର ବିଭିନ୍ନ ବ୍ଲକ୍, ପୌରାଞ୍ଚଳ, ଏନ୍‌ଏସି ଅଞ୍ଚଳରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହିସବୁ ଶିବିରରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ତତ୍ତ୍ୱାବଧାନରେ ପ୍ରମାଣପତ୍ର ପ୍ରଦାନ କରାଯିବ। ଭିନ୍ନକ୍ଷମମାନଙ୍କୁ ଶିବିରରେ ଭିନ୍ନକ୍ଷମ ଭତ୍ତା, ସ୍ୱତନ୍ତ୍ର ଉପକରଣ, ବସ୍ ପାସ୍, ବାଣୀଶ୍ରୀ ଛାତ୍ରବୃତ୍ତି, ବ୍ୟାଙ୍କ ଋଣ, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ରୋପଣ ପାଇଁ ଚିହ୍ନଟ କରାଯିବା ସହ ଆନୁସଙ୍ଗିକ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଏହି ଶିବିର ଆସନ୍ତା ୫ରେ ନିଆଳି ବ୍ଲକ୍, ୭ରେ ବାରଙ୍ଗ, ୮ରେ ନିଶ୍ଚିନ୍ତକୋଇଲି ପି.ପି. କଲେଜ, ୨୨ରେ ତିଗିରିଆ ନୂଆପାଟଣା ନେଡାଲ ୟୁ.ପି.ସ୍କୁଲ, ୨୩ରେ ସାଲେପୁର କଲେଜ, ୨୭ରେ ବାଙ୍କୀ ବ୍ଲକ୍ ଓ ୨୯ରେ ନରସିଂହପୁର ଅନନ୍ତ ନାରାୟଣ ହାଇସ୍କୁଲଠାରେ ଅନୁଷ୍ଠିତ ହେବ।

## ଦୁର୍ନୀତି ନିବାରଣ ସପ୍ତାହ ପାଳିତ

**କଟକ ସଦର,୨।୧୧(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ମହାବିଦ୍ୟାଳୟରେ ଶୁକ୍ରବାର ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ଆୟୋଜିତ ସଚେତନତା ସଭାରେ ଅଧକ୍ଷ ଶାରଦା ପ୍ରସନ୍ନ ମହାପାତ୍ର, ଡ. ଅଲେଖ ଚନ୍ଦ୍ର ସାହୁ, ଅଶୋକ ମାନସିଂହ ପ୍ରମୁଖ ମହାବିଦ୍ୟାଳୟରୁ ଦୁର୍ନୀତି ହଟାଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଷ୍ଟାଫ ଲାଞ୍ଚ କାହାକୁ ଦେବା କିମ୍ବା ନ ନେବା ପାଇଁ ଶପଥ ପାଠ କରିଥିଲେ।

## ଭିକାରୀ ବଳଙ୍କ ଶ୍ରାଦ୍ଧଦିବସ



**କଟକ ଅଫିସ, ୨।୧୧**

ଭଜନ ସମ୍ରାଟ ଭିକାରୀ ବଳଙ୍କ ନବମ ଶ୍ରାଦ୍ଧ ଦିବସ ଅବସରରେ କଟକ ଖାନ୍‌ନଗର ପାର୍କରେ ଥିବା ଭଜନ ସମ୍ରାଟଙ୍କ ପ୍ରତିମୂର୍ତ୍ତିରେ ଶନିବାର ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। ଭିକାରୀ ବଳ ସ୍ମୃତି କମିଟି ସଭାପତି ଅରୁଣ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ଡ. ବିଜୟାନନ୍ଦ ସିଂ, ସମ୍ପାଦକ ଡ. ସୁନାମଣି ରାଉତ, ଡ. ଗୋବିନ୍ଦ ଚାନ୍ଦ, ବିଭୁ ପ୍ରସାଦ ନାୟକ, ଉତ୍କଳ ଗ୍ରାମ ସ୍ୱରାଜର ସଭାପତି ବ୍ରହ୍ମାନନ୍ଦ ମହାନ୍ତି ଓ ତ୍ରିଲୋଚନ ମହାକୁଳ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ପରିସ୍ଥିତି ଓ ଆମର କର୍ତ୍ତବ୍ୟ ଶୀର୍ଷକ ଆଲୋଚନାଚକ୍ର

**କଟକ ଅଫିସ,୨।୧୧**

କଟକ ଡିଭିଜନ ବୀମା କର୍ମଚାରୀ ସଂଘ ପକ୍ଷରୁ ଶନିବାର ନୂଆପାଟଣାସ୍ଥିତ ଏଲ୍‌ଆଇସି ଅଫିସ ପ୍ରାଙ୍ଗଣରେ ଶନିବାର ଆଜିର ପରିସ୍ଥିତି ଓ ଆମର କର୍ତ୍ତବ୍ୟ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ସଭାନେତ୍ରୀ ସୁଭାଷିନୀ ଅଲ୍ଲୀ ଯୋଗଦେଇଥିଲେ। ସାଢେ ୫ବର୍ଷ ଧରି ଚାଲିଥିବା କେନ୍ଦ୍ରସରକାରଙ୍କ ଶାସନକୁ ସମାଲୋଚନା କରି କହିଥିଲେ, ଦେଶର ଅର୍ଥନୀତି ଭୁଶୁଡି ପଡିଛି ଓ ଜନସାଧାରଣଙ୍କ ଜୀବନ–ଜୀବିକା ଦୁର୍ବିସାହ ହୋଇପଡିଛି। ରାଷ୍ଟ୍ରାୟତ୍ତ ଶିଳ୍ପର ଘରୋଇକରଣ, ଯେପରି ଚାଲିଛି ଏସବୁ ଯେପରି ନିର୍ବାଚନ ଇସ୍ତାହାର। ଆଲୋଚନାଚକ୍ରରେ ଜୀବନବୀମା ନିଗମର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଙ୍ଗଠନର ସଭାପତି ମାନଗୋବିନ୍ଦ ବାରିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସଙ୍ଗଠନର ସାଧାରଣ ସମ୍ପାଦକ ଅଭୟ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ।

## ଜନ ଅଭିଯୋଗ ଶୁଣାଣି

**କଟକ ଅଫିସ, ୨।୧୧**

କଟକ ମହାନଗର ନିଗମ(ସିଏମ୍‌ସି) ଅନ୍ତର୍ଗତ ୮ ନଂ. ୱାର୍ଡ ମଠସାହିସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରବାଟୀ–କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ଏହାର ତୁରନ୍ତ ସମାଧାନ ପାଇଁ ଉପସ୍ଥିତ ସିଏମ୍‌ସି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ ରାସ୍ତା, ପରିମଳ ବ୍ୟବସ୍ଥାରେ ଉନ୍ନତି, ବରିଷ୍ଠ ନାଗରିକଙ୍କୁ ଭତ୍ତା ଓ ୱାର୍ଡରେ ଖେଳପଡିଆ ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ସିଏମ୍‌ସି ଅଧିକାରୀ ଏ ଦିଗରେ ଦୃଷ୍ଟି ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସିଏମ୍‌ସିର ୱାର୍ଡ ଅଧିକାରୀ ସେକ୍ ଜହର ଅଲ୍ଲି, ସାନିଟାରୀ ଇନ୍ସପେକ୍ଟର ପ୍ରତାପ ମହାନ୍ତି, ଜାଇକା ପ୍ରୋଜେକ୍ଟ ଯନ୍ତ୍ରୀ (ଡ୍ରେନେଜ) ପ୍ରଦୀପ ଜେନା, ସିଏମ୍‌ସି ସହକାରୀ ଯନ୍ତ୍ରୀ ଦିଲ୍ଲୀପ ସାହୁ, ସହକାରୀ ପ୍ରୋଜେକ୍ଟ ଅଧିକାରୀ ଏସ୍.କେ. ଗୋସ୍ୱାମୀ ଓ ପିଏଚ୍‌ଡି ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅପହୃତା ନାବାଳିକା ଛାତ୍ରୀ ଉଦ୍ଧାର, ଅଭିଯୁକ୍ତ ଗିରଫ

**କଣ୍ଟାପଡା,୨।୧୧(ଡି.ଏନ୍.ଏ.)**

ଓଲଟପୁର ଥାନା ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲିଅନ୍ତା ଥାନା ଅଞ୍ଚଳର ସୌମ୍ୟରଞ୍ଜନ ଭୋଇ ଓରଫ ନିଲୁ(୨୪)। ଏହା ସହ ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ପରିବାରକୁ ହସ୍ତାନ୍ତର କରିଛି। ପୋଲିସ ସୂଚନା ଅନୁଯାୟୀ, ବାଲିଅନ୍ତା ଥାନା ଅଞ୍ଚଳର ଛାତ୍ରୀଜଣକ ଓଲଟପୁରର ଏକ କଲେଜରେ ପାଠ ପଢୁଥିଲେ। ଗତ ଅକ୍ଟୋବର ୨୯ ରେ ସେ କଲେଜକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଏ ନେଇ ସମ୍ପୃକ୍ତା ଛାତ୍ରୀଙ୍କ ବାପାଙ୍କ ଅଭିଯୋଗକ୍ରମେ ଓଲଟପୁର ପୋଲିସ ଏକ ମାମଲା (ନଂ.୮୯/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।

# ଛଟ୍ ପୂଜା: ଦେବୀଗଡାରେ ସୂର୍ଯ୍ୟଙ୍କୁ ଆରାଧନା



ଛଟ୍ ପୂଜା ଅବସରରେ ଜଣେ ମହିଳା ଅନ୍ୟ ଜଣଙ୍କୁ ସିନ୍ଦୂର ଲଗାଉଛନ୍ତି।

**କଟକ ଅଫିସ, ୨।୧୧**

କଟକ ମହାନଗର ଛଟ୍ ପୂଜା ସମିତି ପକ୍ଷରୁ ଛଟ୍ ପୂଜା ଅନୁଷ୍ଠିତ ହୋଇଛି। ପରିବାରର ମଙ୍ଗଳ ପାଇଁ ପୁରୀଘାଟସ୍ଥିତ ଦେବୀଗଡା ଘାଟରେ ବିହାରୀ ସମ୍ପ୍ରଦାୟର ଲୋକମାନେ ଶନିବାର ସୂର୍ଯ୍ୟଦେବଙ୍କୁ ପୂଜା କରିଥିଲେ। ଏହି ପୂଜା ୪ ଦିନ ଧରି ଚାଲିଥାଏ। ତୃତୀୟ ଦିନରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପୂଜା କରାଯାଇଥିବା ବେଳେ ଶେଷଦିନ ସକାଳେ ସୂର୍ଯ୍ୟଦୋୟ ସମୟରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦିଆଯାଇ ପୂଜା ସମାପନ କରାଯାଇଥାଏ। ଏଥିରେ ମୁଖ୍ୟଅତିଥି ଭାବେ ଡିସିପି ଅଖିଳେଶ୍ୱର ସିଂ, ସମ୍ମାନିତ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସମ୍ପାଦକ ଭିକାରୀ ଦାସ, ଅବସର ପ୍ରାପ୍ତ ବିଚାରପତି ରତିକାନ୍ତ ମହାପାତ୍ର, ପୂର୍ବତନ କର୍ପୋରେଟର ରଞ୍ଜନ କୁମାର ବିଶ୍ୱାଳ ଯୋଗଦେଇଥିଲେ। ଏଥିରେ ସମିତି ସଭାପତି ଶୈଳେଶ କୁମାର ବର୍ମା, ସମ୍ପାଦକ ରାମମୂର୍ତ୍ତି ତିୱାରୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ବାଲିଯାତ୍ରା ପଡ଼ିଆର ସ୍ଥିତି ପରଖିଲେ ଡିସିପି

**କଟକ ଅଫିସ,୨।୧୧**

ଆସନ୍ତା ୧୨ତାରିଖରେ ଐତିହାସିକ ବାଲିଯାତ୍ରା ଆରମ୍ଭ ହେଉଛି। ଏ ନେଇ ଶନିବାର ଅପରାହ୍ନରେ ଡିସିପି ଅଖିଳେଶ୍ୱର ସିଂ ବାଲିଯାତ୍ରା ପଡ଼ିଆ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଥିଲେ। ବାଲିଯାତ୍ରା ପଡ଼ିଆର କେତୋଟି ପ୍ରବେଶ ଓ ପ୍ରସ୍ଥାନ ଗେଟ କରାଯାଇଛି ସେ ନେଇ ଡିସିପି ଯାଞ୍ଚ କରିଥିଲେ। ରାସ୍ତା ଠିକ୍ ଭାବେ ସମତୁଲ କରାଯାଇଛି କି ନାହିଁ, ରାସ୍ତା କେଉଁଠି ଖାଲୁଆ ଓ ଅଣଓସାରିଆ ରହିଛି ସେ ବାବଦରେ ମଧ ଅନୁଧ୍ୟାନ କରିଥିଲେ। କୌଣସି ଜରୁରୀ ପରିସ୍ଥିତି ଉପୁଜିଲେ ଆମ୍ବୁଲାନ୍ସ ଓ ଅଗ୍ନିଶମ ଯାନବାହନ ସୁରୁଖୁରୁରେ ଯିବା ପାଇଁ ବାଲିଯାତ୍ରା ପଡିଆରୁ ରିଂ ରୋଡକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ଚଉଡା କରାଯିବାକୁ ଡିସିପି ପରାମର୍ଶ ଦେଇଛନ୍ତି। ସେହିପରି ଯାତ୍ରୀଙ୍କ ଯାନବାହାନ ପାର୍କିଂ ଲାଗି ହୋଇଥିବା ଷ୍ଟାଣ୍ଡ ଯାଞ୍ଚ କରିଥିଲେ। ବାଲିଯାତ୍ରା ପଡିଆର କେଉଁ କେଉଁ ସ୍ଥାନରେ ପୋଲିସ ଚେକ ପୋଷ୍ଟ ଏବଂ ୱାଚ ଟାୱାର ନିର୍ମାଣ କରାଯିବ ତାହା ବୁଲି ଦେଖିଥିଲେ।

## ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ ଅଭିଯୋଗ

**କଟକ ଅଫିସ,୨।୧୧**

ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିଙ୍କୁ ଅସମ୍ମାନ ନେଇ ଶନିବାର କଟକ ଛାତ୍ର ବିଜେଡି ପକ୍ଷରୁ ବିଡାନାସୀ ଥାନାରେ ଅଭିଯୋଗ ହୋଇଛି। କଟକ ଜିଲା ଛାତ୍ର ବିଜେଡିର କାର୍ଯ୍ୟକାରୀ ସଭାପତି ଅସିଫ ଅମିନ୍‌ଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୧୮୯/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗତ କିଛିଦିନ ତଳେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଜଣେ ଯୁବକ ଚାପୁଡା ମାରୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଯୁବକଙ୍କ ଏଭଳି ମାନସିକତାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଥିଲା। ଏ ନେଇ କଟକ ଛାତ୍ର ବିଜେଡି ପକ୍ଷରୁ ବିରୋଧ କରାଯିବା ସହ ଉକ୍ତ ଯୁବକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

## ଅଲ ସୋଲ୍‌ସ ଡେ ପାଳନ



ମୃତ ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଉଛି।

**କଟକ ଅଫିସ, ୨।୧୧**

କ୍ୟାଥଲିକ କମ୍ୟୁନିଟି ପକ୍ଷରୁ ତୁଳସୀପୁର ଗୋରାକବର ଠାରେ ଅଲ ସୋଲସ ଡେ ଶନିବାର ପାଳିତ ହୋଇଯାଇଛି। ଏଥିରେ ମୃତ ଲୋକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ସେମାନଙ୍କ କବରକୁ ଆର୍ଶୀବାଦ କରାଯିବା ସହିତ ଯଦି କିଛି ପାପ ଥାଏ, ତେବେ ତାହା କ୍ଷୁଣ୍ଣ ହେବ ବୋଲି ବିଶ୍ୱାସ ରହିଥାଏ। ଏହାଦ୍ୱାରା ସେମାନେ ସ୍ୱର୍ଗପ୍ରାପ୍ତି ହୋଇପାରିବେ। ଏଥିପାଇଁ ଦିବ୍ୟଯଜ୍ଞ କରାଯାଇଥାଏ। ଏଥିରେ ଫାଦର ଦିହାର ରଞ୍ଜନ ପରିଜା, ଫାଦର ନବକିଶୋର ବିରା, ସହକାରୀ ଯାଜକ ଦୀପକ ସିଂ ଯୋଗଦେଇଥିଲେ।

## ■ ବନ୍ୟା ବାସହରା ପରିବାରଙ୍କୁ ଥଇଥାନ କରା ନ ଯିବା ମାମଲା

# ବିପର୍ଯ୍ୟୟ ଓ ପ୍ରଶମନ ବିଭାଗକୁ ରିପୋର୍ଟ ମାଗିଲେ ଓଏଚ୍‌ଆର୍‌ସି

**ଭୁବନେଶ୍ୱର, ୨।୧୧(ବ୍ୟୁରୋ)**

୧୯୮୨ ମସିହାରେ କନ୍ଦଳ ନଦୀ ବନ୍ୟାରେ କଟକ ଜିଲା କଣ୍ଟାପଡ଼ା ତହସିଲର ପ୍ରାୟ ୨୫ ପରିବାର କ୍ଷତିଗ୍ରସ୍ତ ହୋଇଥିଲେ। ସେମାନେ ବାସହରା ହୋଇ ସରକାରୀ ଜାଗାରେ ରହୁଛନ୍ତି। ସେମାନଙ୍କୁ ଏ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଥଇଥାନ କରାଯାଇ ନାହିଁ। ଏ ସଂକ୍ରାନ୍ତ ଏକ ମାମଲାର ବିଚାର କରି ରାଜ୍ୟ ମାନବ ଅଧିକାର କମିଶନ (ଓଏଚ୍‌ଆର୍‌ସି) ଶନିବାର ରାଜ୍ୟ ବିପର୍ଯ୍ୟୟ ଓ ପ୍ରଶମନ ବିଭାଗ ତଥା କଟକ ଜିଲାପାଳଙ୍କୁ ରିପୋର୍ଟ ତଲବ କରିଛନ୍ତି। ଆଗାମୀ ଡିସେମ୍ବର ୨୨ତାରିଖ ସୁଦ୍ଧା କମିଶନଙ୍କ ନିକଟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

କନ୍ଦଳ ନଦୀରେ ବନ୍ୟା କାରଣରୁ କଣ୍ଟାପଡା ତହସିଲର ଆରିସଳଘାଟ ନିକଟରେ ଏକ ବଡ ଘାଇ ହୋଇଥିଲା। ଫଳରେ ପ୍ରାୟ ୨୫ ପରିବାର ତାଙ୍କ ଘରଡିହ ହରାଇଥିଲେ। ସେମାନଙ୍କ ଚାଷଜମି ମଧ ନଦୀଗର୍ଭକୁ ଚାଲିଯାଇଥିଲା। ତେଣୁ ବନ୍ୟା ପ୍ରପୀଡ଼ିତ ପରିବାରଗୁଡ଼ିକ ସେହି ମୌଜା ଅଧୀନ ଅଡଶପୁର ଅଞ୍ଚଳର ଏକ ଡିପ ସ୍ଥାନରେ ରହୁଛନ୍ତି। ଇତିମଧ୍ୟରେ ୩୭ ବର୍ଷ ବିତିଗଲାଣି। ଏହାସତ୍ତ୍ୱେ ସେମାନଙ୍କ ନାମରେ ଜମିପଟ୍ଟା କରା ନ ଯାଇ ସେମାନଙ୍କଠାରୁ ଜବରଦଖଲକାରୀ ଭାବେ ଜରିମାନା ଆଦାୟ କରାଯାଉଛି। ଏ ନେଇ ଭୁବନେଶ୍ୱରର ୫ଜଣ ଆଇନଜୀବୀ ଓଏଚ୍‌ଆର୍‌ସି ଅଧକ୍ଷ ବିଚାରପତି ଅମିତାଭ ଦାଶଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଓଡ଼ିଶା ରିଲିଫ କୋଡର ୨୮ ପରିଷଦ ଅନୁସାରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ବିସ୍ଥାପିତ ପରିବାରଙ୍କୁ ଥଇଥାନ କରାଯିବାର ବ୍ୟବସ୍ଥା ଥିଲେ ମଧ ରାଜସ୍ୱ ବିଭାଗର ଉଦାସୀନତା ଯୋଗୁ ତାହା ହୋଇପାରି ନାହିଁ। ବିପର୍ଯ୍ୟୟ ପ୍ରପୀଡ଼ିତଙ୍କ ପ୍ରତି ସରକାରଙ୍କ ସହାନୁଭୂତି ଉପରେ ଆଇନଜୀବୀ ବିଜୟ କୁମାର ପଣ୍ଡା, ଗୋଲଖ ପ୍ରସାଦ ନାୟକ ପ୍ରମୁଖ ପ୍ରଶ୍ନ କରିଛନ୍ତି। ଏହି ପ୍ରପୀଡ଼ିତ ପରିବାରଙ୍କ ନିକଟରେ ଜମିପଟ୍ଟା ଥିବାରୁ ସେମାନଙ୍କ ପିଲାମାନେ ପାଠ ପଢା, ଚାକିରି ସମେତ ଆୟ, ବାସସ୍ଥାନ ଓ ଜାତିଗତ ଇତ୍ୟାଦି ପ୍ରମାଣପତ୍ର ପାଇବାରେ ହଇରାଣ ହେଉଥିବା ନେଇ କମିଶନଙ୍କ ନିକଟରେ ଅଭିଯୋଗ ହୋଇଥିଲା।



ଆଚରଣ ଶୁଦ୍ଧ ନ ହେଲେ ମୋକ୍ଷ ମିଳିବା ଅସମ୍ଭବ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ପୁଅ ମୃତ, ମା' ନିଖୋଜ

ଖୋର୍ଦ୍ଧା ଅଫିସ,୨।୧୧:ଖୋର୍ଦ୍ଧା ମ୍ୟୁନିସିପାଲିଟିର ପୂର୍ବତନ କାଉନସିଲର ବିଭୁ ପ୍ରସାଦ ସାହୁଙ୍କ ପୁଅର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବାବେଳେ ଶନିବାର ଅପରାହ୍ନ ୩ଟାରୁ ସ୍ତ୍ରୀ ନିଖୋଜ ହୋଇଯାଇଛନ୍ତି। ୨୨ ବର୍ଷ ପୁଅର ମୃତ୍ୟୁ ନେଇ ଘରେ କାନ୍ଦ ବୋବାଳି ଚାଲିଥିବାବେଳେ ସେପଟେ ମା'ଙ୍କୁ ଖୋଜାଖୋଜି ଚାଲିଛି। ହେଲେ ରାତି ସାଢେ଼୧୧ଟା ସୁଦ୍ଧା ଟେର ମିଳିନାହିଁ। ସାନ୍ତ୍ୱନା ଦେବା ପାଇଁ ଖୋର୍ଦ୍ଧା, ବେଗୁନିଆ ବିଧାୟକଙ୍କ ସମେତ ସହର ଓ ଆଖପାଖ ଅଞ୍ଚଳର ଲୋକ ବିଭୁଙ୍କ ଘର ସମ୍ମୁଖରେ ରୁଣ୍ଡ ହୋଇଛନ୍ତି। ଏପଟେ ଲୋକଙ୍କ ଭିଡ ବଢ଼ିବା ଯୋଗୁ ସହରର ଗୋଟିଏ ରାସ୍ତାରେ ଟ୍ରାଫିକ ଜାମ ହୋଇ ସାରିଲାଣି।

### ବାର୍ହା ଆକ୍ରମଣରେ ଚାଷୀ ଗୁରୁତର

ଖୋର୍ଦ୍ଧା ଅଫିସ,୨।୧୧:ବାଣପୁର ବ୍ଲକ ନୀଳାଦ୍ରିପ୍ରସାଦ ପଞ୍ଚାୟତ ଅରାଙ୍ଗ ଗାଁରେ ଶନିବାର ସକାଳ ୭ଟାରେ ବସନ୍ତ ଶବର(୪୦) ବିଲକୁ ଯାଇଥିବାବେଳେ ବାର୍ହା ଆକ୍ରମଣରେ ଆହତ ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବସନ୍ତ ବିଲକୁ ଯାଉଥିବାବେଳେ ବାର୍ହା ପଲ ତାଙ୍କ ଆଡକୁ ମାଡି ଆସିଥିଲେ। ସେ ସେମାନଙ୍କ କବଳରୁ ଖସି ଯାଉଥିବାବେଳେ ଗୋଟିଏ ଦନ୍ତା ବାର୍ହା ଆକ୍ରମଣ କରିଥିଲା।

### ମାଡ଼ ମାରିବା ଅଭିଯୋଗରେ ଜଣେ ଗିରଫ

ଯାଁଳା,୨।୧୧(ଡି.ଏନ.ଏ.): ଯାଁଳା ଫାଣ୍ଡି ଅନ୍ତର୍ଗତ ଉତ୍ତର ମୁଣ୍ଡମୁହାଣ ଗ୍ରାମର ତଥା ଅବସରପ୍ରାପ୍ତ କନଷ୍ଟେବଲ ବଂଶୀଧର ପରିଡ଼ାକୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାକେଶ ବେହେରା। ଯାଁଳା ମେଡିକାଲ ଛକରେ ତାଙ୍କର ଘର। ରାକେଶ ତାଙ୍କୁ ମାଡ଼ ମାରିବା ଓ ଗାଳିଗୁଲଜ କରିବା ସହ ତାଙ୍କ ଘର ଉପରକୁ ଟେକା ପଥର ପକାଇବା ନେଇ ବଂଶୀଧର ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ରାକେଶଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲା। ଏ ନେଇ ଥାନା ନଂ. ୪୨୧/୧୯ରେ ମାମଲା ରୁଜୁ ହୋଇଛି।

### ସାଇକେଲ ଯାତ୍ରାରେ ବିହାରର ୨ ଛାତ୍ରୀ



ଟାଙ୍ଗୀ(ଖୋର୍ଦ୍ଧା), ୨।୧୧ (ଡି.ଏନ.ଏ.): ସାମାଜିକ ବିକାଶରେ ସଚେତନତା ସୃଷ୍ଟି ନିମନ୍ତେ ବିହାରର ୨କଲେଜ ଛାତ୍ରୀ ସାଇକେଲ ଯାତ୍ରାରେ ବାହାରି ଶନିବାର ଟାଙ୍ଗୀଠାରେ ପହଞ୍ଚିଥିଲେ। ଟାଙ୍ଗୀ ପୋଲିସ ସହାୟତାରେ ସେମାନେ ଅଞ୍ଚଳରେ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ମହିଳା ସଶକ୍ତୀକରଣ, ଗାନ୍ଧିଜୀଙ୍କ ଦର୍ଶନ, ନୂତନ ଟ୍ରାଫିକ୍ ନିୟମ, ପରିବେଶ ସୁରକ୍ଷା ଦିଗରେ ସେମାନେ ସଚେତନତା ସୃଷ୍ଟି କରୁଛନ୍ତି। ବିହାରର ପାଟଣା କଲେଜର ଯୁକ୍ତ ୩ ବିଜ୍ଞାନ ଶ୍ରେଣୀର ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଥିବା ଛାତ୍ରୀ ଆସ୍ଥା ଖାତୁନ ଓ ଲିପ୍ସା ଖାତୁନ ସାରା ଭାରତବର୍ଷ ପରିଭ୍ରମଣ କରିବେ ବୋଲି ଲକ୍ଷ୍ୟ ରଖିଥିବା କହିଛନ୍ତି । ଏଠାରୁ ସେମାନେ ବ୍ରହ୍ମପୁର ଅଭିମୁଖେ ବାହାରିଥିଲେ।

■ ଜଟଣୀରେ ବିହାରୀ ସମାଜ ପାଳିଲେ ଛଟ୍ ପୂଜା

# ସୂର୍ଯ୍ୟଦେବଙ୍କୁ ବ୍ରତଧାରୀମାନେ ଦେଲେ ଅର୍ଘ୍ୟ

ଜଟଣୀ,୨।୧୧(ଡି.ଏନ୍.ଏ)



ହାଟବଜାର ପୋଖରୀରେ ବିହାରୀ ସମ୍ପ୍ରଦାୟର ଲୋକେ ଛଟ୍ ପୂଜା କରୁଛନ୍ତି ।

କାର୍ତ୍ତିକ ମାସ ଶୁକ୍ଳପକ୍ଷ ଚତୁର୍ଥୀରୁ ଆରମ୍ଭ ହୋଇଥିବା ଛଟ୍ ପର୍ବର ଶନିବାର ଥିଲା ଷଷ୍ଠୀ ପୂଜା। ୪ ଦିନ ଧରି ଏହାକୁ ନିଷ୍ଠାର ସହ ପାଳନ କରାଯାଏ। ଉତ୍ତର ଭାରତ ତଥା ବିଶେଷକରି ବିହାରୀ ସମାଜ ଏହି ପର୍ବକୁ ପାଳନ କରିଥାନ୍ତି। ଏବେ ଅନ୍ୟ ସମାଜ ପକ୍ଷରୁ ମଧ୍ୟ ଏହି ପର୍ବକୁ ପାଳନ କରିବା ଆରମ୍ଭ କଲେଣି। ପର୍ବରେ ସକଳ ଶକ୍ତିର ଆଧାର ସୂର୍ଯ୍ୟଦେବ ଓ ଛଟ୍‌ମାତାଙ୍କୁ ଉପାସନା କରାଯାଏ। ପ୍ରଥମ ଦିନ ଅର୍ଥାତ୍ ଚତୁର୍ଥୀରେ ବ୍ରତଧାରୀମାନେ ନଦୀ ବା ପୁଷ୍କରିଣୀରେ ସ୍ନାନ କରି ଅରୁଆ ଅନ୍ନ, ଚଣା ଡାଲି ଓ ଲାଉରେ ପ୍ରସ୍ତୁତ କାଦୁଅନ୍ନ ଭାବେ କୁହାଯାଉଥିବା ବ୍ୟଞ୍ଜନକୁ ପୂଜା କଲା ପରେ ପ୍ରସାଦ ଭାବେ ଭୋଜନ କରିଥାନ୍ତି। ଏହିଦିନ ଗୋଡା ଲୁଣ ଖାଇବା ପରମ୍ପରା ରହିଛି। ସେହିପରି ଦ୍ୱିତୀୟ ଦିନ ବା ପଞ୍ଚମୀକୁ ଖର୍‌ନା କୁହାଯାଏ। ଏଥିରେ ଗୁଡରେ ପ୍ରସ୍ତୁତ ଖିରି, ଅଟା ରୁଟି କାଠ ଚୁଲିରେ ପ୍ରସ୍ତୁତ ହୋଇ ଛଟ୍‌ମାତାଙ୍କ ନିକଟରେ ପୂଜା ହେବା ପରେ ସନ୍ଧ୍ୟାରେ ବ୍ରତଧାରୀମାନେ ଉପବାସ ଭଙ୍ଗ କରିଥାନ୍ତି। ତୃତୀୟ ଦିନ ତଥା ଷଷ୍ଠୀରେ ସୂର୍ଯ୍ୟାସ୍ତ ପୂର୍ବରୁ ନଦୀ ବା ପୁଷ୍କରିଣୀ ପାଣିରେ ବ୍ରତଧାରୀମାନେ ଛିଡା ହୋଇ ସୂର୍ଯ୍ୟଦେବଙ୍କୁ ପୂଜା କରିଥାନ୍ତି। ଜଟଣୀସ୍ଥିତ ହାଟବଜାର ପୋଖରୀରେ ଶନିବାର ସ୍ଥାନୀୟ ବିହାରୀ ସମାଜର ୩୦୦ରୁ ଊର୍ଦ୍ଧ୍ୱ ବ୍ରତଧାରୀମାନେ ଅଟାରେ ପ୍ରସ୍ତୁତ ପିଠା, ନଡ଼ିଆ, ଟଭା, କଦଳୀ ଓ ଅନ୍ୟ ଫଳମୂଳ କୁଲାରେ ରଖି ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ରୂପେ ପ୍ରଦାନ କରିଥିଲେ। ଏଥିପାଇଁ ପୋଖରୀ ନିକଟରେ ସାଜସଜ୍ଜା କରାଯାଇଥିଲା। ବ୍ରତଧାରୀଙ୍କ ସହ ବହୁ ଶ୍ରଦ୍ଧାଳୁ ଏହି ପୂଜା ଦେଖିବାକୁ ସମାଗମ ହୋଇଥିଲେ। ସପ୍ତମୀ ତଥା ରବିବାର ସୂର୍ଯ୍ୟୋଦୟ ପୂର୍ବରୁ ନଦୀ ବା ପୁଷ୍କରିଣୀକୁ ବ୍ରତଧାରୀମାନେ ଯାଇ ଛଟ୍‌ମାତାଙ୍କୁ ପୂଜା କରିବେ ଓ ସୂର୍ଯ୍ୟ ଉଦୟ ପରେ ତାଙ୍କୁ ଅର୍ଘ୍ୟ ଅର୍ପଣ କରିବା ବିଧି ରହିଛି।

## ଏମାନେ ଯାହା କୁହନ୍ତି...

**ନିଷ୍ଠାର ସହ ସୂର୍ଯ୍ୟ ଦେବ, ଝଟ୍ ମାତାଙ୍କୁ ପୂଜା କରାଯାଏ**

ସୂର୍ଯ୍ୟଦେବ ଓ ଛଟ୍‌ମାତାଙ୍କୁ ନିଷ୍ଠାର ସହ ପୂଜା କରାଯାଏ। ଜଟଣୀରେ ଥିବା ୩୦୦ରୁ ଊର୍ଦ୍ଧ୍ୱ ବିହାରୀ ସମାଜର ଲୋକ ଏହାକୁ ପ୍ରତିବର୍ଷ ପାଳନ କରୁଛନ୍ତି। ସ୍ଥାନୀୟ ହାଟବଜାର ପୋଖରୀରେ ପୂଜାବିଧି କରାଯାଏ। ଗ୍ରାମବାସୀ ମଧ୍ୟ ପୂଜାରେ ସହଯୋଗ କରିଥାନ୍ତି। ଏହା ବିଶେଷକରି ବିହାରୀ ସମାଜ ପକ୍ଷରୁ ପାଳନ କରାଯାଉଥିଲେ ମଧ୍ୟ ଅନ୍ୟ ସମାଜର ମହିଳାପୁରୁଷ ବିଭିନ୍ନ ମନସ୍କାମନା ରଖି ପର୍ବକୁ ପାଳନ କରୁଛନ୍ତି।

**ଜୟଶଙ୍କର ପାଣ୍ଡେ, ଜଟଣୀ**

**ବ୍ରତଧାରୀ ପରିବାର, ଦେଶର ସୁଖଶାନ୍ତି କାମନା କରିଥାନ୍ତି**

ଏହା ଏକ କଠିନ ଓ ନିଷ୍ଠାର ପୂଜା। ଉଭୟ ମହିଳାପୁରୁଷ ବ୍ରତୀ ହୋଇଥାନ୍ତି। ନିଜର ମନସ୍କାମନା ପୂର୍ଣ୍ଣ କରିବାକୁ ଜଣେ ବ୍ରତ କରିଥାନ୍ତି। ନଦୀ ବା ପୁଷ୍କରିଣୀ ନିକଟରେ ବିଭିନ୍ନ ଫଳମୂଳ ସହ ସୂର୍ଯ୍ୟଦେବତାଙ୍କୁ ଅର୍ଘ୍ୟ ଦେଇ ପୂଜା କରାଯାଏ। ପରିବାର, ଦେଶର ସୁଖ ସମୃଦ୍ଧି କାମନା କରି ଏହି ଛଟ୍ ପୂଜା କରାଯାଇଥାଏ।

**ପଙ୍କଜ ସିଂ, ଜଟଣୀ**

**ଦ୍ୱିତୀୟ ଦିନ ବ୍ରତଧାରୀ କରିଥାନ୍ତି ନିର୍ଜଳା ଉପବାସ**

ଦ୍ୱିତୀୟ ଦିନ ନିର୍ଜଳା ଉପବାସ କରାଯିବା ପରେ ରାତିରେ ଉପବାସ ଭଙ୍ଗ କରାଯାଏ। ଯାହାକୁ ଖର୍‌ନା କୁହାଯାଏ। ଗୁଡ଼ରେ ତିଆରି ଖିରି ଓ ଘିଅରେ ରୁଟି ପ୍ରସ୍ତୁତ କରାଯାଇ ପୂଜା କଲାପରେ ସମସ୍ତେ ଭୋଜନ କରିଥାନ୍ତି। ତୃତୀୟ ତଥା ଷଷ୍ଠୀ ତିଥିରେ ସୂର୍ଯ୍ୟ ଅସ୍ତ ସମୟରେ ପୂଜା ନଦୀ ବା ପୁଷ୍କରିଣୀ ସନ୍ନିକଟରେ କରାଯାଏ। ବିଭିନ୍ନ ଫଳ ସହ ଅଟା, ଘିଅ ଓ ଚିନିରେ ପ୍ରସ୍ତୁତ ପିଠା (ଯାହାକୁ ଠେକୁଆ କୁହାଯାଏ)କୁ କୁଲାରେ ରଖି ଅସ୍ତଗାମୀ ସୂର୍ଯ୍ୟଦେବଙ୍କୁ ଅର୍ପଣ କରାଯାଏ। ତୃତୀୟ ଦିନରୁ ତା' ପରଦିନ ସୂର୍ଯ୍ୟ ଉଦୟ ପର୍ଯ୍ୟନ୍ତ ବ୍ରତୀଧାରୀମାନେ ନିର୍ଜଳା ଉପବାସ ରହିଥାନ୍ତି। ସପ୍ତମୀରେ ସୂର୍ଯ୍ୟ ଉଦୟ ପୂର୍ବରୁ ନଦୀ ବା ପୁଷ୍କରିଣୀରେ ପୁଣି ଛଟ୍‌ମାତା ଓ ସୂର୍ଯ୍ୟ ଦେବଙ୍କୁ ପୂଜା କରାଯାଇ ଅର୍ଘ୍ୟ ଦିଆଯିବ, ଯାହାକୁ ପାରନ୍ କୁହାଯାଏ।

**ଦେବୀ ସିଂ, ବ୍ରତଧାରୀ ମହିଳା**

**ଭକ୍ତି ଓ ଶ୍ରଦ୍ଧାର ସହ ପାଳନ କଲେ ସଫଳତା ମିଳେ**

ସମସ୍ତଙ୍କର ସୁଖଶାନ୍ତି କାମନା କରି ଏହି ପୂଜା କରାଯାଏ। ଜଟଣୀରେ ମଧ୍ୟ ଏହା ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯାଉଛି। ଭକ୍ତି ଓ ଶ୍ରଦ୍ଧାର ସହ ଏହାକୁ ପାଳନ କଲେ ସମସ୍ତ କାର୍ଯ୍ୟରେ ସଫଳତା ମିଳିଥାଏ।

**ରାମଜୀ ପ୍ରସାଦ, ଜଟଣୀ**



ଏମ୍‌ପି ଅପରାଜିତା ଷଡଙ୍ଗୀ ବେଗୁନିଆ ବିଡିଓଙ୍କୁ ଭେଟିବାକୁ ଯାଉଛନ୍ତି ।

■ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବ୍ୟାପକ ଦୁର୍ନୀତି

# ବିଡିଓଙ୍କୁ ଭେଟିଲେ ଏମ୍‌ପି

ବେଗୁନିଆ, ୨।୧୧ (ଡି.ଏନ.ଏ.):

ବାସ ଖଣ୍ଡିଏ ପାଇଁ ଏବେବି ବହୁ ଗରିବ ଲୋକ ସରକାରୀ ଯୋଜନାର ଠିକଣା ଖୋଜୁଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକାରେ ପଞ୍ଜୀକରଣ ହୋଇ ମଧ୍ୟ ବହୁ ଲୋକ ବାଦ୍ ପଡିଛନ୍ତି। ପ୍ରଶାସନିକ ସ୍ତରରେ ହେଉ ଅବା ଗ୍ରାମାଞ୍ଚଳର ନେତାଙ୍କ ଅଣଦେଖାରୁ ଗରିବମାନଙ୍କର ଚାଳଛପର ମାଟି କାନ୍ଥ ଘେରା ବାସ ଖଣ୍ଡିକ ମାଟିରେ ମିଶିଲାଣି। ଏଭଳି ଦୁର୍ଦ୍ଦଶା ଭୋଗୁଥିବା ଗରିବ ଲୋକଙ୍କ କଥା କେହି ବୁଝୁନାହାନ୍ତି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଆବାସ ଯୋଜନାର ବ୍ୟାପକ ଦୁର୍ନୀତି ହୋଇଥିବା ଚରମ ଅଭିଯୋଗ ଉଠିଛି। ଏପରି କି ବ୍ଲକ ଅଞ୍ଚଳର ବହୁ ଅଯୋଗ୍ୟ ହିତାଧିକାରୀ ୨ଟି ଆବାସ, ଚାକିରିଆମାନଙ୍କୁ ଆବାସ ପ୍ରଦାନ ହୋଇଛି। ଏଥିସହ ଘର ନ କରି ଅନ୍ୟ ଲୋକଙ୍କ ଘର ଦେଖାଇ ସମସ୍ତ ଅନୁଦାନ ଅର୍ଥକୁ ହଡପ କରାଯାଇଛି। ଏହାକୁ ନେଇ ଗତ କିଛି ମାସ ହେଲା ଗରିବମାନଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗରିବମାନଙ୍କର ଦୁର୍ଦ୍ଦଶା ଓ ଆବାସରେ ଦୁର୍ନୀତିକୁ ହୃଦୟଙ୍ଗମ କରି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଶନିବାର ବେଗୁନିଆ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। ଆବାସ ଯୋଜନାର ଦୁର୍ନୀତିକୁ ମୁକ୍ତ କରିବାକୁ ବିଡିଓ ରବିନାରାୟଣ ମାଝିଙ୍କୁ ଏମ୍‌ପି ଷଡଙ୍ଗୀ ତାଗିଦ୍ କରିଥିଲେ। ଏଥିସହ ସୌଭାଗ୍ୟ, ଦୀନଦୟାଲ ଯୋଜନା ଏବଂ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ପାଇଖାନା ନିର୍ମାଣରେ ହୋଇଥିବା ଦୁର୍ନୀତିକୁ କିଭଳି ମୁକ୍ତ କରାଯାଇ ପାରିବ ସେ ନେଇ ବିଡିଓଙ୍କୁ ଏମ୍‌ପି ଷଡଙ୍ଗୀ ଶିଖାଇଥିଲେ। ସୂଚନାଥାଉ କି ବ୍ଲକ ଅଞ୍ଚଳର ଦେଉଳୀ, ଗଡ଼ମାଣତୀର, ବୋତଳମା, କୁଞ୍ଜରୀ ପଞ୍ଚାୟତ ଅଞ୍ଚଳରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ତଦନ୍ତ ସାପେକ୍ଷ ବୋଲି ଏମ୍‌ପି ଷଡଙ୍ଗୀ କହିଥିଲେ।

■ ଖୋର୍ଦ୍ଧାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଖୋର୍ଦ୍ଧା ଅଫିସ,୨।୧୧:




ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ।

ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଖୋର୍ଦ୍ଧା ଆଞ୍ଚଳିକ କମିଟି ଓ ଓଡ଼ିଶା ମିଳିତ ନିର୍ମାଣ ଶ୍ରମିକ ସଙ୍ଗଠନର ମିଳିତ ସହଯୋଗରେ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏ ଅବସରରେ ଖୋର୍ଦ୍ଧାର ଟାଉନ ହଲଠାରୁ ଅଶୋକ ସାହୁ, ଜୟନ୍ତ ମହାନ୍ତି, କାର୍ତ୍ତିକ ଘଡେଇ, ପ୍ରଶାନ୍ତ ରାଉତରାୟ, ଜିତେନ୍ଦ୍ର ବଳବନ୍ତରାୟ ପ୍ରମୁଖଙ୍କ ନେତୃତ୍ୱରେ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଖୋର୍ଦ୍ଧାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ପ୍ରମୁଖରେ ରହିଥିବାବେଳେ ୨ୟରେ ନିର୍ମାଣ ଶ୍ରମିକଙ୍କ ଦାବି ରହିଥିଲା। ଖୋର୍ଦ୍ଧାଠାରୁ କଟକ ୬୦ କିମି ଓ ବ୍ରହ୍ମପୁର ୧୬୦ କିମି ଦୂରତାରେ ମେଡିକାଲ କଲେ ଥିବାବେଳେ ଖୋର୍ଦ୍ଧାରେ ମେଡିକାଲ କଲେଜ ପ୍ରତିଷ୍ଠାର ଆବଶ୍ୟତା ପଡୁଛି। ଏଠାରେ ସାଧାରଣ ରୋଗୀଙ୍କୁ ଭୁବନେଶ୍ୱର, କଟକ ରେଫର କାରି ଦିଆଯାଉଛି। ଖୋର୍ଦ୍ଧା ଜିଲା ସଦର ମହକୁମାର ଜିଲା ମୁଖ୍ୟ ଚିକିତ୍ସାଳୟରେ ମେଡିକାଲ କଲେଜ ପାଇଁ ଆବଶ୍ୟକ ଭିତ୍ତିଭୂମି ରହିଛି। ଅନ୍ୟପକ୍ଷେ ଜିଲା ଶ୍ରମ କାର୍ଯ୍ୟାଳୟରେ ପଡି ରହିଥିବା ନିର୍ମାଣ ଶ୍ରମିକମାନଙ୍କର ଶିକ୍ଷା, ଯନ୍ତ୍ରପାତି, ସାଇକେଲ ଓ ମୃତ୍ୟୁକାଳୀନ ସହାୟତା ତୁରନ୍ତ ଦେବାକୁ ଦାବି କରାଯାଇଥିଲା। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ନାଗରିକ ସମ୍ବର୍ଦ୍ଧନା ସଭା ଶବର ମାନ୍ୟତା ପାଇଁ ଏମ୍‌ପିଙ୍କୁ ଦାବିପତ୍ର

ବେଗୁନିଆ, ୨।୧୧ (ଡି.ଏନ.ଏ.):

ବେଗୁନିଆ ବ୍ଲକ ରାଉତପଡା ଗାଁରେ ଶନିବାର ଏକ ନାଗରିକ ସମ୍ବର୍ଦ୍ଧନା ସଭା କାର୍ଯ୍ୟର ଆୟୋଜନ କରାଯାଇଥିଲା। ଭୂମିପୁତ୍ର ସ୍ୱାଭିମାନ ମଞ୍ଚର ସଭାପତି ଭିକାରୀ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ରାଜ୍ୟ ନୀଳମାଧବ ଆଦିବାସୀ ମହାସଂଘ ପକ୍ଷରୁ ଏମ୍‌ପି ଷଡଙ୍ଗୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଦିବାସୀ ସମ୍ପ୍ରଦାୟର ଲୋକଙ୍କୁ ମିଳିପାରୁନାହିଁ ନିଜର ଜାତିଗତ ପ୍ରମାଣପତ୍ର। ସରକାରଙ୍କ ଫାଇଲରେ ସଅର ଆଖ୍ୟା ପାଇ ଅବହେଳିତ ହୋଇ ଆସୁଅଛୁ ଆମେ। ଶବର ମାନ୍ୟତାର ଜାତିଗତ ପ୍ରମାଣପତ୍ର ଦେଇ ନ ପାରି ଆମେ ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ ହୋଇ ରହୁଛୁ। ଆମକୁ ସଅର ଜାତିରୁ ଶବର ମାନ୍ୟତା ମିଳୁ ବୋଲି ଆଦିବାସୀ ମହାସଂଘ ପକ୍ଷରୁ କୁହାଯାଇଥିଲା। ସେମାନଙ୍କର ଦାବିକୁ ସରକାରଙ୍କ ପାଖରେ ବିଧିବଦ୍ଧ ଭାବେ ଉପସ୍ଥାପନା କରିବେ ବୋଲି ଏମ୍‌ପି ଷଡଙ୍ଗୀ ମଞ୍ଚ ଉପରେ ଥାଇ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ପକ୍ଷରୁ 'ଅଲ୍ ସୋଲ୍‌ସ ଡେ'



ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକେ କବର ସ୍ଥାନରେ କ୍ୟାଣ୍ଡେଲ ଜାଳୁଛନ୍ତି ।

ଜଟଣୀ,୨।୧୧(ଡି.ଏନ.ଏ.):

ଜଟଣୀସ୍ଥିତ କବରସ୍ଥାନରେ ଅନେକ ସଂଖ୍ୟାରେ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ଉପସ୍ଥିତ ରହି ପରଲୋକ ଗମନ କରିଥିବା ସେମାନଙ୍କ ପୂର୍ବପୁରୁଷଙ୍କ ସମାଧିସ୍ଥଳରେ କ୍ୟାଣ୍ଡେଲ ଜାଳି ଶୁକ୍ରବାର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ପକ୍ଷରୁ ପ୍ରତିବର୍ଷ ନଭେମ୍ବର ୨ରେ 'ଅଲ୍ ସୋଲ୍‌ସ ଡେ' ପାଳନ ପରିପ୍ରେକ୍ଷୀରେ ସ୍ଥାନୀୟ କବରସ୍ଥାନରେ ଏହି ସମ୍ପ୍ରଦାୟର ମହିଳାପୁରୁଷ ଏକତ୍ର ହୋଇ ଆତ୍ମୀୟସ୍ୱଜନଙ୍କୁ ମନେପକାଇବା ସହ ସମ୍ମାନ ଦେଇଥାନ୍ତି। ଏଥିପାଇଁ କବରସ୍ଥାନ ପରିସରରେ ଫାଦର ବିଜୟ ନାୟକ, ଅଜିତ୍ ଟୋପୋ,ବିଜୟ ହେରେନ୍, ଅକ୍ଷୟ ସେନାପତି ଓ ଅନ୍ୟମାନେ ଉପସ୍ଥିତ ରହି ପ୍ରାର୍ଥନା କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ଏହି କବରସ୍ଥାନ ପରିଚାଳନା କମିଟିର ସଭାପତି ଏସ୍.ଜନ୍, ସମ୍ପାଦକ ଭି.ଭି.ଡ଼ି. ଯୋଶେଫ, କୋଷାଧ୍ୟକ୍ଷ ଏଚ୍.କେ. ଦାସ ଅନ୍ୟ ସଦସ୍ୟଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ୪ ପକ୍ଷୀ ଜବତ, ଜଣେ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୨।୧୧(ଡି.ଏନ.ଏ.):

ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଟାଙ୍ଗୀ ବନାଞ୍ଚଳରୁ ଶନିବାର ଜଣେ ପକ୍ଷୀ ଶିକାରୀଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୨ଟି ଜୀବନ୍ତ ଓ ୨ଟି ମୃତ ପକ୍ଷୀ ଜବତ କରାଯାଇଛି। ଶିକାରୀ ଜଣକ ଟାଙ୍ଗୀ ଥାନାର ଚିଲିକାକୂଳ ବାଲିପାଟପୁର ଜେଟି ନିକଟରେ ପକ୍ଷୀ ଶିକାର କରୁଥିବା ବେଳେ ସ୍ଥାନୀୟ ଲୋକମାନେ ତାଙ୍କୁ କାବୁ କରି ବନ୍ୟପ୍ରାଣୀ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ। ହେଲେ ବିଭାଗ ପକ୍ଷରୁ ଗିରଫ ଶିକାରୀଙ୍କ ନାମ ପ୍ରକାଶ କରାଯାଇ ନ ଥିଲା।

# ମହିଳାଙ୍କୁ ଅସଦାଚରଣ: ପୋଲିସ ରୁଜୁ କରୁନି ମାମଲା

ଖୋର୍ଦ୍ଧା ଅଫିସ,୨।୧୧:

ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳର ଜଣେ ନିରାଶ୍ରୟ ମହିଳାଙ୍କୁ ଅସଦାଚରଣ ସହ ମାରପିଟ୍ କରାଯାଇଥିବା ଅଭିଯୋଗ ସତ୍ତ୍ୱେ ପୋଲିସ ମାମଲା ରୁଜୁ କରୁନାହିଁ। ଅଭିଯୋଗର ୮ଦିନ ବିତିଯିବାକୁ ବସିଥିଲେ ହେଁ ପୋଲିସ ଘଟଣାକୁ ରଫାଦଫା କରିଦିଅ ବୋଲି ପରାମର୍ଶ ଦେଉଛି। ରଫାଦଫା କଲେ ଟଙ୍କା ମିଳିବ, ନ କଲେ ଅଭିଯୋଗପତ୍ର ଚିରି ଫୋପାଡି ଦିଆଯିବ ବୋଲି ପୋଲିସ କହିଥିବା ସମ୍ପୃକ୍ତ ମହିଳା କହିଛନ୍ତି। ସରକାର ମୋ ସରକାର ଯୋଜନା ଲାଗୁ କରି ବାହାବା ନେଉଥିବାବେଳେ ମହିଳାଙ୍କ କରୁଣ କାହାଣୀ କେହି ଶୁଣି ପାରୁନାହାନ୍ତି। ମହିଳା ଜଣକ ଏକ ଅଟା ମିଲରେ ୧୮ ବର୍ଷ ହେଲା କାମ କରୁଛନ୍ତି। ସେ ଏବେ ଭୟର ସହ କାଳାତିପାତ କରୁଛନ୍ତି।

# ଗୋଶାଳା ସ୍ଥାନାନ୍ତର ପାଇଁ ଏମ୍‌ପିଙ୍କ ଦାବି

ବୋଲଗଡ,୨।୧୧(ଡି.ଏନ.ଏ.)–

ବୋଲଗଡ ବ୍ଲକ ବ୍ରହ୍ମପୁରା ଗ୍ରାମ ନିକଟ ପାହାଡ ତଳି ଅଞ୍ଚଳରେ ଏକ ଗୋଶାଳାକୁ ଶନିବାର ଭୁବନେଶ୍ୱର ଏମପି ଅପରାଜିତା ଷଡଙ୍ଗୀ ପରିଦର୍ଶନ କରିଛନ୍ତି। ଏଠାରେ ଅସୁରକ୍ଷିତ ଭାବେ ଗୋରୁମାନେ ରହୁଥିବା ଯୋଗୁ ସମସ୍ୟା ସୃଷ୍ଟି ହେଉଛି। ଫଳରେ ଗୋଶାଳାକୁ ସ୍ଥାନାନ୍ତର ପାଇଁ ଗ୍ରାମବାସୀ ଦାବି କରିଥିଲେ। ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଚେଷ୍ଟା କରିବେ ବୋଲି ଏମ୍‌ପି ଗ୍ରାମବାସୀଙ୍କୁ କହିଥିଲେ। ଗୋଶାଳାଟି ଏକ ସଂସ୍ଥା ପକ୍ଷରୁ କରାଯାଇଥିବା ବେଳେ ଏଠାରେ ଗୋରୁଙ୍କର ରହିବାକୁ କୌଣସି ଘର ନାହିଁ। ଗୋରୁ ମୁକ୍ତାକାଶରେ ପାହାଡ ତଳି ରହୁଛନ୍ତି। ମୃତଦେହ ପଡି ରହିବାରୁ ଦୁର୍ଗନ୍ଧ ହେଉଥିବା ଅଭିଯୋଗ ହୋଇଛି।

# ଜବରଦଖଲ ଉଚ୍ଛେଦ ଦାବିରେ ଟାଙ୍ଗୀ ତହସିଲ ଘେରାଉ

ଟାଙ୍ଗୀ(ଖୋର୍ଦ୍ଧା),୨।୧୧(ଡି.ଏନ.ଏ.):

ଟାଙ୍ଗୀ ତହସିଲ ଅନ୍ତର୍ଗତ ରତନପୁର ନରହରି ସାହି ବାସିନ୍ଦା ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ଦାବିରେ ଶନିବାର ତହସିଲ ଅଫିସ ଘେରାଉ କରିଥିଲେ। ସେମାନଙ୍କ ଅଭିଯାଗ ଅନୁଯାୟୀ, ତାଙ୍କ ସାହି ପାଖରେ ୭ ଏକର ଗୋଚର ଜମି ରହିଥିବାବେଳେ ସେଠାରେ ଗ୍ରାମବାସୀ ଚଳପ୍ରଚଳ କରିଥାନ୍ତି। ମାତ୍ର କିଛିଦିନ ହେଲା ଉକ୍ତ ଜମିକୁ ନିକଟବର୍ତ୍ତୀ ସୋରଣ ଗ୍ରାମର ଜଣେ ବ୍ୟକ୍ତି ଜବରଦଖଲ କରି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ସେମାନେ ଟାଙ୍ଗୀ ତହସିଲଦାର ଓ ଖୋର୍ଦ୍ଧା ଜିଲାପାଳଙ୍କ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିନାହିଁ। ତେଣୁ ଶତାଧିକ ମହିଳାପୁରୁଷ ତହସିଲ ଅଫିସ ଆଗରେ ଧାରଣାରେ ବସିଥିଲେ। ତହସିଲଦାରଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣି ପୂର୍ଣ୍ଣଚନ୍ଦ୍ର ଦାସ ଲୋକଙ୍କଠାରୁ ଦାବିପତ୍ର ଗ୍ରହଣ କରି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

■ ଜଟଣୀ ତହସିଲରେ ଦଲାଲଙ୍କୁ ଧରିଲେ ଆଇନଜୀବୀ

# ଆଣିଥିବା ସରକାରୀ ରେକର୍ଡ ଛଡ଼ାଇ ରଖିଲେ

ଜଟଣୀ,୨।୧୧(ଡି.ଏନ.ଏ)



ତହସିଲରେ ଜଣେ ଦଲାଲକୁ ଆଇନଜୀବୀମାନେ ଧରିଛନ୍ତି ।

ସରକାରୀ କାର୍ଯ୍ୟାଳୟଗୁଡିକରୁ ଦଲାଲ ହଟାଇବା, ଲାଞ୍ଚ କାରବାର ବନ୍ଦ କରି ଦୁର୍ନୀତିମୁକ୍ତ କରି ଲୋକଙ୍କୁ ଠିକ୍ ସେବା ଯୋଗାଇବା ପାଇଁ ସରକାର ୫–ଟି ଓ ମୋ ସରକାର ପରି ପଦକ୍ଷେପ ଆରମ୍ଭ କରିଛନ୍ତି। ଜଟଣୀରେ ଥିବା କାର୍ଯ୍ୟାଳୟଗୁଡିକରେ ସରକାରଙ୍କ ଏହି ପଦକ୍ଷେପର ବିଶେଷ ପ୍ରଭାବ ପଡୁ ନ ଥିବା ଅଭିଯୋଗ ହେଉଛି। ଅଧିକାଂଶ ସରକାରୀ କାର୍ଯ୍ୟାଳୟରେ ଲାଞ୍ଚ କାରବାର, ଦଲାଲରାଜ ଚାଲିଥିବା ଅଭିଯୋଗରୁ ଜଣାପଡିଛି। ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ କିପରି ଖୁଲମଖୁଲା ଦଲାଲମାନଙ୍କ ମାଧ୍ୟମରେ ବିଭିନ୍ନ କାର୍ଯ୍ୟ ହେଉଛି ଓ ଲାଞ୍ଚ ନ ଦେଲେ ଫାଇଲ୍ ଆଗକୁ ଘୁଞ୍ଚୁନି ସେ ନେଇ ଅନେକ ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ ଜଟଣୀ ତହସିଲ କାର୍ଯ୍ୟାଳୟରେ ଶନିବାର କିଛି ସମୟ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା।

ଏହି ତହସିଲ ଅନ୍ତର୍ଗତ ଏକ ଆର୍‌ଆଇ ଅଫିସର ଅନେକ ସରକାରୀ ରେକର୍ଡ ଧରି ଜଣେ ଦଲାଲ ତହସିଲ ଅଫିସ ଆସିଥିବା ବେଳେ ଏପରି ପରିସ୍ଥିତି ଦେଖାଦେଇଥିଲା। ଏ ନେଇ ଅସନ୍ତୁଷ୍ଟ ଥିବା ସ୍ଥାନୀୟ ଆଇନଜୀବୀ ଓ କେତେଜଣ ଲୋକ ସମ୍ପୃକ୍ତ ଦଲାଲଙ୍କୁ ଘେରି ଯାଇ ଆଣିଥିବା ରେକର୍ଡକୁ ତାଙ୍କଠାରୁ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖାଇଥିଲେ। ସମ୍ପୃକ୍ତ ବେସରକାରୀ ତଥା ଦଲାଲ କୁହାଯାଉଥିବା ଲୋକ ଜଣକ ଏହି ରେକର୍ଡଗୁଡିକୁ ଜଣେ କର୍ମଚାରୀଙ୍କୁ ହସ୍ତାନ୍ତର କରୁଥିବା ବେଳେ ଏପରି ଘଟଣା ଘଟିଥିଲା। ଆଇନଜୀବୀ ଓ ଲୋକେ ଘେରିଯିବା ପରେ ଦଲାଲ ଜଣକ ଆଣିଥିବା ରେକର୍ଡଗୁଡିକୁ ଛାଡି ଦେଇ ଘଟଣାସ୍ଥଳରୁ ତରବରିଆ ହୋଇ କୁଆଡେ ଉଭାନ ହୋଇଯାଇଥିଲେ। ତହସିଲ କର୍ମଚାରୀ ଜଣକ ହଡବଡେଇ ଯାଇ ତାଙ୍କ ନିକଟକୁ କେହି ରେକର୍ଡ ନେଇ ଆସି ନ ଥିବା ପଚାରିବାରୁ କହିଥିଲେ। ଆଇନଜୀବୀ ବାଉରୀବନ୍ଧୁ ସାହୁ, ଶିବପ୍ରସାଦ ରଥ, ସୁବାସିନୀ ମହାରଥୀ, ପବିତ୍ର ବଳିଆରସିଂହ ଓ ବିକ୍ରମ କେଶରୀ ପଟ୍ଟନାୟକ କୁହନ୍ତି, ତହସିଲ ଓ କେତେକ ଆର୍‌ଆଇ କାର୍ଯ୍ୟାଳୟରେ ଦଲାଲରାଜ ଚାଲିଛି। ଦଲାଲଙ୍କ ବିନା ଫାଇଲ୍ ଘୁଞ୍ଚୁ ନାହିଁ। କୌଣସି କାର୍ଯ୍ୟ ନେଇ କେହି ଲୋକ ସିଧାସଳଖ ଆବେଦନ କଲେ ମାସ ମାସ ଧରି ଟେବୁଲ୍‌ରେ ଫାଇଲ୍ ପଡିରହୁଛି। ଲାଞ୍ଚ ନ ଦେଲେ କିମ୍ବା ଦଲାଲଙ୍କ ମାଧ୍ୟମରେ ନ ଆସିଲେ ଶୀଘ୍ର କାର୍ଯ୍ୟ ହେଉନି। କିସମ ପରିବର୍ତ୍ତନଠାରୁ ଆରମ୍ଭ କରି ନାମଜାରି, ଜାତିଗତ, ଉତ୍ତରାଧିକାରୀ ପ୍ରମାଣପତ୍ର, ଆର୍‌ପି କେସ୍ ଆଦି ବିଭିନ୍ନ କାର୍ଯ୍ୟରେ ଲୋକଙ୍କୁ ହଇରାଣ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏପରି ଶନିବାର ତହସିଲ କାର୍ଯ୍ୟାଳୟକୁ ଆସିଥିବା ସ୍ଥାନୀୟ ଗଜପତିନଗର ଅଞ୍ଚଳର ପି. ଅନିଲ କୁମାର କୁହନ୍ତି, ତାଙ୍କ ମା'ଙ୍କ ମୃତ୍ୟୁ ପରେ ଉତ୍ତରାଧିକାରୀ ବା ଲିଗାଲ ହେୟାର ସାର୍ଟିଫିକେଟ ପାଇଁ ଆବେଦନ କରିବା ଏକବର୍ଷ ହୋଇଗଲାଣି। ହେଲେ ଏଯାବତ୍ ତାଙ୍କ କାମ ହେଉନି। ପ୍ରଥମେ କୁହାଗଲା ଫାଇଲ୍ ମିଳୁନି। ପରେ କୁହାଗଲା ବାତ୍ୟା ଫନୀରେ ଫାଇଲ୍ କୁଆଡେ ଗଲାଣି। ଏହିପରି ଗୋଟିଏ ବର୍ଷ ମଧ୍ୟରେ ସେ ୩ ଥର ଆବେଦନ କଲେଣି ବୋଲି କହିଛନ୍ତି। ତଥାପି ତାଙ୍କ କାର୍ଯ୍ୟ ଏଯାବତ୍ ହୋଇ ନ ଥିବା ସେ ଅଭିଯୋଗ କରିଥିଲେ। ଏ ନେଇ ତହସିଲଦାର ପ୍ରିୟାଂଶୁ ଚାନ୍ଦ କୁହନ୍ତି, ତହସିଲ ଓ ଆର୍‌ଆଇ ଅଫିସଗୁଡିକରେ କୌଣସି ଦଲାଲ ନାହାନ୍ତି। ନିୟମ ଅନୁଯାୟୀ, ସମସ୍ତ କାର୍ଯ୍ୟ କରାଯାଇ ସମସ୍ତଙ୍କୁ ସେବା ଯୋଗାଇ ଦିଆଯାଉଛି। ଲାଞ୍ଚ କାରବାର ଯେପରି ନ ହୁଏ ସେନେଇ ଗୁରୁତ୍ୱ ଦିଆଯିବା ସହ ସତର୍କ ଦୃଷ୍ଟି ରଖାଯାଇଛି। ଏହାଛଡ଼ା ଅନେକ କାର୍ଯ୍ୟ ଅନ୍‌ଲାଇନ୍ ମାଧ୍ୟମରେ ହେଉଥିବା ସେ କହିଛନ୍ତି।

## ସଂକ୍ଷେପରେ

### ଦାଦାବଟି ମାଗି ଜଣେ ଗିରଫ

ଡେଲାଙ୍ଗ,୨।୧୧(ଡି.ଏନ୍.ଏ.): ଡେଲାଙ୍ଗ ଥାନା ଅଞ୍ଚଳରେ ବଟି ମାଗିବା ଅଭିଯୋଗରେ ପୋଲିସ ଶନିବାର ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ କୁମର ଗ୍ରାମର ଭଗବାନ ବିଶ୍ୱାଳ(୫୦)। ଖୋର୍ଦ୍ଧା ଅଞ୍ଚଳର ବିଭୂତି ଭୂଷଣ ମିଶ୍ର ସପରିବାର ଶନିବାର ପୁରୀ ଯାଉଥିବାବେଳେ ଡେଲାଙ୍ଗ ଷ୍ଟେସନ ବଜାର ନିକଟରେ ଭଗବାନ ତାଙ୍କ ଗାଡ଼ିକୁ ଅଟକାଇ ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ହାତରେ ଧରିଥିବା ଏକ ବାଉଁଶରେ କାର୍ ଆଗ କାଚକୁ ଶକ୍ତ ପ୍ରହାର କରିଥିଲେ। କାର୍‌ରେ ବସିଥିବା ଡ୍ରାଇଭର ଓ ପରିବାର ଲୋକେ ଅଳ୍ପରେ ବର୍ତ୍ତି ଯାଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇବା ପରେ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ପରେ ବିଭୂତିଙ୍କ ଅଭିଯୋଗକ୍ରମେ ଭିତ୍ତିକରି ନଂ.୨୦୮/୧୯ରେ ମାମଲା ରୁଜୁ କରିଛି।

### ଏସ୍‌ସିଏସ୍‌ରେ କ୍ୟାରିୟର କାଉନସେଲିଂ

ପୁରୀ ଅଫିସ, ୨।୧୧ : ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମଇ ଏବଂ ସାମନ୍ତ ଚନ୍ଦ୍ର ଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ(ଏସ୍‌ସିଏସ୍)ର ଆଇଟିପି ପ୍ରକଳ୍ପର ସମନ୍ୱୟରେ କ୍ୟାରିୟର କାଉନସେଲିଂ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଫେସର ଶଙ୍କର୍ଷଣ ଦାଶ ସଭାପତିତ୍ୱ କରିଥିଲେ। ମୁଲ୍ୟବୋଧ ଭିତ୍ତିକ ଗୁଣାତ୍ମକ ଶିକ୍ଷା ଉପରେ ଆଲୋଚନା କରାଯାଇଥିଲା। ପ୍ରକଳ୍ପ ସଂଯୋଜକ ଡ.ଶୁଭେନ୍ଦୁ କୁମାର ପରିଡା ପରିବର୍ତ୍ତିତ ସମୟରେ ଛାତ୍ରଛାତ୍ରୀମାନେ କିପରି କୁଶଳୀ ଓ ନିଯୁକ୍ତି ଉପଯୋଗୀ ହୋଇପାରିବେ, ସେ ସମ୍ପର୍କରେ କହିଥିଲେ। କଲେଜର କ୍ୟାରିୟର କାଉନସେଲିଂ ସଂଯୋଜିକା ଡ.ପଲ୍ଲବୀ ମିଶ୍ର ଓ ସିତାଂଶୁ ମିଶ୍ର ସଂଯୋଜନା କରିଥିଲେ।

### ପ୍ରାଥମିକ ଶିକ୍ଷକ ସଂଘର ପ୍ରତିବାଦ ସଭା

ବ୍ରହ୍ମଗିରି,୨।୧୧(ଡି.ଏନ୍.ଏ.): ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ବ୍ରହ୍ମଗିରି ପକ୍ଷରୁ ୧୦ଦଫା ଦାବି ନେଇ ଶନିବାର ବ୍ରହ୍ମଗିରି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା କରାଯାଇଥିଲା। ପ୍ରଥମେ ସଂଘର ଶିକ୍ଷକମାନେ ବ୍ରହ୍ମଗିରି କଲେଜ ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଏହି ପ୍ରତିବାଦ ସଭା କରିଥିଲେ। କିନ୍ତୁ ଏହି କାର୍ଯ୍ୟକ୍ରମରେ ବୈଧାନିକ ବ୍ୟବସ୍ଥା ଉଲ୍ଲଂଘନ କରାଯାଇଥିବାରୁ ଅଂଶଗ୍ରହଣ କରିଥିବା ଶିକ୍ଷକମାନଙ୍କ ପ୍ରତି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡ଼ିଛି। ଏ ନେଇ ବିଭାଗୀୟ ଉପରିସ୍ଥ ଅଧିକାରୀମାନେ ବୈଧାନିକ ବ୍ୟବସ୍ଥାକୁ ଉଲ୍ଲଂଘନ କରିଥିବା ଶିକ୍ଷକଙ୍କ ରିପୋର୍ଟ ସଂଗ୍ରହ ପାଇଁ ନିର୍ଦ୍ଦେଶ ଦେଇଥିବା ମଣ୍ଡଳ ଶିକ୍ଷାଧିକାରୀ ପ୍ରଫୁଲ୍ଲଚନ୍ଦ୍ର ବଳିଆରସିଂ କହିଛନ୍ତି।

### ଉପନିର୍ବାଚନ ୨ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

ନିମାପଡ଼ା,୨।୧୧(ଡି.ଏନ୍.ଏ.): ନିମାପଡ଼ା ବ୍ଲକ ଅନ୍ତର୍ଗତ ଧନୁଆଁ ପଞ୍ଚାୟତର ସମିତିସଭ୍ୟ ପଦବୀ ଉପନିର୍ବାଚନ ପାଇଁ ୨ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ବ୍ଲକ ସୂତ୍ରରୁ ଜଣାପଡ଼ିଛି। ସେମାନେ ହେଲେ କଳ୍ପନା କାଣ୍ଡି ଓ ଅରୁଣା ପ୍ରିୟା ଭୋଇ। ଆସନ୍ତା ୪ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବାକୁ ଥିବାବେଳେ ୭ତାରିଖ ମଧ୍ୟରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରିବେ। ୨୭ତାରିଖରେ ଉପନିର୍ବାଚନ ହେବା ସହ ଫଳାଫଳ ଘୋଷଣା କରାଯିବ। ବାସ୍ତବିକ ଏ ନେଇ ଉକ୍ତ ପଞ୍ଚାୟତରେ ରାଜନୈତିକ ଉଷ୍ମତା ଦେଖାଯାଉଛି। ସୂଚନାଯୋଗ୍ୟ, ଏହି ପଞ୍ଚାୟତର ସମିତିସଭ୍ୟାଙ୍କ ମୃତ୍ୟୁ ଘଟିବା ପରେ ପଦବୀ ଖାଲି ପଡ଼ିଥିଲା। ଅକ୍ଟୋବର ୨୯ରେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

### ନୂତନ ଶିକ୍ଷାନୀତି ସଂକ୍ରାନ୍ତ କର୍ମଶାଳା

ପୁରୀ ଅଫିସ, ୨।୧୧ : ସାମନ୍ତ ଚନ୍ଦ୍ର ଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଆନୁକୂଲ୍ୟରେ ନୂତନ ଶିକ୍ଷାନୀତି ୨୦୧୯ ଅନୁଯାୟୀ ପ୍ରଶ୍ନପତ୍ର ପ୍ରସ୍ତୁତି ଓ ମୂଲ୍ୟାଙ୍କନ ପଦ୍ଧତି ସମ୍ପର୍କରେ ଏକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଗୌରାଙ୍ଗ ଚରଣ ନନ୍ଦ ଶିକ୍ଷାବ୍ୟବସ୍ଥା କିପରି ଛାତ୍ରଛାତ୍ରୀଙ୍କ ଲାଗି ଉପାଦେୟ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମୂଲ୍ୟାଙ୍କନ ବ୍ୟବସ୍ଥାରେ ପରିବର୍ତ୍ତନ ସହ ପରୀକ୍ଷା ପରିଚାଳନାରେ ସଂସ୍କାର ଉପରେ ଗୁରୁତ୍ୱାରୋପ କରିଥିଲେ। କଲେଜ ଭାରପ୍ରାପ୍ତ ଅଧକ୍ଷ ଡ.ଶାରଦା ସାମନ୍ତରାୟ, ଓ ଉପାଧକ୍ଷ ପ୍ରଫେସର ଶଙ୍କର୍ଷଣ ଦାଶ ଉପସ୍ଥିତ ଥିଲେ।

# ରଘୁନନ୍ଦନ ଲାଇବ୍ରେରି ପୁନରୁଦ୍ଧାର କାମ ଜାରି

ପୁରୀ ଅଫିସ, ୨।୧୧:








ଦୁଇମାସ ପୂର୍ବେ ଏମାର ମଠ ଚକଡ଼ାରେ ଥିବା ବ୍ରିଟିଶ ଅମଳର ରଘୁନନ୍ଦନ ଲାଇବ୍ରେରି ଭାଙ୍ଗି ଦିଆଯାଇଥିଲା। ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଥିବା ଏହି ଲାଇବ୍ରେରି କୋଠା ଅସୁରକ୍ଷିତ ହୋଇପଡ଼ିଥିବାରୁ ସରକାର ଏହାକୁ ଉଚ୍ଛେଦ କରିଥିଲେ। ପରେ ଏହାର ପୁନରୁଦ୍ଧାର ପାଇଁ ୫କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଉଚ୍ଛେଦ ପରେ ଲାଇବ୍ରେରୀର ସମସ୍ତ ପୁସ୍ତକ ଏବଂ ଆନୁଷଙ୍ଗିକ ଜିନିଷପତ୍ର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଭୂମିଅର୍ଜନ କକ୍ଷକୁ ସ୍ଥାନାନ୍ତର କରାଯାଇ ଲାଇବ୍ରେରୀର ପୁନରୁଦ୍ଧାର କାମ ଆରମ୍ଭ ହୋଇଥିଲା। ନଷ୍ଟ ହୋଇଯାଇଥିବା ବହୁ ମୂଲ୍ୟବାନ ପୁସ୍ତକ, ପୋଥି ଆଦିକୁ କିପରି ସୁରକ୍ଷିତ ଭାବେ ରଖାଯାଇପାରିବ ସେଥିଲାଗି ଅଭିଜ୍ଞ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହାର ସଂରକ୍ଷଣ କାମ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ୧,୬୭୬ ଖଣ୍ଡ ବହି ତାଲିକା କରାଯାଇଛି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ହରେକୃଷ୍ଣ ରାଜ୍ୟ ଗ୍ରନ୍ଥାଗାର, ଓଡ଼ିଶା ରାଜ୍ୟ ଅଭିଲେଖାଗାର ଏବଂ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ତତ୍ତ୍ୱାବଧାନରେ ଏହି

- ■ତାଲିକା ସରିଲାଣି ୧,୬୭୬ ବହି
- ■ସାଇତା ହେଲାଣି ୫୦ ବଣ୍ଡଲ ପୋଥି

ସଂରକ୍ଷଣ କାର୍ଯ୍ୟ ଚାଲିଛି। ଏ ସମ୍ପର୍କରେ ହରେକୃଷ୍ଣ ରାଜ୍ୟ ଗ୍ରନ୍ଥାଗାରର ମୁଖ୍ୟ ଗ୍ରନ୍ଥାଧ୍ୟକ୍ଷ ସନ୍ତୋଷ କୁମାର ଚାଟାର୍ଜୀ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୧,୬୭୬ ବହିକୁ ପ୍ରୋସେସିଂ ପରେ ତାଲିକା କରାଯାଇ ୮ଟି ଆଲମିରାରେ ରଖାଯାଇଛି। ଏହାକୁ ଆହୁରି ୪୦୦ ବହି ତାଲିକାଭୁକ୍ତ କରାଯିବ। ସେହିପରି ୫୦ ବଣ୍ଡଲ ପୋଥିକୁ ମଧ ସାଇତି ରଖାଯାଇଛି। ୩ଜଣ ଅଭିଜ୍ଞ କର୍ମଚାରୀ ଏହି କାମରେ ଲାଗିଛନ୍ତି। ସେହିପରି ସଂରକ୍ଷଣ ପ୍ରକ୍ରିୟା ସମ୍ପର୍କରେ ସେ କହିଛନ୍ତି, ହଳଦିଆ ଓ ପିମ୍ପି ମାରିଯାଇଥିବା ବହିଗୁଡ଼ିକୁ ପ୍ରଥମେ ଡ଼ିଏସିଡ଼ିଫିକେସନ ଅର୍ଥାତ୍ ପିମ୍ପି ସଫା କରାଯାଉଛି। ଏହାକୁ ଶୁଖାଯିବା ପରେ ଟିସୁ ପେପର ଦ୍ୱାରା ଲାମିନେସନ କରାଯାଉଛି। ପୃଷ୍ଠା ଅନୁଯାୟୀ ଶଟ୍ ପରେ ତାଲିକା ହେଉଛି। ପରେ ଏହାକୁ ବନ୍ଧେଇ କରାଯାଇ ପୁସ୍ତକ ଆକାର ଦିଆଯାଉଛି। ସେହିପରି ଅନେକ ବହି ଅଛି ଯାହାର ପୃଷ୍ଠାଗୁଡ଼ିକ କଣା କଣା ହୋଇଯାଇଛି। ଏହାକୁ ସିଲ୍‌ଭର ଫିସ୍ ନାମକ ଏକ କୀଟ ଖାଇଯାଇଛି। ଆଲମିରା ଭିତରେ ଏକପ୍ରକାର ଧୂଆଁ ଦିଆଯାଇ କୀଟ ମାରିବା ପରେ ବହିଗୁଡ଼ିକୁ ସଂରକ୍ଷଣ କରାଯାଉଛି। ଅନେକ ମୂଲ୍ୟବାନ ବିରଳ ପୁସ୍ତକ ରହିଛି ଯାହା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ସେଗୁଡ଼ିକର ଫଟୋ ଉଠାଯାଇ ଡିଜିଟାଇଜେସନ କରାଯିବ ବୋଲି ଚାଟାର୍ଜୀ ସୂଚନା ଦେଇଛନ୍ତି। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ରାଜ୍ୟ ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ୍ ସୁଲେମାନ ଅଲ୍ଲୀ, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ମୁଖ୍ୟ ଗ୍ରନ୍ଥାଧ୍ୟକ୍ଷ ଓ ସହକାରୀ ଗ୍ରନ୍ଥାଧ୍ୟକ୍ଷ ରୁଦ୍ରପ୍ରସାଦ ବେହେରା, ପରିଚାରକ କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାର ସଂରକ୍ଷଣ କାମ ଚାଲିଛି।

# ସଂସ୍କୃତ ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧି ରଖିଛି

ପୁରୀ ଅଫିସ, ୨।୧୧ :

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଲୋକଭାଷା ପ୍ରଚାର ସମିତି ସଂଯୋଜନାରେ ୧୦ ଦିନ ଧରି ଚାଲିଥିବା ସଂସ୍କୃତ ସମ୍ଭାଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ.ବସନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ କୁଳପତି ପ୍ରଫେସର ହରିହର ହୋତା ଯୋଗଦେଇ କହିଲେ ଯେ, ସଂସ୍କୃତ ଭାଷା ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧି ରଖିଛି। ସଂସ୍କୃତର ପ୍ରଭାବରେ ମନୁଷ୍ୟ କୁକର୍ମରୁ ନିବୃତ୍ତ ହେବା ସହ ତା ମଧ୍ୟରେ ଆଧାତ୍ମିକ ଭାବ ଜାଗ୍ରତ ହୋଇଥାଏ। ସମିତିର ରାଜ୍ୟ ଅଧ୍ୟକ୍ଷ ଡ.ସଦାନନ୍ଦ ଦିକ୍ଷିତ କହିଲେ ଯେ, ବିଦେଶରେ ସଂସ୍କୃତ ପ୍ରଭାବ ବିସ୍ତାର କରିଛି। ଏଠାରେ ସଂସ୍କୃତ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଏହାର ପ୍ରଚାର ପ୍ରସାର ଦିଗରେ ବିଶେଷ ଭୂମିକା ରହିଛି ବୋଲି କହିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଗୋବିନ୍ଦ ଚନ୍ଦ୍ର କର, ପ୍ରଫେସର ଅଦ୍ୱୈତ ଚରଣ ଧଳ ସଂସ୍କୃତ ଭାଷା ମାନବୀୟ ମୂଲ୍ୟବୋଧର ପରିଚୟ ଦେଇଥାଏ ବୋଲି କହିଥିଲେ। ସମିତି ସଦସ୍ୟ ଧ୍ରୁବଜ୍ୟୋତି ମହାନ୍ତି, ସରୋଜ କୁମାର ଦାସ, ଅଧ୍ୟାପକ ନିଳାମ୍ବର ବାଘ ଓ ଡ.ଦେବାଶିଷ ତ୍ରିପାଠୀ ଏହାକୁ ପରିଚାଳନା କରିଥିଲେ। ବିଭାଗର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

■ଭିକାରୀ ବଳ ଦଶମ ଶ୍ରାଦ୍ଧବାର୍ଷିକୀ ଭଜନ ସମାରୋହ

# ଭକ୍ତିଭାବରେ ଭିଜିଲା ଶରଧାବାଲି



କାର୍ଯ୍ୟକ୍ରମକୁ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଉଦ୍‌ଘାଟନ କରୁଛନ୍ତି।

ପୁରୀ ଅଫିସ, ୨।୧୧:

ଶିବଶକ୍ତି ପରିବାର ପକ୍ଷରୁ ଭଜନ ସମ୍ରାଟ ଭିକାରୀ ବଳଙ୍କ ଦଶମ ଶ୍ରାଦ୍ଧବାର୍ଷିକୀ ଭଜନ ସମାରୋହ ଶନିବାର ପୁରୀ ଶରଧାବାଲିଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣ୍ଠଶିଳ୍ପୀଙ୍କ କଣ୍ଠରୁ ପାରି ହେବୁ ଯଦି ଏ ଭାବ ସାଗରୁ, ହରିନାମ ଭଜରେ, ମୁଁ ତ ବଡଦେଉଳର ପାରାରେ, ଜଗବନ୍ଧୁ ହେ ଜଗବନ୍ଧୁ ଭଜ ଜଗନ୍ନାଥ, କୋଟଭୋଗଖିଆ ମୋ ଚକାଆଖିଆ ଭଳି ଭାବମୟ ଭଜନରେ ଶରଧାବାଲି ଭିଜି ଯାଇଥିଲା। ଏହି ସମାରୋହକୁ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ଉଦ୍‌ଘାଟନ କରି କହିଲେ ଯେ, ଭିକାରୀ ବଳ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଭକ୍ତ। ଓଡ଼ିଶା ମାଟିର ଗୌରବ। ତାଙ୍କ ଭଜଣ ମନକୁ ଛୁଇଁଥାଏ। ହୃଦୟରେ ଭକ୍ତିଭାବ ଜାଗ୍ରତ କରାଏ। ଅନୁଷ୍ଠାନର ସଭାପତି କୈଳାସ ବାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗୀତିକାର ବଦ୍ରି ମିଶ୍ର, ବିଜେଡି ନଗର ସଭାପତି ଭକ୍ତଚରଣ ଦାସ, ପ୍ରଦୀପ ନାୟକ, ସତ୍ୟଭାମା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଭଜନ ସମ୍ରାଟଙ୍କ ପୁଅ କଣ୍ଠଶିଳ୍ପୀ ଅଶୋକ ବଳ, ଶାନ୍ତିଲତା ଛୋଟରାୟ, ଶ୍ରୀକର ପାଢ଼ୀ, ଆଲୋକ ମହାପାତ୍ର, ଫଟୋ ଖବରଦାତା ଶରତ ପାତ୍ର, ରାଜୁ ମହାରଣା, ଭାସ୍କର ଜେନା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ହୋପ୍ ଇନ୍ ଲାଇଫ୍, ଭାଇଭାଇ ଯୁବକ ସଂଘ, ଓମ୍ ଟ୍ୟାକ୍ସି ସଂଘ, ଜଗାବଳିଆ ଯୁବକ ସଂଘ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦକ ବନମାଳୀ ସାହୁ ପରିଚାଳନା କରିଥିଲେ। ଲକ୍ଷ୍ମୀଧର ସାହୁ, ସୁମନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଭିକାରୀ ବଳଙ୍କ ସଙ୍ଗୀତରେ ଝୁମିଲା ଅନ୍ନପୂର୍ଣ୍ଣା




ମଞ୍ଚରେ କଳାକାରମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

ପୁରୀ ଅଫିସ, ୨।୧୧ :

ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦ ଆନୁକୂଲ୍ୟରେ ଭିକାରୀ ବଳଙ୍କ ଦଶମ ସ୍ମୃତିସନ୍ଧ୍ୟା ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଗୁରୁ ଚନ୍ଦ୍ରମଣି ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସଙ୍ଗୀତଜ୍ଞ ଆର୍ତ୍ତତ୍ରାଣ ଶତପଥୀ, ମହନ୍ତ ରାମଚରଣ ଦାସଜୀ ମହାରାଜ, ନାଟ୍ୟ ନିର୍ଦ୍ଦେଶକ ପ୍ରସନ୍ନ କୁମାର ମିଶ୍ର, ବରିଷ୍ଠ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭିକାରୀ ବଳଙ୍କ ଭାବାନୁକ ଭଜନ ଆଧାତ୍ମିକ, ଭକ୍ତିଭାବକୁ ଜାଗ୍ରତ କରିଥାଏ ବୋଲି ମତ ପ୍ରକାଶ ପାଇଥିଲା। ସମ୍ପାଦକ ସତ୍ୟପ୍ରିୟ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପାଧ୍ୟକ୍ଷ ନାଟ୍ୟକାର ଭରତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ସବିତା ମିଶ୍ର, ସୁରେନ୍ଦ୍ର କୁମାର ଦାଶ, ସୁଚରିତା ପ୍ରତିହାରୀ, ସ୍ମିତପ୍ରଜ୍ଞା ରାୟଗୁରୁ, ରୁଚିସ୍ମିତା ନାୟକ, ଶ୍ରୀଧର ମହାପାତ୍ର, ସିପ୍ରା ମହାନ୍ତି, ପ୍ରକାଶ କୁମାର ରଥ, ଅନ୍ନପୂର୍ଣ୍ଣା ତ୍ରିପାଠୀ, ଲିଙ୍ଗରାଜ ମିଶ୍ର, ଶୁଭସ୍ମିତା ମହାପାତ୍ର, ଯଜ୍ଞଦତ୍ତ ଦାଶ, ପ୍ରଫୁଲ୍ଲ ପାରମିତା, କ୍ରିଷ୍ଣକିରଣ ଦୀକ୍ଷିତ, ମନୋରମା ଉପାଧ୍ୟାୟ, ସ୍ୱପ୍ନା ଷଡ଼ଙ୍ଗୀ, ପଦ୍ମିନୀ ଦାଶ, ଦୀପକ ପଣ୍ଡା, ସୋମାନାଥ ପ୍ରଧାନ, ନୀଳମଣି ଦାସ, ରାମଚନ୍ଦ୍ର ସାହୁ, ଡ.ବସନ୍ତ କୁମାର ମିଶ୍ର, ପ୍ରଭାସ ରଞ୍ଜନ ରାଉତ ପ୍ରମୁଖ ଭିକାରୀ ବଳଙ୍କ ଗୋଟିଏ ପରେ ଗୋଟିଏ ମନଛୁଆଁ ଭକ୍ତି ସଙ୍ଗୀତ ଗାନ କରି ପରିବେଶକୁ ମନ୍ତ୍ରମୁଗ୍ଧ କରିଥିଲେ। ବାଦ୍ୟଯନ୍ତ୍ରରେ ଜଗନ୍ନାଥ ସାହୁ, ଅନିଲ କୁମାର ଦାସ, ପ୍ରତାପ କୁମାର ବାରିକ, ଦିଲୀପ କୁମାର ପାଣି, ବିକାଶ ପଟ୍ଟନାୟକ, ଚିନ୍ମୟ ମାଳ ପ୍ରମୁଖ ସହଯୋଗ କରିଥିଲେ। ଶ୍ୟାମ ପ୍ରକାଶ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଚାଷୀ ମୂଲିଆ ନେତା ନିରାକାରଙ୍କ ଗିରଫକୁ ନିନ୍ଦା

ପୁରୀ ଅଫିସ, ୨।୧୧ :

ଚାଷୀ ମୂଲିଆ ସଂଘ ଓଡ଼ିଶା ତଥା ଅଲ ଇଣ୍ଡିଆ କ୍ଷେତ ମଜଦୁର କିଷାନ ସଭାର ଗଞ୍ଜାମ ଜିଲା ସଭାପତି ନିରାକାର ନାୟକଙ୍କୁ ଗଞ୍ଜାମ ପୋଲିସ ଗିରଫ କରିବାକୁ ଶନିବାର ପୁରୀ ଜିଲା ସଂଘ ତୀବ୍ର ବିରୋଧ କରିଛି। ଦଳିତ ଆଦିବାସୀଙ୍କ ଲାଗି କାର୍ଯ୍ୟକରୁଥିବା ନିରାକାରଙ୍କୁ ପୋଲିସ ବେଆଇନ ଭାବେ ଗିରଫ କରିଛି। ରାଜନୈତିକ ଅଭିସନ୍ଧି ରଖି ତାଙ୍କୁ ଗିରଫ କରାଯାଇଛି। ତୁରନ୍ତ ତାଙ୍କୁ ଖଲାସ କରା ନ ଗଲେ, ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ପୁରୀଜିଲା କମିଟି ସମ୍ପାଦକ ବଟକୃଷ୍ଣ ସ୍ୱାଇଁ କହିଛନ୍ତି।

### ଗଣଶିକ୍ଷା ମନ୍ତ୍ରୀଙ୍କ ନିମାପଡ଼ା କଲେଜ ପରିଦର୍ଶନ

ନିମାପଡ଼ା,୨।୧୧(ଡି.ଏନ୍.ଏ.)

ଆସନ୍ତା ୧୫ ଓ ୧୬ତାରିଖରେ ନାକ୍ ଟିମ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନ କରିବା ସହ ବିଭିନ୍ନ ଭିତ୍ତିଭୂମିର ଅନୁଧାନ କରିବ। ଏ ନେଇ କଲେଜ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶନିବାର ବିଧାୟକ ଓ ଗଣଶିକ୍ଷା ମନ୍ତ୍ରୀ ତଥା କଲେଜ ପରିଚାଳନା କମିଟି ସଭାପତି ସମୀର ରଞ୍ଜନ ଦାଶ କଲେଜ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଅବସରରେ କଲେଜ ପରିଚାଳନା କମିଟି ଓ ଆଲୁମିନା କମିଟି ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କଲେଜ ଅଧ୍ୟକ୍ଷ ରାଜକିଶୋର ରଥ, ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଜଗତ୍‌ପ୍ରସାଦ ସାହୁରୁ, ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ, ପୂର୍ବତନ ଅଧ୍ୟକ୍ଷ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ଆଲୁମିନା କମିଟିର କାର୍ଯ୍ୟକାରୀ ସଭାପତି ଆଇନଜୀବୀ ସୁଧାର ମହାନ୍ତି, ସମ୍ପାଦକ ବସନ୍ତ ପାତ୍ର, ପରିଚାଳନା କମିଟି ଓ ଆଲୁମିନା କମିଟିର ସଦସ୍ୟ, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଯୋଗଦେଇଥିଲେ।

# ଠାକୁର ଅଭିରାମଙ୍କ ଭକ୍ତଗୋଷ୍ଠୀ, କଳିଭାଗବତ ସେମିନାର

କଣାସ,୨।୧୧(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଗଡ଼ିଶାଗୋଡା ପଞ୍ଚାୟତର ନୂଆଗାଁ ମହାବୀର ମନ୍ଦିର ନିକଟରେ ଠାକୁର ଶ୍ରୀଅଭିରାମ ପରମହଂସଦେବଙ୍କ ଭକ୍ତଗୋଷ୍ଠୀ ଓ ଚତୁର୍ଥ କଳିଭାଗବତ ସେମିନାର୍ ଅନୁଷ୍ଠିତ ହୋଇଯାଇଛି। ପଲ୍ଲିପଳ୍ଲବ ସାହିତ୍ୟ ସଂସଦ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ବାସନ୍ତି ପାଇକରାୟ, ପ୍ରଭାତୀ ସାମନ୍ତରାୟ, ଇନ୍ଦ୍ରମଣି ବେହେରା, ବିଜୁ ସୁବୁଦ୍ଧିଙ୍କ ଦ୍ୱାରା ଗୋଷ୍ଠୀ ପୁଅ ଓ ଗୁରୁବନ୍ଦନା ଗାନ କରାଯାଇଥିଲା। ଷୋଡ଼ଶ ପୂଜା, ଠାକୁରଙ୍କ ପୂଜାର୍ଚ୍ଚନା କରାଯିବା ପରେ ଶ୍ରୀଅଭିରାମଙ୍କ ରଚିତ ଭଜନ, ଜଣାଣ, ମାଳିକା ଗାନ କରାଯାଇଥିଲା। ଠାକୁର ଅଭିରାମଙ୍କ ରଚିତ କଳିଭାଗବତ ଗ୍ରନ୍ଥ ସମ୍ପର୍କରେ ସେମିନାରାଟି ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ କବିକଣ୍ଠୁରୀ ଦିଲୀପ ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଶ୍ରୀଅଭିରାମଙ୍କ କଳିଭାଗବତରେ ମାତୃ ଗର୍ଭଜ୍ଞାନ ଓ ଶିଶୁର ଶରୀର ଗଠନ ସହ ଦଶମାସରେ ଦଶଅବତାର ତୁଳନା ପ୍ରସଙ୍ଗ ଉପସ୍ଥାପିତ ହୋଇଥିଲା। ଠାକୁରଙ୍କ ଲିଖିତ 'ସାରନବବୋଲି' ପୁସ୍ତକ ବିଷୟରେ ମଧ ପ୍ରବକ୍ତାମାନେ ସୂଚନା ଦେଇଥିଲେ। ଏଥିରେ ଭାଗୀରଥି ବେହେରା, ରାଜକିଶୋର ବାରିକ, ନିମାଇ ରାଉତରାୟ, ଭରତ ସାହୁ, ଶତ୍ରୁଘ୍ନ ବେହେରା, ଅଖାଡ଼ା ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

# ୩ୟ ଶନିବାର ନବଗ୍ରହ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼



ନବଗ୍ରହ ପୀଠରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରୁଛନ୍ତି।

କୋଣାର୍କ,୨।୧୧(ଡି.ଏନ୍.ଏ.)

କାର୍ତ୍ତିକମାସ ତୃତୀୟଶନିବାରଅବସରରେ କୋଣାର୍କସ୍ଥିତ ନବଗ୍ରହପୀଠରେ ଶ୍ରଦ୍ଧାଳୁଙ୍କର ଆଶାତୀତ ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରତ୍ୟୁଷରୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁ ଚନ୍ଦ୍ରଭାଗା ତୀର୍ଥରେ ସ୍ନାନ କରି ସୂର୍ଯ୍ୟଦେବଙ୍କ ଦର୍ଶନ କରିବା ପରେ ନବଗ୍ରହ ମନ୍ଦିରରେ ସମାହିତ ହୋଇ ହୋମଯଜ୍ଞ ଓ ପୂଜାର୍ଚ୍ଚନା କରିଥିଲେ। ପୁରାଣ ବର୍ଣ୍ଣିତ ତଥ୍ୟରୁ ଜଣାଯାଏ ଯେ, ନବଗ୍ରହ ମନ୍ଦିର ସଂଲଗ୍ନ ବାଲିରେ ଶାରୀରିକ ଓ ମାନସିକ ଅକ୍ଷମ ଥିବା ଛୋଟ ପିଲାଙ୍କୁ ପାଦ ଠାରୁ ଅଣ୍ଟା ପର୍ଯ୍ୟନ୍ତ ଏହି ବାଲିରେ ପୋତିଲେ ସେମାନେ ଆରୋଗ୍ୟ ଲାଭ କରନ୍ତି। କୋଣାର୍କ ପୋଲିସ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ନିମନ୍ତେ ଶୃଙ୍ଖଳିତ ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯାଇଥିଲା।

# ଅଁଳାନବମୀ ପ୍ରସ୍ତୁତି ନେଇ ଅନୁଧ୍ୟାନ କଲେ ଏସ୍‌ପି

ସାକ୍ଷୀଗୋପାଳ,୨।୧୧(ଡି.ଏନ୍.ଏ.)

ଅଁଳାନବମୀରେ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀରାଧା ଓଡ଼ିଆଣୀ ବେଶରେ ସଜ୍ଜିତ ହେବେ। ଏହା ମଙ୍ଗଳବାର ପଡୁଥିବାରୁ ପାଦ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କର ଭିଡ଼ ଜମିବ। ଏଥିପାଇଁ ବିଭିନ୍ନ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ଚାଲିଥିବାବେଳେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ନେଇ ଗ୍ରହଣ କରାଯାଉଥିବା ବ୍ୟବସ୍ଥା ସମ୍ପର୍କରେ ପୁରୀ ଏସ୍‌ପି ଉମାଶଙ୍କର ଦାଶ ଶନିବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ମନ୍ଦିରରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ପୂର୍ବ ରାତ୍ରରୁ ମନ୍ଦିର ବେଢ଼ାରେ ପୋଲିସ ଫୋର୍ସ ମୁତୟନ, ବେରିକେଡ଼, ପ୍ରଥମେ ସେବାୟତ ପରିବାର ଦର୍ଶନ, ସାହଣମେଲା ଦର୍ଶନ ଆରମ୍ଭ ସମୟ ଏବଂ ବିଳମ୍ବିତ ରାତି ପର୍ଯ୍ୟନ୍ତ ସୁବିଧା ନେଇ ଅଧିକାରୀ ଓ ସେବାୟତଙ୍କଠାରୁ ଏସ୍‌ପି ପଚାରି ବୁଝିଥିଲେ। ଏକତରଫା ବାରିକେଡ଼ ମଧ୍ୟରେ ଶ୍ରଦ୍ଧାଳୁଙ୍କ ମନ୍ଦିର ପ୍ରବେଶ, ଶ୍ରୀରାଧାଙ୍କ ପାଦ ଦର୍ଶନ ପରେ ବେଢ଼ ପରିକ୍ରମା, ଅଁଳା ବୃକ୍ଷ ପୂଜାର୍ଚ୍ଚନା, ଦୀପଦାନ, ଅଗ୍ନି ନିରାପତ୍ତା, ଟ୍ରାଫିକ ପାଇଁ କରାଯାଉଥିବା ବ୍ୟବସ୍ଥା ନେଇ ମନ୍ଦିର ପରିସର ଓ ବାହାରେ ଏସ୍‌ପି ବୁଲି ଦେଖିଥିଲେ। ପୋଲିସ କଣ୍ଟ୍ରୋଲରୁମ, ପୋଲିସ କର୍ମଚାରୀଙ୍କର ବିଶ୍ରାମସ୍ଥଳ ନିକଟରେ ଶୌଚାଳୟ, ପିଇବା ପାଣି ସୁବିଧା ସହିତ ମନ୍ଦିର ମୁଖ୍ୟରାସ୍ତା, ଧାଡ଼ିରେ ଥିବା ଶ୍ରଦ୍ଧାଳୁଙ୍କ ନିମନ୍ତେ ପିଇବା ପାଣି ବ୍ୟବସ୍ଥା ସମ୍ପର୍କରେ ବିଡିଓ ସରୋଜ କୁମାର ଦାଶଙ୍କ ଠାରୁ ବୁଝିଥିଲେ।

■ରେଳ ଷ୍ଟେଶନ ଶିଶୁ ହେଲ୍ପ ଡେସ୍କରେ ତାଲା ଝୁଲିବା ଘଟଣା

# ଭୁଲ୍ ସ୍ୱୀକାର କରି କ୍ଷମା ମାଗିଲେ କର୍ତ୍ତୃପକ୍ଷ

ପୁରୀ ଅଫିସ, ୨।୧୧:

ପୁରୀ ରେଳୱେ ଷ୍ଟେଶନରେ ଥିବା ଶିଶୁ ସହାୟତା କେନ୍ଦ୍ରରେ ଅକ୍ଟୋବର ୧୨ ରାତି ୮ରେ ତାଲା ଝୁଲିବା ନେଇ ସୋସିଆଲ ମିଡ଼ିଆରେ ଏକ ଭିଡିଓ ଭାଇରାଲ ହୋଇଥିଲା। ଏନେଇ ମାନବାଧିକାର କର୍ମୀ ଜୟନ୍ତ ଦାଶ ରେଳୱେ ଚାଇଲ୍ଡ଼ ଗୁଡ଼୍ ଯୋଗେ ଅଭିଯୋଗ କରିଥିଲେ। ବୋର୍ଡ ଘଟଣାକୁ ଗୁରୁତର ସହିତ ନେଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲା। ରେଳୱେ ଆଇଜି କେ.ରାଜାରାମଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧାରୋଡ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟରେ ଘଟଣା ଦିନ ଡେସ୍କରେ ଉକ୍ତ ସମୟରେ ତାଲା ପଡ଼ିଥିବା ଏବଂ କୌଣସି ନାବାଳିକାକୁ ଷ୍ଟେଶନରୁ ଉଦ୍ଧାର କରାଯାଇ ନ ଥିବା ଦର୍ଶାଯାଇଛି। ଚାଇଲ୍ଡ଼ ଲାଇନ ସହାୟତାରେ ଥିବା ସଂସ୍ଥା ମିଥ୍ୟା ରିପୋର୍ଟ ଦେଇଥିବା ଆଇଜି ରୁଲ୍ସ ମାଧ୍ୟମରେ ସ୍ପଷ୍ଟ କରିଛନ୍ତି। ଏ ସମ୍ପର୍କରେ ଖବର ଧରିତ୍ରୀରେ ଗତ ୨୪ତାରିଖରେ ପ୍ରକାଶ ପାଇଥିଲା।

ଆଇଜି ଦର୍ଶାଇଛନ୍ତି ଯେ, ଅକ୍ଟୋବର ୧୨ତାରିଖ ରାତି ୮ଟା ସମୟରେ କୌଣସି ନାବାଳିକାଙ୍କୁ ଉଦ୍ଧାର କରାଯାଇନାହିଁ। ଏନେଇ ଆରପିଏଫ ଥାନାରେ ରିପୋର୍ଟ କରାଯାଇନାହିଁ। ଘଟଣା ଦିନ ଡେସ୍କରେ କେହି କର୍ମଚାରୀ ଉପସ୍ଥିତ ନ ଥିବା ସିସିଟିଭି ଯାଞ୍ଚବେଳେ ସ୍ପଷ୍ଟ ହୋଇଛି। ଏନେଇ ଆରପିଏଫ, ଜିଆରପି ଏବଂ ଚାଇଲ୍ଡ଼ ଲାଇନ ନିର୍ଦ୍ଦେଶକଙ୍କୁ ନେଇ ମିଳିତ ବୈଠକ ହୋଇଥିଲା। ଷ୍ଟେଶନ ପରିସରରେ ଶିଶୁ ସହାୟତା କେନ୍ଦ୍ର ୨୪ଘଣ୍ଟା ଖୋଲା ରଖିବାକୁ ଆଇଜି ନିର୍ଦ୍ଦେଶ ଦେଇଛନ୍ତି। ସଂପୃକ୍ତ ସଂସ୍ଥା ନିଜର ଭୁଲ ସ୍ୱୀକାର କରିଛି। ଆଗାମୀ ଦିନରେ ଏହାର ପୁନରାବୃତ୍ତି ହେବ ନାହିଁ ବୋଲି ଚାଇଲ୍ଡ଼ ଲାଇନ ନିର୍ଦ୍ଦେଶକ ପ୍ରତିଶ୍ରୁତି ଦେଇଥିବା ରୁଲ୍ସରେ ଆଇଜି ଉଲ୍ଲେଖ କରିଛନ୍ତି। କାର୍ଯ୍ୟରେ ଅବହେଳା ନେଇ ସଂପୃକ୍ତ ସଂସ୍ଥା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଲୋକାୟୁକ୍ତଙ୍କ ନିକଟରେ ରେଳୱେ ବିରୋଧରେ ଅଭିଯୋଗ କରିବେ ବୋଲି ମାନବାଧିକାର କର୍ମୀ ଦାଶ କହିଛନ୍ତି। ପୁରୀର ଏକ ଏନ୍‌ଜିଓ ସଂସ୍ଥା ଷ୍ଟେଶନ ପରିସରରେ ଶିଶୁଙ୍କୁ ଉଦ୍ଧାର, ଥଇଥାନ ନେଇ ପୂର୍ବତନ ରେଳପଥ ସହିତ ୩ବର୍ଷ ଲାଗି ଏମ୍‌ଓୟୁ ସ୍ୱାକ୍ଷର କରିଥିଲା। ତେବେ ଉକ୍ତ ସଂସ୍ଥା କଣ କରୁଛନ୍ତି, କେତେଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି, କିଏ ଏମାନଙ୍କୁ ପର୍ଯ୍ୟବେକ୍ଷଣ କରୁଛନ୍ତି, ଏ ସମ୍ପର୍କରେ ପୁରୀ ଷ୍ଟେଶନ କର୍ତ୍ତୃପକ୍ଷଙ୍କ ନିକଟରେ କୌଣସି ତଥ୍ୟ ନ ଥିବା ଜଣାପଡ଼ିଛି। ସଂପୃକ୍ତ ସଂସ୍ଥା ସହ ରେଳୱେର ବୁଝାମଣା ରଦ୍ଦ କରିବା ଲାଗି ରେଳୱେ ବୋର୍ଡ ନିକଟରେ ଅଭିଯୋଗ କରିବେ ବୋଲି ସୂଚନା ଅଧିକାର କର୍ମୀ ବଟକୃଷ୍ଣ ପ୍ରଧାନ କହିଛନ୍ତି।